# କୁବେର ଜ୍ୟୋତି



## ସ୍ମରଣିକା ୨୦୧୯

### ସାମାଜିକ, ସାଂସ୍କୃତିକ ସାହିତ୍ୟିକ ମୁଖପତ୍ର

ତୃତୀୟ ସଂଖ୍ୟା

**କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼**

ମୁଖ୍ୟ କାର୍ଯ୍ୟାଳୟ: କୁବେର ଭବନ, ମହୁଲପାଲି, ପଦ୍ମପୁର, ବରଗଡ଼

ମୋ: ୯୪୩୮୫୩୦୫୮୦

ଇମେଲ୍: kubersamaj@gmail.com / www.kubersamaj.in

# ସମ୍ପାଦନା ମଣ୍ଡଳୀ

| | | | |
|---|---|---|---|
| **ମୁଖ୍ୟ ସମ୍ପାଦକ** | : | ଚୁଡ଼ାମଣୀ ସାହୁ, ମହୁଲପାଲି, ପଦ୍ମପୁର, ବରଗଡ଼ | ୯୫୫୬୯୬୦୫୪୭ |
| **ସମ୍ପାଦକ** | : | ରମେଶ କୁମାର ସାହୁ, ବଲାଙ୍ଗିର, | ୯୪୩୮୫୩୦୫୮୦ |
| **ସମ୍ପାଦନା ସହଯୋଗୀ** | : | ନିତ୍ୟାନନ୍ଦ ସାହୁ, ପାଟଣାଗଡ଼ | ୮୬୫୮୦୬୬୨୫୫ |
| **ବିଜ୍ଞାପନ ସଂଗ୍ରହ କମିଟୀ** | : | ଲକ୍ଷ୍ମଣ କୁମାର ସାହୁ, ପାଇକମାଲ | ୯୯୩୮୫୪୯୫୬୯ |
| | | ସୁରେଶ କୁମାର ସାହୁ, ପାଇକମାଲ | ୯୭୭୬୫୨୮୨୩୩ |
| | | ସୁଶୀଲ କୁମାର ସାହୁ, ସୁନାମୁଦି | ୯୪୩୮୨୧୯୯୨୫ |
| | | ସୋମନାଥ ସାହୁ, ଟିଟିଲାଗଡ଼ | ୯୮୫୩୭୮୨୯୫୯ |
| **ସହାୟତା କମିଟୀ** | : | ଡ. ଲଳିତ କୁମାର ସାହୁ, ବଲାଙ୍ଗିର | ୯୪୩୭୩୬୮୦୬୪ |
| | | ପ୍ରଦୀପ କୁମାର ସାହୁ, ବଲାଙ୍ଗିର | ୯୪୩୭୧୫୦୯୬୯ |
| **ଉପଦେଷ୍ଟା ମଣ୍ଡଳୀ** | : | ରାମହରି ସାହୁ, ଟିଟିଲାଗଗଡ଼ | ୯୯୩୮୩୦୮୫୮୯ |
| **ପ୍ରଚ୍ଛଦପଟ ଅଳଙ୍କରଣ** | : | ହରେକୃଷ୍ଣ ସାହୁ, କୁଡ଼ାସିଂହା | ୯୪୩୮୨୮୫୦୧୬ |
| | | ସୁନୀଲ କୁମାର ସାହୁ, ନୁନହାଡ | ୯୯୩୭୨୭୧୬୯୬ |






**କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼ ତରଫରୁ ସଭାପତିଙ୍କ ଦ୍ୱାରା ପ୍ରକାଶିତ ଓ ମୁଦ୍ରିତ**

**ସହଯୋଗ ରାଶି : ଟ.୩୦/-**




Assembly : (0674) 2395703
Res : (0674) 2392898
email : narasinghamishra@gmail.com

D.O. No. 334 / LCLP
Bhubaneswar / Bolangir
Date 22-12-2019

**SHRI NARASINGHA MISHRA,**M.L.A.
BOLANGIR & LEADER
CONGRESS LEGISLATURE PARTY
ODISHA LEGISLATIVE ASSEMBLY


# *Message*

I am glad to know that Kuber Samaj Paschimanchal, Odisha and Chatishgarh is organising its 17th Mahasabha on 29th and 30th December 2019 at Basna, Chhatisgarh and the Souvenir is going to be published on the occasion. It will be appropriate to mention here that the members of the community are active in various fields of service as well as social work. From the Souvenir the new generation will learn a lot on the struggle and the achievement of their forefathers in sustaining and improving on their business acumen simulataneous in philanthropic activities.

I congratulate the members of the organizer and wish all success of the Souvenir.

**(NARASINGHA MISHRA)**



**SMT. TUKUNI SAHU**
MINISTER
Women & Child Development and
Mission Shakti, Odisha

D.O. No. ......................../MWCDMS.
BHUBANESWAR
Date ୨୦-୧୨-୨୦୧୯

## ଶୁଭେଚ୍ଛା ବାର୍ତ୍ତା

କୁବେର ସମାଜର ଅତୀତ ଗୌରବ, ସମୃଦ୍ଧ ପରମ୍ପରା ଓ ଐତିହାସିକ ପଟ୍ଟଭୂମି ସର୍ବଜନ ବିଦିତ । ନୌବାଣିଜ୍ୟ ତଥା ପାରମ୍ପରିକ ବ୍ୟବସାୟ କ୍ଷେତ୍ରରେ କୁବେର ଜାତିର ପଟୁତା ତତକାଳୀନ ଉତ୍କଳ ପ୍ରଦେଶକୁ ବିତ୍ତଶାଳୀ କରିଥିଲା। ଏଥିସହିତ କୁବେର ଜାତିର ମହାନତା ଓ ସର୍ବଜନ ଆତ୍ମୀୟତା ଗୁଣ ଚତୁର୍ଦ୍ଦିଗରେ ପ୍ରତିଭାତ ହେଉଥିଲା ।

ବିବର୍ତ୍ତନ ଚକ୍ରରେ ଓଡିଆର ପ୍ରାଚୀନ ସଂସ୍କୃତି , ପରମ୍ପରା ଓ ଚଳଣି ଅବଲୁପ୍ତ ହୋଇ ବସ୍ତୁବାଦୀ ସଭ୍ୟତାର ଅଭ୍ୟୁଦୟ ଘଟିଛି । ଏହି ଆଧୁନିକ ସଭ୍ୟତାର ମହାସ୍ରୋତରେ ସାମିଲ ହୋଇ ସୁଦ୍ଧା କୁବେର ସମାଜ ନିଜର ପ୍ରାଚୀନ ଐତିହ୍ୟ , ସଂସ୍କୃତି ତଥା ପରମ୍ପରାକୁ ଭୁଲିନହିଁ। ଏହି ପରମ୍ପରାକୁ ବଜାୟ ରଖିବା ନିମନ୍ତେ କୁବେର ସମାଜ ଏକ ମହାସଭାର ଆୟୋଜନ କରୁଥିବାର ତଥା **"କୁବେର ଜ୍ୟୋତି"** ନାମରେ ଏକ ପତ୍ରିକା ପ୍ରକାଶ କରୁଥିବା ଶୁଣି ଅତ୍ୟନ୍ତ ଖୁସି ଲାଗିଲା ।

କୁବେର ସମାଜର ଏହି ମହତ୍ କାର୍ଯ୍ୟକ୍ରମକୁ ମୁଁ ସାଧୁବାଦ ଜଣାଇବା ସହ ଏହି ଅନୁଷ୍ଠାନର ସମସ୍ତ ସଦସ୍ୟ, ସଦସ୍ୟା ତଥା ଉଦ୍ୟୋକ୍ତାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ପ୍ରକାଶ ପାଇବାକୁ ଥିବା ପତ୍ରିକାର ସର୍ବସଫଳତା କାମନା କରୁଛି।

ଟୁକୁନି ସାହୁ
**(ଟୁକୁନୀ ସାହୁ)**




**Satyabhusan Sahu**
Ex-MLA, Padampur

Res.: Mandosil
Dist. Bargarh
Phone: 9437019577


# ଶୁଭେଛା ବାର୍ତ୍ତା

କୁବେର ସମାଜ ପଶ୍ଚିମାଞ୍ଚଳ ଓଡିଶା ଓ ଛତିଶଗଡ଼ ମହାସଭାର ସପ୍ତଦଶ ବାର୍ଷିକ ଅଧିବେଶନର ସୁଅବସରରେ ମହାସଭା ତରଫରୁ "କୁବେର ଜ୍ୟୋତି" ତୃତୀୟ ସଂସ୍କରଣ ପତ୍ରିକା ପ୍ରକାଶିତ ହେଉଥିବାରୁ ଅତୀବ ଆନନ୍ଦର ବିଷୟ । ଦୀର୍ଘ ସତର ବର୍ଷ ହେଲା କୁବେର ସମାଜରେ କେତେକ ଜ୍ଞାନୀ, ଗୁଣୀ ତଥା ଅଭିଜ୍ଞ ବ୍ୟକ୍ତି ତଥା ସମାଜପ୍ରେମୀ ଉଦୟୀମାନ ଯୁବକମାନେ ସମାଜର ଉନ୍ନତିକଳ୍ପେ ବିଭିନ୍ନ କାର୍ଯ୍ୟକ୍ରମାନ କରି ଆସୁଛନ୍ତି । ଏହା ଦ୍ୱାରା ସମାଜିକ ସଂଗଠନ ଦୃଢ ହେବା ସଙ୍ଗେ ସଙ୍ଗେ ସଙ୍ଗେ ପଶ୍ଚିମ ଓଡିଶା ଛତିଶଗଡ଼ ଅଞ୍ଚଳରେ ବସବାସ କରୁଥିବା ଜାତିଭାଇମାନଙ୍କ ମଧ୍ୟରେ ସଦ୍‌ଭାବ ବୃଦ୍ଧି ପାଉଛି । ପରସ୍ପର ମଧ୍ୟରେ ବନ୍ଧୁତ୍ୱ ଓ ଭାଇଚାରା ବୃଦ୍ଧି ପାଉଛି । ଏ ଜାତିକୁ ଆଗାମୀ ପୀଢି ଏକ ମହାନ ଜାତିରେ ପରିଣତ କରିପାରିବେ ବୋଲି ମୋର ଦୃଢ ଆଶା । ଏହି ମହାନ୍ କାର୍ଯ୍ୟରେ ସେମାନେ ସଫଳ ହୁଅନ୍ତୁ ଏହାହିଁ ଭଗବାନଙ୍କ ନିକଟରେ ମୋର ପ୍ରାର୍ଥନା ।

(ସତ୍ୟଭୂଷଣ ସାହୁ)



# ସଂପାଦକୀୟ....

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜର ଘଟକ ପ୍ରତ୍ୟେକ ବ୍ୟକ୍ତି ଦୃଢ଼ ସାମାଜିକ ବନ୍ଧନ ଦ୍ୱାରା ଆବଦ୍ଧ ହେଲେ ସମାଜରେ ଶାନ୍ତି ପ୍ରତିଷ୍ଠା ହେବା ସଙ୍ଗେ ସଙ୍ଗେ ତାହା ସୁରୁଖୁରୁରେ ଉନ୍ନତି ପଥରେ ଅଗ୍ରସର ହୋଇଥାଏ । ମାତ୍ର ସମୟର ପରିବର୍ତ୍ତନ ସହିତ ଏହି ସାମାଜିକ ବନ୍ଧନ ବିଭିନ୍ନ ଆଭ୍ୟନ୍ତରୀଣ ଓ ବାହ୍ୟ ଘାତ ପ୍ରତିଘାତର ସମ୍ମୁଖୀନ ହୋଇ ଦୃଢ଼ ହେବା ପରିବର୍ତ୍ତେ, ଦ୍ରୁତ ଗତିରେ ହୁଗୁଳା ହୋଇ ଅବକ୍ଷୟର ସମ୍ମୁଖୀନ ହେବାରେ ଲାଗିଛି । ଆଭ୍ୟନ୍ତରୀଣ ଦୃଷ୍ଟିର ତର୍ଜମା କଲେ ଦେଖାଯାଏ, ଜାତି ବା ସମାଜର ଲୋକେ ନିଜ ସାମାଜିକ ନିୟମ ଗୁଡିକ ପ୍ରତି ବିତସ୍ପୃହ ହୋଇ ପଡୁଛନ୍ତି, ଅନେକ କ୍ଷେତ୍ରରେ ତାକୁ ରୁଢ଼ିବାଦୀ ବୋଲି ତାଚ୍ଛଲ୍ୟ କରୁଛନ୍ତି । ତାହା ହେବା ସ୍ୱଭାବିକ ମଧ୍ୟ । ସମାଜର ଅବିଚ୍ଛେଦ୍ୟ ଅଙ୍ଗ ସ୍ତ୍ରୀ ଓ ପୁରୁଷଙ୍କ ମଧ୍ୟରେ ମଧୁର ସମ୍ବନ୍ଧ ପରିବର୍ତ୍ତେ ଫାଟ ସୃଷ୍ଟି ହେବାରେ ଲାଗିଛି । ସମାଜରେ ପ୍ରଚଳିତ ଯୌତୁକ, ନାରୀ ନିର୍ଯ୍ୟାତନା, ଧନୀ ଗରିବ ଭେଦଭାବ, ନାରୀ ଜାତି ପ୍ରତି ପୁରୁଷ ମାନଙ୍କ ଅସହିଷ୍ଣୁତା, ପୁଅ ଓ ଝିଅ ମଧ୍ୟରେ ସମାଜର ଆଭିମୁଖ୍ୟରେ ଅସମତା, ଶିକ୍ଷିତ ଅଶିକ୍ଷିତ ଭେଦଭାବ ଆଦି କାରଣରୁ ଏକତା, ସହଯୋଗ, ସମରସତା ଓ ସମନ୍ୱୟ ଆଦି ସାମାଜିକ ଗୁଣାବଳୀ ବୀଘ୍ନିତ ହେବାରେ ଲାଗିଛି ।

ବାହ୍ୟ ଦୃଷ୍ଟିରୁ ସମୀକ୍ଷା କଲେ ଦେଖାଯାଏ, ଜାତି ଜାତି ମଧ୍ୟରେ ବିଭେଦ, ଶତ୍ରୁତା ଓ ବିଭିନ୍ନ ପ୍ରକାର ସହିଂସ୍ର ପ୍ରତିଯୋଗିତା ଏବଂ କହିବା ବାହୁଲ୍ୟ ଯେ, ବର୍ତ୍ତମାନର କୁଛ୍ର ରାଜନୀତି ଜାତି, ଜାତି ଓ ପରିବାର ପରିବାର ମଧ୍ୟରେ ଘୋର ଶତ୍ରୁତା ସୃଷ୍ଟି କରୁଛି, ପୂର୍ବର ସେ ସାମାଜିକ ମୂଲ୍ୟବୋଧ ଆଉ ନାହିଁ । ଏପରିକି ଗୋଟିଏ ପରିବାରର ପରସ୍ପର ମଧ୍ୟରେ ଅହେତୁକ ଶତ୍ରୁତା ସୃଷ୍ଟି ହେଉଛି । ଆମ ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ଗଠିତ ସାମାଜିକ ସଂଗଠନ କୁବେର ସମାଜ ମଧ୍ୟ ଏହି ଦୂରାରୋଗ୍ୟ ସଂକ୍ରାମ ବ୍ୟାଧିରୁ ମୁକ୍ତ ନୁହେଁ । ଏହି ସଂକ୍ରମିତ ସମାଜକୁ କିପରି ଏକ ପ୍ରଗତିଶୀଳ, ସର୍ବାଙ୍ଗୀନ ଉନ୍ନତିଯୁକ୍ତ ସମାଜରେ ପରିବର୍ତ୍ତନ କରାଯାଇ ପାରିବ ସେଥିପାଇଁ ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରିଛନ୍ତି । ସମାଜର ବିଭିନ୍ନ ବର୍ଗର ମାନସିକ ପରିବର୍ତ୍ତନ କରି, ସମାଜର ବିଭିନ୍ନ ବର୍ଗର ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଉଛି. ଯୁବକ ମାନଙ୍କ ମାନସିକତାରେ ପରିବର୍ତ୍ତନ ପାଇଁ ଯୁବାମଂଚ ଓ ମହିଳା ମାନଙ୍କ ଜାଗରଣ ପାଇଁ ମାତୃମଂଚ ଗଠନ କରି ସେମାନଙ୍କ ଦ୍ୱାରା ସମାଜ ସେବାମୂଳକ କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଉଛି ।

ସମାଜରେ ବିଭିନ୍ନ ବର୍ଗର, ବିଭିନ୍ନ ପେଷାର, ବିଭିନ୍ନ ରୁଚିର ବ୍ୟକ୍ତି ରହିଛନ୍ତି । ତାଙ୍କ ମଧ୍ୟରେ ଶିକ୍ଷାଗତ, ଲିଙ୍ଗଗତ, ଆର୍ଥିକ ବୈଷମ୍ୟ ରହିଛି, ଯାହାକି ସେମାନଙ୍କୁ ଭିନ୍ନ ଭିନ୍ନ ଅଭିରୁଚି ଆଡକୁ ଅକର୍ଷିତ କରୁଛି । ଯାହାକି ସମାଜର ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ବିଭିନ୍ନ ପ୍ରକାର ପାର୍ଥକ୍ୟ ସୃଷ୍ଟି କରୁଛି । ଏ ସମସ୍ତ ପ୍ରକାର ବ୍ୟକ୍ତିଙ୍କୁ ଉପଯୁକ୍ତ ଭାବରେ ପ୍ରଶିକ୍ଷିତ କରି ସମାଜ ମଧ୍ୟରେ ଏକତା, ସ୍ଥିରତା, ମୈତ୍ରୀ ତଥା ସମନ୍ୱୟ ପ୍ରତିଷ୍ଠା କରିବା ପାଇଁ ଏକ ଫଳପ୍ରଦ, ମାନସିକ, ବୌଦ୍ଧିକ, ନୈତିକ, ଶିକ୍ଷାଗତ ଉପଚାର ନିମନ୍ତେ ଏକ ସାଂସ୍କୃତିକ ତଥା ସାହିତ୍ୟିକ କ୍ରାନ୍ତି ଆନୟନ ନମନ୍ତେ କୁବେର ସମାଜ ତରଫରୁ ଏହି ସାରସ୍ୱତ "କୁବେର ଜ୍ୟୋତି" ବାର୍ଷିକ ମୁଖପତ୍ର ପ୍ରକାଶନ ଆରମ୍ଭ କରାଯାଇଅଛି । ଏହା ବିଗତ ଦୁଇବର୍ଷ ଆତ୍ମ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଚଳିତ ବର୍ଷ କୁବେର ସମାଜର ସପ୍ତଦଶ ବାର୍ଷିକ ସାଧାରଣ ସଭା ଅବସରରେ ତାର ତୃତୀୟ ସ୍ୱନକ୍ଷତ୍ରରେ ପଦାର୍ପଣ କରିଥିବା ବଡ ଆନନ୍ଦର ବିଷୟ । ଉକ୍ତ ମୁଖପତ୍ରରେ ସମାଜର ବହୁ ବିଜ୍ଞ, ଅନୁଭବୀ, ଲେଖକ ଲେଖିକା ଗଣ ନିଜ ନିଜର ଜ୍ଞାନ ଭଣ୍ଡାରରୁ କିଛି ଦାନ କରି ଏହାକୁ ଋଦ୍ଧିମନ୍ତ କରିଛନ୍ତି । ଯାହାଙ୍କର ଲେଖନୀ ବଳରେ ଏ ସମାଜ ନିଶ୍ଚିତ ଭାବରେ ତାର ଅଭିଷ୍ଟ ସିଦ୍ଧି ଲାଭ କରିବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ସେ ସମସ୍ତଙ୍କୁ କୁବେର ମହାସଭା ତରଫରୁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି । ଏହାର ପ୍ରକାଶନରେ ଯେଉଁ ମହାନୁଭବ ଗଣ ବିଶେଷ କଷ୍ଟ ବରଣ କରିଛନ୍ତି ତାଙ୍କୁ ମଧ୍ୟ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଜ୍ଞାପନ କରୁଛି । ସମାଜର ଯେଉଁ ସମର୍ପିତ ଜାତି ଭାଇ ମାନେ ନିଜ ଅନୁଷ୍ଠାନ ତରଫରୁ ବିଜ୍ଞାପନ ପ୍ରଦାନ କରି ପ୍ରକାଶନରେ ଆର୍ଥିକ ସହାୟତା କରିଛନ୍ତି ସେମାନଙ୍କୁ ମଧ୍ୟ ବିଶେଷ ଧନ୍ୟବାଦ ଜ୍ଞାପନ କରୁଛି । ଅଳ୍ପ ସମୟ ମଧ୍ୟରେ ପତ୍ରିକାଟିର ମୁଦ୍ରଣ କାର୍ଯ୍ୟ କରିଥିବାରୁ ଜୟଶ୍ରୀ ପ୍ରିଣ୍ଟର୍ସ ମହାଶୟଙ୍କୁ ମଧ୍ୟ ବିଶେଷ ଧନ୍ୟବାଦ ଅର୍ପଣ କରୁଛି । ସର୍ବଶେଷରେ ଯେଉଁ ଶୁଭେଚ୍ଛୁ ମାନଙ୍କ ଶୁଭେଚ୍ଛା ଯୋଗୁଁ ଏହି ତୃତୀୟ ଅଙ୍କଟି ପ୍ରକାଶିତ ହେବା ସମ୍ଭବ ହୋଇଛି ତାଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି ।

ଶ୍ରୀ ଚୂଡାମଣି ସାହୁ

ସାଧାରଣ ସଂପାଦକ, କୁବେର ସମାଜ ମହାସଭା



# ଅଭିଜ୍ଞତାରୁ କିଛି....

ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ଉତ୍ତରାଧିକାରୀ କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼ର ଭାଇ ଓ ମାଁ ଭଉଣୀମାନଙ୍କୁ ସାଦର ପ୍ରଣାମ । ନବବର୍ଷ ୨୦୨୦ ର ଶୁଭେଚ୍ଛା ଓ ଅଭିନନ୍ଦନ ।

ଗତ ତିନି ବର୍ଷ ତଳେ ଡିସେମ୍ବର ୨୦୧୬ ରେ ମୁଁ ସଭାପତି ଭାବରେ କାର୍ଯ୍ୟଭାର ଗ୍ରହଣ କଲି । ୨୦୧୭ ମହାସଭା ଠାରୁ 'କୁବେର ଜ୍ୟୋତି' ସ୍ମରଣିକା ଓ କୁବେର ସମାଜ କ୍ୟାଲେଣ୍ଡର ମୋର ସହକର୍ମୀଙ୍କ ଅସିମ କାର୍ଯ୍ୟଦକ୍ଷତା, କର୍ତ୍ତବ୍ୟନିଷ୍ଠା ଓ ଦୃଢ଼ ଇଚ୍ଛାଶକ୍ତିର ନିଦର୍ଶନ ସ୍ୱରୂପ ପ୍ରକାଶ ପାଉଛି । ଯେଉଁଥିପାଇଁ ମୁଁ ମୋର ସହକର୍ମୀ ଙ୍କ ପାଖରେ କୃତଜ୍ଞ । ଆଶା ଆମ ସମାଜକୁ ଏହା ନୂତନ ଦିଗଦର୍ଶନ ଦେବାରେ ସହାୟକ ହେଉଛି ଓ ହେବ । ଯେଉଁ ସୃଜନଶୀଳ ପ୍ରତିଭା ଏହାର ପୃଷ୍ଠାକୁ ସମୃଦ୍ଧ କରୁଛନ୍ତି ଏବଂ ସ୍ୱଜାତିପ୍ରେମୀ ବନ୍ଧୁ ଓ ପ୍ରତିଷ୍ଠାନ କର୍ତ୍ତା ଯାହାଙ୍କ ଅକୁଣ୍ଠ ଆର୍ଥିକ ସହଯୋଗରେ ଏହା ସମ୍ଭବ ହୋଇପାରୁଛି ସେମାନଙ୍କୁ ମଧ୍ୟ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି ।

କୁବେର ସମାଜ ଏକ ସାମାଜିକ ଅନୁଷ୍ଠାନ । ନିଜ ଭିତରେ ସଂପର୍କ ସ୍ଥାପନ କରି ସମନ୍ୱୟ ରକ୍ଷା କରିବା ତଥା ପରମ୍ପରାକୁ ବଜାୟ ରଖିବା ଆମ ସଂଗଠନର ମୂଳ ଉଦ୍ଦେଶ୍ୟ । ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଆଗେଇ ନେବାରେ ଗଠିତ ସାଇ ମାନ, ସାଇମାନଙ୍କର କର୍ମକର୍ତ୍ତା (ସାଇପଦାଧିକାରୀ, ଯୁବାମଂଚ ଓ ମାତୃମଂଚ) ଯୋନାଲ କମିଟିର କର୍ମକର୍ତ୍ତା ଓ ଆମର ଯୁବାମଞ୍ଚ ଏବଂ ମାତୃମଞ୍ଚ ର ଭୂମିକା ଅନସ୍ୱୀକାର୍ଯ୍ୟ । ସମାଜର ମୂଲ୍ୟବୋଧକୁ ସର୍ବବ୍ୟାପି କରି ସର୍ବସାଧାରଣଙ୍କ ପାଖରେ ପହଞ୍ଚାଇବା ହିଁ ଏମାନଙ୍କ ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ଯାହା ଶତ ପ୍ରତିଶତ ନ ହେଲେ ମଧ୍ୟ ସକରାତ୍ମକ ଦିଗରେ କାର୍ଯ୍ୟକାରି ହୋଇ ଆସିଛି । ଏହାକୁ ଆହୁରି ବ୍ୟାପକ କରିବା ଉଦ୍ଦେଶ୍ୟରେ ସମାଜର କର୍ମକର୍ତ୍ତାଗଣ ସର୍ବଦା ସାଇମାନଙ୍କ ସହ ସଂପର୍କ ସ୍ଥାପନ କରୁଛନ୍ତି ତଥା ସାଇମାନଙ୍କୁ ଗ୍ରସ୍ତ ମଧ୍ୟ କରୁଛନ୍ତି । ନିକଟ ଅତୀତରେ ଚଳିତ ବର୍ଷ ମଧ୍ୟ ଦୁଇଦୁଇଥର ଗ୍ରସ୍ତ କରି ସାରିଛନ୍ତି । ମୁଁ ମଧ୍ୟ କେତେକ ସାଇକୁ ଗ୍ରସ୍ତ କରିଛି ।

ସାଇ ସଦସ୍ୟ, କର୍ମକର୍ତ୍ତାଙ୍କୁ ଭେଟିଛି । ମତ ବିନୀମୟ କରିଛି । ଜନମତ (ସାଇମାନଙ୍କ ମତ) କୁ ସମ୍ମାନ ଜଣାଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ଚେଷ୍ଟିତ ଅଛି ।

ଯଦିଓ ଆମର ଅଧିକାଂଶ ସଦସ୍ୟ ବ୍ୟବସାୟୀ, ତଥାପି ଆମ ସମାଜ ବ୍ୟବସାୟିକ ମନୋବୃତ୍ତିର ପରିଚାୟକ । ସମାଜ ଅମକୁ ଯେତିକି ଦେବ ତା ଠାରୁ ଆମେ ସମାଜକୁ ଢେର ଅଧିକ ଦେବାକୁ ପଡ଼ିବ । ସମାଜ ପ୍ରତି ଉତ୍ତରଦାୟିତ୍ୱ ନିର୍ବାହ କରି ଅନୁଗତ ରହିଲେ ହେଁ ସମାଜ ସୁଦୃଢ଼ ହେବ ଏବଂ ସୁଦୃଢ଼ ହେଲେହେଁ ଆମର ସାମାଜିକ ସମସ୍ୟାର ଦୂରିକରଣ ସମ୍ଭବ ହେବ ।

ଏହା ଏକ ସ୍ୱୟଂ ସହାୟକ ସଂସ୍ଥା ହୋଇଥିବାରୁ ଆମର କର୍ମ ମୟ ଜୀବନରୁ କିଛି ସମୟ ଓ ଦୈନନ୍ଦିନ ପକେଟ ଖର୍ଚ୍ଚରୁ କିଛି ଅର୍ଥ ସମାଜକୁ ଦେଇ ଏକ ବିକାଶଶୀଳ ସମାଜ ଗଠନ କରିବା । ମୁଁ ଶୁଣିଥିବା ଗୋଟିଏ ସ୍ଲୋଗାନ ଏହା ଯେ "ଜିସକା ସାଥ ହେ ତେଲି ଓ ହୋତା ହୈ ଭାଗ୍ୟଶାଳୀ"

କୁବେର ସମାଜ ତଥା ସମସ୍ତ ଭାଇଭଉଣୀଙ୍କ ମଙ୍ଗଳ କାମନା ସହ - ଜୟ କୁବେର

ରାମହରି ସାହୁ
ସଭାପତି କୁବେର ସମାଜ ପଶ୍ଚିମାଞ୍ଚଳ
ଓଡ଼ିଶା ଓ ଛତିଶଗଡ଼



# ଯୁଗ୍ମ ସଂପାଦକଙ୍କ କଲମରୁ....

ଏକଦା ଅନେକ ଆନନ୍ଦ, ଉତ୍ସାହ, ଉଦ୍ଦିପନା ଓ ଶୁଭେଚ୍ଛା ନେଇ ପରିପ୍ରକାଶ ପାଉଥିବା "କୁବେର ଜ୍ୟୋତି" ତାର ତୃତୀୟ ସ୍ୱନକ୍ଷତ୍ର ଦିବସ ପାଳନ ପାଇଁ ପ୍ରତିକ୍ଷାରତ । ଅଳିଅଳ ଶିଶୁଟିଏ ତାର ଜନ୍ମ ଦିନରେ ଇପ୍‌ସିତ ଦ୍ରବ୍ୟ (ବସ୍ତୁ) ନପାଇଲେ ଯେପରି ଅସୁମାରୀ ଆନନ୍ଦ ଉଲ୍ଲାସ ପରିବର୍ତ୍ତେ ଅଭିମାନ ଭରା ମୁହଁ ମାରି ବସେ ଆଜି ତାର ଅବସ୍ଥା ଠିକ୍ ସେହିପରି । କଣ ସେ ଇପ୍‌ସିତ ଦ୍ରବ୍ୟ ଆଉ ତାକୁ ନ ପାଇବାର କାରଣ କଣ ହୋଇପାରେ ଏହାକୁ ବିଚାରକୁ ନେଲ ଯାହା ମନକୁ ଆସେ .......... ।

ଆମେ ଯଦି ପଛକୁ ଫେରି ଚାହିଁବା ଦେଖିବା ଅନେକ ଦିନର କଳ୍ପନା ଜଳ୍ପନା ପରେ ତତ୍‌କାଳିନ ନେତୃତ୍ୱବୃନ୍ଦ ଜନ୍ମ ପୁର୍ବରୁ ଏହାର ନାମକରଣ କରି ଦେଇଥିଲେ ସତ ମାତ୍ର ଭୃଣ ସଂଚାର ପାଇଁ ମାତୃଗର୍ଭ ଓ ଦୀର୍ଘ ମାସ ଭୃଣକୁ ସଯତ୍ନେ ପରିପୁଷ୍ଟ କରି ଭୂମିଷ୍ଟ କରିବାର ନିଦାଘ କଷ୍ଟକୁ ହସି ହସି ସହି ନେବାର ପ୍ରତିବଦ୍ଧତା ଥିବା ଏକ ମାତୃତ୍ୱର ସଂଧାନ ପାଇପାରିନଥିଲେ ବୋଧେ । ଏକଦା ଜଣେ ମହାମନା ସମାଜପ୍ରେମୀ ନିଜସ୍ୱ ଉଦ୍ୟମ ଓ ପ୍ରଚେଷ୍ଟାରେ ଛୋଟ ହେଉ ପଛେ ଏକ ତ୍ରୈମାସିକ ପତ୍ରିକା ପ୍ରକାଶିତ କରି ସଂସ୍ଥାପନା ଓ ପରିଚାଳନାରେ ଆମ ସଂଗଠନର ନାମ ଦେଇ ମହାସଭାରେ ଉନ୍ମୋଚନ ପୂର୍ବକ ବହୁ ସଂଖ୍ୟାରେ ବଣ୍ଟନ ମଧ୍ୟ କରିଥିଲେ । ତା ପଛରେ ସଂଗଠନର ସ୍ୱିକୃତୀ ଥିଲା କି ନାହିଁ ମୁଁ ଜାଣିନି କିନ୍ତୁ ସେ ଯାହା ହେଉନା କାହିଁକି, ଏହା ନିଶ୍ଚିତ ଯେ ଏହା ଆମପରି କିଛି ଜଣକୁ ଉତ୍‌ପ୍ରେରିତ କଲା, ମନରେ ଖୋରାକ ଯୋଗାଇଲା ବିଗତ ଦିନର ଦିବା ସ୍ୱପ୍ନକୁ ବାସ୍ତବତାର ରୂପ ଦେବାକୁ । ଅବସଂଭାବି ପରିବର୍ତ୍ତନର ସୁଅରେ ନେତୃତ୍ୱର ମଧ୍ୟ ପରିବର୍ତ୍ତନ ହେଲା । ଯାହା ଏକ ସୁଯୋଗ ସୃଷ୍ଟି କଲା । ଅବିଭାଷଣରେ ତରଙ୍ଗାୟୀତ ହୋଇ ରହି ଯାଇଥିବା କିଛି କିଛି ଯୋଜନାର ସଫଳ ରୂପାୟନରେ । ସମନ୍ୱୟର ଯୋଗସୂତ୍ର ଟିଏ ଗଢ଼ି ଉଠିଲା ଆପେ ଆପେ । ଯାହାର ଫଳସ୍ୱରୂପ ପରିପ୍ରକାଶ ହେଲା 'କୁବେର ଜ୍ୟୋତି' ।

ପ୍ରତ୍ୟେକ ପତ୍ରପତ୍ରିକା, ମୁଖପତ୍ର, ସ୍ମରଣିକା ପ୍ରକାନର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଗୋଟିଏ । ଏହା ଏକ ସାମାଜିକ, ସାଂସ୍କୃତିକ ଓ ସାହିତ୍ୟିକ ବିକାଶର ସୂତ୍ରଧର । ଏଠାରେ ମଧ୍ୟ କିଛି ବ୍ୟତିକ୍ରମ ନାହିଁ, ସେଇ ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପାଥେୟ କରି ଆଗେଇ ଚାଲିଛି କୁବେର ଜ୍ୟୋତି । ବ୍ୟତିକ୍ରମ କେବଳ ଏତିକି ଯେ ଆମେ ଏଠି ଦ୍ୱୈତ ନୀତି ଅବଲମ୍ବନ କରିବାକୁ ପଡୁଛି । ଗୋଟିଏ ପଟେ ସୃଜନଶୀଳ ସାହିତ୍ୟିକ, ମାର୍ଜିତ ସଂସ୍କାରଧର୍ମୀ ଓ ଗବେଷଣାତ୍ମକ ଉଚ୍ଚକୋଟୀର ଲେଖା ପ୍ରକାଶିତ କରି ପାଠକ ମାନଙ୍କ ଆଦୃତୀ ପାଇଁ ଚାହୁଁଥିବା ବେଳେ ଅନ୍ୟପଟେ ଉପରଲିଖିତ ଏସବୁ ଯୋଗ୍ୟତା ନଥାଉ ପଛେ କିନ୍ତୁ ସମାଜ ଭିତରେ ଥିବା ସାଧାରଣ ବର୍ଗ ସଦସ୍ୟ ସଦସ୍ୟା କିଶୋର କିଶୋରୀ ନିର୍ବିଶେଷରେ ଯେଉଁମାନେ ନିଜସ୍ୱ ସଂରକ୍ଷିତ ସାହିତ୍ୟ କୃତି ତଥା ଭାବନା ସମୁହ ଯାହା ମୁଖରେ ପ୍ରକାଶ କରିପାରନ୍ତି ନାହିଁ ବା କରିବାକୁ ସୁଯୋଗ ନଥାଏ ତାହା ଅନ୍ତତଃ ଲେଖା ମାଧ୍ୟମରେ ପ୍ରକାଶ କରି ଧିରେ ଧିରେ ଅଭ୍ୟସ୍ତ ହୋଇ ନିଜ ତଥା ପତ୍ରିକାର ବୌଦ୍ଧିକ ବିକାଶ କରିବେ ଏ ଦିଗରେ ମଧ୍ୟ ଶତ ଚେଷ୍ଟିତ । ଏଣୁ ଆମର ସ୍ମରଣିକାର ମାନ ହୁଏତ ମାନକ ସୂଚକ ଛୁଇଁ ପାରୁନଥିବ ତଥାପି ଆମେ ଆଶାକରୁ ଏହା ଆଗାମି ଦିନରେ ନିଶ୍ଚିତ ପୂରଣ କରିବ ।

ଦୁଃଖର ବିଷୟ, ଏହା ଯେ, ଆମର ପ୍ରଥମ ସଂସ୍କରଣ ସମୟରେ ହୁଏତ ପ୍ରଚାର ପ୍ରସାର ସତ୍ତ୍ୱେ ମଧ୍ୟ ଏହାର ରୂପରେଖ ପରିପ୍ରକାଶ ହୋଇ ନଥିବାରୁ ଆମକୁ ଲୋକଙ୍କ ଠାରୁ ଲେଖା ପାଇବାରେ ଅସୁବିଧା ହେଲା । ହେଲେ ଦ୍ୱିତୀୟ ସଂସ୍କରଣ ଓ ବର୍ତ୍ତମାନ ପାଇଁ ମଧ୍ୟ ଅବସ୍ଥା ତଦୃପ । ଆମେ ଯେଉଁ ସାମାଜିକ ଶିକ୍ଷିତ ବୁଦ୍ଧିଜୀବିଙ୍କ ଲେଖନୀ ମୂନରେ ଏହାର ପୃଷ୍ଠାକୁ ସମୃଦ୍ଧ କରିବାକୁ ଆଶା ବାନ୍ଧିଥିଲୁ, ଯାହାଙ୍କର ଲବ୍‌ଧ ଜ୍ଞାନ ଓ ଅଭିଜ୍ଞତାରୁର କିଛି ବାଣ୍ଟିବାକୁ ଉଦ୍ୟମ କରିଥିଲୁ ସେ ଆଶା ଆଜିବି ଆମର ଆଶାରେ ରହିଯାଇଛି । ହୁଏତ ତାଙ୍କର ପ୍ରତିଭାର ବିଶ୍ଳେଷଣ ପାଇଁ ଆମ ସ୍ମରଣିକାର ପୃଷ୍ଠା ଅନୁପଯୁକ୍ତ ହୋଇଥାଇପାରେ କିମ୍ବା ଏସବୁ ଦିଗରେ ସେମାନଙ୍କ ବିଚାରଗତ ଅଭାବ ଥାଇପାରେ ।

ଇତିହାସ ପୃଷ୍ଠାକୁ ଅନୁଧ୍ୟାନ କଲେ ଜଣାଯାଏ କାହିଁ

କେତେକାଳରୁ ଲିପି ସୃଷ୍ଟି ପରଠାରୁ ଭାଷା ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନର ଧ୍ୱଜାଧାରୀ ହୋଇ ଆସିଛି । କେବଳ ସେତିକି ନୁହେଁ ଏହା ଏକ ବଳିଷ୍ଠ ପ୍ରତିବାଦର ମାଧ୍ୟମ ମଧ୍ୟ । କୌଣସି ଅନୀତି ଅରାଜକତା, ଅତ୍ୟାଚାର, ଧର୍ମାନ୍ଧତା ଓ ରକ୍ଷଣଶୀଳତା ଇତ୍ୟାଦିର ପ୍ରତିବାଦ ଦୁଇଟି ମାଧ୍ୟମରେ ହୋଇଥାଏ । ଗୋଟିଏ ହିଂସାତ୍ମକ ଓ ଅନ୍ୟଟି ଅହିଂସାତ୍ମକ । ଜଣେ ଯାଜପୁରୀ ବ୍ରାହ୍ମଣ ଓ ଜଗନ୍ନାଥଙ୍କ ପରମଭକ୍ତ କଳାଚାନ୍ଦ ପରିସ୍ଥିତିରେ ପଡି ଏକ ମୁସଲମାନ ଝିଅକୁ ବିଭା ହେବା ପରେ ତାଙ୍କୁ ଜଗନ୍ନାଥଙ୍କ ମନ୍ଦିରରେ ପ୍ରବେଶ ନିଷେଧ କରାଗଲା । କାହିଁକି କେମିତି ବିଚାର କରାଗଲା ରାତାରାତି ତାଙ୍କର ହିନ୍ଦୁତ୍ୱ, ହିନ୍ଦୁବିଶ୍ୱାସ ଓ ଜଗନ୍ନାଥଙ୍କ ପ୍ରତି ଭାବାବେଗ ଉଭେଇଗଲା ବୋଲି ? ଯାହା ତାଙ୍କର ହିନ୍ଦୁ ବିଶ୍ୱାସ ଓ ଅର୍ନ୍ତମନକୁ କୁଠାରଘାତ କରିଥିଲା ଓ ତାଙ୍କୁ କଳାପାହାଡରେ ପରିଣତ କରିଦେଲା । ଧର୍ମର ମୌଳବାଦ ସର୍ବଦା କଳାପାହାଡ ହିଁ ସୃଷ୍ଟି କରେ । କଳାପାହାଡ ହାତରେ ଥିଲା ତରବାରୀ, ସେ ହିଂସ୍ରକ ପ୍ରତିଶୋଧ ନେଲା ।

ଜଗନ୍ନାଥଙ୍କ ପରମଭକ୍ତ ସାଲବେଗ ଅଧା ହିନ୍ଦୁ ଓ ଅଧା ମୁସଲମାଲ । କୁହାଯାଏ ତାଙ୍କର ଜଣାଣ ଶୁଣି ଜଗନ୍ନାଥ ପ୍ରୀତ ହୁଅନ୍ତି । ତା ସତ୍ତ୍ୱେ ସେ ଜଗନ୍ନାଥଙ୍କୁ ମନ୍ଦିରରେ ଦର୍ଶନ କରିପାରିଲେ ନାହିଁ । ତାଙ୍କ ହାତରେ ଥିଲା ଲେଖନୀ ଓ ଭିତରେ ଥିଲା କବିତ୍ୱ । ତେଣୁ ସେ ଜଣାଣ ଲେଖି ନିଜର ପ୍ରତିବାଦ ଜଣାଇଲେ । ନିଜକୁ ଚଳନ୍ତି ଠାକୁର ମନେକରୁଥିବା ପୂଜାପଣ୍ଡାମାନେ ପ୍ରଭାବିତ ହୋଇଥିବେ କି ନାହିଁ ଜାଣେନା କିନ୍ତୁ ଆମ ଭଳି ସାଧାରଣ ମଣିଷକୁ ଏହା ବିଚଳିତ କରିଦିଏ । ଏ ସବୁକୁ ବିଚାରକଲେ ଏହା ସାମ୍ପ୍ରତିକ ସମୟରେ ଆସୁଥିବା ମନର ଭାବ ଓ କ୍ଷୋଭକୁ ପ୍ରକାଶ କରିବାର ଏକ ଉପଯୁକ୍ତ ମାଧ୍ୟମ । ସାମାଜିକ ବିତର୍କ ପାଇଁ ଏକ ସଠିକ ମଞ୍ଚ ଶଦୃଶ । ଏଣୁ ସମସ୍ତଙ୍କୁ ମୋର ବିନୀତ ଅନୁରୋଧ ମନରୁ ସମସ୍ତ ଦ୍ୱେଷ ମନୋଭାବ ପରିହାର କରି, ବିଚାରଗତ ପାର୍ଥକ୍ୟ ଦୂର କରି ଆସନ୍ତୁ ଏହାର ପୃଷ୍ଠାକୁ ସମୃଦ୍ଧ କରିବା ସାମାଜିକ ଅଭ୍ୟୁଦୟର ଲକ୍ଷ୍ୟନେଇ ।

କେତେକ କହନ୍ତି ଏହା ଏକ ବିଜ୍ଞାପନ ପ୍ରସାରଣର ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି । ମାତ ପ୍ରକୃତ ପକ୍ଷେ ତାହା ନୁହେଁ । ଏହାର ପ୍ରତିଖଣ୍ଡ ମୁଦ୍ରଣ ଜନିତ ଖର୍ଚ୍ଚ ଯାହା ତାହାଠାରୁ ଢେର କମ୍ ଦାମରେ ଏହା ବିକ୍ରି କରାଯାଏ । ଯାହା ମୁଦ୍ରଣ ହୁଏ ସବୁପୁଣି ବିକ୍ରି ହୋଇପାରେ ନାହିଁ । ଅନେକ ଅନୁରୋଧ ସତ୍ତ୍ୱେ ମଧ୍ୟ ଆମର ଭାଇ ମାନେ ସ୍ୱଳ୍ପ ମୂଲ୍ୟରେ ଏହା ନେଇ ପଢ଼ିବାକୁ ଉଚିତ ମନେକରନ୍ତି ନାହିଁ । ବେଳେବେଳେ ଅନେକ ସାଇ ବା କର୍ମକର୍ତ୍ତାଙ୍କୁ ଏହା ଅନୁରୋଧପୂର୍ବକ ଧାର ସୂତ୍ରରେ ଦିଆଯାଏ ଯାହାର ଅର୍ଥ ଠିକ୍ ଭାବରେ ସଂଗୃହୀତ ହୋଇପାରେନାହିଁ । ବେଳେ ବେଳେ ଏମିତି ବି ହୁଏ ଏହାକୁ ଆବଶ୍ୟକତାନୁଯାୟୀ ବାଣ୍ଟିବାକୁ ପଡେ । ଏଣୁ ଏ ସବୁକୁ ବିଚାର କଲେ ଏହା ଯଦି ବିନା ବିଜ୍ଞାପନରେ କରାଯାଏ ଆମର ସ୍ୱଳ୍ପ ସମ୍ବଳ ଏସବୁ କ୍ଷତି ଭରଣା କରି ଏହାକୁ ଆଗେଇ ନେବାରେ ସମର୍ଥ ହେବ ନାହିଁ । ଏଣୁ ଆମେ ଆମର କୌଣସି ସଂଗୃହୀତ ଅର୍ଥ ଏଥିରେ ବିନିଯୋଗ ନକରି, କେବଳ ସମାଜପ୍ରେମୀ ବିଜ୍ଞାପନ ଦାତାଙ୍କ ବଳିଷ୍ଠ ଆର୍ଥିକ ସହଯୋଗରେ ହିଁ ଏହାକୁ ଆଗେଇ ନେଉଛୁ । ଆମର ବିଜ୍ଞାପନ ଦାତା ଭାଇ ମାନେ ପରୋକ୍ଷରେ ଏହାକୁ ଇନ୍ଧନ ଯୋଗାଇ ଆଗକୁ ବଢ଼ାଉଛନ୍ତି, ମୁଁ ସେମାନଙ୍କଠାରେ ବିଶେଷ କୃତଜ୍ଞ ।

ଶେଷରେ ପ୍ରଜ୍ଞାପୁରୁଷ ମହାମନା କାଲାମଙ୍କ ଭାଷାରେ "ପ୍ରକୃତରେ ସ୍ୱପ୍ନ ତାହା ନୁହେଁ ଯାହା ଆଖି ବନ୍ଦ କରି ନିଦ୍ରିତାବସ୍ଥାରେ ଦେଖାଯାଏ, ସ୍ୱପ୍ନ ତାହା ଯାହା ଆଖିରୁ ନିଦ ହଜେଇ ନିଏ ।" ଆସନ୍ତୁ ସମସ୍ତେ ମିଳିମିଶି ସେଇ ସ୍ୱପ୍ନ ଦେଖିବା ସମାଜ ପାଇଁ ଯାହା ଆଖିରୁ ନିଦ ହଜେଇ ଦେବ ।

ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ ।

ରମେଶ କୁମାର ସାହୁ
ଯୁଗ୍ମ ସଂପାଦକ

# ଜ୍ଞାତବ୍ୟ...

୧. ସମାଜକୁ ଆଗେଇ ନେବାକୁ ହେଲେ- ସଂଗଠନ, ପାଣ୍ଠି, ସହଭାଗିତାର ନିହାତି ପ୍ରୟୋଜନ ରହିଛି ।

୨. ସଂସ୍କାର, ସଂକଳ୍ପ, ସିଦ୍ଧି ଓ ଦେଶ ପାଇଁ ସକାରାତ୍ମକ ଯୋଗଦାନ, ଏସବୁ ଉତ୍ସବର ଉଦ୍ଦେଶ୍ୟ ହେବା ଉଚିତ ।

୩. ନିଜର ସୁଧାର ସବୁଠାରୁ ବଡ ସେବା ।

୪. ମୁଁ ତ୍ୱର ଭାବନା ପରିହାର କରି ଆମେ ଭାବନା ନେଇ କାର୍ଯ୍ୟକଲେ ସମାଜର କଲ୍ୟାଣ ପାଇଁ ବିଶେଷ ସଫଳତା ମିଳିବ ।

୫. ଯେଉଁ ସମାଜରେ ଅଧିକାଂଶ ଉତ୍ତମ ଲୋକ ରହନ୍ତି, ତାକୁ ସଭ୍ୟ ସମାଜ କୁହାଯାଏ ।

୬. ପ୍ରତ୍ୟେକ ରୀତି ଓ ନୀତି ପଛରେ ରହିଛି ସାମାଜିକ ବାର୍ତ୍ତା ଓ ବୈଜ୍ଞାନିକ ତତ୍ତ୍ୱ ।

୭. ସବୁଠୁ ବଡ଼ ବିଶ୍ୱବିଦ୍ୟାଳୟ ଯଦି ଥାଏ ସେ ହେଉଛି ସମାଜ । ସମାଜ ହେଉଛି ମୁକ୍ତ ବିଶ୍ୱବିଦ୍ୟାଳୟ ।

୮. ମହସଭା- ସାମାଜିକ ଜୀବନର ପ୍ରାଥମିକ ବିଦ୍ୟଳୟ ।

୯. ଜନ୍ମ ଦୈବର ଅଧିନ (କିଏ କେଉଁଠି ଜନ୍ମ ହେବ) ପୁରୁଷାର୍ଥ ନିଜର ଅଧିନ ।

୧୦. ମନୁଷ୍ୟ ପରିସ୍ଥିତି ର ଦାସ ନୁହେଁ । ସେ ତାର ନିର୍ମାତା, ନିୟନ୍ତ୍ରଣକର୍ତ୍ତା ଆଉ ସ୍ୱାମୀ ।

୧୧. ପରିବର୍ତ୍ତନ ଅବଶ୍ୟମ୍ଭାବି ନୁହେଁ, ଏଥିପାଇଁ ସଂଘର୍ଷ ଲୋଡ଼ା ।

୧୨. ଭବିଷ୍ୟତକୁ ସଜାଡ଼ିବାକୁ ହେଲେ ଅତୀତରୁ ଶିକ୍ଷା ଓ ବର୍ତ୍ତମାନ ଉପରେ ଦୃଷ୍ଟି ଏକାନ୍ତ ଜରୁରୀ ।

୧୩. କର୍ମଯୋଗୀ ନିଜେ ସ୍ୱୟଂ ତୃପ୍ତ ହୋଇଥିଲେ ହେଁ ସେ କର୍ମ ନ କରି ରହିପାରନ୍ତି ନାହିଁ ।

୧୪. ଅଜ୍ଞାନତା ଏବଂ ଅଭିମାନ ହେଉଛି ଦୁଃଖର ମୁଖ୍ୟ କାରଣ ।

୧୫. ମାନବତାର ରକ୍ଷା କରିବା ପ୍ରତ୍ୟେକ ବ୍ୟକ୍ତିର ପରମ କର୍ତ୍ତବ୍ୟ ଅଟେ ।

୧୬. ଯାହାର ମନ ଯେତେ ପବିତ୍ର ଓ ଶୁଦ୍ଧ ହୋଇଥିବ, ତାର ସଂକଳ୍ପ ସେତିକି ବଳବାନ ଏବଂ ପ୍ରଭାବଶାଳୀ ହେବ ।

୧୭. ସମାଜରେ ପ୍ରକୃତ ଶାନ୍ତି ଓ ସ୍ଥାୟୀ କଲ୍ୟାଣ ପାଇଁ ନୈତିକ ମୂଲ୍ୟ ଧାରଣ କରିବା ଆବଶ୍ୟକ ।

୧୮. ଯେଉଁ ବ୍ୟକ୍ତି ନିଜ ଅପେକ୍ଷା ଅନ୍ୟର ସୁବିଧାକୁ ଆଗ୍ରାଧିକାର ଦିଏ, ସେ ଉତ୍ତମ ମନୁଷ୍ୟ ପଦବାଚ୍ୟ ।

୧୯. ଶିକ୍ଷା ହେଉଛି ସଂସ୍କୃତି, ବିକାଶ ଓ ପ୍ରଗତିର ମୂଳ । ଶିକ୍ଷା ଓ ସଂସ୍କୃତି ନାହିଁ ତ ପ୍ରଗତି ନାହିଁ ।

୨୦. ଯିଏ ଅନୁଶାସନକୁ ମାନିବ, ସେ ଶାସନ କରିପାରିବ ।

୨୧. ତ୍ୟାଗ ଓ ସେବା ଭରତର ଜାତୀୟ ଆଦର୍ଶ ଅଟେ ।

୨୨. ବିଚାର ପୂର୍ବକ ଯିଏ କର୍ମରେ ପ୍ରବେଶ କରେ, ସେ ମନୁଷ୍ୟ ।

୨୩. ନିଜକୁ ଅଧିକ ଗୁରୁତ୍ୱ ଦେଉଥିବା ଲୋକ ସବୁବେଳେ ଦୁଃଖ ପାଏ ।

୨୪. ବିଜ୍ଞ ଲୋକ ଭଳି ଚିନ୍ତା କର ମାତ୍ର ସାଧାରଣ ଭାଷାରେ ନିଜର ଚିନ୍ତାଧାରାକୁ ପ୍ରକାଶ କର ।

୨୫. ସଫଳତା ପାଇଁ କୌଣସି ଛୋଟ ରାସ୍ତା ନାହିଁ । ନିରନ୍ତର ଉଦ୍ୟମ ଓ ପରିଶ୍ରମ ଦ୍ୱାରା ଏହା ହାସଲ ହୋଇଥାଏ ।

୨୬. ପ୍ରତ୍ୟେକ ହୃଦୟର ତାଲା ଖୋଲିବା ପାଇଁ ହସ ହେଉଛି ପ୍ରଥମ ଚାବିକାଠି ।

୨୭. ତୁମେ ଯାହା ବି ହୁଅ, ଭଲ ମଣିଷ ହୁଅ ।

# ॥ ସୂଚୀପତ୍ର ॥


| କ୍ର.ନଂ. | ବିଷୟ | ନାମ | ପୃଷ୍ଠା |
|---|---|---|---|
| ୧. | ଓଡ଼ିଶାର ଧର୍ମଧାରଣା ଲୋକାଚାରରେ ଶ୍ରୀ ଜଗନ୍ନାଥ | ଶ୍ରୀମତୀ ନିବେଦିତା ସାହୁ | |
| ୨. | କାଳର ବିବର୍ତ୍ତନରେ ତେଲି ସମାଜ | ଡ. ନୃସିଂହ ଚରଣ ସାହୁ | |
| ୩. | ଜାତି ଭିତ୍ତିକ ସମାଜ ମାନବବାଦ ପ୍ରତି ଏକ ଆହ୍ୱାନ | ଡାକ୍ତର ବୀରସେନ୍ ସାହୁ | |
| ୪. | ଭାବନା | ଟିକେଶ୍ୱର ସାହୁ | |
| ୫. | ଆମର ଗତି କୁଆଡେ | ତାରାଚାନ୍ଦ ସାହୁ (ସଂଗୃହିତ) | |
| ୬. | ମଦ୍ୟପାନ ଏକ ସାମାଜିକ ବ୍ୟାଧି | ନିତ୍ୟାନନ୍ଦ ସାହୁ | |
| ୭. | ଧନପତି କୁବେର | ଶ୍ରୀମତୀ ଜୟ କୁମାରୀ ସାହୁ | |
| ୮. | ଓବିସି ଆରକ୍ଷଣର ସଂକ୍ଷିପ୍ତ ଇତିହାସ | ଜିଲ୍ଲା ଓ.ବି.ସି. ମଞ୍ଚ, ବଲାଙ୍ଗିର | |
| ୯. | ସଂସ୍କାର | ଲକ୍ଷ୍ମଣ ସାହୁ | |
| ୧୦. | ବ୍ୟକ୍ତିତ୍ୱ ଗଠନ ହିଁ ସମାଜ ଗଠନର ମୂଳମନ୍ତ୍ର | ବାସୁଦେବ ସାହୁ | |
| ୧୧. | ଅର୍ଥନୀତିରେ ତୈଳିକ ବୈଶ୍ୟମାନଙ୍କର ଭୂମିକା | ଯୋଗେଶ୍ୱର ସାହୁ | |
| ୧୨. | ବନ୍ଦ ପ୍ରତିବାଦର ଅନୈତିକ ପନ୍ଥା | ଡା. ଲଳିତ କୁମାର ସାହୁ | |
| ୧୩. | ନାରୀମୁକ୍ତି ସମାଜର ଏକ କଳୁଷିତ ଅଧ୍ୟାୟ | ସୋମନାଥ ସାହୁ | |
| ୧୪. | ବ୍ୟକ୍ତିତ୍ୱ ନିର୍ମାଣର ସହଜ ଉପାୟ | ଭରତ ଚନ୍ଦ୍ର ପୃଷ୍ଟି | |
| ୧୫. | ତେଜସ୍ୱିନୀ ମରୀଚି | ସୁଶ୍ରୀ ବିନିତା ସାହୁ | |
| ୧୬. | ମହିଳା ମାନଙ୍କ ପ୍ରତି | ଶ୍ରୀମତୀ ପୁଷ୍ପଲତା ସାହୁ | |
| ୧୭. | ରାଷ୍ଟ୍ର ଅଧଃପତନର ଅନ୍ୟତମ କାରଣ "ନାରୀ ନିର୍ଯ୍ୟାତନା" | ଶ୍ରୀମତୀ ମୀନତୀ ସାହୁ | |
| ୧୮. | ଅଭିମାନ | ଯଜ୍ଞମଣି ସାହୁ | |
| ୧୯. | ଜୀବନର ପ୍ରତିଛବି | ଯଜ୍ଞମଣି ସାହୁ | |
| ୨୦. | ସୁସ୍ଥ ସମାଜ ଗଠନ ର ମୂଳମନ୍ତ୍ର | ଗୌରାଙ୍ଗ ଚରଣ ସାହୁ | |
| ୨୧. | ପାରିବାରିକ ଜୀବନକୁ ସୁଖମୟ କରିବା | ବବିତା ସାହୁ | |
| | ଜୁନାଗଡ଼ କୁବେର ଯୁବ ସଂଗଠନ ଓ ଜୁନାଗଡ଼ କୁବେର | | |
| ୨୨. | ସମାଜ ପୃଷ୍ଠଭୂମି | ଉଦ୍ଧବ ଚରଣ ସାହୁ | |
| ୨୩. | ବିଶ୍ୱାସ ବଦଳରେ ବିଶ୍ୱାସ | ରଶ୍ମିତା ସାହୁ | |
| ୨୪. | ଅମ୍ଳପିତ୍ତ ବା ଗ୍ୟାସଟ୍ରିକର ସହଜ ଉପଚାର | ଶ୍ରୀମତୀ ହେମଲତା ସାହୁ | |
| ୨୫. | ରୋଷେଇ | ଶ୍ରୀମତୀ ଶିବାନୀ ସାହୁ | |
| ୨୬. | ସମାଜ ଓ ବ୍ୟକ୍ତି | ଲିଙ୍ଗରାଜ ସାହୁ | |
| ୨୭. | ଶେଷ ଚିଠି | ଭଗବାନ ସାହୁ | |
| ୨୮. | ବିଜ୍ଞାନ ନାଟିକା ସାଂପ୍ରତିକ ଭାରତ | ହରେକୃଷ୍ଣ ସାହୁ | |
| ୨୯. | ମା'ମାଟି ଅଭୁଲା | ଶାନ୍ତିଲତା ସାହୁ | |
| ୩୦. | ବିଶ୍ୱପ୍ରେମ | ସୁଶୀଲ କୁମାର ସାହୁ | |

| | | |
|---|---|---|
| ୩୧. | ଗଙ୍ଗଶିଉଳୀ ଠାରୁ ଶିକ୍ଷା | ଅମ୍ରୀତା ଅବନ୍ତିକା ସାହୁ |
| ୩୨. | ପ୍ରିୟତମା ତମେ | ଶ୍ରୀମତୀ ନିବେଦିତା ସାହୁ |
| ୩୩. | କୁବେର ଜ୍ୟୋତି | ଅଶୋକ କୁମାର ସାହୁ |
| ୩୪. | ଏଇତ ଜୀବନ | ଶ୍ରୀମତୀ ସସ୍ମିତା ସାହୁ |
| ୩୫. | ଜନନୀର କୃପା | ପିଙ୍କି ସାହୁ |
| ୩୬. | ଗରୀୟସୀ ଭାରତ ମହୀୟସୀ ଭାରତ | ଶୁଭମ୍ ସାହୁ, ସ୍ନେହା ସାହୁ |
| ୩୭. | କମଳ ମାନେ ଗଧ | ଡକ୍ଟର ସୁବୁଦ୍ଧି |
| ୩୮. | ରାଷ୍ଟ୍ରର ଗାରିମା ତୁମେ | ଶ୍ରୀମତୀ ସ୍ୱାଗତିକା ସାହୁ |
| ୩୯. | आओ ऐसे दीप जलाएं | खुद की तलाश में सौदागर साहु |
| ୪୦. | जनता कि संस्कृति | देति साहु |
| ୪୧. | जब एक पड़ का बचा जान लागा नदा अपना | रामप्रताप साह परिब्राजक |
| ୪୨. | गायत्री वेदमाता देवमाता एवं विश्वमाता है | रामप्रताप साहू परिब्राजक |
| ୪୩. | श्रेष्ठ गुरु ही श्रेष्ठ जीवन का आधार होता हैं | रामप्रताप साहू परिव्राजक |
| ୪୪. | गायत्री मंत्र और नवरात्र अनुष्ठान | रामप्रताप साहू |
| ୪୫. | Clean ness is howeling | Smt. Sasmita Sahu |
| ୪୬. | Sweet Memory | Sri Pitabasa Sahoo |
| ୪୭. | ସାଇ ବିବରଣୀ | ବସନ୍ତ କୁମାର ଖୁଣ୍ଟିଆ |

# ଓଡିଶାର ଧର୍ମଧାରଣା ଲୋକାଚାରରେ ଶ୍ରୀ ଜଗନ୍ନାଥ

**ଶ୍ରୀମତୀ ନିବେଦିତା ସାହୁ**
ରାଉରକେଲା

ଜଗନ୍ନାଥ ହିଁ ଓଡିଆ ଜାତିର ପ୍ରାତଃସ୍ମରଣୀୟ ଆରାଧ ଦେବତା ଓ ପ୍ରାଣର ପ୍ରାଣ କଳା ଠାକୁର । ଓଡିଶାର ଧର୍ମଧାରଣା ଲୋକାଚାର, ସାହିତ୍ୟ ସଂସ୍କୃତି, ଇତିହାସ ନୃତ୍ୟ,ସଂଗୀତ, ଶିଳ୍ପ ସ୍ଥାପତ୍ୟ, ବାଣିଜ୍ୟ ତଥା ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନର ପ୍ରାଣକେନ୍ଦ୍ର ଶ୍ରୀ ଜଗନ୍ନାଥ । ଜଗନ୍ନାଥ ଓଡିଆ ସଂସ୍କୃତିର ପ୍ରାଣ ପିଣ୍ଡ । ପ୍ରାଚୀନ କାଳରୁ ଶ୍ରୀ ଜଗନ୍ନାଥକୁ କେନ୍ଦ୍ର କରି ଓଡିଶାର ଜନଜୀବନରେ ଏକ ସମନ୍ୱୟାତ୍ମକ ସାଂସ୍କୃତିକ ସ୍ରୋତ ପ୍ରବାହିତ ତଥା ଉନ୍ନତ ରୁଚି ଓ ସଂସ୍କାରବୋଧ ଦ୍ୱାରା ଏହା ଉଜ୍ଜୀବିତ ।

ଓଡିଆ ଜାତିର ଜନ୍ମଠାରୁ ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ଜୀବନର ପ୍ରତିଟି ସ୍ତରରେ ଶ୍ରୀ ଜଗନ୍ନାଥଙ୍କ ସ୍ମରଣ, ମନନ ଓ ଭଜନରେ ମନୋନିବେଶ କରି ପରିଶେଷରେ ତାଙ୍କ ନିର୍ମାଲ୍ୟ କଣିକାକୁ ଆଶା କରିଥାଏ । ସଂକ୍ଷେପରେ ଉଲ୍ଲେଖ କଲେ । ଶ୍ରୀ ଜଗନ୍ନାଥ ଓଡିଆଙ୍କ ଜନ ଜୀବନରେ ଅଙ୍ଗାଙ୍ଗୀ ଭାବରେ ଜଡିତ ହୋଇ ପ୍ରାଣର ପ୍ରାଣ ସ୍ୱରୂପରେ ପ୍ରତିଭାତ ।

ଉତ୍କଳୀୟ ଧର୍ମଧାରଣାରେ ଜଗନ୍ନାଥ କେବଳ ସ୍ଥାଣୁ ବିଗ୍ରହ ନୁହନ୍ତି । ସେ ମାନବରୂପୀ ଭଗବାନ୍, ଏହି ନୀତିରେ ତାଙ୍କଠାରେ ମାନବତ୍ୱ ଆରୋପଣ କରାଯାଇଛି । ତାଙ୍କୁ ଜଣେ ରକ୍ତମାଂସଦେହୀ ଓଡିଆ ଭାବରେ ଗ୍ରହଣ କରାଯାଇଛି । ପ୍ରଭାତରେ ଶଯ୍ୟାତ୍ୟାଗ ଓ ମୁଖପ୍ରକ୍ଷାଳନ ଠାରୁ ପହୁଡ ଯିବା ପର୍ଯ୍ୟନ୍ତ ତାଙ୍କ ପାଇଁ ଯେଉଁ ଛତିଶ ନିଯୋଗର ବ୍ୟବସ୍ଥା ଅଛି ତାହା ଜଣେ ରାଜା ବା ସଂଭ୍ରାନ୍ତ ବ୍ୟକ୍ତିଙ୍କ କାର୍ଯ୍ୟ ନିର୍ଘଣ୍ଟ ଅନୁସାରୀ । ଏପରି କେବଳ ହୁଏ ଜଗତର ନାଥ ଜଗନ୍ନାଥଙ୍କ କ୍ଷେତ୍ରରେ । ବିଶ୍ୱର ଅନ୍ୟ କୌଣସି ଦେବତାଙ୍କଠାରେ ଏପରି ମାନବତ୍ୱ ଆରୋପଣ ଦେଖାଯାଏ ନାହିଁ ।

ଓଡିଆଙ୍କ ଜନ ଜୀବନରେ ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ଭାବ ଓ ଆତ୍ମୀୟତାର ଅଭୁତପୂର୍ବ ସୌରଭ ସୃଷ୍ଟି ହୋଇଛି । ଶ୍ରୀ ଜଗନ୍ନାଥଙ୍କ ଠାରେ ଓଡିଆଙ୍କ ଅପୂର୍ବଭକ୍ତି । ସେହିଁ ଓଡିଆଙ୍କ ଇଷ୍ଟ ବନ୍ଧୁ, ସହୋଦର, ପିତା, ମାତା, ଗୁରୁ, ମନ, ଆତ୍ମା ଓ ପ୍ରାଣ । ଜୀବଦଶାରେ ଅନ୍ତତଃ ଥରୁଟିଏ ପୁରସ୍ତମଯାଇ ଗରୁଡଖମ୍ବକୁ କୁଣ୍ଢାଇ ଧରି ଶ୍ରୀ ଜଗନ୍ନାଥଙ୍କ ମୁଖାରବିନ୍ଦ ଦର୍ଶନ ନିମିତ୍ତ ସକଳ ଓଡିଆ ବ୍ୟାକୁଳ । ବଡଦାଣ୍ଡରେ ଠିଆ ହୋଇ ବଡ ଦେଉଳର ନୀଳଚକ୍ର ଉପରେ ଫରଫର ହୋଇ ଉଡୁଥିବା ପତିତପାବନବାନା ଦର୍ଶନ ନକଲେ ଓଡିଆକୁ ଚତୁର୍ଦ୍ଦିଗ ଅନ୍ଧକାର ଦିଶେ । ଆନନ୍ଦ ବଜାରରେ ମହାପ୍ରସାଦ ସେବନ ନ କଲେ ଓଡିଆଙ୍କ ପ୍ରାଣର କ୍ଷୁଧା ମେଣ୍ଟେ ନାହିଁ । ଅଗଣିତ ଓଡିଆଙ୍କ ବିଶ୍ୱାସ ପୁରୀ ସ୍ୱର୍ଗଦ୍ୱାରରେ ସେମାନଙ୍କ ଶବଦାହ କରାଗଲେ ଆତ୍ମା ସ୍ୱର୍ଗଧାମ ଯାତ୍ରା କରିବ । ବିଭିନ୍ନ ତୀର୍ଥରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା ପରେ ଶେଷରେ ଶ୍ରୀମନ୍ଦିରର ବାଇଶି ପାହାଚରେ ପିଣ୍ଡଦାନ କରିବା ଓଡିଶାର ଏକ ଭବ୍ୟ ପରମ୍ପରା । ଦୀପାବଳୀରେ ବାଇଶି ପାହାଚରେ ଗୟାଶ୍ରାଦ୍ଧ ସମ୍ପନ୍ନ ପୂର୍ବକ ଓଡିଆ ଉଚ୍ଚ ସ୍ୱରରେ ଆବୃତ୍ତି କରିଥାନ୍ତି । ବଡ ବଡୁଆ ହୋ ..... ।

ଓଡିଆଙ୍କ ହୃଦୟରେ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଏକ ଅନ୍ତର୍ମୁଖୀ ଭକ୍ତି ଓ ଶ୍ରଦ୍ଧା ସର୍ବଦା ଜାଗ୍ରତ ହୋଇ ଆସିଛ । ଓଡିଆଙ୍କ ଦୃଷ୍ଟିରେ ସେ ପତିତପାତବନ, ଦୀନବନ୍ଧୁ ଅନାଥର ନାଥ, ଅଶରଣର ଶରଣ । ବଳୀୟାର ଭୁଜ ମହାବାହୁ । ପ୍ରତ୍ୟେକଟି ଓଡିଆ, ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନରେ ତାଙ୍କୁ ହିଁ ଭରସା କରିଥାନ୍ତି । ଜନ୍ମଠାରୁ ଉପନୟନ, ବିବାହ, ମାଙ୍ଗଳିକ କାର୍ଯ୍ୟ, ଗୃହ ପ୍ରତିଷ୍ଠା ଓ ପରିଶେଷରେ ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ହିଁ ଓଡିଆଙ୍କ ଶ୍ରେଷ୍ଠ ଆଶ୍ରୟ । ସକଳ ଭୋଗ, ଐଶ୍ୱର୍ଯ୍ୟ ଓ ଦୁଃଖ ଯାତନାରେ ସେହିଁ ଓଡିଆଙ୍କ ସାହାଭରସା । ଓଡିଆମାନେ ପବିତ୍ର ବିବାହ ବନ୍ଧନର ସ୍ୱୀକୃତି ପର୍ବ ନିର୍ବନ୍ଧରେ ବରପିତା କନ୍ୟାପିତାଙ୍କ ମଧ୍ୟରେ ମହାପ୍ରସାଦ ଟେକା ହୋଇଥାଏ । ଏହାଦ୍ୱାରା ସେ ଦୁହେଁ ପୁତ୍ର ଓ କନ୍ୟାଙ୍କ ବିବାହ ନିମନ୍ତେ ପ୍ରତିଜ୍ଞାବଦ୍ଧ ହୋଇଥାନ୍ତି ।

ଓଡିଆ ମାନେ ସେମାନଙ୍କ ସନ୍ତାନ ସନ୍ତତିକୁ ଶ୍ରୀ ଜଗନ୍ନାଥଙ୍କ ବାଇଶିପାହାଚରେ ଗଡାଇ ଦେଇ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥାନ୍ତି । ନୀଳଚକ୍ରରେ ବାନା ଚଢ଼ାଇ ଜୀବନର ସୁରକ୍ଷା ମାଗିଥାନ୍ତି ଏବଂ ଗରୁଡ ଖମ୍ବ ପାଖରେ ଦୀପ ଜଳାଇ ପିଲାଙ୍କ ଜ୍ୟୋତିର୍ମୟ ଜୀବନ ନିମିତ୍ତ ନିଉଛାଳି ହୋଇଥାନ୍ତି । ଗୃହନିର୍ମାଣ, ଜଳାଶୟ ଖନନ, କୃଷିକର୍ମ ଅନୁକୂଳ ବ୍ୟବସାୟ ଆରମ୍ଭ ଚାକିରିରେ ଯୋଗଦାନ, ମନ୍ଦିର ନିର୍ମାଣ ପ୍ରତ୍ୟେକ କର୍ମରେ ଶ୍ରୀ ଜଗନ୍ନାଥଙ୍କୁ ଆବାହନ ଓ ପୂଜନ କରିବା ଓଡିଆଙ୍କ ଏକ ପାରମ୍ପରିକ ସ୍ୱଭାବରେ ପରିଣତ ହୋଇଛି ।

ଶ୍ରୀ ଜଗନ୍ନାଥଙ୍କର ବାରମାସରେ ତେରପର୍ବ । ତାଙ୍କୁ କେନ୍ଦ୍ରକରି

ଶ୍ରୀମନ୍ଦିରରେ ପାଳିତ ବହୁ ପର୍ବପର୍ବାଣି । ଯାନିଯାତ୍ରା ମଧ୍ଯ ଓଡିଆ ସମାଜରେ ପ୍ରଚଳିତ । ଅକ୍ଷୟ ତୃତୀୟା, ରଥଯାତ୍ରା, ଚନ୍ଦନଯାତ୍ରା, ଦୁର୍ଗାପୂଜା, ଜନ୍ମାଷ୍ଟମୀ, ରାମନବମୀ, ସୁଦଶାବ୍ରତ, ଅନନ୍ତବ୍ରତ ପ୍ରଭୃତି ଏହାର ଦୃଷ୍ଟାନ୍ତ ।

ଓଡିଆ ମାନେ ଯୁଗେ ଯୁଗେ ଶ୍ରୀ ଜଗନ୍ନାଥଙ୍କୁ ମଙ୍ଗଳମୟ ଓ କଲ୍ୟାଣକାରୀ ଭାବେ ଚିନ୍ତା କରି ଆସିଛନ୍ତି । ସେମାନେ ସଭାସମିତି, ସାରସ୍ଵତ ଆଲୋଚନାଚକ୍ର, ନୃତ୍ୟ, ସଙ୍ଗୀତ ଅଭିନୟ, ପୁସ୍ତକ ଉନ୍ମୋଚନ ପ୍ରତ୍ୟେକ କାର୍ଯ୍ୟରେ ଶୁଭମନାସି ପ୍ରଥମେ ଶ୍ରୀ ଜଗନ୍ନାଥଙ୍କୁ ବନ୍ଦନା କରିଥାନ୍ତି । ପିତୃଶ୍ରାଦ୍ଧ ସମୟରେ କୌଣସି ପିତୃପୁରୁଷଙ୍କ ନାମ ମନେ ନ ପଡିଲେ ଶ୍ରୀ ଜଗନ୍ନାଥକହି କାମ ଚଳେଇ ଦିଅନ୍ତି । ତିଥି, ବାର, ନକ୍ଷତ୍ର, ଯୋଗ, ଲଗ୍ନ, ମୁହୂର୍ତ୍ତ ଓ ଜାତକ ବିଚାର ନ କରି ସର୍ବମଙ୍ଗଳ ଜଗନ୍ନାଥ ଉଚ୍ଚାରଣ ପୂର୍ବକ କାର୍ଯ୍ୟ ନିର୍ବାହ କରିଥାନ୍ତି । ଶ୍ରୀ ଜଗନ୍ନାଥ ନାମ ଶୁଭପ୍ରଦ ବୋଲି ଅଗଣିତ ଓଡିଆ ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ ଓ ଅନ୍ୟାନ୍ୟ ଅନୁଷ୍ଠାନର ନାମ ଜଗନ୍ନାଥ ନାମରୁ ଆରମ୍ଭ କରିଥାନ୍ତି । ସେ ହେଉଛନ୍ତି ଓଡିଆ ଜାତିର ଗେହ୍ଲା ପୁଅ । ଓଡିଆଙ୍କ ଅନ୍ତଦୃଷ୍ଟିରେ ସେ କେବଳ ଶ୍ରୀମନ୍ଦିରରେ ସୀମାବଦ୍ଧ ନୁହନ୍ତି, ଗ୍ରାମେ ଗ୍ରାମେ, ଘରେ ଘରେ ପ୍ରତିଟି ଭାଗବତ ଟୁଙ୍ଗୀରେ ପୂଜିତ । ସେ ଓଡିଆଙ୍କ ହୃଦୟର ଆରାଧ୍ଯ ଦେବତା ଉତ୍କଳମଣିଙ୍କ ଭାଷାରେ ସେହିଁ ଉତ୍କଳର ନେତା ।

ଓଡିଆ ମାନେ ଅତି ସ୍ନେହରେ ଶ୍ରୀଜଗନ୍ନାଥଙ୍କୁ ବାମନ, ଦୋଳିରେ ଦୋଳଗୋବିନ୍ଦ ଓ ରଥରେ ମଧୁସୂଦନ ଭାବରେ ପୂଜା କରନ୍ତି । ଗୌରବର କଥା ବାମନଙ୍କ ସ୍ବ ନକ୍ଷତ୍ର ତିଥି ସୁନିଆ ଠାରୁ ଓଡିଆଙ୍କ ନବବର୍ଷ ଆରମ୍ଭ ହୁଏ । ସେହି ପବିତ୍ର ତିଥିରେ ଓଡିଆ ଜାତିର ପ୍ରତିନିଧି ଗଜପତି ମହାରାଜ ଶ୍ରୀ ଜଗନ୍ନାଥଙ୍କୁ ସ୍ବର୍ଣ୍ଣମୁଦ୍ରା ଭେଟିଦେଇ ନୂତନ ଅଙ୍କ ପ୍ରଚଳନ କରିଥାନ୍ତି ଓ ଓଡିଆ ଜାତିର ମଙ୍ଗଳକାମନାରେ ବଳୀୟାର ଭୂଜଙ୍କ ନିକଟରେ ନିଉଛାଳି ହୁଅନ୍ତି, ତାଙ୍କର ଛତ୍ରଛାୟାତଳେ ସକଳ ଓଡିଆ ସୁରକ୍ଷିତ ଓ ନିର୍ଭୟ ହୋଇ ଗାଇଛନ୍ତି –

ଡର କାହାକୁ ଭୟ କାହାକୁ
ଠାକୁର ଅଛନ୍ତି ଚଉ ବାହାକୁ ।

ତାଙ୍କର ସ୍ନାନ ଓ ଗୁଣ୍ଡିଚାଯାତ୍ରା ବିଶ୍ୱର ସର୍ବବୃହତ୍ ଲୋକ କଲ୍ୟାଣକାରୀ ମହୋତ୍ସବ । ଏହି ମହୋତ୍ସବରେ ରାଜା, ପ୍ରଜା, ଦୀନ, ଦରିଦ୍ର, ଦେଶୀ, ବିଦେଶୀ ସମସ୍ତେ ସମାନ । ଓଡିଆଙ୍କ ଏହି ଜାତିୟ ପର୍ବ ସଂସ୍ପର୍ଶରେ ବିଶ୍ୱର ସକଳ ଧର୍ମ, ମତବାଦ ଓ ଦର୍ଶନ ସମନ୍ୱୟ ମହାପର୍ବରେ ରୂପାନ୍ତରିତ ହୁଏ । ଓଡିଆଙ୍କ ବିଶ୍ୱାସ ଏହି ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ଶୁଭଯୋଗ ନଥିଲେ ହେଁ ସକଳ ମାଙ୍ଗଳିକ କାର୍ଯ୍ୟ ନିର୍ବିଚାରରେ କରଣୀୟ । ଘୋଷଯାତ୍ରା ବେଳେ ରଥରେ ଶ୍ରୀଜଗନ୍ନାଥଙ୍କୁ ଥରେ ଦେଖିଲେ କୋଟି ଜନ୍ମର ଦୁରୀତ କ୍ଷୟ ହୁଏ ।

ଓଡିଆ ଜାତୀୟ ଜୀବନର ଚିନ୍ତା ଓ ଚେତନାରେ, ଶୟନେ ସ୍ୱପନେ ଓ ଜାଗରଣରେ ଶ୍ରୀ ଜଗନ୍ନାଥଙ୍କ ସ୍ଥିତି ଅନୁଭୂତ ହୁଏ । ବ୍ରହ୍ମ ବିଚାରରେ ସେ ଅବ୍ୟକ୍ତ, ଅଶଜ୍ୟ, ଅଜ୍ଞେୟ ଓ ଅବର୍ଣ୍ଣନୀୟ ହେଲେ ହେଁ ଓଡିଆ ଚେତନାରେ ସେ ରକ୍ତ ମାଂସଧାରୀ ମନୁଷ୍ୟ ସଦୃଶ । ସେ ଦେବ ହେଲେ ମଧ୍ଯ ଓଡିଆଙ୍କ ଭାବ ମାନସରେ ମନୁଷ୍ୟ ପରି ଶୁଅନ୍ତି, ଖାଆନ୍ତି, ଯାତ୍ରା କରନ୍ତି, ଧୂଳି ଧୂସରିତ ହୁଅନ୍ତି । ଭକ୍ତଙ୍କ ସହିତ ମେଳା ମଉଛବ କରନ୍ତି । ମାନ ଅଭିମାନ ରାଗରୋଷ କରନ୍ତି । ପଖାଳପାଣି ଖାଆନ୍ତି, ପାନ ମସଲା ଖାଆନ୍ତି ଏବଂ ସାଧାରଣ ମଣିଷପରି ମୃତ୍ୟୁ ବରଣ କରନ୍ତି । ପ୍ରତ୍ୟହ ସେ ଶଯ୍ୟାତ୍ୟାଗ, ମୁଖ ପ୍ରକ୍ଷାଳନ,ଦନ୍ତ ମାର୍ଜନ, ସ୍ନାନ, ପୋଷାକ ପରିଧାନ ବିଭିନ୍ନ ସମୟରେ ଭୋଜନ ଏବଂ ଗୀତ ଗୋବିନ୍ଦର ମଧୁର ମୂର୍ଚ୍ଛନାରେ ନିଦ୍ରାଭିଭୂତ ହୁଅନ୍ତି । ପାର୍ବଣ ଅବସରରେ ସେ ରାଜା ରାଜେଶ୍ୱର ବେଶ ଧାରଣ କରନ୍ତି । ଋତୁଚକ୍ର ପରିବର୍ତ୍ତନ ହେଲେ ଶ୍ରୀ ଜଗନ୍ନାଥଙ୍କର ଭୋଗ, ବେଶ ଓ ଅନ୍ୟାନ୍ୟ ଉପଚାର ବଦଳିଥାଏ । ଅନବସର କାଳରେ ତାଙ୍କୁ ଜ୍ୱର ହୁଏ ତଥା ସେ ପଥ୍ୟ ସେବନ କରନ୍ତି । ରଥରେ ଜନ୍ମ ବେଦିକୁ ଯାତ୍ରା କରନ୍ତି । ମାଉସୀ ଘରେ ପୋଡପିଠା ଖାଆନ୍ତି । ତାଙ୍କର ପ୍ରତ୍ୟେକ ଲୀଳା ମାନବୀୟ । ଓଡିଆ ଜାତି ଶ୍ରୀ ଜଗନ୍ନାଥଙ୍କୁ ନିଜର ଅତି ଆପଣାର ବୋଲି ମନେକରେ ଏବଂ ନିଜ ଭିତରେ ତାଙ୍କୁ ହିଁ ଦେଖେ ଓ ଅନୁଭବ କରେ ।

ଗୋଟିଏ ଜାତିର ଅସ୍ମିତା ସହିତ ଜଡିତ କୌଣସି ଦ୍ୱିତୀୟ ଦେବତା ମହୀମଣ୍ଡଳରେ ନାହାନ୍ତି । ବିପଦ ଆପଦରେ ପଡିଲେ ଓଡିଆ ଗାଏ,

ଭୂଜ ତଳେ ମୋତେ ରଖ ମହାବାହୁ, ବାହୁତଳେ ମୋତେ ରଖ । ଅଭିମାନରେ କହେ, କିଛି ମାଗୁନାହିଁ ତୋତେ । ଏ ଅଭିମାନ ତୀବ୍ର ହେଲେ । କାଳସର୍ପ ଆପଣ ବୋଲି କହି ମହାପ୍ରଭୁଙ୍କୁ ଗାଳିଦିଏ । ପୃଥିବୀର ଯେଉଁ କୋଣରେ ଥିଲେ ବି ଭଜି ହୁଏ କ୍ଷେତ୍ର ଯିବି ମୁଁ କ୍ଷେତ୍ର ଯିବି । ଶ୍ରୀକ୍ଷେତ୍ରକୁ ଥରେ ଗଲେ ସେ ବାହୁଡିବାକୁ ଚାହେଁନା । ତା କଣ୍ଠରୁ ସ୍ୱତଃ ଝରିପଡେ । "ତୋତେ ଛାଡି ଯିବାକୁ ମୋ ମନ ବଳୁନାହିଁରେ ।" ସାଧାରଣ ଚାଷୀଟିଏ କ୍ଷେତରେ ଚାଷ କରୁଥିବା ବେଳେ ତା କଣ୍ଠରେ ଫୁଟି ଉଠୁଥିବା ଗୀତରେ ସେ ଜଗନ୍ନାଥଙ୍କୁ ସ୍ମରଣ କରିଥାଏ । ଯେପରି –

ଜୟ ଜଗନ୍ନାଥ ଜଗତ କରତା
କଂସକୁ ମାରିଣ ରଖିଲ ପିତାମାତା
ରଖି ନ ପାରିଲ ନିଜ ଭାରିଜା
ରାବଣ ନେଲା ସୀତା ହେ ।

*With best compliments from*

# Sri Kaustuva Sahu

**Special Class Contractor**



At/PO. Mandosil

Dist. Bargarh (Odisha)

Cell. 9437122567



# Sneha Medical Store

At/PO. Mandosil

Dist. Bargarh (Odisha)

PIN - 768 050

# କାଳର ବିବର୍ତ୍ତନରେ ତେଲି ସମାଜ

**ଡ. ନୃସିଂହ ଚରଣ ସାହୁ**
ଯାଜପୁର

ସମୟ ଏକ ଚିରନ୍ତନ ପ୍ରବାହ । ଏହି ପ୍ରବାହ ସହ ଜଡ଼ିତ ସୃଷ୍ଟିର ଇତିହାସ । ସେଇ କ୍ରମରେ ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ ବିବର୍ତ୍ତନ ଧାରାରେ ସଭ୍ୟ ଓ ସଂସ୍କୃତିସମ୍ପନ୍ନ ସ୍ତରରେ ପହଞ୍ଚିବାଲାଗି ଯେ କୋଟି କୋଟି ବର୍ଷ ଲାଗିଯାଇଥିବ ଏହା ପରିକଳ୍ପନା କରାଯାଇପାରେ । ପୁନଶ୍ଚ ଯାଯାବରରୁ ଗୋଷ୍ଠୀ ଏବଂ ସମାଜ ଜୀବନଧାରଣ ପ୍ରକ୍ରିୟାର ସମତାଳରେ ପଶୁପାଳନ ଓ ତତ୍‌ସହ କୃଷିକର୍ମ ପ୍ରତି ଆକର୍ଷଣ ଜଡ଼ିତ । ଗୋଷ୍ଠୀଗତ ଜୀବନଧାରଣ ସମୟରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଶକ୍ତିଶାଳୀ ବ୍ୟକ୍ତିକୁ ସୁରକ୍ଷା କାରଣରୁ ଦଳପତି ଭାବେ ନିର୍ବାଚିତ କରାଯାଉଥିଲା । ସେହି ଚୟନ ପ୍ରକ୍ରିୟା ପରବର୍ତ୍ତୀ ସମୟରେ ଲୋପପାଇ ବଂଶାନୁକ୍ରମିକ ଭାବେ ଦଳପତିଙ୍କ ଉତ୍ତରାଧିକାରୀମାନେ ସେମାନଙ୍କ କ୍ଷମତା ଓ ପ୍ରଭାବ ବିସ୍ତାରପୂର୍ବକ 'ନରପତି' ଭାବେ ନିଜକୁ ଘୋଷଣା କଲେ । ସାମାଜିକ ବ୍ୟବସ୍ଥାର ଏହି ପରିବର୍ତ୍ତିତ ସ୍ଥିତିରେ କର୍ମକୁଶଳତା ଆଧାରରେ ଏକଦା ବଣ୍ଟିତ ବର୍ଣ୍ଣ ଓ ଶ୍ରେଣୀ; ଯଥା- ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରଙ୍କ କାର୍ଯ୍ୟଧାରା କ୍ରମଶଃ ବଂଶାନୁକ୍ରମିକ କୌଳିକ ବୃତ୍ତିରେ ପରିଣତ ହୋଇଗଲା । ଏଥିସହିତ ନିୟୋଜିତ କର୍ମ ଆଧାରରେ ଜାତି ଜାତି ମଧ୍ୟରେ ଉଚ୍ଚ ନୀଚ ଛୁଆଁ-ଅଛୁଆଁ ଭାବଧାରା ପ୍ରସାର ସହ ବିଭେଦରେ ପାଚେରି ଠିଆ କରାଇଦେଲା । ଏହା ସମାଜର ଏକ ବୃହତ୍‌ବର୍ଗଙ୍କ ମଧ୍ୟରେ ଅଶାନ୍ତି ଓ ଅସନ୍ତୋଷର ଭାବନା ଉଦ୍ରେକ କରିବା ସହ ସମାଜ, ଦେଶ ଓ ଦେଶର ବିକାଶ ରଥର ଗତିକୁ ଶିଥିଳ କରିଦେଲା ।

ଏହି ଭଳି ଅବହେଳା ଓ ହୀନମନ୍ୟତାର ଶିକାର ପାଲଟିଥିବା ଶ୍ରେଣୀମାନଙ୍କ ମଧ୍ୟରେ ତୈଳିକ ବୈଶ୍ୟ ସମାଜ ଅନ୍ୟତମ; ମାତ୍ର ଏହି ସମାଜର ସୃଷ୍ଟି, କ୍ରମବିକାଶଧାରା ଓ ସାମାଜିକ ଅବଦାନର ଇତିହାସ ଅନୁଧ୍ୟାନ କଲେ ଉପରୋକ୍ତ ବିଭେଦ ଯେ ସ୍ୱାର୍ଥଲିପ୍ସୁ, କ୍ଷମତାଲୋଭୀ ଗୋଷ୍ଠୀମାନଙ୍କର ଆଧିପତ୍ୟ ଜାହିରର ଏକ କୂଟ ଚକ୍ରାନ୍ତ, ଏଥିରେ ଦ୍ୱିମତ ନାହିଁ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ମାନବ ସଭ୍ୟତାକୁ ନିଆଁ ଓ ଚକର ଅବଦାନ ମହତ୍ତ୍ୱପୂର୍ଣ୍ଣ ବୈଜ୍ଞାନିକ ଆବିଷ୍କାର ଭାବେ ପରିଗଣିତ କରାଯାଇଥାଏ । ଶିକାର ଲକ୍ଷ୍ୟରେ ବଣପାହାଡ଼ରେ ଘୂରି ବୁଲୁଥିବା ଯାଯାବର ମଣିଷ ପୋଡ଼ାମାଂସର ସ୍ୱାଦ ଆହରଣ ପରେ ନିଆଁର ସନ୍ଧାନ କ୍ରମରେ ତେଲ ମାଧ୍ୟମରେ ନିଆଁକୁ ଉପଯୋଗ କରିବାର ଜ୍ଞାନ ଆହରଣ କରିଥିଲା । ମାନବ ସଭ୍ୟତା ଏପରି ବିକଶିତ କାଳରେ ତୈଳ ଓ ନିଆଁ ସହ ଦୀପର ଇତିହାସ ଯେତେ ପ୍ରାଚୀନ, ସେତେ ପୁରାତନ ତୈଳିକ ଜାତିର ଗୌରବ ଗାଥା । ତୈଳ ଉତ୍ପାଦନ ହେତୁ ତୈଳିକ ଶ୍ରେଣୀ ଭାବେ ପରିଚିତ ଏହି ଜାତି ସାମାଜିକମାନଙ୍କର ଆବଶ୍ୟକତାଗୁଡ଼ିକୁ ପରିପୂରଣ ତଥା ତାହାର ସମସ୍ୟାବଳୀକୁ ଲାଘବ କରିବା ନିମନ୍ତେ ସଂସ୍ଥାପିତ ହୋଇଥିଲା । 'ଶବ୍ଦକଳ୍ପ ମୁଦ୍ର'ରେ ଏହି ତୈଳିକ ବା ତୈଳକାର ତେଲିଙ୍କୁ ଚକ୍ରଘଣା ତେଲପୁରୁଷ ଭାବେ ବର୍ଣ୍ଣନା କରାଯାଇଛି ।

ତୈଳିକ ସମାଜର ସଂସ୍ଥାପନ, ଉତ୍‌ଥାନ, ପତନ ଠାରୁ ସାମ୍ପ୍ରତିକ ସ୍ଥିତି ପର୍ଯ୍ୟନ୍ତ ଅନୁଧ୍ୟାନ କରିବା ଏକ ଦୁରୂହ ବ୍ୟାପର । କାରଣ ଆମ ଦେଶରେ ଇତିହାସ ଲେଖାର ଧାରାବାହିକତା ଏକ ଅର୍ବାଚୀନ ପ୍ରକ୍ରିୟା । ସୁତରଂ ମହାକାଳର ଗର୍ଭରେ ମଣିଷ ସମାଜର କେତେ ଯେ କାହାଣୀ ଅଜଣାଅଶୁଣା ଭାବେ ବିଲୀନ ହୋଇଯାଇଛି ସେ ସବୁର ଇୟତ୍ତା ନାହିଁ । ପୁରାତତ୍ତ୍ୱ,ପୁରାଣ, ବେଦ, ଉପନିଷଦ, ବୌଦ୍ଧ ଓ ଜୈନ ସାହିତ୍ୟ, ଇତିହାସ, ଭ୍ରମଣକାରୀଙ୍କ ବିବରଣୀ ଆଦି ଆଧାରରେ ଯାହାକିଛି ଉପଲବ୍‌ଧ, ସେ ସବୁକୁ ଏ ଲେଖାର ସୀମିତ କଳେବର ମଧ୍ୟରେ ଆଲୋକପାତ କରିବା ମଧ୍ୟ ଏକ କଷ୍ଟସାଧ୍ୟ ବ୍ୟାପାର ।

ଋକ୍‌ବେଦରେ ତୈଳିକ ସମାଜରେ ଗୋତ୍ର ଏବଂ ବର୍ଣ୍ଣ ଉଦ୍‌ଗମର ବିସ୍ତୃତ ବିବରଣୀ ଉପଲବ୍ଧ । ଗୁପ୍ତକାଳରେ ରଚିତ ପୁରାଣମାନଙ୍କର ପଞ୍ଚଲକ୍ଷଣମାନଙ୍କ ମଧ୍ୟରୁ ବଂଶଚରିତ ବର୍ଣ୍ଣନା ଅନ୍ୟତମ । ଏତଦ୍‌ଭିନ୍ନ ଯାଜ୍ଞାବଲ୍‌କ ସ୍ମୃତି, ପରାଶର ସ୍ମୃତି, ନାରଦ ସ୍ମୃତିରେ ତୈଳିକ ବୈଶ୍ୟ ଜାତି (ଶ୍ରେଣୀ)ର ଅଧିକାର ଓ କାର୍ଯ୍ୟକଳାପ ଆଦି ସମ୍ପର୍କରେ ଉଲ୍ଲେଖ ରହିଛି । ସେହିପରି ବୌଦ୍ଧ ସାହିତ୍ୟ 'ବିନୟ ପିଟକ', 'ଧମ୍ମପଦ'ରେ ତୈଳ ଉଦ୍ୟୋଗ ସମ୍ପର୍କରେ ବର୍ଣ୍ଣନା, 'ମଝି ନିକାୟ'ରେ ତଥାଗତ ବୁଦ୍ଧଙ୍କ ସମକାଳୀନ ତୈଳିକ ସମ୍ରାଟ ବଂଶ

ସମ୍ପର୍କରେ ସୂଚନା ପ୍ରାପ୍ତ ହୁଏ । ଜୈନ ସାହିତ୍ୟ 'ବୃହତ୍ କଳ୍ପସୂତ୍ର' ଟୀକାରେ ତେଲି ବାଣିଜ୍ୟର ବର୍ଣ୍ଣନା ମିଳେ । 'ଜୈନେନ୍ଦ୍ର ସିଦ୍ଧାନ୍ତ କୋଷ'ରେ ତେଲି ଜାତିର ଲକ୍ଷଣ ବର୍ଣ୍ଣିତ ଅଛି । ଚାଣକ୍ୟଙ୍କ ଅର୍ଥଶାସ୍ତ୍ରରେ ତୈଳିକ ସମ୍ରାଟ ମାନଙ୍କର ପ୍ରଶାସନିକ, ଐତିହାସିକ, ଆର୍ଥିକ, ସାଂସ୍କୃତିକ କାର୍ଯ୍ୟଧାରା ସମ୍ପର୍କରେ ବର୍ଣ୍ଣନା ରହିଛି ।

ପୁରାତାତ୍ତ୍ୱିକ ଦୃଷ୍ଟିକୋଣରୁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଉଦୟଗିରି ଗୁହାଲେଖ, ସାତବାହାନ ଶିଳାଲେଖରେ 'ତୈଳିକ ନିକାୟ' (ବ୍ୟାଙ୍କ) ସମ୍ପର୍କିତ ସୂଚନା, ବେଜୱାଡ଼ା ଶିଳାଲେଖାରେ ତେଲିଙ୍କର ୧୦୦୦ ଗୋତ୍ର ସୂଚନା, ନାସିକ ଶିଳାଲେଖରେ ତେଲିଙ୍କ ଅର୍ଥରେ 'ତେଲ ପୋଷକ' ଶବ୍ଦ ପ୍ରୟୋଗ କରାଯାଇଛି । ଏତଦ୍‌ଭିନ୍ନ ମହେଞ୍ଜୋଦାରୋ ଓ ହରପ୍ପା, ଓଡ଼ିଶାର ମାଣିକପାଟଣା,ରାଧାନଗର ଆଦି କେତେକ କେତେକ ପ୍ରାଚୀନସ୍ଥଳୀର ପ୍ରତ୍ନତାତ୍ତ୍ୱିକ ଉତ୍ଖନନରୁ ଆବିଷ୍କୃତ କେତେକ ସାମଗ୍ରୀରୁ ତୈଳିକ ସମାଜର ସ୍ଥିତି ଆଭାସିତ ହୋଇଥାଏ । ସେହିପରି ଭାଗର୍ବରାମକୃତ 'ଜାତିମାଳା', ନବମୁସ୍‌ଲିମ୍ ଜାତି ନିର୍ଣ୍ଣୟ, ଶଙ୍କର ଦୀପିକା, ଗୋରେଖ ଦୀପିକା, Indian History Congress Proceeding, ଡଃ ଏ.ଏସ୍. ଅଲଟେକରଙ୍କ ଦ୍ୱାରା ଲିଖିତ "The Satus and History of the Teli Community (ଖ୍ରୀ: ୨୦୦ରୁ ୧୫୦୦) ଶିବଦିନ ପ୍ରସାଦଙ୍କ ତେଲିୟା ବନିୟା ଏକ ହି ବାତ୍, ଡ. ବି.ଆର. ଆମ୍ବେଦକରଙ୍କ Writing and Speeches ଡକ୍ଟର ମହେନ୍ଦ୍ର କୁମାର ଧାବଡ଼େଙ୍କ 'ତେଲି ସମାଜ ଇତିହାସ ଔର ସଂସ୍କୃତି' ଆଦି ମାଧମରେ ସେମାନଙ୍କ ଗବେଷଣା ପ୍ରସୂତ ଯେଉଁ ତଥ୍ୟ ପ୍ରକାଶ କରିଛନ୍ତି; ତହିଁରୁ ଉପଲବ୍ଧ ହୁଏ ଯେ ଭାରତ ଇତିହାସର ଅନେକ ଯଶସ୍ୱୀ ଶାସକ, ଧର୍ମଗୁରୁ, ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ତୈଳିକ ସମାଜର ପ୍ରତିନିଧି ଥିଲେ । କଳିଙ୍ଗ ବିଜୟୀ ସମ୍ରାଟ ଅଶୋକଙ୍କ ଅନ୍ୟତମ ପତ୍ନୀ ତଥା ପୁତ୍ର ମହେନ୍ଦ୍ରଙ୍କ ମାତା (ଯେ କି ବିଦିଶାର ତୈଳିକ ଶ୍ରେଣୀ ମୁଖିଆଙ୍କ କନ୍ୟା ଥିଲେ), ଧର୍ମଗୁରୁ ଗୋରେଖନାଥଙ୍କ ଉକ୍ତି–

**"ଭଣତ ଗୋରେକ୍ଷନାଥ ମଚ୍ଛିନ୍ଦ୍ର ନା ପୁଚା, ଜାତି ହମାରି ତେଲି ପିଢି ଗୋଟା କାଢ଼ଲିୟା ପଓ୍ୱନ ଖାଲି ଦିୟାଁ ଠେଲି ।"**

ଗୁପ୍ତ ସମ୍ରାଟଗଣ, ଛତ୍ରପତି ଶିବାଜୀଙ୍କ ଆରାଧ୍ୟା ମା' ଭବାନୀଙ୍କ ଶକ୍ତିପୀଠର ରକ୍ଷାକାରୀ ତୈଳିକ ବାଲାଜି, ଦିଲ୍ଲୀ ସିଂହାସନରେ ଅଧିରୂଢ଼ କ୍ରମେ (୧୯୫୫ ଅକ୍ଟୋବର ୭ତାରିଖ ଠାରୁ ୧୯୫୬ ମସିହା ନଭେମ୍ବର ୫ତାରିଖ) ହେମଚନ୍ଦ୍ର ଶାହା ଓରଫ ହେମା, ଜଗନ୍ନାଥଙ୍କର ଭକ୍ତ କର୍ମାବାଇ, ୧୫୬୮ ମସିହାରେ ହଳଦୀଘାଟ ଯୁଦ୍ଧରେ ପରାସ୍ତ ରାଣାପ୍ରତାପଙ୍କ ପୁନଶ୍ଚ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବା ନିମନ୍ତେ ଆନୁମାନିକ ୨୫,୦୦୦ ସୈନ୍ୟଙ୍କ ପାଇଁ ବାରବର୍ଷର ଖର୍ଚ୍ଚ ପରିମାଣ ଅର୍ଥ ଦାନ କରିଥିବା ମହାନ ଦାନବୀର ଭୀମ ଶାହ, ମହାନ ଯୋଦ୍ଧା ଛତ୍ରପାଳ, ବୈଜ୍ଞାନିକ ଡକ୍ଟର ମେଘନାଦ ଶାହା ଆଦି ତେଲି ଜାତିର ଜଣେ ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ । ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ଭାଇ ମୋଦି, ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ରଘୁବୀର ଦାସ ସଂପ୍ରତି ଅନ୍ୟ ଉଦାହରଣ । ଐତିହାସିକ ତଥ୍ୟାବଳୀ କିମ୍ବଦନ୍ତୀ ଆଦି ଅନୁଶୀଳନ କ୍ରମେ ଓଡ଼ିଶା ମାଟିରେ ନିଜର ମହତ୍ କାର୍ଯ୍ୟାବଳୀ ଦ୍ୱାରା ଯଶସ୍ୱୀ ହୋଇପାରିଥିବା ଏହି ଜାତିର ପ୍ରତିଭାଗଣଙ୍କ ମଧ୍ୟରେ କଳିଙ୍ଗ ବିଜୟୀ ସମ୍ରାଟ ଅଶୋକଙ୍କ ବୌଦ୍ଧଧର୍ମର ଦୀକ୍ଷିତ କରାଇଥିବା ବୌଦ୍ଧାଚାର୍ଯ୍ୟ ଉପଗୁପ୍ତ, ବୁଦ୍ଧଙ୍କର ବୌଦ୍ଧତ୍ୱ ପ୍ରାପ୍ତିର ଶେଷ ପର୍ଯ୍ୟାୟରେ ତାଙ୍କୁ ଆରିସା ପିଠା ଓ ମହୁ ଦେଇ ସଚେତ କରାଇଥିବା ଉତ୍କଳର ଦୁଇ ତୈଳିକ ବଣିକ ତପୁସ ଓ ଭଲ୍ଲିକ ଥିଲେ ଅନ୍ୟତମ । ଉଲ୍ଲେଖନୀୟ ଏହିକି ଗବେଷଣାରୁ ଜଣାପଡ଼ିଛି ଯେ ତପସୁ ଓ ଭଲ୍ଲିକ ଅଭିଭକ୍ତ କଟକ ଜିଲ୍ଲାର ଅସିଆ ପର୍ବତମାଳା ପାଦଦେଶରେ ଗଢ଼ିଉଠିଥିବା ଆସିତାଞ୍ଜନ ନାମକ ନଗରୀର ଅଧିବାସୀ ଥିଲେ । ସମ୍ପ୍ରତି ପ୍ରତ୍ନତାତ୍ତ୍ୱିକ ଉତ୍ଖାନନ ଓ ଅନୁସନ୍ଧାନରୁ ଧର୍ମଶାଳା ଥାନାର ତରାପୁର ପାହାଡ଼ ଶୀର୍ଷ ଦେଶରେ ଥିବା ଏକ ପ୍ରାଚୀନ ଶାରୀରିକ ସ୍ତୁପର ଧ୍ୱଂସାବଶେଷରୁ 'କେଶସ୍ତୁପ' ଭିକ୍ଷୁ ତପସୁ ଦାନ ଲେଖା ଆବିଷ୍କୃତ ହେଲାବେଳେ ଦେଉଳି ପାହାଡ଼ ନିମ୍ନ ଭାଗରେ ଥିବା ଏକ ଗୁମ୍ଫା ପାର୍ଶ୍ୱରେ 'ଭଲ୍ଲିକ ଲେଣ' ବୋଲି ବ୍ରାହ୍ମୀଲିପିରେ ଉତ୍କୀର୍ଣ୍ଣ ହୋଇଛି । ଅସିଆ ପାହାଡ଼ ନିକଟରେ ଭୁଲୁକା ନାମକ ଏକ ଗ୍ରାମ ଅବସ୍ଥିତି ଓ ଦେଉଳି ପାହାଡ଼ ନିକଟରେ ଭାଲୁଖାଇ ନାମକ ଗ୍ରାମ ଭଲ୍ଲିକଙ୍କର ସ୍ମୃତିକୁ ଜାଗ୍ରତ କରାଏ ।

କନିକା ଇତିହାସରୁ ଜଣାଯାଏ ଯେ ଦ୍ୱାଦଶ ଶତାବ୍ଦୀରେ କନିକାର ରାଜା ଥିଲେ କୁବେର ସାହୁ ନାମକ ତୈଳିକ ବୈଶ୍ୟ ଜାତିର ଜଣେ ବୀରପୁରୁଷ । ସେହିପରି ୧୬ଶ ଶତାବ୍ଦୀରେ ଅଧୁନା ଦର୍ପଣୀ ନିକଟସ୍ଥ ତେଲିଗଡ଼ ନାମକ ଏକ ପ୍ରାଚୀନସ୍ଥଳୀ ଯେ ତୈଳିକ ସମ୍ପ୍ରଦାୟରେ ଜଣେ ଅଜ୍ଞାତ ରାଜାଙ୍କର ରାଜଧାନୀ ଥିଲା ବୋଲି Settlement Report of କିଲା ଦର୍ପଣୀରୁ ଜଣାପଡ଼େ ।

ଏତତ୍‌ଭିନ୍ନ ଜଗନ୍ନାଥଙ୍କର ପରମଭକ୍ତ ଭାବେ ଜଣାଶୁଣା ବ୍ରହ୍ମଗିରି ନିକଟସ୍ଥ ପୁରୀ ଜିଲ୍ଲା କାଣ୍ଡଗୋଦା ଗ୍ରାମର ମନେଇ ସାହୁ ଥିଲେ ତେଲି ଜାତିର ଜଣେ ଯଶସ୍ୱୀ ପୁରୁଷ ପ୍ରଭୁ ଜଗନ୍ନାଥଙ୍କ ସ୍ୱପ୍ନାଦେଶ କ୍ରମେ ସେ ଜଗନ୍ନାଥ ଦାସ କୃତ ଓଡ଼ିଆ ଭାଗବତକୁ ସଂଶୋଧନ କରିଥିବାରୁ ସେହି ଭାଗବତକୁ ତେଲି ଭାଗବତ ଭାବରେ

ଆଖ୍ୟାୟିତ କରାଯାଇଛି ।

ବିଭିନ୍ନ ତଥ୍ୟାବଳୀରୁ ଜଣାଯାଏ ଯେ ଭାରତୀୟ ସମାଜ ବ୍ୟବସ୍ଥାରେ ଯେତେବେଳେ ଯେଉଁ ପରିବର୍ତ୍ତନ ଆସିଛି, ତା'ର ପ୍ରଭାବ ତେଲି ସମାଜ ଉପରେ ପଡ଼ିଆସିଛି । ଅନ୍ୟ ଜାତି ଭଳି ଏହି ଜାତି ରାଠୋର, କଲାର, ଘୋଖଡ଼େ, ରେଡ଼ି, ମୋଦି, ମହାଜନ ସାହୁ, ଶ୍ରେଷ୍ଠ, ସାହୁକାର, ଶାହା, ସାହୁ, ଚୌଧୁରୀ, ଖୁଣ୍ଟିଆ, ସୁବୁଦ୍ଧି, ଗିରି, ବେହେରା, ଦାସ, ନିମାଇ, ନନି-ଆଦି ଉପଜାତିରେ ବିଭକ୍ତ ହୋଇଯାଇଛନ୍ତି ।

ଅସଂଗଠିତ ଭାବେ ରହିଥିବା ତେଲିମାନଙ୍କୁ ସଂଗଠିତ କରିବାର ପ୍ରଥମ ଉଦ୍ୟମ ଆରମ୍ଭ ହୋଇଥିଲା ୧୯୧୨ ମସିହାରେ । ବିହାରର ପୂର୍ବତନ ଜମିଦାର କାଳିଦାସ ଗୁପ୍ତ ଓ ଦରଭଙ୍ଗାର ଓକିଲ ଆସର୍ଫିଲାଲ ସାହୁଙ୍କ ଦ୍ୱାରା ଅଖିଳ ଭାରତ ମହାସଭା ସଂଗଠିତ ହୋଇଥିଲା । ଓଡ଼ିଶାରେ ୧୯୩୯ ମସିହାରେ ପୁରୀ ଜିଲ୍ଲା ସ୍କୁଲ ପ୍ରାଙ୍ଗଣରେ ଉତ୍କଳ ପ୍ରାନ୍ତୀୟ ତୈଳିକ ସଭା ଡକା ଯାଇଥିଲା । ଏଥିରେ ଅଖିଳ ଭାରତ ମହାସଭା ପାଇଁ ବ୍ରହ୍ମପୁରର ବିଶିଷ୍ଟ ବ୍ୟବସାୟୀ ନାରାୟଣ ଚନ୍ଦ୍ର ସାହୁ ସଭାପତି ଓ ଆଡ଼ଭୋକେଟ ଦୀନବନ୍ଧୁ ସାହୁ ସମ୍ପାଦକ ନିର୍ବାଚିତ ହୋଇଥିଲେ । ୧୯୪୦ ମସିହାରେ ପୁରୀଠାରେ ସାହୁ ମହାସଭାର ୧୬ଶ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ପୁନଶ୍ଚ ୧୯୫୪ ମସିହା ମେ ମାସ ୨୩.୨୪ ଓ ୨୫ ତାରିଖରେ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସାରା ଦେଶର ସ୍ୱଜାତୀୟ ବିଶିଷ୍ଟ ବ୍ୟକ୍ତିଙ୍କୁ ଏକାଠି କରାଯାଇଥିଲା । ତେବେ ବିଧିବଦ୍ଧ ସଂଗଠନ ଭାବେ ଏହା ୧୯୫୯ ମସିହା ପର୍ଯ୍ୟନ୍ତ ସଞ୍ଚାଳିତ ହୋଇଥିଲା । ପରେ ପରେ ଓଡ଼ିଶା ଆଇନଜୀବୀ ତଥା ସ୍ୱଜାତିପ୍ରେମୀ ଆଇନଜୀବୀ ଦୀନବନ୍ଧୁ ସାହୁଙ୍କ ପ୍ରଗାଢ଼ ପ୍ରଚେଷ୍ଟା ଫଳରେ ତେଲି ସମାଜ ବିଭିନ୍ନ ପ୍ରାନ୍ତୀୟ ସଂଗଠନକୁ ପୁଞ୍ଜିକରି ସାମ୍ପ୍ରଦିକ ସମୟ ପର୍ଯ୍ୟନ୍ତ ଗତି କରି ଆସିବା ସଙ୍ଗେ ସଙ୍ଗେ ଜାତି କଲ୍ୟାଣ ତଥା ସମାଜ ଓ ଦେଶ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିବାରେ ବ୍ରତୀ ହୋଇ ଆସିଛି । ତୈଳିକ ସମାଜର ଗୌରବମୟ ଉତ୍ଥାନ ପର୍ବ ସହ ଅଧୋଗତି ସମ୍ପର୍କରେ ଆଲୋଚନା କଲେ କେତୋଟି ମୁଖ୍ୟ କାରଣ ନଜରକୁ ଆସେ । ଏହି ଧାରା ଭାରତ ଇତିହାସର ମଧ୍ୟକାଳରେ ଆରମ୍ଭ ହୋଇଥିଲେ । ତତ୍କାଳୀୟ ସମୟରେ ବ୍ରାହ୍ମଣମାନଙ୍କ ଦ୍ୱାରା ତେଲି ଭଳି ବୈଶ୍ୟ ଜାତିମାନଙ୍କର ବଡିଦ୍‌ବତ୍ତାକୁ ଅସ୍ୱୀକୃତ ସହ ଅନେକ ବର୍ଗ ଏବଂ ବ୍ୟବସାୟୀଙ୍କୁ ଶୂଦ୍ର ଶ୍ରେଣୀ ଭାବେ ପରିଗଣିତ କରାଗଲା । ଆଜି ମଧ୍ୟ ସେହି ଧାରା ଅପରିବର୍ତ୍ତିତ ରହି କୌଣସି ପୂଜାନୁଷ୍ଠାନ ବା ପିତୃପୁରୁଷଙ୍କ ଶ୍ରାଦ୍ଧକାଳରେ ବ୍ରାହ୍ମଣମାନେ ଏହି ଶ୍ରେଣୀର ବ୍ୟକ୍ତିଙ୍କୁ 'ଦାସ' ଭାବେ ସମ୍ବୋଧନ କରୁଛନ୍ତି ।

ଏତଦ୍‌ଭିନ୍ନ ଆଉ ଏକ ପ୍ରମୁଖ କାରଣ ମଧ୍ୟରେ ମୋଗଲମାନଙ୍କ ଦ୍ୱାରା ଭାରତ ଶାସନ ଅଧିକାର ଏବଂ ଅତ୍ୟାଚାର ଅନ୍ୟତମ । ମୋଗଲ ସୈନ୍ୟମାନଙ୍କର ତୈଳର ଆବଶ୍ୟକତା ପୂରଣ ନିମନ୍ତେ ସୌନ୍ୟମାନଙ୍କ ଛାଉଣି ସଂଲଗ୍ନ ଆଞ୍ଚଳରେ ତେଲିମାନଙ୍କୁ ଅବସ୍ଥାପିତ କରିବା, ଧର୍ମାନ୍ତରୀକରଣ ପ୍ରକ୍ରିୟାରେ ଅନେକ ତେଲି ମୁସଲମାନ ଭାବେ ପରିଚିତ ହେବା ସହ ଜାତି ମଧ୍ୟରେ ହିନ୍ଦୁ ତେଲି ଓ ମୁସଲମାନ ତେଲି ନାମରେ ବିଭକ୍ତିକରଣ ହେବା, ଆଉରଙ୍ଗଜେବଙ୍କ ଦ୍ୱାରା ତେଲି ସମ୍ପ୍ରଦାୟକୁ କବର ଖୋଳି ମୃତ ହାତୀମାନଙ୍କୁ ମାଟି ତାଙ୍କି ପୋତିବାର ବାଧ୍ୟବାଧକତା ହେତୁ ତେଲି ସମାଜର ଅନେକ ବ୍ୟକ୍ତି ନିଜ ଜାତି ପରିଚୟ ଗୋପନ ରଖିବା ଆରମ୍ଭ କରିଦେଲେ । ସାମ୍ପ୍ରତିକ ସ୍ଥିତିରେ ମଧ୍ୟ ଆଧୁନିକ ଶିକ୍ଷାପ୍ରାପ୍ତ କରି ବ୍ୟକ୍ତି ନିଜକୁ ତୈଳିକ ଭାବେ ପରିଚିତ କରିବାକୁ କୁଣ୍ଠା ପ୍ରକାଶର ଉଦାହରଣ କମ୍ ନୁହେଁ ।

ସ୍ୱାଧୀନ ଭାରତରେ ନୂତନ ସମ୍ବିଧାନ ପ୍ରଣୟନ ପରେ ତେଲି ଜାତି ଭଳି ଅନେକ ଅନଗ୍ରସର ଜାତିଙ୍କ ବିକାଶ ନିମନ୍ତେ କେତେକ ବିଧିବ୍ୟବସ୍ଥା ସଂକଳିତ ହୋଇଛି । ଏକ ଗଣନା ଆଧାରରେ ଭାରତ ଜନସଂଖ୍ୟାର ୧୩% ତେଲି ଜାତିର ବ୍ୟକ୍ତି ରହିଛନ୍ତି । ମାତ୍ର ଭିନ୍ନ ଭିନ୍ନ ନାମରେ ସମ୍ବୋଧନ ହେତୁ ସମସ୍ତଙ୍କ ମଧ୍ୟରେ ପରିଚିତ ଓ ସମନ୍ୱୟର ଅଭାବ ରହିଛି । ସୁତରାଂ ସରକାରୀ ବିଧିବ୍ୟବସ୍ଥାର ସୁଫଳ ପ୍ରାପ୍ତି ଅନେକତ୍ର ବାଟବଣା ହୋଇଯାଉଛି । ତୈଳିକ ଜାତି ପ୍ରାରମ୍ଭରେ 'ତୈଳବାର' ନାମରେ ସମାଜରେ ଏକ ସମ୍ମାନଜନକ ସ୍ଥାନ ଗ୍ରହଣ କରିପାରିଥିଲା କେବଳ ନୁହେଁ, ପ୍ରଥମ ଔଦ୍ୟୋଗିକ ଜାତି ହେବାର ଗୌରବ ବହନ କରିଥିଲା; ମାତ୍ର ସାମ୍ପ୍ରତିକ ସ୍ଥିତିରେ ଏହି ଜାତି ଆର୍ଥିକ ଦୁର୍ଦ୍ଦଶାଗ୍ରସ୍ତ ଏବଂ ଶିକ୍ଷା, ପ୍ରଶାସନ, ସାମାଜିକ ପ୍ରତିଷ୍ଠା ଆଦି କ୍ଷେତ୍ରରେ ଅନ୍ୟ ଜାତି ଠାରୁ ପ୍ରତିଯୋଗିତାରେ ବହୁ ପଛରେ ପଡ଼ିଯାଇଛି । ଏହି ଅବସ୍ଥାର ଜାତୀୟ ସ୍ତରରେ ଜାତିର ଏକ ଦୃଢ଼ ସଂଗଠନର ଆବଶ୍ୟକତା ଅନୁଭୂତ ହୁଏ, ଯାହା ମାଧ୍ୟମରେ ଆଞ୍ଚଳିକ ସଂଗଠନମାନଙ୍କ ସହ ଯୋଗସୂତ୍ର ରକ୍ଷାପୂର୍ବକ ସଂକୀର୍ଣ୍ଣ ଜାତିବାଦଜନିତ ହୀନମନ୍ୟତାର ମୁକାବିଲା ସହଜ ହୋଇପାରିବ ତତ୍ ସଙ୍ଗେ ସଙ୍ଗେ ସାମାଜିକ ନ୍ୟାୟ ଲାଭ ଏବଂ ସ୍ୱାଭିମାନ ରକ୍ଷା ସହ ସେମାନେ ରାଷ୍ଟ୍ରୀୟ ଜୀବନଧାରାରେ ସମ୍ମାନର ସହ ସାମିଲ ହେବା ସହଜ ହୋଇପାରିବ ।




ଯଦା ସଦା ହି ଧର୍ମସ୍ୟ ଗ୍ଳାନିର୍ଭବତିଭାରତ
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନମ୍ ସୃଜାମ୍ୟହମ୍

# ଶ୍ରୀକ୍ରିଷ୍ଣା ଟ୍ରେଡ଼ର୍ସ

(ଚିନାବାଦାମ ଓ ଚିନାବାଦାମ ମଞ୍ଜି
ବ୍ୟବସାୟର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ)

ନୃସିଂହନାଥ ମନ୍ଦିର ରୋଡ଼, ପାଇକମାଲ
ପୋ.ଅ.: ପାଇକମାଲ, ଜି. ବରଗଡ଼-୭୬୮୦୩୯

*କୁବେର ସମାଜର ସମସ୍ତ ଭାଇ ଭଉଣୀମାନଙ୍କ ସୁଖ ଓ ସମୃଦ୍ଧି କାମନା କରି ଆଗାମୀ ନବବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଏହି ନବବର୍ଷ ଆପଣ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଏହାହିଁ କାମନା*

**ପ୍ରଫୁଲ୍ଲ କୁମାର ସାହୁ**
*ମୋ: ୯୯୩୮୩୯୩୫୫୨*



# ଜାତି ଭିତ୍ତିକ ସମାଜ ମାନବବାଦ ପ୍ରତି ଏକ ଆହ୍ୱାନ

**ଡାକ୍ତର ବୀରସେନ୍ ସାହୁ**

ଭରସୂଜା, ବଲାଙ୍ଗିର, ମୋ.- ୯୪୩୮୨୮୧୫୫୫

ଭଗବାନ ସୃଷ୍ଟି ସର୍ଜନା କରିଛନ୍ତି । କୀଟ, ପତଙ୍ଗ ଇତର ପ୍ରାଣୀଠାରୁ ମଣିଷ ଇତ୍ୟାଦି ସମସ୍ତଙ୍କୁ ସେ ସୁନ୍ଦର ଭାବେ ଆବଶ୍ୟକତା ଭିତ୍ତିରେ ଗଢ଼ି ତୋଳିଛନ୍ତି । ଏହା ସ୍ରଷ୍ଟାଙ୍କର ନିର୍ଦ୍ଦେଶ । ମଣିଷକୁ ସର୍ବଶ୍ରେଷ୍ଠ ପ୍ରାଣୀ ହିସାବରେ ଖୁବ୍ ଯତ୍ନ ଓ ସତର୍କତା ସହିତ ଜନ୍ମ ଦେଇଛନ୍ତି । ତାକୁ ବୁଦ୍ଧି ଓ ବିବେକ ନାମକ ଦୁଇଟି ଅମୋଘ ଅସ୍ତ୍ର ପ୍ରଦାନ କରି ସଂସାରର ସୁପରିଚାଳନା ସକାଶେ ସର୍ବାଗ୍ରେ ମାନ୍ୟତା ପ୍ରଦାନ କରିଛନ୍ତି ।

ଆହାର ନିଦ୍ରା ଭୟ ମୈଥୁନଂ ଚ ସାମାନ୍ୟମେତତ୍ ପଶୁଭିଃ ନରାଣାମ୍ ॥
ଧର୍ମୋହି ତେଷାଂ ଅଧିକୋବିଶେଷାନ୍ ଧର୍ମେଣ ହୀନ ପଶୁଭିଃ ସମାନାମ୍ ।

ଅର୍ଥାତ୍ ଇତର ପ୍ରାଣୀ ମାନଙ୍କ ଓ ମନୁଷ୍ୟ ମାନଙ୍କ ଆହାର ନିଦ୍ରା ଇତ୍ୟାଦି ଚାଲିଚଳନ ସମାନ । କିନ୍ତୁ ଧର୍ମ ବା ବିବେକ ବା ବିଚାରଶକ୍ତି ଆମ୍ଭମାନଙ୍କୁ ଭଗବାନ ଦେବାରୁ ମନୁଷ୍ୟ ଜାତି ବୋଲି କୁହାଯାଏ । ସ୍ରଷ୍ଟା ପ୍ରଥମେ ଆଦାମ (ପୁରୁଷ) ଓ ଇବ୍ (ସ୍ତ୍ରୀ) ଦୁଇଜଣଙ୍କୁ ମୌଳିକ ପଣିଆରେ ସୃଷ୍ଟି କଲେ । କାରଣ ପୁରୁଷ ଓ ସ୍ତ୍ରୀ ଉଭୟେ ସଂସାର ପାଇଁ ପରସ୍ପରର ଅନୁପୂରକ ଓ ପରିପୂରକ । ଉଭୟଙ୍କ ଅନୁପସ୍ଥିତିରେ ସମାଜର ପରିକଳ୍ପନା କରାଯାଇପାରିବ ନାହିଁ । ଆମେ ସମସ୍ତେ ସେହି ଦୁଇ ଶାଶ୍ୱତ ସୃଷ୍ଟିର ବଂଶଧର । ସମଗ୍ର ପୃଥିବୀର ମାନବଜାତି ତାର ଦାୟାଦ । ଅନ୍ୟ ଏକ ମତବାଦ ବିଶ୍ୱାସ କରେ ଯେ ମନୁ ଋଷିଙ୍କର ସନ୍ତାନ ସନ୍ତତି ହେଉଛନ୍ତି ମାନବ । ପୁଣି ଭାରତ ବର୍ଷ ଗଠିତ ହୋଇଛି ଭରତ ମହାମୁନିଙ୍କର ଦୟାଦଙ୍କୁ ନେଇ । ଏହି ଧରାଧାମ ସମସ୍ତ ମାନବ କୂଳ ଓ ବୃକ୍ଷଲତା ଇତ୍ୟାଦିଙ୍କୁ ନେଇ ସ୍ୱର୍ଗୀୟ ଉପମା ପ୍ରଦାନ କରିଥାଏ । ସୃଷ୍ଟିର ଶ୍ରେଷ୍ଠ ଜୀବ ହିସାବରେ ମଣିଷର ସମସ୍ତଙ୍କ ପ୍ରତି ଏକ ମାନବୀୟ ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ରହିଅଛି । ଏଇତ ହେଲା ଭଗବାନଙ୍କର ସୃଷ୍ଟିର ମହନୀୟତା, ଉତ୍ତମତା, ଉଦାରତା, ଉତ୍କର୍ଷତା ଓ ଶ୍ରେଷ୍ଠତାର ପ୍ରମାଣିକତା । ଯାହା ଆମେ ଅଙ୍ଗେ ଅଙ୍ଗେ ନିଭାଉଛୁ ।

ପରବର୍ତ୍ତୀ ପର୍ଯ୍ୟାୟରେ ଯାହାସବୁ ପରିବର୍ତ୍ତନ ଘଟିଲା ତାର ସବିଶେଷ ଅନୁଶୀଳନର ଆବଶ୍ୟକତା ରହିଛି । ହଜାର ହଜାର ବର୍ଷ ତଳୁ ସୌରଜଗତ ର ଉଦ୍ଭବ ହେବା ସହିତ ଏହି ଧରାଧାମ ସୃଷ୍ଟି ତିଷ୍ଠି ରହି ଆସିଛି । କ୍ରମ ବିବର୍ତ୍ତନର ପ୍ରଭାବରେ ମଣିଷ ବାନରାକୃତି ଓ ଆଦିମ ମଣିଷରୁ ରୂପାନ୍ତରିତ ହୋଇ ବିଜ୍ଞାନ (ଆଧୁନିକ) ଯୁଗର ପରିମାର୍ଜିତ ରୂପକୁ ବିକଶିତ ହୋଇପାରିଛି । ସେହି ଅନୁସାରେ ବ୍ରହ୍ମା ବିଳିବିଳେଇ ବେଦ ପରି ତା ହାତରେ ପରବର୍ତ୍ତୀ ପର୍ଯ୍ୟାୟରେ ନିଜକୁ ସୁହାଇଲା ପରି ନିୟମ ସବୁ ଗଢ଼ି ଚାଲିଛି ଓ ଭବିଷ୍ୟତରେ ତିଆରି କରିବ ମଧ୍ୟ । ଏଥିରେ ଦ୍ୱିମତ ହେବାର ନାହିଁ । ମଣିଷ ବୁଝିବା କଥା ଯେ ଈଶ୍ୱର ତାକୁ ଯେପରି ଗଢ଼ି ତୋଳିଛନ୍ତି, ସେ ମଧ୍ୟ ଈଶ୍ୱରଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଇତ୍ୟାଦି ନାମ ଦେଇ ବିଭିନ୍ନ ରୂପରେ ଗଢ଼ି ଚାଲିଛି । ବାସ୍ତବରେ ବ୍ରହ୍ମ ହେଉଛି ଏକ । ବ୍ରହ୍ମରୁ ବ୍ରହ୍ମାଣ୍ଡର ସୃଷ୍ଟି । ମଣିଷ ପ୍ରଚାର କରିଚାଲିଛି ଯେ ହିନ୍ଦୁଧର୍ମରେ ତେତ୍ରିଶ କୋଟି ଦେବାଦେବୀ ଅଛନ୍ତି । ଏହା ଏକ ଉଦ୍ଭଟ କଥା । ପୁଣି ଖ୍ରୀଷ୍ଟଧର୍ମର ଯୀଶୁଖ୍ରୀଷ୍ଟ, ଇସଲାମ ଧର୍ମର ଆଲ୍ଲା, ବୌଦ୍ଧ ଧର୍ମର ଗୌତମ ବୁଦ୍ଧ, ଜୈନ ଧର୍ମର ମହାବୀର ଜୈନ ପରି ଭଗବାନ ମାନେ ଧରାବତରଣ କରି ଯୁଗେ ଯୁଗେ ମଣିଷକୁ ଜ୍ଞାନାଲୋକ ପ୍ରଦାନ କରିବା ସହିତ ସତ୍‌ମାର୍ଗ ଅନୁସରଣ ସଂପର୍କରେ ମହତ୍‌ଶିକ୍ଷା ଓ ବହୁ ଉପାଦେୟ ନୀତିଶିକ୍ଷା ପ୍ରଦାନ କରି ଆସିଛନ୍ତି । ଯାହାକି ମାନବ ଜାତିକୁ ଅନେକ ସମୟରେ ପ୍ରଥ ପ୍ରଦର୍ଶନ କରି ଆସୁଛି । ଯଥାର୍ଥ ଉତ୍ତର ହେଉଛି ନା । ଆମ୍ଭେ ମାନେ କେବଳ ଭାଷଣବାଜିରେ ଅନ୍ୟମାନଙ୍କୁ କେବଳ ଉପଦେଶ ଦେଇ ଚାଲିଛୁ । ପାପକୁ ଘୃଣା ନ କରି ପାପୀଙ୍କୁ ଘୃଣା କରୁଛୁ । ନିଜେ ଅସଦ୍ ମାର୍ଗ ଅନୁସରଣ କରି ସତ୍‌ପଥରେ ଆଗେଇଯିବା ପାଇଁ ପରାମର୍ଶ ଦେଉଛୁ । ଏହା ହେଉଛି ଅବାନ୍ତର ଯୁକ୍ତି । ଏହାର ଏକ ସାଧାରଣ କାରଣ ହେଉଛି ଯେ ମଣିଷ ଆଜି ସ୍ୱାର୍ଥାନ୍ଧ ହୋଇଯାଉଛି । ମଣିଷ ଭଗବାନଙ୍କୁ ଅଣାକାର, ନିରାକାରରୁ କିମ୍ଭତକିମ୍ଭାକାର ବେଶ ପ୍ରଦାନ କରିବାରେ ପଛଘୁଞ୍ଚା ଦେଉନାହିଁ । ତାହାର ଇଚ୍ଛାନୁଯାୟୀ କାଠ - ମାଟି -

ପ୍ଲାଷ୍ଟିକ, ଧାତୁ ଇତ୍ୟାଦି କୌଣସି ସାମଗ୍ରୀରେ ରଙ୍ଗ ଓ ତୂଳୀ ଦେଇ ବିଭିନ୍ନ ରୂପରେ ଗଢ଼ି ଚାଲିଛି । ଯିଏ ଭଗବାନଙ୍କୁ ରୂପ ଦେବାରେ ସଂକୋଚ ବୋଧ କରୁନାହିଁ ତା ପାଇଁ ତ ଅନ୍ୟ ମଣିଷ ଛି-ଛିକର ଅଟେ । ଏହାର ଗୋଟିଏ ପ୍ରକୃଷ୍ଟ ଉଦାହରଣ ହେଉଛି ଶ୍ରୀକ୍ଷେତ୍ର ବିହାରୀ, ରାଧାରମଣ ହରି, ଲକ୍ଷ୍ମୀକାନ୍ତ ଶ୍ରୀ ଶ୍ରୀ ମହାପ୍ରଭୁ ଜଗନ୍ନାଥ । ସେ ଭକ୍ତଙ୍କର ମନୋବାଞ୍ଛା ପୂର୍ଣ୍ଣ କରୁଛନ୍ତି । ହେଲେ ଜଗତରେ ଅନ୍ୟ ଈଶ୍ୱର ମାନେ ମଧ୍ୟ ଭକ୍ତମାନଙ୍କର ଇଚ୍ଛା ଅଭିଳାଷ ପୂର୍ଣ୍ଣ କରୁଛନ୍ତି । କହିବାର ତାତ୍ପର୍ଯ୍ୟ ଭଗବାନଙ୍କୁ ନେଇ ଆମେ ଜାତି ଜାତି ମଧ୍ୟରେ ବିଦ୍ୱେଷ ଭାବ ସୃଷ୍ଟି କରି କଳହ କରୁଛୁ କାହିଁକି ? ଈଶ୍ୱର ତ ଏକ । ଧର୍ମ ଓ ଜାତି ତଥା ଗୋଷ୍ଠୀକୁ ନେଇ ବିବାଦ କରିବା କଣ ସମୀଚିନ ? ଧର୍ମକୁ ଦ୍ୱାହି ଦେଇ ମଣିଷ ପୃଥିବୀର କୋଣ ଅନୁକୋଣରେ କେତେ ପ୍ରକାରର ଧର୍ମାନୁଷ୍ଠାନ ବ୍ୟବସାୟିକ ଭିତ୍ତିରେ ଗଢ଼ି ତୋଳିଛି । ଜନସାଧାରଣଙ୍କର ସରଳତା, ନିର୍ବୋଧପଣ, ଧର୍ମାନ୍ଧତା, ନିଷ୍କପଟତା ଓ ଅନ୍ଧବିଶ୍ୱାସ ପଣିଆ ଇତ୍ୟାଦିକୁ ନେଇ ପଶାକାଠିର ଖେଳ ଖେଳୁଛି । ଧର୍ମ ଓ ଜାତିର ସାକ୍ଷୀ ଦେଇ ହିଂସା, ବିଦ୍ୱେଷ, ଘୃଣା ଓ ଆତଙ୍କବାଦକୁ ଜନ୍ମ ଦେଇଛି । ସାଧାରଣ ମଣିଷକୁ ପ୍ରଜା ବିବେଚନା କରି ନିଜେ ରାଜପଦ ଗ୍ରହଣ କରି ମଶକର ରକ୍ତଶୋଷଣ କଳାପରି ନିଷ୍ପେସିତ କରି ସୁସ୍ଥ ମଣିଷକୁ ଜରାଗ୍ରସ୍ତ କରୁଛି । କ୍ୟାନସର କୋଷିକାର କୋଷବୃଦ୍ଧି ସଦୃଶ ସମଗ୍ର ବିଶ୍ୱଜଗତକୁ କବଳିତ କରି ଗ୍ରାସ କଲାଣି । ଇଏ କଣ ତେବେ ମାନବବାଦ ? ଧନ୍ୟ ମଣିଷ ତୋତେ କୋଟି କୋଟି ଧନ୍ୟବାଦ । ମୌଳିକ ଆବଶ୍ୟକତା ପାଇଁ କେବଳ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଏକ ସଭ୍ୟ ମଣିଷ ପାଇଁ ଆବଶ୍ୟକ । ହେଲେ ତା ତୋ ପାଇଁ ଅଗ୍ନି ଯେପରି ସର୍ବଭକ୍ଷୀ ଓ ସର୍ବଗ୍ରାସୀ ତୁ ଠିକ୍ ତା ସହିତ ତୁଳନୀୟ ଅଟୁ ।

ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ର ମାନବ ରୂପରେ କି କଲ୍ୟାଣ ଓ ତ୍ୟାଗ ନ କରିଛନ୍ତି । ତାଙ୍କଠୁ ଟିକିଏ ଶିଖ । ଯୀଶୁଖ୍ରୀଷ୍ଟ କ୍ରୁଶବିଦ୍ଧ ହୋଇ ଶରୀରରୁ ରକ୍ତପାତ ଓ ଅସହ୍ୟ ଯନ୍ତ୍ରଣା ହେବା ସତ୍ତ୍ୱେ କହିଥିଲେ, ହେ ଭଗବାନ ଏମାନଙ୍କୁ କ୍ଷମା କରିଦିଅ । ଶ୍ରୀକୃଷ୍ଣ କହିଥିଲେ କର୍ମ ମୋହର ନିଜ ଗୁରୁ । ସନ୍ଥ ଭୀମଭୋଇ କହିଛନ୍ତି । ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ । ଏ ସମସ୍ତ ଉଦାହରଣ ସମୁଦ୍ର ବେଳାଭୂମିରୁ ଉପଳଖଣ୍ଡ ସଂଗ୍ରହ ସଦୃଶ । ଏହି ଦୃଷ୍ଟାନ୍ତ କେତୋଟି ମାନବବାଦର ଉପଯୁକ୍ତ ଉପମା ମାତ୍ର । ହେଲେ ଆଧୁନିକ ମଣିଷ ଧର୍ମ ନାମରେ ଅଘଟଣ ଘଟେଇ ନିଜକୁ ଗୌରବାନ୍ୱିତ ମନେକରୁଛି ଅଥଚ ଲଜ୍ଜା ଲାଗୁନାହିଁ ।

ଜଗତରର ସୁପରିଚାଳନା ସକାଶେ ବୃତ୍ତିଭିତ୍ତିକ ଜାତି ପ୍ରଥା ଯଥା- ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର ନାମରେ ଚାରିଟି ଜାତି ବିଭାଜିତ କରିଥିଲେ ଓ ଏକ ସୁସ୍ଥ ସମାଜ ଗଠନ ସମ୍ଭବପର ହୋଇଥିଲା । ସମୟକ୍ରମେ ପରିବର୍ତ୍ତନ ଘଟିଲା ଓ ମାନବ ସମାଜ ଜାତି ଭିତ୍ତିକରୁ ମାନସିକ ପରିବର୍ତ୍ତନ ଆଣି ପେଟ ଓ ପରିବାର ପୋଷଣ ପାଇଁ ଯେ କୌଣସି ବୃତ୍ତିକୁ ଆବୋରି ନେଇଛି । ପେଟପାଟଣା ପାଇଁ ଜାତି ଆଉ ପ୍ରତିବନ୍ଧକ ସୃଷ୍ଟି କରିପାରିନାହିଁ । ହେଲେ ମଧ୍ୟ ଶିକ୍ଷିତ - ଅଶିକ୍ଷିତ ଭେଦରେ ତଥା ରୀତି-ନୀତି ଭେଦରେ ବିରାଟ ପରିବର୍ତ୍ତନ ଘଟିଛି ସାମାଜିକ ସ୍ତରରେ । ଗୋଟିଏ ନିର୍ଦ୍ଦିଷ୍ଟ ଜାତି ପୁଣି ଅନେକ ଉପଜାତିର ବିଭକ୍ତ ହୋଇ ବିଭିନ୍ନ ସମୟରେ ବିବାଦରେ ଲିପ୍ତ ରହୁଛନ୍ତି ।

ମାନବ ସମାଜକୁ ଆଜି ହେତୁବାଦ ଗ୍ରାସି ଦେଲାଣି । ଗର୍ବ - ଅହମିକା, ଆସୂୟା ଓ ଅସହିଷ୍ଣୁତାରେ ଉନ୍ମତ୍ତ ହୋଇ ମଣିଷ ଅନ୍ୟମାନଙ୍କର ଅନିଷ୍ଟ ସାଧନରେ ସର୍ବଦା ଲିପ୍ତ । ଦି ଦିନିଆ ମଣିଷ ଜୀବନ । ଜାତସ୍ୟ ହି ଧୃବୋ ମୃତ୍ୟୁ । କଣ ନେଇକି ଯିବା ଏ ସଂସାରରୁ ।

ପୃଥିବୀ ରଙ୍ଗ ମଞ୍ଚରେ ସେ ଗୋଟିଏ କଳାକାର । ତାର ଭୂମିକା ସରିଗଲେ ଖେଳ ସରିଯିବ । ମୋହ ମାୟାର ବନ୍ଧନରେ ଛଟପଟ ଓ ଭୀତତ୍ରସ୍ତ । ଅନାଗତ ଭବିଷ୍ୟତ ପାଇଁ ଧନ ସାଇତି ଚାଲିଛି ।

ଯେତେ ଅର୍ଜିଲେ ତୁହିଁ ଧନ, ତୋଷ ନ ହେଲା ତୋର ମନ ।
ମିଛେ ହେଉଛୁ ଛଟପଟ, ମନରେ ବହିଣ କପଟ ॥

ଧରାକୁ ସରାମଣି ନିଜେ ନିଜକୁ ସର୍ବ ଶକ୍ତିମାନ ବିବେଚନା କରି ବ୍ରହ୍ମାଣ୍ଡ ସୃଷ୍ଟିର କାରଣ ଜାଣିବା ପାଇଁ Big Bang ବିସ୍ଫୋରଣ କରୁଛି । କ'ଣ ପାଇଛୁ ? ହୁଏତ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର କାରଣ ଜାଣିବାରେ ସମର୍ଥ ହେବୁ ମାତ୍ର ବ୍ରହ୍ମାଣ୍ଡଟିଏ ଗଢ଼ି ପାରିବୁ ନାହିଁ । ରାବଣର ସ୍ୱର୍ଗକୁ ଶିଢ଼ି ବାନ୍ଧିବାର ଦୁର୍ବାର ଆକାଂକ୍ଷା ପରିହାର କର । ତୁ ଚନ୍ଦ୍ର ପୃଷ୍ଠରେ ପାଦ ଥାପି ନିଜକୁ ଗୌରବାନ୍ୱିତ ମନେ କରୁଛୁ ହେଲେ ଭୂମିକମ୍ପ କେବେ ଓ କେଉଁ ସମୟରେ ହେବ ତାର

ପୂର୍ବାନୁମାନ କରିବାରେ ବ୍ୟର୍ଥ ଅଟୁ । ତୋହର ଚାରିତ୍ରିକ ସ୍ଖଳନ ଯୋଗୁଁ ପ୍ରକୃତି ତା'ର କରାଳ ଖେଳ ଖେଳି ଚାଲିଛି । ଯଥା – ବନ୍ୟା, ବାତ୍ୟା, ଭୂମିକମ୍ପ, ଅକାଳ ମରୁଡି, ସୁନାମୀ, ହିମସ୍ଖଳନ, ଆଉକେତେ ...........।

ମଣିଷ ଜାତି ଜାଣିରଖ ତୋର ଦିନକାଳ ସରି ସରି ଆସୁଛି .........।

ଅମାବାସ୍ୟାର ଘୋର ଅନ୍ଧକାରକୁ ସାମନା କରିବା ପାଇଁ ପ୍ରସ୍ତୁତ ରହ ।

ପରିଶେଷରେ ମାନବ ଜାତିକୁ ଏତିକି ଅନୁରୋଧ ଯେ ସମଗ୍ର ମାନବ ସମାଜକୁ ଏକ ଜାତି ବୋଲି ବିବେଚନା କରୁ । ଆମେରିକାର ଚିକାଗୋ ଧର୍ମ ମହାସମ୍ମିଳନୀରେ ସ୍ୱାମୀ ବିବେକାନନ୍ଦ ଭାଇ ଓ ଭଉଣୀ ସମ୍ବୋଧନ କରି ଶିହରଣ ସୃଷ୍ଟି କରିପାରିଥିଲେ ଓ ଏକତା ସୂତ୍ରରେ ବାନ୍ଧି ପାରିଥିଲେ । ଆଉ ତୁ ଧର୍ମ ଓ ଜାତିର ନାମରେ ବିଭେଦ ସୃଷ୍ଟି କରି ତାର ଫାଇଦା ନେଉଛୁ । ତୋତେ ଧର୍ମ ସହିବ ନାହିଁ । ଭଗବାନ ତୋତେ କ୍ଷମା କରିବେ ନାହିଁ । ମହାପୁରୁଷ ମାନଙ୍କର ପଦାଙ୍କ ଅନୁସରଣ କରି ବଧୁଧୈବ କୁଟୁମ୍ବକମ୍ କୁ ପ୍ରମାଣିତ କର । ଆମେ ସମସ୍ତେ ଗୋଟିଏ ପରିବାରର ଭାଇ ଭଉଣୀ । ସମସ୍ତେ ଏକତ୍ରୀତ ହୋଇ ସୁନ୍ଦର ଧରଣୀ ଗଢ଼ିବା ପାଇଁ ସଂକଳ୍ପ ନେବାର ସମୟ ଆସିଛି । ଧରିତ୍ରୀ ମାତାର ସୁସନ୍ତାନ ଭାବେ ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ବିଭେଦକୁ ଭୂଲି ସମସ୍ତେ ଏକ ଜାତି ବୋଲି ଗର୍ବ କରିବା । ଏତିକିହିଁ ଭଗବାନଙ୍କଠାରେ ମୋର ପ୍ରାର୍ଥନା ।

ଗଙ୍ଗାଧର ମେହେର କହିଛନ୍ତି –

**"ବିଶ୍ୱ ଦେଖ ମଧୁମୟ ରେ ଜୀବନ ବିଶ୍ୱ ଦେଖ ମଧୁମୟ ।"**


ଶୁଭେଚ୍ଛା ସହ






ପ୍ରୋ: ସୁବାଷ ଚନ୍ଦ୍ର ସାହୁ

ମୋ: ୯୯୩୭୯୯୨୭୨୦

# ଜେ.କେ. ଫେବ୍ରିକେଶନ୍ ଏଣ୍ଡ୍ ରୋଡ଼ ଲାଇନ୍ସ

ଅମରପାଲି (ପାଇକମାଲ), ବରଗଡ଼, ଓଡ଼ିଶା



# ଭାବନା

**ଟିକେଶ୍ୱର ସାହୁ**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବରିକେଲ

ସଂସାରରେ ଯାହା କିଛି ହୋଇଛି, ହୋଇଥିଲା ଓ ଭବିଷ୍ୟତରେ ହେବ, ସେସବୁ ମୂଳରେ ଯେଉଁ ମୂଳକାରଣ ଅଛି, ଯେଉଁ କାରଣ ମାଧ୍ୟମରେ ସଂସାରର ପ୍ରତ୍ୟେକ କ୍ରିୟା ସ୍ଥିତି ଦେଖାଯାଏ । ଯାହାର ବିନା ସାହାଯ୍ୟରେ ଛୋଟ କୁଟୀର ଠାରୁ ମହାନଶିଳ୍ପ କାରଖାନା, ସୁଦୃଶ୍ୟ ପ୍ରସାଦ, ସୁରମ୍ୟ ଉଦ୍ୟାନ, ନିର୍ମାଣ କୌଶଳର ଚରମ ପରମ କୃତି ଅସମ୍ଭବ, ସେହି କାରଣକୁ ଯଦି ସଂକ୍ଷେପରେ ଗୋଟିଏ ଶବ୍ଦରେ କହିବା ତେବେ ତାର ନାମ ହେବ ଭାବନା । ପ୍ରତ୍ୟେକ ବସ୍ତୁ ନିର୍ମାଣ ପୂର୍ବରୁ ମନୁଷ୍ୟ ବା ସ୍ରଷ୍ଟା ସେ ସମ୍ପର୍କରେ ଭାବେ ଓ ତାକୁ ପରବର୍ତ୍ତୀ କ୍ଷେତ୍ରରେ ରୂପ ଦିଏ । ଘର ପ୍ରଥମେ ମନରେ ହୁଏ । ପରେ କାଗଜରେ ଓ ଅନ୍ତିମ ସ୍ତରରେ ଇଟା, ବାଲି, ସିମେଣ୍ଟରେ ହୁଏ । ଘରର ମନୋରମଣୀୟ ଦୃଶ୍ୟ ପାଖରେ ଗୃହର ମୂଳଭିତ୍ତି ଯେପରି ଲୁକାୟିତ ଥାଏ ଠିକ୍ ସେହିପରି ଗୃହର ପ୍ରାସାଦର ଭାବନ ଲୁକ୍‌କାୟିତ ଥାଏ । ସଂସାରର ପ୍ରତ୍ୟେକ କୃତି ପଛରେ କର୍ତ୍ତାର ସମ୍ଭାବନା ଯେପରି ନିଶ୍ଚିତ ଠିକ୍ ସେହିପରି କର୍ତ୍ତାର ପଶ୍ଚାତ ଭାଗରେ ତାର ଭାବନାର ସ୍ଥିତି ସମ୍ଭବ । ଏହି ଭାବନା ମଧ୍ୟରେ ସଂସାରରେ ଦୃଶ୍ୟ ମାନ ଜଗତ ପ୍ରତିଷ୍ଠିତ । ଭାବନା ସବୁକିଛିର ମୂଳକାରଣ ।

ଯାହାର ଭାବନା ଯେମିତି ତାର ସିଦ୍ଧି ମଧ୍ୟ ସେହିପରି । ଶାସ୍ତ୍ର କହେ, "ଯାଦୃଶ୍ୟ ଲାବନ ଯସ୍ୟ ସିଦ୍ଧିର୍ଭବତିତାଦୃଶୀ" । ଭାବନ ଅପରର ମଙ୍ଗଳ ପାଇଁ ଉଦିଷ୍ଟ ହେଲେ ତାକୁ ଶିବ କୁହାଯାଏ । ଭାବନା ଦୃଢ଼ୀଭୂତ ହେଲେ ସେ ସଂକଳ୍ପର ରୂପ ନିଏ । ଶିବ ଭାବନା ଶିବ ସଂକଳ୍ପରେ ରୂପାନ୍ତରିତ ହୁଏ । ବିପରୀତରେ ଅଶୁଭ, ଅଶିଷ୍ଟ ଭାବନା ନିଜ ସୁଖପାଇଁ ଅନ୍ୟକୁ ଦୁଃଖ ଦେବାରେ ସମର୍ଥ ହୁଏ । ନିଜ ସ୍ୱାର୍ଥର ଗତି ମଧ୍ୟରେ ନିଜକୁ ଆବଦ୍ଧ କରି ସେ ସେଥିରେ ସୁଖ ପାଏ । ଅନ୍ୟ କିଏ ମଲା କିଏ ଗଲା ସେ ସଂପର୍କରେ ତାଙ୍କର ସେ ବିଷୟରେ ଚିନ୍ତା କରେନାହିଁ । ଜଣେ ମାନବ ଅନ୍ୟ ମାନଙ୍କ ସୁଖ ପାଇଁ ନିଜକୁ ନିଜର ସମୟ ଧନ,ସୁଖ, ସୁବିଧାକୁ ଜଳାଞ୍ଜଳୀ ଦେଇ ଦିଏ । ଅନ୍ୟ ମୁଖରେ ହସ ଦେଖିବା ପାଇଁ ସେ ନିଜର ହସକୁ ଉତ୍ସର୍ଗ କରେ । କ୍ରମଶଃ ସେଥିରେ ସେ ମଜ୍ଜିଯାଏ । ନିଜକୁ ସେ ହଜାଇ ଦିଏ । ମାନବୀୟ ଗୁଣ ସୀମାକୁ ଅତିକ୍ରମ କରି ସେ ମହାମାନବ ହୋଇଯାଏ । ବୀପରିତରେ ବ୍ୟକ୍ତି ନିଜର ସୁଖ ପରିସର ବୃଦ୍ଧି ପାଇଁ ଅନ୍ୟର ସୁଖ ସୀମାକୁ ଆକ୍ରମଣ କରେ ତାର ସୁଖକୁ ଲୁଣ୍ଠନ କରି ନିଜର ସାମ୍ରାଜ୍ୟ ବଢ଼ାଏ । ସମୟ କ୍ରମେ ଲୋକେ ତାକୁ ଦାନବ କହିବାରେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ସୁଭାବନା ମନୁଷ୍ୟକୁ ଯୋଗେଶ୍ୱର କୃଷ୍ଣ, ପୁରୁଷୋତ୍ତମ ରାମ, ସ୍ୱାମୀ ଦୟାନନ୍ଦ, ଜାତିପାତା ମହାତ୍ମାଗାନ୍ଧୀ,ଉତ୍କଳମଣୀ ଗୋପବନ୍ଧୁ ନିର୍ମାଣ କରୁଥିଲା ବେଳେ କୁଭାବନା ମନୁଷ୍ୟକୁ କଂସ, ରାବଣ ନିର୍ମାଣରେ ସମର୍ଥ କରାଏ । ଭାବନା ଶୁଦ୍ଧ ହେଲେ ସବୁ ଶୁଦ୍ଧ । ଏହି ଭାବନା ମଧ୍ୟରେ ଭୁତ ଭବିଷ୍ୟତ ବର୍ତ୍ତମାନ ଥାଏ । ଭାବନା ଅର୍ଥାତ୍ ସଂକଳ୍ପ ଶିବ ହେଲେ ଦୂରିତ ସ୍ୱତଃ ଦୂର ହୁଏ । ଏହି ଭାବନାରେ ତ୍ରିକାଳର ସମସ୍ତ ପୂର୍ବ ବୀବରଣୀ ପର କାର୍ଯ୍ୟସାରଣୀ ସନ୍ନିହିତ ।

ଭାବନା ମାଧ୍ୟରେ ବ୍ୟକ୍ତି ଆଶାୟୀ ଓ ନିରାଶବାଦୀ ହୋଇଯାଏ । ଭାବନାକୁ ପାଥେୟ କରି ସେ କାର୍ଯ୍ୟାନ୍ୱୟନ କରେ ଭାବନାକୁ ରୂପ ଦେବାକୁ ଯାଏ । ମୂଳଭାବନାର ପରିପ୍ରକାଶ ହିଁ ସମାଜକୁ 'କୁ' ବା 'ସୁ' କୃତି ଅର୍ପଣ କରେ । ଭାବନା ସ୍ୱାର୍ଥ ସମ୍ବଳିତ ହେଲେ ସେ ଅନ୍ୟର ସଂପତ୍ତିକୁ ଆପଣାର କରେ ଠିକ୍ ସେହିପରି ଭାବନା ପରମାର୍ଥ ସମ୍ବଳିତ ହେଲେ ନିଜର ସଂସ୍କାର ସଂପତ୍ତି ବଳରେ ଅନ୍ୟକୁ ସଂସ୍କାରିତ କରେ । ସୁନ୍ଦର ସାରଥୀ ଘୋଡା ମାନଙ୍କୁ ଲକ୍ଷ୍ୟରେ ଟାଣିନେଇ ରଥୀକୁ ସଫଳତା ଦେଲା ପରି ଭାବନା ରୂପକ ସାରଥୀ ମାନବକୁ ଇନ୍ଦ୍ରିୟ ରୂପକ ଘୋଡା ମାନଙ୍କର ଦ୍ୱାରା ସଫଳତାର ଦିଶା ଦର୍ଶନ କରାଏ । ଭାବନାରେ ନିରାଶ ଆସିଲେ ସବୁ ଠିକ୍ ଥିଲେ ବି କିଛି କରି ହୁଏନା, ମାତ୍ର ଭାବନା ଆଶାର ମାର୍ଗ ଦେଖାଇଲେ ବ୍ୟକ୍ତି ସବୁ କିଛିର ଅଭାବରେ ବି ସଫଳତାର ଶୀର୍ଷକୁ ଆରୋହଣ କରେ ।

ମାନସିକ, କାଳ୍ପନିକ ଯୋଜନା ସମୂହକୁ କାର୍ଯ୍ୟରେ ପରିଣତ କରିବା ପୂର୍ବରୁ ମନୁଷ୍ୟ ଭାବେ ମୋ ଦ୍ୱାରା ଏହା କଣ ସମ୍ଭବ । ମୁଁ ଅକ୍ଷମ, ଅସମର୍ଥ ଓ ଅଯୋଗ୍ୟ । ଯଦି ଏଥିରେ ମୁଁ ହାତ ଦେବି ତେବେ ସବୁ ବିଗିଡି ଯିବ । ତେଣୁ ସେ ଦୂରରେ ରହିବାକୁ ଶ୍ରେୟ ବୋଲି ଭାବେ । ଏସବୁ ନିରାଶ ବ୍ୟକ୍ତିର ଭାବନା । କାରଣ ନିରାଶ ବ୍ୟକ୍ତି ନିଜେ ମର୍ମାହତ କାରଣରୁ ସମସ୍ତ ସୁଖ ସୁବିଧା ଥିବାସତ୍ତ୍ୱେ ବି ସେ ସବୁକୁ ଉପେକ୍ଷା କରେ ଓ ଅନ୍ୟମାନଙ୍କୁ ଦୋଷ ଦେଇ ଚାଲିଯାଏ । ସେ କେବଳ ଦୁଶ୍ଚିନ୍ତା କରିବାକୁ ଶ୍ରେୟ ମନେକରେ । ମନରେ ନିରାଶା ଥିବାରୁ ସେ ନିଜର କାତର ଦୃଷ୍ଟି ଯେଉଁ ଆଡକୁ ପକାଏ ତାକୁ କେଉଁଠି ହେଲେ ସୁରକ୍ଷା, ଆଶ୍ରୟ, ସେବା, ସହଯୋଗ, ସାଧନ, ସୁବିଧା, ପ୍ରୋତ୍ସାହନର ସଂକେତ ମିଳିପାରେନା । ସେ ସଂସାରର ଅଧିକ ସର୍ବଶ୍ରେଷ୍ଠ ଅଭାଗା ବୋଲି ଭାବେ ।

ଠିକ୍ ସେହି ସବୁ ପରିସ୍ଥିତିରେ ଆଶାବାଦୀ ସମସ୍ତ ପ୍ରତିବନ୍ଧକ ମଧ୍ୟରେ ବି ନିଜକୁ ଭାଗ୍ୟବାନ ମନେକରେ । ଭାବନାକୁ ଦୃଢ଼ କରି ସେ ପ୍ରଥମେ ଈଶ୍ୱରଙ୍କ ଦାନ ଶରୀର, ଶରୀର ପାଇଁ ପ୍ରକୃତିର ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ପାଣି ପବନର ସମାହାରକୁ ପାଇଥିବାରୁ ଧନ୍ୟ ମନେକରେ । ନିଜକୁ ଅନାଥ ନ ଭାବି ସବଳ ବୋଲି ଭାବେ । ଏକାକୀ ଚାଣକ୍ୟ ଏକାକିବୁଦ୍ଧି ବଳରେ ନନ୍ଦବଂଶକୁ ଧ୍ୱଂସ କରି ଚନ୍ଦ୍ରଗୁପ୍ତଙ୍କୁ ରାଜା କରିଥିଲେ । ନିରାଶା ଜର୍ଜରିତ ଅର୍ଜ୍ଜୁନଙ୍କୁ କୃଷ୍ଣଙ୍କ ପ୍ରେରଣା ବଳରେ ତାକୁ ଅନ୍ୟାୟ ଧ୍ୱଂସ କରିବାରେ ସମର୍ଥ କରାଇଥିଲେ । ମହର୍ଷି ଦୟାନନ୍ଦ ଏକାକୀ ମୂର୍ତ୍ତିପୂଜାର ବିରୋଧ କରିବାରେ ସକ୍ଷମ ହୋଇଥିଲେ ଏବଂ ବୈଦିକ ଧର୍ମର ପ୍ରଚାର କରିଥିଲେ । ଦେଶଭକ୍ତ ଭଗତ ସିଂ, ସୁଖରାମ, ଇଂରେଜ ମାନଙ୍କ ପ୍ରବଳ ଶକ୍ତିକୁ ପରାହତ କରିବା ରେ ସମର୍ଥ ହୋଇଥିଲେ । ଏସବୁର ଭାବନାହିଁ ମୂଳକାରଣ । ଭାବନା ଯେପରି କାର୍ଯ୍ୟ ଠିକ୍ ତଦନୁରୂପ ହୁଏ ।

ସମୟ ଏପରି ଆସେ ଯେତେବେଳେ ଅତ୍ୟଧିକ ଭାବୁକତା ଠିକ୍ ପନ୍ଥା ଦେଖାଏ ନାହିଁ । ମାତ୍ର ଭାବନାବିନା ଜୀବନ ଅସମ୍ଭବ । ମାନବ ସମ୍ବନ୍ଧୀୟ ସମସ୍ତ ବିକାଶ ଭାବନା କେନ୍ଦ୍ରିତ । ସମସ୍ତ ପରୀକ୍ଷା ନିରୀକ୍ଷା ଭାବନା ଆଧାରରେ ହୋଇଥାଏ । ଅପରାଧୀର ଅପରାଧ ବିଶ୍ଳେଷଣ ବେଳେ ଭାବନାକୁ ଅଗ୍ରାଧିକାର ଦିଆଯାଇ ନ୍ୟାୟ ଦିଆଯାଏ । ସାଧାରଣରେ ଜଣକୁ ଆଘାତ କଲେ ଦଣ୍ଡ ମାତ୍ର ଚିକିତ୍ସକ ଜାଣିକରି ଆଘାତ ଦେଇ ବ୍ରଣକୁ ଭଲ କରିଦିଏ । ହତ୍ୟା କରିବା ପାପ, ମାତ୍ର ଭାରତ ସୀରମାରେ ଆମ ସୈନ୍ୟ ମାନେ ପ୍ରତିପକ୍ଷ ସୈନ୍ୟକୁ ହତ୍ୟା କଲେ ପରମବୀର ଚକ୍ର ମିଳେ ।କାମ ସମାନ ଦେଖାଯାଉଥିଲେ ବି କର୍ମର ଫଳ ଭାବନାର ଆଧାରରେ ମିଳିଥାଏ ।

ଆଶାବାଦୀ ମଣିଷ ସବୁବେଳେ ସଫଳତା ଲାଭକରେ । ମହାନ ଯୋଦ୍ଧା ସିକନ୍ଦରଙ୍କୁ ଜଣେ ଦାର୍ଶନିକ ପଚାରିଲେ ଆପଣ ଦେଶ ବିଦେଶ ଜୟ କରିବା ପରି ସଫଳତା କିପରି ପାଇ ପାରୁଛନ୍ତି । ସିକନ୍ଦର ଉତ୍ତର ଦେଲେ ନିରାଶାଭାବନାକୁ ପରିତ୍ୟାଗ କରିଦେଇଛି ବୋଲି । ମଗଧ ନରେଶ ମହାନନ୍ଦଙ୍କର ସେନାପତି ଶକଟାର ରାଜାଙ୍କ ପିତୃଶ୍ରାଦ୍ଧ ପାଇଁ ବ୍ରାହ୍ମଣ ଅନ୍ୱେଷଣରେ ବାହାରିଲେ । ମାର୍ଗରେ ଜଣେ କୁରୂପ ବ୍ରାହ୍ମଣ କୁଶ ଗଛକୁ ଉପାଡି ତା ମୂଳରେ ମହୁ ଢାଳୁଥିବାର ଦେଖିଲେ । ଶକଟାର ପଚାରିଲେ ଆପଣ ଏ କଣ କରୁଛନ୍ତି । ବ୍ରାହ୍ମଣ ଉତ୍ତର ଦେଲେ କୁଶବାଜି ମୋ ଗୋଡ ଛିଡି ଯାଇ ରକ୍ତ ବାହାରିଲା । ତେଣୁ ଏକୁଶକୁ ଉପାଡି ତା ମୂଳରେ ମହୁ ଦେଇଛି । ମହୁ ଲୋଭରେ ପିମ୍ପୁଡି ମାନେ ଚେରକୁ ବିନାଶ କରିବେ । ଏହି ବ୍ରାହ୍ମଣ ତକ୍ଷଶିଳା ବିଶ୍ୱବିଦ୍ୟାଳୟ ଆଚାର୍ଯ୍ୟ ହୋଇଥିଲେ ଓ ନନ୍ଦ ବଂଶର ଧ୍ୱଂସ କରିଥିଲେ । ସେ ହେଉଛନ୍ତି ଚାଣକ୍ୟ । ରାଜା ରାମମୋହନ ରାୟ ବାଳକ ଥିଲେ । ସେ ସମୟରେ ତାଙ୍କ ବଡଭାଇଙ୍କର ମୃତ୍ୟୁ ହେଲା । ପ୍ରଥା ଅନୁସାରେ ତାଙ୍କ ଭାଉଜଙ୍କୁ ସତୀହେବାକୁ ପଡିଲା । ପଜ୍ଜ୍ୱଳିତ ନିଆଁରେ ତାଙ୍କୁ ଜୋର କରି ପକାଇ ଦେଲେ । ଏହି ସବୁ ଦେଖି ରାମମୋହନ ଭାବିଲେ – ଯେ ପର୍ଯ୍ୟନ୍ତ ଏ ପ୍ରଥାର ଲୋପ ନ କରିଛି ଶାନ୍ତିରେ ନିଶ୍ୱାସ ନେବିନାହିଁ । ଶେଷରେ ଅନ୍ୟ ମାନଙ୍କ ସହଯୋଗରେ ସେ ଏହି ପ୍ରଥାକୁ ବନ୍ଦ କରିଥିଲେ ।

ଇଂରାଜୀରେ ଏକ ଲୋକବାଣୀ ଅଛି – " Hope for the best and prepare for the wrost" ଅର୍ଥାତ୍ ସର୍ବଦା ଶ୍ରେଷ୍ଠକୁ ପାଇବାର ଭାବନା ରଖ ଓ ସବୁଠାରୁ ଦୁଃଖ ପାଇଁପ୍ରସ୍ତୁତ ରହ । ସଂସାରର ଏପରି କୌଣସି ବ୍ୟକ୍ତି ନାହିଁ ଯାହାଠାରେ ଦୁଃଖ ନାହିଁ । ପ୍ରତ୍ୟେକ ଲୋକ ପାଖରେ ସୁଖ ଦୁଃଖ ମିଶିକରି ଅଛି । ଜୀବନରେ ସଫଳତା ବିଫଳତା ଆସେ । ଜୟ ପରାଜୟ ଯୋଦ୍ଧା ଜୀବନର ଅଙ୍ଗ । ମାତ୍ର ସେ ଦୁଃଖରେ ଉଦ୍‌ବିଗ୍ନ ହୁଏ ନାହିଁ । ସେ ସର୍ବଦା ନୂତନ ସୂର୍ଯ୍ୟୋଦୟ ଦେଖେ । ନେପୋଲିୟନ ନିଜ

ଜୀବନରେ ଅସମ୍ଭବ ଶବ୍ଦକୁ ଭାବନାରେ ଆଣିନଥିଲେ । ଆଲପସ୍ ପର୍ବତମାଳାକୁ ସମସ୍ତେ ବାଧା କହୁଥିଲେ ବି ସେ ସୁଡଙ୍ଗକରି ଅପରପାର୍ଶ୍ୱରେ ପହଞ୍ଚିଥିଲେ । ଦେବତା ମନ୍ଦିରରେ ନଥାନ୍ତି ମାତ୍ର ମନୁଷ୍ୟର ଭାବନାରେ ଥାନ୍ତି । ନିଜଠାରେ ଦେବତ୍ୱର ଭାବନା ନ ଆସିବା ପର୍ଯ୍ୟନ୍ତ ମନୁଷ୍ୟର ସମସ୍ତ ଉପାସନା ବୃଥା ହୋଇଥାଏ । ଚାଣକ୍ୟର ବିଚାର କହେ –

ନଦେବୋ ବିଦ୍ୟତେ କାଷ୍ଠେ ନ ପାଷାଣେ ନ ମୃଣ୍ମୟେ
ଭାବେ ହିଁ ବିଦ୍ୟତେ ଦେବତସ୍ମାତ ଭାବୋ ହିଁ କାରଣମ୍ ।

ଦେବତା କାଠ, ମାଟି, ପଥରରେ ନଥାନ୍ତି ନିଜର ଭାବରେ ଥାଆନ୍ତି । ହୃଦୟରେ ଦେବତ୍ୱ କିମ୍ବା ଅସୁରତ୍ୱ ପରିପ୍ରକାଶ ପାଇଁ ଭାବନା ଏକମାତ୍ର ମୂଳମନ୍ତ୍ର ।

ତେଣୁ ଭାବନାକୁ ସର୍ବଦା ସକରାତ୍ମକ କର । ଯାହା ମିଳିଛି ସେଥିରେ ସନ୍ତୁଷ୍ଟ ରହି ନିଜର ଅଧ୍ୟବସାୟ, କର୍ମ କୌଶଳରେ ତାଠାରୁ ଅଧିକ ପାଇଁ ଯତ୍ନ କର । ନିଶ୍ଚୟ ସଫଳତା ମିଳିବ । ମନରେ ନରକାତ୍ମକ ଭାବନାକୁ ପରିହାର କର । କାରଣ ଭାବନା ନକରାତ୍ମକ ହେଲେ ପ୍ରଥମେ ମନୁଷ୍ୟର ଶରୀରର ଉତ୍ସାହ ଧୈର୍ଯ୍ୟ, ସାହସ ପରାକ୍ରମକୁ ବିନାଶ କରିଦେବ । କିନ୍ତୁ ଉଦ୍ୟମ, ସାହସ, ବୁଦ୍ଧି ଆଦି ନିଜର ସହାୟକ ହୋଇଯିବେ ତେବେ ସଫଳତା ତୁମ ଚରଣ ସ୍ପର୍ଶ କରିବ ଓ ତୁମକୁ ଦେବତ୍ୱର ସମ୍ମାନ ଦେବ ।

ତେଣୁ ଉଦ୍ୟମ, ସାହସ, ଧୈର୍ଯ୍ୟ, ବୁଦ୍ଧି, ଶକ୍ତି, ପରାକ୍ରମ ୬ଟି ଶକ୍ତି ଯଦି ଭାବନା ରାଜ୍ୟର ସହାୟତା କରନ୍ତି ତେବେ ସମସ୍ତ ଦେବତା ସ୍ୱତଃ ତୁମକୁ ସାହାଯ୍ୟ କରିବେ । ତୁମର ଜୀବନ ଜୟଯାତ୍ରାର ଉଦାହରଣ ହୋଇ ରହିବ । ।

ତେଣୁ ସମସ୍ତଙ୍କର ଭାବନା ସକରାତ୍ମକ ହେଉ ଓ ଜୀବନ ସାଫଲ୍ୟମଣ୍ଡିତ ହେଉ ଏହାହିଁ ଭଗବାନଙ୍କର ଇଚ୍ଛା ।


ଶୁଭେଚ୍ଛା ସହ

ଶ୍ରୀକାନ୍ତ ସାହୁ

ମୋ: ୭୫୦୪୭୬୬୭୪୯୫



ସାହୁ କିରାନା ଷ୍ଟୋର

ଜାମସେଠ, ବରଗଡ଼, ଓଡ଼ିଶା

ଶୁଭେଚ୍ଛା ସହ



# ମହାଲକ୍ଷ୍ମୀ

## କୃଷିସେବା କେନ୍ଦ୍ର

इंडियनऑयल

IndianOil

ମାଣ୍ଡୋସିଲ, ବରଗଡ଼, ଓଡ଼ିଶା

ପ୍ରୋ: **ରୁଦ୍ରପ୍ରକାଶ ସାହୁ** (ଯୁବାମଞ୍ଚ ସମ୍ପାଦକ)

ମୋ: ୯୯୩୮୩୦୭୧୨୧

# ଆମର ଗତି କୁଆଡେ

**ତାରାଚାନ୍ଦ ସାହୁ** (ସଂଗୃହିତ)

କିଛି ଦିନ ପୂର୍ବେ ରାମକୃଷ୍ଣ ମିଶନର ଜଣେ ମହାରାଜାଙ୍କୁ ପ୍ରଶ୍ନ କରାହୋଇଥିଲା, "ଭାରତୀୟ ଉପମହାଦେଶରେ ଏତେ ମହାପୁରୁଷ କିପରି ଜନ୍ମ ନେଉଥିଲେ ? ଆଉ ଏବେ କାହିଁକି ସେହି ମହାପୁରୁଷମାନେ ଜନ୍ମ ନେଉ ନାହାନ୍ତି ?"

ଅସାଧାରଣ ଉତ୍ତରରେ ସେ କହିଥିଲେ, "ଆକାଶରେ ପ୍ଲେନ୍ ଉଡେ, ତାହାତ ଆଉ ଯେଉଁଠି ସେଇଠି ଇଚ୍ଛାନୁସାରେ ଓହ୍ଲାଇ ପାରେନାହିଁ । ତାହାର ଓହ୍ଲାଇବା ନିମନ୍ତେ ଉପଯୁକ୍ତ ଏୟାରପୋର୍ଟର ପ୍ରୟୋଜନ ହୁଏ । ଠିକ୍ ସେହିପରି, ଗୋଟିଏ ସମୟ ଥିଲା ଯେତେବେଳେ ଏହି ଭାରତବର୍ଷରେ ଉପଯୁକ୍ତ ମା' ଥିଲେ ।

ବର୍ତ୍ତମାନ ସେହି ଏୟାରପୋର୍ଟ ନାହିଁ, ତେଣୁ ବଡ ବଡ ପ୍ଲେନ୍ ଆଉ ଓହ୍ଲାଇବାକୁ ଚାହିଁଲେ ବି ପାରୁ ନାହାନ୍ତି । "

ଆଧୁନିକ ମନଃବିଜ୍ଞାନର ମତାନୁସାରେ, ସନ୍ତାନ କିପରି ମନୁଷ୍ୟ ହେବ ତାହା ୮୫% ନିର୍ଭର କରେ ମା'ର ଉପରେ । ଆଉ ତାହା ନିର୍ଦ୍ଧାରଣ ହୋଇଯାଏ ମା'ର ଗର୍ଭକୁ ସନ୍ତାନ ଆସିବା ଏବଂ ଜନ୍ମର ୫ବର୍ଷ ମଧ୍ୟରେ ।

ମାଆର ଚିନ୍ତା, କଥା, ଭଲ ପାଇବା, ମନ୍ଦ ପାଇବା, ରୁଚି, ଆଦର୍ଶ, ସନ୍ତାନ ଉପରେ ଭୀଷଣ ଭାବରେ ପ୍ରଭାବ ପକାଇଥାଏ ଗର୍ଭରେ ଥିବା ଅବସ୍ଥାରେ ହିଁ ।

ମାଆର କଷ୍ଟ, ତାହାର କଷ୍ଟ ।
ମାଆର ଆନନ୍ଦ, ତାହାର ଆନନ୍ଦ
ମାଆର ଖାଦ୍ୟ, ତାହାର ଖାଦ୍ୟ ।
ତାହାହେଲେ ମାଆର ଇଚ୍ଛା, ତାହାର ଇଚ୍ଛା ହେବନାହିଁ କାହିଁକି ?
ମାଆର ଆଦର୍ଶ, ତାହାର ଆଦର୍ଶ, ମାଆର ଜୀବନବୋଧ,
ସନ୍ତାନର ଜୀବନବୋଧ ହେବ ।

ସେହିଠାରୁ ହିଁ ତାହାର ଶିକ୍ଷା ଆରମ୍ଭ ହୁଏ 3 Idiots ର All is well ପରି ।

ଆମ୍ଭେମାନେ ଆଜି ମଧ୍ୟ ସେହି ଯୁଗର କୌଶଲ୍ୟାଙ୍କୁ ମନେ ରଖିଛୁ, ପୁତ୍ର ରାମଙ୍କ କାରଣରୁ । ଏହି ଯୁଗରେ ଭୁବନେଶ୍ୱରୀ ଦେବୀଙ୍କୁ ଚିହ୍ନୁ, କାରଣ ସେ ସ୍ୱାମୀ ବିବେକାନନ୍ଦଙ୍କ ମା' ଥିଲେ । ପ୍ରଭାବତୀ ଦେବୀଙ୍କୁ ଚିହ୍ନୁ, କାରଣ ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ମା' ବୋଲି । ଭଗବତୀ ଦେବୀଙ୍କୁ ଚିହ୍ନୁ, କାରଣ ସେ ବିଦ୍ୟାସାଗରଙ୍କର ମା' ଥିଲେ । ସାରଦା ଦେବୀଙ୍କୁ ମନେରଖିଛୁ, କାରଣ ସେ ରବୀନ୍ଦ୍ରନାଥ ଠାକୁରଙ୍କର ଗର୍ଭଧାରିଣୀ ଥିଲେ ।

ଯୁଗେ ଯୁଗେ କେତେ ମହାପ୍ରାଣ ଆସିଛନ୍ତି ଆମ୍ଭମାନଙ୍କୁ ପଥ ଦେଖାଇବା ପାଇଁ । ଥରକୁ ଥର ସେମାନେ ଆମମାନଙ୍କୁ କହିଛନ୍ତି ଯଦି ଜୀବନକୁ ସାର୍ଥକ କରିବାକୁ ଚାହଁ, ତାହାହେଲେ ଏହି ପଥରେ ଆସ । ଆମେ ସେମାନଙ୍କ କଥା ନ ଶୁଣି ଚାଲୁ ଓଲଟା ପଥରେ ।

ଆଜିର ସମୟରେ କେତେ ଜଣ ବାପା - ମା ଅଛନ୍ତି, ଯେଉଁମାନେ ଏପରି ସନ୍ତାନ ଚାହନ୍ତି ? ଆମ୍ଭ ମାନଙ୍କର କେତେ ଅହଙ୍କାର - ଆମେ ଆଧୁନିକ, ଆମେ ବିଜ୍ଞାନ ମନସ୍କ । ଆମ୍ଭ ମାନଙ୍କର ଭଦ୍ରତା-ସଭ୍ୟତା, ଗଦା ଗଦା ବହିପଢ଼ାରେ, ଅନେକ ସାର୍ଟିଫିକେଟରେ, ଭଲ ରୋଜଗାରରେ, ଫ୍ଲାଟ, ଗାଡି-ଘର, ସୁଟବୁଟ, ଦାମୀ ଶାଢ଼ୀ, ଗହଣା....

କିନ୍ତୁ ...

କେତେ ଆଶା ନେଇ ଛୋଟ ଦେବ ଶିଶୁଟି ଅନ୍ଧକାର ଜଗତରୁ ଆସିଲା, ତାକୁ କଣ ଆମେ ସତରେ ଆଲୁଅର ସନ୍ଧାନ ଦେଇପାରୁଛେ ? ସେହି ପଥତ ଆମ୍ଭମାନଙ୍କର ହିଁ ଅଚିହ୍ନା ।

ଛୋଟବେଳେ ନରେନ୍ (ସେତେବେଳେ ବିଲେ) ଗୋଟିଏ ଅନ୍ୟାୟ କରିଲା । ମାଆ ତା'କୁ କୌଣସି କଟୁକଥା ନକହି, କୌଣସି ବି ଶାସ୍ତି ନଦେଇ, ଗୋଟିଏ କାଗଜରେ ସେଇଟି ଲେଖି ଘରେ ଟାଙ୍ଗିଦେଲେ ।

ଅଶାନ୍ତ ବିଲେର ପଢ଼ାରେ ମନନାହିଁ,
ମାଁ ପଡୁଛନ୍ତି,
ବିଲେ ଶୁଣୁଛି,

ସବୁ ଆୟତ୍ତ ହୋଇଯାଉଛି ।

ମା' ଶିକ୍ଷା ଦେଉଛନ୍ତି,

"ବାପା, ଜୀବନରେ ଯେଉଁଟାକୁ ସତ୍ୟବୋଲି ଜାଣିବୁ, କେବେ ବି ସେହି ଆଦର୍ଶରୁ ଘୁଞ୍ଚିଆସିବୁ ନାହିଁ । "

ତେଣୁ ତ ପରବର୍ତ୍ତୀ ସମୟରେ ଆମେ ପାଇଲୁ , "ସତ୍ୟ ନିମନ୍ତେ ସବୁକିଛି ତ୍ୟାଗ କରିହୁଏ, କିନ୍ତୁ କୌଣସି କିଛି ନିମନ୍ତେ ସତ୍ୟକୁ ତ୍ୟାଗ କରାହୁଏ ନାହିଁ । "

"ଛୋଟ ବେଳେ ମାଆର ନିକଟରୁ ହିଁ ଜୀବନରେ ବଡ ହେବାର ସବୁ ଶିକ୍ଷା ପାଇଛି, ତେଣୁ କହିପାରେ - ସତ୍ୟ ହିଁ ମୋର ଈଶ୍ୱର, ସମଗ୍ର ଜଗତ ମୋର ଦେଶ, ଜଗତର ସମସ୍ତେ ହିଁ ମୋର ଭାଇ, ମୋର ରକ୍ତ । "

ଏହା ହେଲା ଯଥାର୍ଥ ମା'ର ଶିକ୍ଷା ।

୧୪-୧୫ ବର୍ଷର ସୁବାଷ ବୋଷ ମାଙ୍କୁ ଚିଠି ଲେଖୁଛନ୍ତି - "ତୁମେ ମାନେ ମୋ ନିକଟରୁ କଣ ଚାହଁ ମା ? ତୁମେ ମାନେ କଣ ଚାହଁ, ମୁଁ ଲେଖାପଢ଼ା ଶିଖି ଡାକ୍ତର- ଇଞ୍ଜିନିୟର ହୁଏ, ମୋର ଅନେକ ଟଙ୍କା, ଘରଗାଡି ହେଉ ।"

ନା କ'ଣ ଏହା ଚାହଁ - ମୁଁ ପୃଥିବୀର ସବୁଠାରୁ ଗରିବ ହେବି, କିନ୍ତୁ ଏପରି ମଣିଷ ହେବି, ଯେପରି ଶ୍ରଦ୍ଧାରେ ପୃଥିବୀର ପ୍ରତିଟା ମଣିଷ ମୁଣ୍ଡ ନୁଆଇବ ।"

କେତେ ଜଣ ବାପା-ମା ଅଛନ୍ତି ଆମେମାନେ, ସତସାହସ ନେଇ ଆମମାନଙ୍କର ସନ୍ତାନ ମାନଙ୍କୁ ଏହି ଉତ୍ସାହ ଦେଇପାରୁ !

କହୁ କେବଳ ପଢ଼, ଭଲ ରେଜଲ୍ଟ କର, ଟଙ୍କା ରୋଜଗାର କରିବାର ଗୋଟିଏ ମେସିନ ହୋଇ ଉଠ । ଆମେମାନେ ଶିଖାଉ, କିପରି ସେ ମିଥ୍ୟାବାଦୀ ହୋଇପାରେ, କିପରି ସେ ଆହୁରି ସ୍ୱାର୍ଥପର ହୋଇପାରେ । ଛୋଟ ଶିଶୁର କୋମଳ ଅନ୍ତରରେ ଏହି ବିଷ-ବୃକ୍ଷ ଆମେମାନେ ହିଁ ଲଗାଇଦେଉ । ଆଉ ସତରେ ଗୋଟିଏ ସମୟରେ ଯେତେବେଳେ ସେ ଆବେଗହୀନ, ଭଲପାଇବା ହୀନ, ବିବେକହୀନ ମେସିନ୍ ଭଳି ଆଚରଣ କରେ, ସେତେବେଳେ ଆମେ ନିଜର ଛାତିକୁ ଥାପୁଡାଉ ।

ଆମେମାନେ ପ୍ରତ୍ୟେକେହିଁ ଦୃତ ଗତିର ଗୋଟିଏ ବ୍ରେକ୍‌ହୀନ ଗାଡିରେ ବସିଛନ୍ତି, ଯାହାର ଗତି କେବଳ ବଢ଼ିପାରେ, କମେନାହିଁ, ଆମେ ମାନେ ଭାସି ଚାଲିଛନ୍ତି ...

ସନ୍ତାନ ମାନଙ୍କ ମଧ୍ୟ ଚଢ଼ାଇ ଦେଉଛୁ, ବ୍ରେକ୍‌ଫେଲ୍ ହୋଇଥିବା ଆଉ ଏକ ଗାଡିରେ, ଏହି ଗାଡି କେତେବେଳେ ରହିବ ... ? ଯେତେବେଳେ ସବୁ ଶେଷ !!!!!




ଶୁଭେଚ୍ଛା ସହ

କରୁଣାକର ସାହୁ

ମୋ: ୯୭୭୭୬୩୮୬୧୦/

୯୪୩୭୨୨୦୬୦୯

ସାଇରାମ କିରାନା ଷ୍ଟୋର

ଗାନ୍ଧୀଛକ, ମାଣ୍ଡୋସିଲ୍, ବରଗଡ଼ (ଓଡ଼ିଶା)



# ମଦ୍ୟପାନ ଏକ ସାମାଜିକ ବ୍ୟାଧି

**ନିତ୍ୟାନନ୍ଦ ସାହୁ**
କୋଷାଧ୍ୟକ୍ଷ, କୁବେର ସମାଜ

ଶୋକାକୁଳ ପରିବେଶ, ଦୂରଦୂରାନ୍ତରରୁ ବହୁ ସମାଜ ପ୍ରେମୀ, ଜ୍ଞାତି କୁଟୁମ୍ବ ଓ ବନ୍ଧୁବାନ୍ଧବଙ୍କ ସମାବେଶ । ଆରମ୍ଭ ହୁଏ ଭଗବତ ପୂଜନ ଓ ପଠନ । ପରେ ଆରମ୍ଭ ହୁଏ ଶୋକ ସଭା । ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ସମୂହ ନିରବ ପ୍ରାର୍ଥନା ପରେ ଅନେକ ବକ୍ତା ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରନ୍ତି । ସ୍ମୃତି ଚରଣ କରିବାକୁ ଯାଇ ଗୃହକର୍ତ୍ତା ଯିଏ ନିଜେ ଜଣେ ବିଶିଷ୍ଟ ସମାଜ ପ୍ରେମୀ କୋହ ଭରାକଣ୍ଠରେ ପ୍ରକାଶ କରନ୍ତି ତାଙ୍କ ମଧ୍ୟ ବୟସ୍କ ପୁତୁରାର ଅକାଳ ବିୟୋଗ । କାରଣ ସ୍ୱରୂପ ଅଭ୍ୟାସଗତ ମଦ୍ୟପାନ । ଏହା କିପରି ପରିବାରର ଆର୍ଥିକ ଓ ସାମାଜିକ ଜୀବନର ଅଧୋଗତି କରିଛି ଓ ଶେଷରେ ବିଧବା ମା, ପତ୍ନୀ, ଓ ସନ୍ତାନ ଦ୍ୱୟଙ୍କଠାରୁ ସାହାରା ଛଡାଇ ନେଇଛି । ଏହି ଦାରୁଣ ପରିଣତିରୁ ଦୂରେଇ ରହିବା ପାଇଁ ସମସ୍ତଙ୍କୁ ଅବଗତ କରିବା ଓ ସଚେତନତା ସୃଷ୍ଟି କରିବା ପାଇଁ ସେ ବିନୀତ ଅନୁରୋଧ କରନ୍ତି ।

ଅଧୁନା ମଦ୍ୟପାନ ଏକ ସାମାଜିକ ବ୍ୟାଧି ରୂପେ ଦଣ୍ଡାୟମାନ । ସମାଜର ସବୁସ୍ତରରେ ବର୍ତ୍ତମାନ ଏହାର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି । ଅଧିକରୁ ଅଧିକ ଯୁବ ପିଢ଼ୀ ମଦ ପ୍ରତି ଆକୃଷ୍ଟ ହେବା ଘୋର ପରିତାପର ବିଷୟ । ମଦର କୁପ୍ରଭାବ ଶରୀର ଓ ମନ ଉପରେ ପଡି ଯାବତୀୟ ରୋଗ ସୃଷ୍ଟି ହୁଏ । ଆର୍ଥିକ ଅନାଟନ ଶାନ୍ତିଭଙ୍ଗ, ଅପମାନ, ପ୍ରଗତିରେ ବାଧା ଓ ବେଳେ ବେଳେ ଅପରାଧିକ ମାନସିକତା ବୃଦ୍ଧି କରାଏ । ଏକ ସର୍ବେକ୍ଷଣ ଅନୁଯାୟୀ ସମୁଦାୟ ମୃତ୍ୟୁର ୫.୩%, ଦୁର୍ଘଟଣାର ୨୭% ଓ ଆତ୍ମହତ୍ୟାର ୧୮% ଏହି ମଦ ପାଇଁ ହି ହୋଇଥାଏ । ସେଥିପାଇଁ ମଦ୍ୟପାନ ପରି ଏକ ସାମାଜିକ ବ୍ୟାଧିକୁ ନିୟନ୍ତ୍ରଣ କରିବା ନିହାତି ଜରୁରୀ ହୋଇପଡିଛି । ଭାଗବତ କହେ –

"ଅନେକ ଜନ୍ମ ପୁଣ୍ୟ ବଳେ, ମାନବ ଜନ୍ମ ମହିତଳେ ।"

ମନୁଷ୍ୟ ଜନ୍ମକୁ ଦୁର୍ଲ୍ଲଭ ଜନ୍ମ କୁହାଯାଏ । ଭଗବାନ ମନୁଷ୍ୟକୁ ବିଶେଷ ଜ୍ଞାନ, ବୁଦ୍ଧି ଓ ବିବେକ ଦେଇ ଜନ୍ମ ଦେଇଛନ୍ତି । ଯଦ୍ୱାରା ସେ ମାନବିକ କର୍ତ୍ତବ୍ୟ ନିର୍ବାହ ପୂର୍ବକ ପର୍ଯ୍ୟାପ୍ତ ଭୌତିକ ଓ ଆଧାତ୍ମିକ ପ୍ରଗତି ହାସଲ କରିପାରିବ ଓ ପ୍ରେମ, ଶାନ୍ତି, ହସଖୁସିର ଜୀବନ ବଞ୍ଚି ପାରିବ । ନିଜର ସମୟ ଧନ, ସାଧନ ପ୍ରତିଭା ଓ ଯୋଗ୍ୟତାର ସଦ୍‌ବିନିଯୋଗ ପୂର୍ବକ ସମାଜ କଲ୍ୟାଣ ଓ ରାଷ୍ଟ୍ର ନିର୍ମାଣରେ ଭାଗିଦାର ହୋଇ ଜୀବନର ସାର୍ଥକତା ପ୍ରତି ପାଦନ କରିପାରିବ ।

ଶୁଭେଚ୍ଛା ସହ

**ଦୁଷ୍ମନ୍ତ କୁମାର ସାହୁ**
ମୋ: ୯୧୭୮୮୨୩୫୮୧
**ଗାୟତ୍ରୀ ଗାର୍‌ମେଣ୍ଟ୍ ଏଣ୍ଡ୍ ଫେନ୍ସି**
ଛିନ୍ଦେଇକେଲା, ବରଗଡ଼, ଓଡ଼ିଶା



# ଧନପତି କୁବେର

**ଶ୍ରୀମତୀ ଜୟ କୁମାରୀ ସାହୁ**
କଲ୍ୟାଣ ନଗର, ପାଟଣାଗଡ

ବହୁ ବାଦ ବିଂଶବାଦ ପରେ ଶେଷରେ ପିତାମହ ଭୀଷ୍ମ ଓ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପରାମର୍ଶ ଓ ମହାମନ୍ତ୍ରୀ ବିଦୁରଙ୍କର ଅନୁରୋଧ କ୍ରମେ ଶାନ୍ତି ପ୍ରତିଷ୍ଠା ପାଇଁ ମହାରାଜ ଧୃତରାଷ୍ଟ୍ର ହସ୍ତୀନା ରାଜ୍ୟକୁ ଦୁଇ ଭାଗରେ ବିଭକ୍ତ କଲେ । ଇନ୍ଦ୍ରପ୍ରସ୍ଥର ସିଂହାସନାରୋହଣ କରି ମହାରାଜ ଯୁଧିଷ୍ଠିର ଭାଇମାନଙ୍କ ସହିତ ଶାନ୍ତିରେ ପ୍ରଜାପାଳନ କରିବାକୁ ଲାଗିଲେ । ଦିନେ ଦେବର୍ଷି ନାରଦ ରାଜସଭାରେ ପ୍ରବେଶ କରି ସମ୍ବାଦ ଦେଲେ ଯେ ବ୍ରହ୍ମହତ୍ୟା ଦୋଷହେତୁ ସଞ୍ଜିବନୀ ପୁରରେ ମହାରାଜ ପଣ୍ଡୁଙ୍କୁ ଯମରାଜ ରାଜ ସଭାର ତିନି ପାବଚ୍ଛ ତଳେ ଦଣ୍ଡାୟମାନ ହୋଇ ରହିବାର ଦଣ୍ଡ ଦେଇଛନ୍ତି । ଖବର ଶୁଣି ଧର୍ମରାଜ ଯୁଧିଷ୍ଠିର ଦୁଃଖରେ ମ୍ରିୟମାଣ ହୋଇ ପ୍ରତିକାର ଚାହିଁବାରୁ ନାରଦ ପଣ୍ଡୁଙ୍କ ଦୋଷମୁକ୍ତି ପାଇଁ ରାଜସୂୟ ଯଜ୍ଞ କରିବାକୁ ପରାମର୍ଶ ଦେଲେ । ଯଜ୍ଞ ପାଇଁ ଆବଶ୍ୟକ ଧନ ଚିନ୍ତାରେ ଯୁଧିଷ୍ଠିର ଆହୁରି ବିଷାଦ ଗ୍ରସ୍ତ ହୋଇପଡିଲେ । ଦ୍ୱାରକାରୁ କୃଷ୍ଣଙ୍କୁ ନେଇ ଆସିବା ପାଇଁ ଅର୍ଜୁନଙ୍କୁ ପଠାଇଲେ । ଯଦୁପତି କୃଷ୍ଣ ଆସି ରାଜସୂୟ ଯଜ୍ଞ ଆୟୋଜନରେ ଲାଗିପଡିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଲେ ଓ ଆବଶ୍ୟକ ଧନ ନେଇ ଆସିବା ପାଇଁ ଚିଟାଉ ସହିତ ଭୀମଙ୍କୁ କୁବେରଙ୍କ ନିକଟକୁ ପଠାଇଲେ । ସେଠାରେ ପହଞ୍ଚି ଭୀମ ଦେଖିଲେ ଜଣେ ବୃଦ୍ଧ ମୁଣ୍ଡରେ ଗାମୁଛା ବାନ୍ଧି ହାତରେ କପଡା ବିଣ୍ଡି ଧରି ଅଗଣାରେ ପଡିଥିବା ଧାନ ସଂଗ୍ରହ କରିବାରେ ଲାଗିଛନ୍ତି । ଭୀମସେନ ତାଙ୍କୁ ଯାଇ କୁବରଙ୍କୁ ଖବର ଦେବାକୁ କହନ୍ତେ ବୃଦ୍ଧ ଜଣକ ନିଜେ କୁବେର ହୋଇଥିବାର ଓ କଣ କାମ ପାଇଁ ଆସିଥିବାର ଜିଜ୍ଞାସା କରନ୍ତେ ଭୀମ ହଠାତ୍ ବିଶ୍ୱାସ କରିପାରିଲେ ନାହିଁ ଓ ମନେ ମନେ କୃଷ୍ଣ ତାଙ୍କୁ ଏଠାକୁ ପଠାଇଥିବାରୁ ବିରକ୍ତି ପ୍ରକାଶ କଲେ । ଶେଷରେ ଚିଠି ପ୍ରଦାନ ପୂର୍ବକ ଆସିବାର ଅଭିପ୍ରାୟ ପ୍ରକାଶ କରିବାରୁ ଆବଶ୍ୟକ ଧନ ପ୍ରଦାନ କରିବାକୁ ନିଜ କର୍ମଚାରୀ ମାନଙ୍କୁ କୁବେର ଆଦେଶ ପ୍ରଦାନ କଲେ । ଧନ ଭର୍ତ୍ତି ସହସ୍ର ସହସ୍ର ଶଗଡ ସହ ଭୀମସେନ ନିଜ ରାଜ୍ୟ ଅଭିମୁଖେ ବାହାରିଲେ । ରାସ୍ତାରେ ଗୋଟିଏ ଜାଗାରେ ପାଣି କାଦୁଅ ଯୋଗୁଁ ଶଗଡ ଗୁଡିକ ପାରି କରିବାରେ ଅସୁବିଧା ହେଲା । ବହୁ ଚେଷ୍ଟା କରି ମଧ୍ୟ ଶଗଡ ଗୁଡିକ ପାରିକରି ନପାରିବାରୁ ଅଗତ୍ୟା ଭୀମ ଆସି କୁବେରଙ୍କୁ ଜଣାଇଲେ । କୁବେର ମହାରାଜ ରାସ୍ତାର ସେହି ଜାଗାରେ କିଛି ଶଗଡ ଧାନ ଅଜାଡି ଦେଇ ରାସ୍ତାକୁ ସମତୁଲ କରିଦେବାକୁ ଭୀମଙ୍କୁ ପରାମର୍ଶ ଦେଲେ । କଥାଟା କିନ୍ତୁ ଭୀମଙ୍କୁ ସେତେଟା ସହଜ ମନେ ହେଲା ନାହିଁ । ସେ ବିସ୍ମୟ ଦୃଷ୍ଟିରେ କୁବେରଙ୍କୁ ଅନାଇ ରହିଲେ । ଆସିଲାବେଳେ ଯାହାକୁ ଗୋଟି ଗୋଟି କରି ଧାନ ସଂଗ୍ରହ କରିବାର ସେ ନିଜ ଆଖିରେ ଦେଖିଛନ୍ତି, ସେ ବର୍ତ୍ତମାନ ଶହ ଶହ ଶଗଡ ଧାନ ରାସ୍ତାରେ ଅଜାଡି ଦେବାକୁ କହୁଛନ୍ତି । କଥାଟା ବୁଝିପାରି ହସିହସି କୁବେର ମହାରାଜ କହିଲେ, ମହୁମାଛି ଓ ପିମ୍ପୁଡି ପରି ଧନ ସଂଗ୍ରହ କରିବ କିନ୍ତୁ ଆବଶ୍ୟକ ପଡିଲେ ସଂସାର କଲ୍ୟାଣ ନିମନ୍ତେ ତାକୁ ପାଣି ପରି ଖର୍ଚ୍ଚ କରିବାକୁ ମଧ୍ୟ ପଛାଇବ ନାହିଁ । ନିଜର ଭୁଲ ବୁଝିପାରି ଦୁଃଖ ପ୍ରକାଶ କରି ଭୀମ କୁବେରଙ୍କ ଠାରୁ ବିଦାୟ ନେଲେ ।

*With best compliments from*



Prop. ***Kailash Chandra Sahu***

9437188413





# Pinku Fabrication

## Paikmal Jharbandh Road, Bargarh

କୁବେର ସମାଜର ସମସ୍ତ ଭାଇ ଭଉଣୀମାନଙ୍କ ସୁଖ ଓ
ସମୃଦ୍ଧି କାମନା କରି ଆଗାମୀ ନବବର୍ଷର
ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଏହି ନବବର୍ଷ
ଆପଣ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଏହାହିଁ କାମନା

# ଓବିସି ଆରକ୍ଷଣର ସଂକ୍ଷିପ୍ତ ଇତିହାସ

**ଜିଲ୍ଲା ଓ.ବି.ସି. ମଞ୍ଚ**
ବଲାଙ୍ଗିର

ଭାରତୀୟ ସମ୍ବିଧାନ ଅନୁସାରେ ସଂରକ୍ଷଣ ନୌକରୀ ନୁହେ ଅପିତୁ ପ୍ରତିନିଧିତ୍ୱର ମାମଲା ଅଟେ ।

ଓବିସି ଲୋକେ ଓ ନେତାମାନେ ନବୁଝି ନସୁଝି, ନିଜର ଅଜ୍ଞାନତା ଯୋଗୁଁ ବାରମ୍ବାର ବ୍ରାହ୍ମଣବାଦୀ ଫାସରେ ପଡି ନିଜ ଜାତି ଓ ସମାଜର ବାରମ୍ବାର କ୍ଷତି କରି ଆସିଛନ୍ତି । ଏଣୁ ଏଣିକି ଯଦି ତାର ପୁନରାବୃତ୍ତି ହୁଏ ଓବିସି ସମାଜ ଓ ଆଗାମୀ ପୀଢି କଦାପୀ ସେମାନଙ୍କ କ୍ଷମା କରିବ ନାହିଁ ।

୧୮୮୨ରେ ହଂଟର କମିଶନ (ସାର ଉଇଲିୟମ୍ ଉଇଲସନ ହଂଟରଙ୍କ ନେତୃତ୍ୱରେ) ଭାରତ ଆସିଲା । ସେତେବେଳେ ରାଷ୍ଟ୍ରପିତା ଜୋତିବା ରାଓ ଫୁଲେ ଶୁଦ୍ର ଅତିଶୁଦ୍ରଙ୍କୁ ପ୍ରତିନିଧିତ୍ୱ ମିଳିବା କଥା କମିଶନଙ୍କ ଠାରେ ଦାବୀ କଲେ । ତାଙ୍କଠାରୁ ପ୍ରେରଣା ପାଇ ଛତ୍ରପତି ସାହୁଜୀ ମହାରାଜା ୨୬ ଜୁଲାଇ ୧୯୦୨ ରେ ନିଜ ରାଜ୍ୟ କୋହ୍ଲାପୁରରେ ଅନଗ୍ରସର ବର୍ଗଙ୍କ ପାଇଁ ୫୦% ଆରକ୍ଷଣ ଘୋଷଣା କଲେ ଓ ଲାଗୁ କଲେ । ୧୯୧୮ରେ ଯେତେବେଳେ ସାଉଥ ବ୍ୟୁରୋ କମିଶନ ଭାରତ ଆସିଲେ ସାହୁ ମହାରାଜଙ୍କ କହିବା ଅନୁସାରେ ବାବାସାହେବ ଆମ୍ବେଦକର ଏବଂ ସତ୍ୟସୋଧକ ସମାଜର ସଭାପତି ଭାସ୍କର ରାଓ ଜାଧବ ଓବିସି ଲୋକଙ୍କ ପ୍ରତିନିଧିତ୍ୱ ମିଳୁ ଏପରି ଦାବୀ କରି ସାଉଥ ବ୍ୟୁରୋ କମିଶନଙ୍କୁ ମେମୋରେଣ୍ଡମ ଦେଇଥିଲେ । ଏହାକୁ ବିରୋଧ କରି ତତ୍କାଳୀନ ବ୍ରାହ୍ମଣବାଦୀ କଂଗ୍ରେସ ନେତା ବାଳଗଙ୍ଗାଧର ତିଳକ ୧୯୧୯ରେ କୋଲହାପୁର ବୋର୍ଡରକୁ ଲାଗିଥିବା ଅଥନୀ ନାମକ ଗାଁରେ କଟାକ୍ଷ କରି ଭାଷଣ ଦେଇ କହିଥିଲେ – "ତେଲି, ତମ୍ବୋଲୀ, କୁନଭଟ୍ଟ (କୁର୍ମି) ମାନେ କ'ଣ ସଂସଦକୁ ଯାଇ ହଳ ଚଳାଇବେ ?" ବାବାସାହେବ ଆମ୍ବେଦକର ଇଂରେଜମାନଙ୍କ ସହ ଲଢ଼ି ୧୭ ଅଗଷ୍ଟ ୧୯୩୨ରେ ଯେତେବେଳେ କମ୍ୟୁନାଲ ଏୱାର୍ଡ ମାଧ୍ୟମରେ ୪ ଅଧିକାର ହାସଲ କଲେ, ତାକୁ ବିରୋଧ କରି ଗାନ୍ଧିଜୀ ଆମରଣ ଅନସନ କରିଦେଲେ । ପରିଣାମ ସ୍ୱରୂପ ୨୪ ସେପ୍ଟେମ୍ବର ୧୯୩୨ରେ ପୁନା ପେକ୍ଟ କରାଇ ସ୍ୱତନ୍ତ୍ର ନିର୍ବାଚନ କ୍ଷେତ୍ର ଓ ଦ୍ୱୈତ ଭୋଟ ଅଧିକାର ତଥା ବାସ୍ତବିକ ପ୍ରତିନିଧିତ୍ୱ ଅଧିକାରରୁ ବଂଚିତ କରାଇଲେ । ଆଜି ଏସଟି / ଏସସି / ଓବିସି ସମାଜରୁ ଯେଉଁ ନେତାମାନେ ନିର୍ବାଚିତ ହୋଇ ଯାଉଛନ୍ତି ସେମାନେ ନିଜ ଜାତି ଓ ସମାଜ ନାମରେ ଲୋକଙ୍କ ଭୋଟ ବଳରେ ଏମପି / ଏମଏଲଏ ତ ହେଉଛନ୍ତି କିନ୍ତୁ ନିଜ ଲୋକଙ୍କ କିଛି କାମ ନକରି ବ୍ରାହ୍ମଣବାଦୀ ପାର୍ଟିର ବୋକଚା ବୁହା ପାଲଟୁଛନ୍ତି । ଆଜିର ଯେଉଁ ରାଜନୈତିକ ଗୁଲାମୀ ତାହା ପୁନା କରାରର ପରିଣାମ ଅଟେ । ଆଜି ଏସସି / ଏସଟି ବର୍ଗରୁ ୧୩୧ ଏମ୍ ପି ଲୋକ ସଭାରେ ଅଛନ୍ତି କିନ୍ତୁ ଲୋକସଭାରେ ତାଙ୍କ ଜାତି ଓ ବର୍ଗ ବିରୁଦ୍ଧରେ ପ୍ରସ୍ତାବ ପାସ ହେଉଥିଲେ ବି ସେମାନେ ମୁହଁ ନ ଖୋଲି ମୁହଁରେ ତୁଣ୍ଡି ବାନ୍ଧି ରହିବା ପୁନା ପେକ୍ଟର ଦୁଷ୍ପରିଣାମ ଅଟେ ।

୧୯୪୨ରେ ବାବାସାହେବ ଲେବର ମେମ୍ବର ହେଲେ । ୧୯୪୩ ରେ ଅନୁସୂଚିତ ଜାତିଙ୍କ ପାଇଁ ୮.୫% ଆରକ୍ଷଣର ବ୍ୟବସ୍ଥା କଲେ । ୨୧ ସେପ୍ଟେମ୍ବର ୧୯୪୭ରେ ଏସସିଙ୍କୁ ୧୨.୫% ଓ ୧୩ ସେପ୍ଟେମ୍ବର ୧୯୫୦ରେ ଏସଟିଙ୍କୁ ୫% ଆରକ୍ଷଣ ଲାଗୁ କଲେ । ଏହି ଆରକ୍ଷଣ ୧୯୭୦ରେ ଏସସିଙ୍କୁ ୧୫% ଓ ଏସଟିଙ୍କୁ ୭.୫% କଲାଗଲା । କିନ୍ତୁ ଓବିସିଙ୍କ ପାଇଁ ଅନୁସୂଚୀ ତିଆରି ହେଲା ନାହିଁ, କାରଣ ଓବିସି ଲୋକେ ଗାନ୍ଧିଜୀ, ନେହେରୁଙ୍କୁ ନିଜର ନେତା ମାନୁଥିଲେ । ଅଥଚ ଗାନ୍ଧି-ନେହେରୁ ସଂରକ୍ଷଣର ବିରୋଧି ଥିଲେ ଓ ଓବିସିଙ୍କୁ ଭ୍ରମିତ କରି ସାଇମନ କମିଶନଙ୍କୁ ବିରୋଧ କରିଥିଲେ । ଅସଲରେ ସାଇମନ କମିଶନ ଏସଟି / ଏସସି / ଓବିସିଙ୍କୁ ପ୍ରତିନିଧିତ୍ୱ ହକ ଦେବା ଉଦ୍ଦେଶ୍ୟରେ ଡାଟା ସଂଗ୍ରହ କରିବାକୁ ଭାରତ ଆସିଥିଲେ ଏକଥା ଓବିସିଙ୍କୁ ଜଣାନଥିଲା । ବାବାସାହେବ ଓବିସିଙ୍କୁ ସଂରକ୍ଷଣ ମିଳୁ ଏଥିପାଇଁ ସମ୍ବିଧାନରେ ୩୪୦ ଧାରାରେ ବ୍ୟବସ୍ଥା ରଖିଥିଲେ । ବାବାସାହେବଙ୍କ ଦାବୀ ସତ୍ତ୍ୱେ ଯେତେବେଳେ ନେହେରୁ ୩୪୦ ଧାରାରେ ଉପଯୋଗ କରି ପଛୁଆବର୍ଗ କମିଶନ ବସାଇଲେ ନାହିଁ

ଓ ଅନ୍ୟ କେତେକ କାରଣକୁ ନେଇ ୨୭ ସେପ୍ଟେମ୍ବର ୧୯୫୧ ରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ । ଏହି ଚାପରେ ପଡି ନେହେରୁ ୨୯ ଜାନୁୟାରୀ ୧୯୫୩ ରେ କାକା କାଲେଲକର ଜଣେ ବ୍ରାହ୍ମଣଙ୍କ ଅଧ୍ୟକ୍ଷତାରେ ପଛୁଆବର୍ଗ କମିଶନ ଗଠନ କଲେ । କମିଶନ ୨୩୯୯ ଜାତିକୁ ନେଇ ଓବିସି ଓ ୮୩୭ ଜାତିକୁ ଅତି ପଛୁଆ ବୋଲି ଚିହ୍ନଟ କରି ସେମାନଙ୍କ ଉତ୍ଥାନ ପାଇଁ ୭୦% ସ୍ଥାନ ସଂରକ୍ଷଣ ଦେବାକୁ ସୁପାରିସ କରି ୩୦ ମାର୍ଚ୍ଚ ୧୯୫୫ ରେ ରିପୋର୍ଟ ଦେଲେ । ନେହେରୁ ପଛୁଆବର୍ଗ ସଂରକ୍ଷଣ ବିରୋଧି ଥିଲେ ତେଣୁ ଏହି ରିପୋର୍ଟକୁ କାର୍ଯ୍ୟକାରୀ କଲେ ନାହିଁ ।

୧୯୭୫ ଜରୁରୀକାଳୀନ ପରିସ୍ଥିତି ପରେ ୨୪ ମାର୍ଚ୍ଚ ୧୯୭୭ ରେ ଯେତେବେଳେ ମୋରାର୍ଜି ଦେସାଇ ପ୍ରଧାନମନ୍ତ୍ରୀ ହେଲେ ପୂର୍ବ ସର୍ତ୍ତ ଅନୁଯାୟୀ ୨୦ ସେପ୍ଟେମ୍ବର ୧୯୭୮ରେ ଶ୍ରୀ ବିନ୍ଦେଶ୍ୱରୀ ପ୍ରସାଦ ମଣ୍ଡଳଙ୍କ ନେତୃତ୍ୱରେ ୨ୟ ପଛୁଆ ବର୍ଗ କମିଶନ ଗଠନ କଲେ । କମିଶନ ୩୭୪୩ ଜାତିକୁ ପଛୁଆ ଜାତି ଭାବେ ଚିହ୍ନଟ କରି ସେପ୍ଟେମ୍ବର ୧୯୮୦ ରେ ରିପୋର୍ଟ ଦେଲେ । ସେତେବେଳେ ସରକାର ବଦଳି ଯାଇଥିଲା ଓ କଂଗ୍ରେସ ସରକାରର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ମଣ୍ଡଳ ରିପୋର୍ଟକୁ କାର୍ଯ୍ୟକାରୀ କଲେ ନାହିଁ । ଶ୍ରୀମତୀ ଇନ୍ଦିରା ଗାନ୍ଧୀ ମଧ୍ୟ ଓବିସି ସଂରକ୍ଷଣ ବିରୋଧି ଥିଲେ ।

ନେହେରୁଙ୍କ ଅମଳରେ ଲୋକସଭାରେ ସେପରି କୌଣସି ଓବିସି ନେତା ନଥିଲେ କିନ୍ତୁ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ବେଳକୁ ଓବିସି ବର୍ଗରୁ ପ୍ରାୟ ଦୁଇ ଦର୍ଜନ ସାଂସଦ ଲୋକସଭାକୁ ନିର୍ବାଚିତ ହୋଇ ଆସିଲେ ଓ ସେମାନେ ବରାବର ଓବିସି ସଂରକ୍ଷଣ ଦାବି କରି ମାହୋଲ ସରଗରମ କରିବାକୁ ଲାଗିଲେ । ଦେଶରେ ମଣ୍ଡଳ ରିପୋର୍ଟ ଉପରେ ଚର୍ଚ୍ଚା ବି ଜୋର ଧରିବାକୁ ଲାଗିଲା । ଓବିସି ଲୋକଙ୍କ ଧ୍ୟାନ ହଟାଇବାକୁ ଯାଇ ଇନ୍ଦିରାଗାନ୍ଧୀ ସ୍ୱର୍ଣ୍ଣ ମନ୍ଦିର ଉପରେ ଆକ୍ରମଣ କରାଇଲେ ।

୧୯୯୦ ଯାଏଁ ଓବିସିଙ୍କୁ ଆରକ୍ଷଣ ନ ମିଳୁ ଶାସକ ବର୍ଗ ନାନାଦି କଳ-ବଳ-କୌଶଳ କଲେ । ପରିଶେଷରେ ପ୍ରଧାନମନ୍ତ୍ରୀ ଶ୍ରୀ ବିଶ୍ୱନାଥ ପ୍ରତାପ ସିଂହ ୧୩ ଅଗଷ୍ଟ ୧୯୯୦ ରେ ଓବିସିଙ୍କୁ ୨୭% ସଂରକ୍ଷଣ ଘୋଷଣା କଲେ । ଏହି ଘୋଷଣା ପରେ ସହଯୋଗୀ ବିଜେପି ସମର୍ଥନ ପ୍ରତ୍ୟାହାର କରି ଭିପି ସିଂହ ସରକାର ଭାଙ୍ଗିଦେଲେ । ଏଣୁ ବିଜେପି ସଂରକ୍ଷଣର ଘୋର ବିରୋଧୀ ଅର୍ଥାତ ଓବିସି ବିରୋଧୀ ଏକଥା ଓବିସି ଲୋକେ ଜାଣିବା ଦରକାର ।

୧୩ ଅଗଷ୍ଟ ୧୯୯୦ ରେ ଓବିସିଙ୍କୁ ୨୭% ସଂରକ୍ଷଣ ଘୋଷଣା ପରେ ତାହା କାର୍ଯ୍ୟକାରୀ ହେବା କଥା କିନ୍ତୁ ୧୪ ଅଗଷ୍ଟ ୧୯୯୦ରେ ସବର୍ଣ୍ଣମାନଙ୍କ ଦ୍ୱାରା ଅଖିଳ ଭାରତୀୟ ଆରକ୍ଷଣ ବିରୋଧି ମଂଚ ଗଠନ କରାଯାଇ ସେହି ଦିନ ଓବିସି ଆରକ୍ଷଣ ବିରୋଧରେ ସୁପ୍ରିମ କୋର୍ଟରେ ଆବେଦନ ପେସ୍ କଲେ । ଏହାର ଦୁଇ ବର୍ଷ ପରେ ୧୬ ନଭେମ୍ବର ୧୯୯୨ ରେ ସୁପ୍ରିମ୍ କୋର୍ଟର ନଅ ଜଣିଆଁ ବେଞ୍ଚ ଆରକ୍ଷଣର ମୌଳିକ ଅଧିକାର ବିରୋଧରେ ଷଡଯନ୍ତ୍ରକାରୀ ଫଇସଲା ଶୁଣାଇଲେ କି, ୧) ଓବିସିଙ୍କୁ ୨୭% ଆରକ୍ଷଣ ନ ଦିଆଯିବ କାହିଁକି ନା ୫୦% ଅଧିକ ଆରକ୍ଷଣ ଦିଆଯାଇ ପାରିବ ନାହିଁ । ସମ୍ବିଧାନରେ ୫୦% ଅଧିକ ସଂରକ୍ଷଣ ଦିଆଯାଇ ପାରିବ ନାହିଁ ସେପରି କୌଣସି ଉଲ୍ଲେଖ ନାହିଁ । ଯେପରି ଏସଟି / ଏସସି ଙ୍କୁ ସେମାନଙ୍କ ସଂଖ୍ୟାନୁପାତରେ ସଂରକ୍ଷଣ ଦିଆଯାଉଛି ତଦୃପ ୫୨% ସଂଖ୍ୟା ବିଶିଷ୍ଟ ଓବିସିଙ୍କୁ ମଧ୍ୟ ୫୨% ସଂରକ୍ଷଣ ମିଳିବା କଥା । ଏହାହିଁ ସାମ୍ବିଧାନିକ ହକ । ୨) ୨୭% ଆରକ୍ଷଣ ନ ଦେବା ସହିତ କ୍ରିମିଲେୟର ଲାଗୁ କଲେ (ଅର୍ଥାତ୍ ଏକ ପକ୍ଷରେ ଓବିସିଙ୍କୁ ଆରକ୍ଷଣ ଦେଇ ଅନ୍ୟପକ୍ଷରେ ସମାପ୍ତ କରିଦେବାର ଷଡଯନ୍ତ୍ର) ୩) ରାଜ୍ୟ ତାଲିକାର ଯେଉଁ ଯେଉଁ ଜାତି ମଣ୍ଡଳ ତାଲିକା ସହ ମେଳ ଖାଇବ ସେହି ସେହି ଜାତିକୁ ସଂରକ୍ଷଣ ମିଳିବ, ଏହାଦ୍ୱାରା ସୁପ୍ରିମ କୋର୍ଟ ମଣ୍ଡଳ କମିଶନଙ୍କ ମାତ୍ର ୧୯୯୮ ଜାତିକୁ ହିଁ ମାନ୍ୟ କଲେ, ଯେତେବେଳେ ମଣ୍ଡଳ କମିଶନ ୩୭୪୩ ଜାତିକୁ ନେଇ ତାଲିକା ପ୍ରସ୍ତୁତ କରିଛନ୍ତି ଏବଂ ତହିଁରୁ ମାତ୍ର ୧୯୯୮ ଜାତି ରାଜ୍ୟ ତାଲିକା ସହ ମେଳ ଖାଉଛି ବାକି ୧୭୪୫ ଜାତିକୁ ସଂରକ୍ଷଣ ସୁଯୋଗରୁ ବାହାରେ ରଖିବାର ଷଡଯନ୍ତ୍ର କଲେ । ୪) ଓବିସିଙ୍କୁ ପ୍ରମୋଶନରେ ସଂରକ୍ଷଣ ମିଳିବ ନାହିଁ ଏହା ସହ ଏସଟି /ଏସସିଙ୍କୁ ପ୍ରମୋସନରେ ମିଳୁଥିବା ସଂରକ୍ଷଣକୁ ସମାପ୍ତ କରିବାର ଫଇସଲା ଦେଲେ । ଯେହେତୁ ଏସିଟି/ଏସସି ଲୋକେ ହିଁ ମଣ୍ଡଳ ଲଢ଼ାଇ ଲଢୁଥିଲେ । ସେମାନଙ୍କୁ ନିଜ କାମରେ ଲାଗିବାକୁ ଓ ଓବିସି ସଂରକ୍ଷଣ ସପକ୍ଷରେ ନ ଲଢ଼ିବାକୁ ଏସସି /ଏସଟିଙ୍କୁ ବି ଏହା ଭିତରକୁ ଟାଣି ଏପରି ଫଇସଲା ଦେଲେ ଏବଂ ୧୯୯୯ ରେ ସୁପ୍ରିମ କୋର୍ଟର ପାଞ୍ଚଜଣିଆ ବେଞ୍ଚ ଫଇସଲା ଶୁଣାଇଲେ କି

ଆରକ୍ଷଣ ମୌଳିକ ଅଧିକାର ନୁହେଁ । ଅର୍ଥାତ ୧୯୯୨ରେ ୯ଜଣିଆ ବେଞ୍ଚ ଆରକ୍ଷଣ ମୌଳିକ ଅଧିକାର ବୋଲି ଦେଇଥିବା ଫଇସଲାକୁ କଟିଂ ଛଟିଂ କରିବା ସମ୍ବିଧାନ ବିରୋଧି ଅଟେ, ୯ଜଣିଆ ବେଞ୍ଚର ଫଇସଲାକୁ ୫ଜଣିଆ ବେଞ୍ଚ କାଟି ପାରିବେ ନାହିଁ ।

ସମ୍ବିଧାନର ୮୧ତମ ସଂଶୋଧନ "Reservation in promotion" ST/SC ପାଇଁ ଲାଗୁ ହେଲା, ତାର ବିରୁଦ୍ଧରେ ଦକ୍ଷିଣ ଭାରତର ଏମ୍. ନାଗରାଜ ମାମଲା ସୁପ୍ରିମ କୋର୍ଟ ଗଲା, ଯାହାର ଫଇସଲା ଅକ୍ଟୋବର ୨୦୦୬ ରେ ଆସିଲା । ଫଇସଲା ହେଲା - ୧) ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ ରହିଛି ନା ନାହିଁ ତାର ତଥ୍ୟ, ୨) ପଛୁଆପଣ ଦେଖାଯିବା ଦରକାର, ୩) ଦକ୍ଷତା ପ୍ରଭାବିତ ହେଉ ନଥିବା ଦରକାର । ଅର୍ଥାତ ସୁପ୍ରିମ କୋର୍ଟ ଏସସି /ଏସଟି ଙ୍କ "Reservation in promotion" ସମାପ୍ତ କରି ନାହାନ୍ତି । କିନ୍ତୁ ବ୍ରାହ୍ମଣ ବନିଆ ପ୍ରଚାର ମାଧ୍ୟମ ବ୍ୟାପକ ଭାବରେ ପ୍ରଚାର କରି ଚାଲିଛନ୍ତି କି, "Reservation in promotion" ସମାପ୍ତ ହୋଇଗଲା ।

ଓଡିଶାରେ ୨୭% ଓବିସି ସଂରକ୍ଷଣ ବିରୋଧରେ ଅମର ଛାଟୋଇ ରାଜ୍ୟସରକାରଙ୍କୁ ପକ୍ଷ କରି ଟ୍ରିବୁନାଲ କୋର୍ଟକୁ ଗଲେ । ଟ୍ରିବ୍ୟୁନାଲ କେଉଁ ଆଧାରରେ ଏସଇବିସିଙ୍କୁ ୨୭% ଆରକ୍ଷଣ ଦେବେ ତଥ୍ୟ ଉପସ୍ଥାପନ କରିବାକୁ ସରକାଙ୍କୁ ତଥ୍ୟ ମାଗିଲେ । ସରକାର ଓବିସିଙ୍କ ହିତକୁ ଦୃଷ୍ଟିରେ ରଖି ଆବଶ୍ୟକ ତଥ୍ୟ ଉପସ୍ଥାପନ କଲେ ନାହିଁ ବୋଲି ଏସ ଇ ବି ସି ସଂରକ୍ଷଣ ୨୭ ରୁ ୧୧.୨୫ କୁ ସଂକୁଚିତ କଲେ ।

ରାଜ୍ୟ ସରକାର ପୁନଶ୍ଚ ଏସ୍‌ଇବିସି ସଂରକ୍ଷଣ ଆଇନ ୨୦୦୮ ଜରିଆରେ ନିଯୁକ୍ତି ନିମନ୍ତେ ୨୭% ସଂରକ୍ଷଣ ଲାଗୁ କରିବା ପାଇଁ ବିଜ୍ଞପ୍ତି ଜାରି କରିଥିଲେ । ଉକ୍ତ ଆଇନକୁ ନବମ ପରିଚ୍ଛେଦ ଅନ୍ତର୍ଭୁକ୍ତ କରିବାକୁ ଦୁଇଥର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । ସମୟପୋଯୋଗୀ ଓ ଦୃଢ଼ ପଦକ୍ଷେପ ନ ନେବାରୁ ଏହା ସଂଭବ ହୋଇ ପାରିଲା ନାହିଁ । ମନେ ହୁଏ ସରକାର ୫୨ ପ୍ରତିଶତ ପଛୁଆ ବର୍ଗ ଲୋକଙ୍କ ସ୍ୱାର୍ଥକୁ ଜାଣିଶୁଣି ଉପେକ୍ଷା କରୁଛନ୍ତି ।


ଶୁଭେଚ୍ଛା ସହ

# ସାଇ ଫେନ୍ସି ଷ୍ଟୋର

## ନିଲେଶ କୁମାର ସାହୁ

ମୋ: ୯୧୭୮୦୦୮୧୦୮

ସଡ଼କ ପଡ଼ା, ଝାରବନ୍ଧ ରୋଡ଼, ପାଇକମାଲ, ବରଗଡ଼



# ସଂସ୍କାର

**ଲକ୍ଷ୍ମଣ ସାହୁ**
ସଭାପତି, ବରଗଡ ଯୋନ, ପାଇକମାଲ

ପ୍ରତ୍ୟେକ ମଣିଷ ନିଜ ପରିବାର ତଥା ନିଜର ସମାଜ ପାଇଁ କିଛି ନା କିଛି ଚିନ୍ତା କରିବାର ଆବଶ୍ୟକତା ନିଶ୍ଚିତ ଅଛି । ଏହା ସମସ୍ତଙ୍କୁ ଜଣାଥିଲେ ମଧ ସମୟ ଅଭାବରୁ ହେଉ କିମ୍ବା ଆନ୍ତରିକତାର ଅଭାବ ହେଉ ଆମେ ସମ୍ଭବରେ ପରିଣତ କରିପାରୁନାହିଁ । ଆମ କୁବେର ସମାଜର ଅଧିକାଂଶ ନିଜ ନିଜ ସ୍ଥାନରେ ଏକ ପରିଚୟ ସୃଷ୍ଟି କରି ଜୀବନ ଯାପନ କରୁଥିବାର ପରିଲକ୍ଷିତ ହୁଏ । ତଥାପି ଦୁର୍ଭାଗ୍ୟର ବିଷୟ ପ୍ରାୟ ପ୍ରତ୍ୟେକ ପରିବାରରେ ବେଳେ ବେଳେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଅଛି । ଏହାକୁ କେହି ଅସ୍ୱୀକାର କରି ପାରିବେ ନାହିଁ । ଏଠି ଚିନ୍ତାର ବିଷୟ ଏ ପ୍ରକାର ପରିସ୍ଥିତି ପାଇଁ ଆମେ କାହାକୁ ଦାୟୀ କରିବା ? ଟିକା ଗୋବିନ୍ଦ ଚନ୍ଦ୍ରଙ୍କ ଯୋଗୀ ବେଶ ସମୟରେ ତାଙ୍କ ମାଁ କହିଥିଲେ,

"ବେଳ ଥାଉଁ ବନ୍ଧ ବାନ୍ଧରେ କୁମର ପୁରିଥାଉ ସରୋବର
ବନ୍ଧ ଭାଙ୍ଗିଗଲେ ହଂସ ଉଡିଯିବ ସବୁ ହେବ ନାରଖାର ।"

ଏ ଉକ୍ତିର ଯଥାର୍ଥତା ବର୍ତ୍ତମାନ ଆମ ସମାଜ ଆମ କୂଳ ମର୍ଯ୍ୟାଦା, ଆମ ପରିବାରର ସ୍ୱାଭିମାନର ରକ୍ଷା କରି ଆମର ନିଜ ନିଜ ପରିବାରରେ ଆଧ୍ୟାତ୍ମିକ ପରିବେଷ ସୃଷ୍ଟି କରି ସଂସ୍କାର ଆଣିବାର ସମୟ ଆସି ଯାଇଥିବାର ପରିଲକ୍ଷିତ ହୁଏ ।

ଏଠାରେ ମୋ ନିଜର ଅନୁଭୂତିରୁ କିଛିଟା ଆଲୋଚନା କରିବା ପାଇଁ ମୋର ଆତ୍ମା (ବିବେକ) ବାଧ୍ୟ କରୁଛି । ଆଜକୁ ୪୦ର ବର୍ଷ ହେବ ମହାସଭା ଗଠନକୁ । ଏହି ଦୀର୍ଘ ସମୟ ଭିତରେ ମହାସଭାର ଜଣେ ଶୃଙ୍ଖଳିତ କର୍ମକର୍ତ୍ତା ବା ସଦସ୍ୟ ଭାବରେ ମୁଁ ଅନେକ ସାଇର ସଦସ୍ୟ ସଦସ୍ୟା ତଥା ବନ୍ଧୁ ବାନ୍ଧବଙ୍କ ସଂସ୍ପର୍ଶରେ ଆସିଛି । ପ୍ରାୟତଃ ଅଧିକାଂଶଙ୍କ ମୁଖରୁ ଶୁଣିବାକୁ ପାଇଛି ଯେ ସଭା ସମିତିରୁ ଆମକୁ କ'ଣ ମିଳିବ ? ଆମେ ଆମର ଧନ୍ଦାରେ ବ୍ୟସ୍ତ, ଯେଉଁ ମାନଙ୍କର କିଛି ଧନ୍ଦା ନାହିଁ ସେମାନେ ସମାଜ ବା ସଭାସମିତି କରନ୍ତୁ । ଏହାହିଁ ଆମର ସମାଜ ବା ପରିବାରର ସଂସ୍କାର, ତଥାପି ଯେତେବେଳେ ତାଙ୍କର ନିଜର ପରିବାରରେ କୌଣସି ସମସ୍ୟା ବା ପରିସ୍ଥିତି ସୃଷ୍ଟି ହୁଏ ସେତେବେଳେ ସାଇ ବା ସମାଜ ଖୋଜିଥାନ୍ତି । ଯାହାକି ଆମ ସମାଜ ପାଇଁ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରୁଥିବାର ପରିଲକ୍ଷିତ ହୁଏ ।

ଏଣୁ ଆମ ସମାଜର ସମସ୍ତ ଭାଇ ଭଉଣୀ ମାନଙ୍କୁ ମୋର ବିନମ୍ର ନିବେଦନ ସହିତ ଅନୁରୋଧ କରୁଅଛି ଯେ, ବେଳ ଥାଉ ବଂଧ ବାନ୍ଧି ଆମ ପରିବାର ରୂପକ ବନ୍ଧକୁ ସଜାଡି ସଂସ୍କାରିତ କରି ସ୍ୱଚ୍ଛ ଜଳ ରଖିଲେ କୌଣସି ପ୍ରକାର ରୋଗ ବ୍ୟାଧି ଆମକୁ ସହଜେ ଗ୍ରାସ କରିବାର ସାହସ କରିପାରିବ ନାହିଁ ।

ଶୁଭେଚ୍ଛା ସହ







# ଶ୍ରୀମା ଜେନେରାଲ୍ ଷ୍ଟୋର

# ଶ୍ରୀମା ଫେନ୍ସି ଷ୍ଟୋର

## ଶାନ୍ତିପୁର, ଧଣ୍ଡାମୁଣ୍ଡା, ବଲାଙ୍ଗୀର

ପ୍ରୋ: **ଭରତ ଚନ୍ଦ୍ର ସାହୁ**

ମୋ: ୯୯୩୭୬୪୯୬୯୩

ପ୍ରୋ: **ଆର୍ତ୍ତତ୍ରାଣ ସାହୁ**

ମୋ: ୯୯୩୮୫୬୧୨୩୩



# ବ୍ୟକ୍ତିତ୍ୱ ଗଠନ ହିଁ ସମାଜ ଗଠନର ମୂଳମନ୍ତ୍ର

**ବାସୁଦେବ ସାହୁ**
ବାସୁଦେବ ମେଡିକାଲ୍ସ, ବସଷ୍ଟାଣ୍ଡ, ଧୂମାଭଟା

ପିଲାଟିଏ ଧରାଧାମରେ ଜନ୍ମ ନେଲାପରେ ପିତାମାତାଙ୍କର ଅଜସ୍ର ସ୍ୱପ୍ନ ଥାଏ । ଆପଣା ପିଲାଟି ଭଲପାଠ ପଢୁ । ଉପଯୁକ୍ତ ମଣିଷଟିଏ ହୋଇ ସମାଜରେ ନିଜକୁ ପ୍ରତିଷ୍ଠିତ କରୁ । ଭଲ ମଣିଷଟିଏ ହୋଇ ଯଶକିର୍ତ୍ତୀ ଅର୍ଜନ କରୁ । ପିତାମାତାଙ୍କର ସମ୍ମାନ ରଖୁ । ମାତ୍ର ପ୍ରତିଟି ସ୍ୱପ୍ନ ପୂର୍ଣ୍ଣ ହୋଇ ନଥାଏ । ଯେଉଁ ଶିଶୁକୁ ନେଇ ସେମାନେ ଅନେକ ସ୍ୱପ୍ନ ଦେଖିଥାନ୍ତି । ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେମାନେ କେଉଁ ରାସ୍ତାରେ ପାଦ ପକେଇ ଥାନ୍ତି ପିତାମାତା ସେ ସମ୍ବନ୍ଧରେ ଅଜ୍ଞ ଥାଆନ୍ତି । ସନ୍ତାନ ଏବଂ ପିତାମାତାଙ୍କ ମଧ୍ୟରେ ବ୍ୟବଧାନର ରେଖାଟିଏ ହୋଇସାରିଥାଏ ।

ଶିଶୁ ମାନଙ୍କ ଭିତରେ ଅନନ୍ତ ଶକ୍ତିର ଭଣ୍ଡାର ଗଚ୍ଛିତ ହୋଇକରି ରହିଅଛି । ଉପଯୁକ୍ତ ପରିବେଶ ଓ ଉତ୍ସାହ ଦ୍ୱାରା ଅସମ୍ଭବକୁ ସମ୍ଭବ କରିବାର କ୍ଷମତା ରହିଅଛି । ମାତ୍ର ଉପଯୁକ୍ତ ବିନିଯୋଗ ବା ଉତ୍ସାହର ଅଭାବରେ ସେମାନେ ଭୁଲରାସ୍ତାରେ ପାଦ ଦିଅନ୍ତି । ବର୍ତ୍ତମାନ ସମାଜରେ ଦେଖାଯାଉଛି ଯେ, ଶିଶୁଟିଏ କିଶୋର ବୟସରେ ପଦାର୍ପଣ କଲାପରେ ଅନେକ ସମୟରେ ବିପଥଗାମୀ ହେଉଛି । ଏହି ବୟସର ପିଲାଟିର ଶାରିରୀକ ପରିବର୍ତ୍ତନ ସହ ମାନସିକ ପରିବର୍ତ୍ତନ ହୋଇଥାଏ । ନୈତିକ ଶିକ୍ଷା ଓ ପରାମର୍ଶର ଅଭାବରେ ଭୁଲରାସ୍ତାରେ ପରିଚାଳିତ ହୁଏ । ପିଲାଟିଏ ଭୁଲ ରାସ୍ତାରେ ପରିଚାଳିତ ହେବାର ଅନେକ କାରଣ ରହିଛି । ତା ମଧ୍ୟରୁ ଶିକ୍ଷା, ଦରିଦ୍ରତା, କୁସଙ୍ଗ, ନିଃସଙ୍ଗତା, ନୈତିକ ଶିକ୍ଷାର ଅଭାବ, ପରିବେଶ ଇତ୍ୟାଦି ।

ପିତାମାତା, ସନ୍ତାନ ଉପରେ ଅତ୍ୟଧିକ ଆଶାକରି ଅନେକ ସମୟରେ ପିଲାମାନଙ୍କୁ ନାମୀଦାମୀ ବିଦ୍ୟାଳୟରେ ନାମ ଲେଖାନ୍ତି । ତାପରେ ପିଲା ସେଠାରେ ଭଲମାର୍କ ରଖେ । ମାତ୍ର ଅନେକ ସମୟରେ ସଂସ୍କାର ଅଭାବରେ ବିପଥଗାମୀ ହୁଏ । ସଙ୍ଗଦୋଷ ଦ୍ୱାରା ଅନେକ ସମୟରେ କୁପଥର ଯାତ୍ରୀ ହୋଇ ନିଜର ଭବିଷ୍ୟତକୁ ନଷ୍ଟକରେ । ବର୍ତ୍ତମାନ ବିଦ୍ୟାଳୟରେ ନୈତିକ ଶିକ୍ଷାର ଘୋର ଅଭାବ ଦେଖାଦେଉଛି । ନେତିକ ଶିକ୍ଷା ଉପରେ ପାଠ୍ୟପୁସ୍ତକ ପ୍ରଚଳନ କରାଯିବା ଓ ସଚେତନ ମୂଳକ କାର୍ଯ୍ୟକ୍ରମ କରାଯିବା ଉଚିତ । ନୈତିକ ଶିକ୍ଷା ଜୀବନରେ ଅନେକ ପରିବର୍ତ୍ତନ ଆଣିଥାଏ । ନୈତିକ ଅଧୋଃପତନର ମୁଖ୍ୟ କାରଣ ହେଉଛି ଉପଯୁକ୍ତ ଶିକ୍ଷାର ଅଭାବ ।

ତେଣୁ ଏକ ସୁନ୍ଦର ଓ ସମୃଦ୍ଧ ସମାଜ ଗଠନ ପାଇଁ ପିତାମାତା ଗୁରୁଜନ ଇତ୍ୟାଦିଙ୍କ ମିଳିତ ଉଦ୍ୟମରେ ଅଧିକ ସମୟ ଦେଇପିଲାଙ୍କ ଭବିଷ୍ୟତ ନିର୍ମାଣ ପାଇଁ ସଚେତନ ହେବା ଉଚିତ୍ । ଉପଯୁକ୍ତ ପରିବେଶ ସୃଷ୍ଟି କରି ଭବିଷ୍ୟତ ନିର୍ମାଣ ପାଇଁ ସର୍ବଦା ଯତ୍ନଶୀଳ ହେବା ବିଧେୟ ।

ଶୁଭେଚ୍ଛା ସହ



ଶୁଭେଚ୍ଛା ସହ

# ରୋହିତ କୁମାର ସାହୁ

ମୋ: ୯୯୩୭୯୫୬୭୨୭



# ସାହୁ ମେଡ଼ିକାଲ ଓ ଜେନେରାଲ ଷ୍ଟୋର

ଛିନ୍ଦେଇକେଲା, ବରଗଡ଼, ଓଡ଼ିଶା

# ଅର୍ଥନୀତିରେ ତୈଳିକ ବୈଶ୍ୟମାନଙ୍କର ଭୂମିକା

**ଯୋଗେଶ୍ୱର ସାହୁ**
ପରୁଆ ଭାଡି, ରାମଚନ୍ଦ୍ର ପୁର, ବଲାଙ୍ଗିର

କାଳ ବକ୍ଷରେ ବିକାଶ ଓ ବିନାଶ ଧାରାକୁ ବହନ କରି ଗଡି ଚାଲିଚନ୍ତି ଦିନ, ମାସ ଓ ବର୍ଷମାନେ । ତାରି ଭିତରେ ଏ ଧରା ପୃଷ୍ଠରେ କେତେ ମାନବ ସଭ୍ୟତାର ସୃଷ୍ଟି ହୋଇଛି, ବିଲୟ ହୋଇଛି ଓ କେତେ ସଭ୍ୟତା ସୃଷ୍ଟି ହୋଇ ଚାଲିଛି । ଅତୀତର ଦିନଲିପିରେ ମଣିଷ ଏ ସବୁକୁ ଖୋଜେ । କାହାକୁ ପାଏ ତ କାହାକୁ ପାଏନି । କାଳର ସାଗରରେ କିଏ ଲୁଣ ପରି ମିଳେଇ ଯାଇଛି ତ କିଏ ବାଲି ଗରଡା ପରି ଗଡି ଗଡି ଚିକ୍କଣ ହୋଇ ଚକ୍ ଚକ୍ କରୁଛି ।

ଆର୍ଯ୍ୟ ସଂସ୍କୃତି ପୁଷ୍କରିଣୀରେ ପ୍ରସ୍ଫୁଟିତ ମନୋହର ପଦ୍ମ ରୂପକ କାଳଜୟୀ ଧର୍ମଗ୍ରନ୍ଥ ଶ୍ରୀମଦ୍‌ଭଗବତ ଗୀତା କହନ୍ତି " ମାନବ ଜାତିରେ ଚତୁର୍ବର୍ଣ୍ଣ ଈଶ୍ୱରୀୟ ବିଧାନ" । ଏହି ବିଧାନର ଯଥାର୍ଥ ପ୍ରୟୋଗ କରି ମାନବ ସମାଜର ଉତ୍କର୍ଷ ସାଧନ କରିବା ଉଦ୍ୟମରୁ ଅନେକ ଜାତି ଓ ଉପଜାତି ସୃଷ୍ଟି ହୋଇଥିଲା । ଏହି ବିଧାନ ଅନୁସାରେ ପ୍ରତ୍ୟେକ ପରିବାର ଗୋଟିଏ ଗୋଟିଏ ବୈଷୟିକ ବିଦ୍ୟାଳୟରେ ପରିଣତ ହୋଇ ବଂଶାନୁକ୍ରମେ ନିଜ ନିଜ ଜ୍ଞାନକୌଶଳର ଉତ୍କର୍ଷ ସାଧନ କରି ସମାଜ କଲ୍ୟାଣରେ ନିଜକୁ ଓ ନିଜର କର୍ମକୁ ଉତ୍ସର୍ଗ କରୁଥିଲେ ।

ସେତେବେଳେ କୃଷିକୁ ବେଉଷା କୁହାଯାଉଥିବ । ଏବେ ମଧ୍ୟ ପ୍ରଚଳିତ କୃଷିକର୍ମରେ ବେଉଷା ଶବ୍ଦର ପ୍ରୟୋଗ ହେଉଅଛି । ବେଉଷାରେ ଲିପ୍ତ ବ୍ୟକ୍ତି ମାନଙ୍କୁ ବୈଶ୍ୟ କୁହାଯାଉଥିବ ଏବଂ ଏମାନଙ୍କ ଦ୍ୱାରା ଆଦାନ ପ୍ରଦାନ କର୍ମକୁ ବ୍ୟବସାୟ କୁହାଯାଇଥିବ । ତେଣୁ କୃଷି ଓ ବ୍ୟବସାୟ ଉଭୟ ବୈଶ୍ୟ ମାନଙ୍କର କୌଳିକ କର୍ମ ଅଟେ ।

ଚାରି ବର୍ଣ୍ଣ ମଧ୍ୟରେ ବୈଶ୍ୟ ମାନେ ସ୍ୱଧର୍ମ ପାଳନରେ ପ୍ରବୃତ୍ତ ହୋଇ ସମାଜକୁ ବଂଚାଇବା ଓ ସମୃଦ୍ଧ କରିବାର ପଦକ୍ଷେପ ଗ୍ରହଣ କରିବାରୁ ଅନେକ ଜାତି ଓ ଉପଜାତି ସୃଷ୍ଟି ହେଲା । ଜାତି ଓ ଉପଜାତି ମାନଙ୍କ ମଧ୍ୟରେ ତେଲି ମାନେ ମୁଖ୍ୟ ଭୂମିକା ଗ୍ରହଣ କରି ଏକାଧାରରେ କୃଷି, କୃଷିରୁ ଉତ୍ପନ୍ନ ତୈଳବୀଜରୁ ତୈଳ ନିଷ୍କାସନ କରି ବ୍ୟବହାର ଯୋଗ୍ୟ କରିବା ସହ ଏ ସମସ୍ତ ଜିନିଷ ବିପଣନ କାର୍ଯ୍ୟକୁ ଅତ୍ୟନ୍ତ ଦକ୍ଷତାର ସହ କରି ଦେଶ ଓ ଜାତିକୁ ସମୃଦ୍ଧିର ଶୀର୍ଷରେ ପହଞ୍ଚାଇ ପାରିଥିଲେ । ଏମାନେ ଦେଶର ବାଣିଜ୍ୟକୁ ବୋଇତରେ ସମୁଦ୍ର ବକ୍ଷରେ ଯାତ୍ରା କରି ଦୂରଦେଶ ପର୍ଯ୍ୟନ୍ତ ପ୍ରସାର କରାଇ ଦେଶର ଆର୍ଥିକ ବିକାଶ ସହ ନିଜର ଆର୍ଥିକ ବିକାଶ କରିପାରିଥିଲେ । ଏଥିପାଇଁ ଏମାନେ ସାଧବ ନାମରେ ପରିଚିତ ହୋଇଥିଲେ । ସେମାନଙ୍କ ମଧ୍ୟ ଯେଉଁମାନେ ଅତ୍ୟନ୍ତ ବିତ୍ତଶାଳୀ ହୋଇଥିଲେ ସେମାନେ କୁବେର ପୁତ୍ର ଭାବେ ପରିଚିତ ଓ ସମ୍ମାନୀତ ହେଉଥିଲେ । କାଳକ୍ରମେ ଏହି କୁବେର ପୁତ୍ର ସମ୍ମାନ ବଂଶଗତ ହୋଇଗଲା ।

ମାନବ ସମାଜ ପାଇଁ ଯେତେବେଳେ ଖାଦ୍ୟ, ବସ୍ତ୍ର, ଗୃହ ଓ ବିକାଶ ସାମଗ୍ରୀର ଆବଶ୍ୟକ ହୋଇଥିବ ସେତେବେଳେ ପରସ୍ପର ଭିତରେ ଆଦାନ ପ୍ରଦାନ ଆରମ୍ଭ ହୋଇଥିବ । ଆଦାନ ପ୍ରଦାନର ସୁବିଧା ପାଇଁ ଭାରତରେ ବୋଧହୁଏ ପ୍ରଥମେ ଗାଈ ଏକକ ଭାବେ ବ୍ୟବହାର କରାଗଲା । ପରେ ବୋଇତ ବାଣିଜ୍ୟର ବିକାଶ ହେବାରୁ ସାଧବ ମାନେ ସମୁଦ୍ରରୁ ସଂଗୃହିତ କଉଡି ନାମକ ଏକ ଜଳଜୀବର କଙ୍କାଳକୁ ବ୍ୟବହାର କରିଥିଲେ । ପ୍ରାଚୀନ ଗଣିତ ଶାସ୍ତ୍ରରେ ମଧ୍ୟ କଉଡିର ଉଲ୍ଲେଖ ଅଛି । ବ୍ୟାସ କବି ଫକୀର ମୋହନଙ୍କ ଉପନ୍ୟାସରେ ମଧ୍ୟ "କଉଡି କାହାଣେ ମହାଜନ ଜଣେ ଖାତକ ଠାରେ ଋଣ ଦେଲା, ମାସକୁ ନିଜର ଦେବୁ କଳନ୍ତର ପଞ୍ଚଦଶ ଗଣ୍ଡା ବୋଇଲା" ଇତ୍ୟାଦି ଦେଖିବାକୁ ମିଳେ । ଏହିପରି ଭାବେ ପ୍ରାଚୀନ ଅର୍ଥନୀତିର ଆରମ୍ଭ ଗାଈ ଓ କଉଡ଼ିରୁ ହୋଇ ଆଜି କୋର ବେଙ୍କିଙ୍ଗ ପର୍ଯ୍ୟନ୍ତ ପହଞ୍ଚି ଗଲାଣି ।

ଅର୍ଥନୀତିର ମୂଳକୁ ଖୋଲି ଦେଖିଲେ ସେଥିରେ ଭିତ୍ତି ପ୍ରସ୍ତରରେ କୁବେର ପୁତ୍ର ମାନଙ୍କ ନାମ ଝଟକି ଉଠିବ । ଆଜି ବି ଆମ ଜାତିଆଣ ସଭାରେ ଗୁଆ ବାଣ୍ଟ ହେଲେ ଗୁଆ ଗଣନାରେ ଗାଈ ଶବ୍ଦର ବ୍ୟବହାର ପ୍ରଚଳିତ ହେଉଅଛି । ପୂର୍ବେ ଗୁଆକୁ ଭିନ୍ନ

ଭିନ୍ନ ନାମରେ ଚିହ୍ନା ଯାଉଥିଲା । ସେଥି ମଧ୍ୟରେ ଜାହାଜୀ ଗୁଆ ଅନ୍ୟତମ । ଏ ନାମ ଓ କଉଡି ଆମ ଜାତିର ଗର୍ବ ଓ ଗୌରବର ପ୍ରତୀକ ।

ଅର୍ଥନୀତିର ମୂଳଦୁଆ ପକାଇ ବୋଇତ ବାଣିଜ୍ୟରେ ଦେଶକୁ ସମୃଦ୍ଧ କରିଥିବାରୁ ଆଜି ବି ଆର୍ଯ୍ୟ ମାନେ ଜାତି ବର୍ଣ୍ଣ ନିର୍ବିଶେଷରେ ବୋଇତକୁ ସମ୍ମାନ ଦେଇ ଆସୁଛନ୍ତି । କାର୍ତ୍ତିକ ପୂର୍ଣ୍ଣିମା ଦିନ ସମଗ୍ର ଭାରତ ବର୍ଷରେ ବୋଇତ ଭସାଇ ପର୍ବ ପାଳନ କରି ଆସୁଛନ୍ତି ।

ଯେତେଦିନ ପର୍ଯ୍ୟନ୍ତ ମାନବ ଜାତି ଧରାପୃଷ୍ଠରେ ବଞ୍ଚି ରହିଥିବ ସେତେଦିନ ପର୍ଯ୍ୟନ୍ତ ଅର୍ଥନୀତି ରହିଥିବ ଓ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ଭସାଣ ଉତ୍ସବ ଆମ ଜାତିର କିର୍ତ୍ତି ଗାନ କରୁଥିବ ।

ହେ ଏ ଜାତିର ବଂଶଧର ଗଣ ଆସ ନିଜ ମଧ୍ୟରେ ଥିବା ଉଚ୍ଚ ନିଚ୍ଚର ମନୋଭାବରୁ ନିବୃତ୍ତ ରହି ସମସ୍ତ କୁ-ସଂସ୍କାରର କୁ ମୂଳପୋଛ କରି ନିଜ ମଧ୍ୟରୁ ସଂକୀର୍ଣ୍ଣତା କୁ ଦୂର କରି ଧନ, ମନ ଓ ପ୍ରାଣ ଢାଳି ଯାବତ୍‌ଚନ୍ଦ୍ରାର୍କେ ଏ ଜାତିକୁ ବଞ୍ଚାଇ ରଖିବା ଓ ଜାତି ଏକ କାଳଜୟୀ ଜାତି ହୋଇ ଭାରତ ବର୍ଷରେ ତିଷ୍ଠି ରହୁ ବୋଲି ଈଶ୍ୱରଙ୍କ ଠାରେ ପ୍ରର୍ଥନା କରିବା ।


With best compliments from





**SARASWATI ALANKARA**

Prop: *Manoj Kumar Sahu*

**Hatpada Pada, Titilagarh, Cell. 9437891087, 8658499187**

Narahari Sahu - **07381191732**



# ବନ୍ଦ ପ୍ରତିବାଦର ଅନୈତିକ ପନ୍ଥା

**ଡା. ଲଳିତ କୁମାର ସାହୁ**
କୁଡାସିଂହା, ବଲାଙ୍ଗିର

ଦୈନନ୍ଦିନ ଜୀବନରେ ଆମେ ଏକ ଶବ୍ଦ ସହ ଅଭ୍ୟସ୍ତ ହୋଇସାରିଛୁ, ତାହା ହେଲା 'ବନ୍ଦ' । ଆମ ଦେଶ ଭାରତରେ ପ୍ରାୟତଃ ସରକାରଙ୍କୁ ବିରୋଧ କିମ୍ବା ନିଜର କିଛି ଦାବି ଅଥବା ଆବଶ୍ୟକତାକୁ ଉପସ୍ଥାପନା କରିବା ପାଇଁ ସମସ୍ତେ ବନ୍ଦକୁ ସର୍ବଶ୍ରେଷ୍ଠ ମାଧ୍ୟମ କରିସାରିଛନ୍ତି । ବନ୍ଦ, ହରତାଳ ବା ଧର୍ମଘଟର ଅର୍ଥ ହେଲା କିଛି ନିର୍ଦ୍ଦିଷ୍ଟ ଅଂଚଳ, ରାଜ୍ୟ ବା ସମଗ୍ର ଦେଶକୁ ଏକ ପ୍ରକାର ଅଚଳ ବା ପଙ୍ଗୁ କରିଦେବା । ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ବ୍ୟବସାୟିକ ଅନୁଷ୍ଠାନ, ଗମନା ଗମନ ଭଳି ଅତ୍ୟାବଶ୍ୟକ ସେବାଠାରୁ ଲୋକଙ୍କୁ ନିବୃତ୍ତ ରଖାଯାଇଥାଏ । ଏହା କରିବା ଫଳରେ ସରକାରଙ୍କ ରାଜକୋଷରେ ପ୍ରଭାବ ପଡ଼ିବା ଦ୍ୱାରା ସରକାରଙ୍କ ଆମ ପ୍ରତି ଭୟ ସୃଷ୍ଟି ହେବ, ଏହି ଧାରଣା ନେଇ ବିପକ୍ଷ ରାଜନୈତିକ ଦଳ ତଥା ମୁଷ୍ଟିମେୟ ସଂଗଠନ ମାନେ ବନ୍ଦର ଡାକରା ଦେଇଥାନ୍ତି । ଏହି ବନ୍ଦର ପ୍ରଭାବ ବିଶେଷ କରି ନିମ୍ନବର୍ଗର, ସାଧାରଣ ଜନତାଙ୍କ ଉପରେ ପଡ଼ିଥାଏ ।

ଜଣେ ଦିନ ମଜୁରିଆ ଦୈନିକ ପ୍ରାପ୍ୟ ପାଇ, ପରିବାର ପୋଷଣ କରୁଥିବା ସାଧାରଣ ମଣିଷ ଯେତେବେଳେ ଏହି ବନ୍ଦର ଶିକାର ହୁଏ, ସେତେବେଳେ ସମସ୍ତ ପରିବାରବର୍ଗଙ୍କୁ ଅନ୍ନ ମୁଠାଏ ନ ପାଇ ଭୋକରେ ରହିବାକୁ ପଡେ । ଆଉ ଯେତେବେଳେ ଏହି ବନ୍ଦ ଏକାଧିକ ଦିନ ଲାଗି ରହେ ତାଙ୍କ ପାଇଁ ଏହା କାଳ ହୁଏ । ସେମାନଙ୍କ ଅବସ୍ଥା କଣ ହେଉଥିବ ଆପଣମାନେ ସାଧାରଣରେ ଅନୁମାନ କରିପାରୁଥିବେ । ବାସ୍ତବରେ ଅଧିକାଂଶ ଲୋକ ଏହି ବନ୍ଦର ମୌଳିକତା ବସ୍ତୁନିଷ୍ଠ ଉଦ୍ଦେଶ୍ୟ ନଜାଣି ଘରୁ ନ ବାହାରି ଏକ ପ୍ରକାର ନିରବ ସମର୍ଥନ ଜଣାଇଥାନ୍ତି । ଅନ୍ୟ ପକ୍ଷରେ ଏକ ପ୍ରକାର ବନ୍ଦକୁ ସମର୍ଥନ କରିବା ପାଇଁ ତାଙ୍କ ମନରେ ଭୟ ସୃଷ୍ଟି କରାଇ ବାଧ୍ୟ କରାଯାଏ । ଏହା ବିରୁଦ୍ଧରେ ଗଲେ ସେମାନଙ୍କୁ ହିଂସ୍ର ଆକ୍ରମଣର ଶିକାର ହେବାର ଭୟଥାଏ । ଏହିଭଳି କୃତ୍ରିମ ଜନସମର୍ଥନ ମାଧ୍ୟମରେ ଏହି ବନ୍ଦକୁ ସଫଳତାର ରଙ୍ଗ ଦିଆଯାଏ । ଆତ୍ମଘୋଷିତ ସମାଜସେବୀ ବା ନେତାମାନଙ୍କ ପତିଆରା ଯୋଗୁଁ ଭୟରେ ଲୋକେ ଏକପ୍ରକାର ସମର୍ଥନ ଜଣାଇଥାନ୍ତି । ଏପରିକି ନିରିହ କୁନିକୁନି ସ୍କୁଲ ଛାତ୍ରଛାତ୍ରୀ ମଧ୍ୟ ଏଥିରୁ ବାଦ ପଡି ନ ଥାନ୍ତି । ସ୍ଥାନେ ସ୍ଥାନେ ସ୍କୁଲ ବସ ଗୁଡିକୁ ଭଙ୍ଗାରୁଜା କରିବା ନଜରକୁ ଆସିଥାଏ । ଏହା ଅମାନବୀୟ ନୃସଂଶତା ନୁହେଁ କି ? ଏଠି ଆହୁରି ପ୍ରଶ୍ନ ଉଠେ କି ଗୋଟିଏ ଦାବି ପୂରଣ ପଇଁ ହିଂସା ଏକମାତ୍ର ରାସ୍ତା କି ?

ସର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ନାଗରିକଙ୍କ ନିଜସ୍ୱ ଅଧିକାର ବ୍ୟକ୍ତ କରିବାର ସୁଯୋଗ ମିଳିବା ବିଧିସମ୍ମତ । କାରଣ "ଗଣତନ୍ତ୍ର ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ ନିଜେ କରୁଥିବା କାର୍ଯ୍ୟପନ୍ଥାରେ ଆମେ ବାଧ୍ୟତା ମୂଳକ କୌଣସି ବ୍ୟକ୍ତିଙ୍କୁ ଟାଣିବା ଅସାମ୍ବିଧାନିକ ଅଟେ ।

ଉଚ୍ଚତମ ନ୍ୟାୟାଳୟ ୧୯୯୮ ମସିହାରେ ବନ୍ଦ ନାଁ ରେ ଚାଲିଥିବା ଗୁଣ୍ଡାଗର୍ଦ୍ଦିକୁ ବେଆଇନ ଘୋଷଣା କରିଛନ୍ତି । ତଥାପି ଆମ ଦେଶରେ ଏହି ବନ୍ଦ ବଳବତ୍ତର ରହିଛି । ଦକ୍ଷିଣ ଏସିୟ ରାଷ୍ଟ୍ର ଭାରତ ଏବଂ ଜାପାନରେ ହିଁ ବନ୍ଦ ପ୍ରଚଳିତ ଅଛି । ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ମାନଙ୍କରେ ଏହା ଅତି କ୍ୱଚିତ । ଖବର କାଗଜ, ବୈଦ୍ୟୁତିକ ଗଣ ମାଧ୍ୟମ ତଥା ସାମାଜିକ ଗଣମାଧ୍ୟମ ମାନଙ୍କରେ ଯଦି ପ୍ରସାରିତ ନ କରି ପ୍ରୋତ୍ସାହନ ଦିଆ ନ ଯାଏ, ତେବେ ଅନେକାଂଶରେ ଏହା ପ୍ରଭାବଶୂନ୍ୟ ହୋଇଯାଆନ୍ତା । ସମାଜ ପ୍ରତି ଶ୍ରଦ୍ଧା, ସମ୍ମାନ ତଥା ସହାନୁଭୂତି ଆଦୌ ନ ଥିବା ଆତ୍ମଘୋଷିତ ସମାଜସେବୀ କେବଳ ଖବର ପ୍ରସାରଣ ମାଧ୍ୟମରେ ନିଜକୁ ପ୍ରଚାର ପ୍ରସାର କରିବା ଆଶାରେ ଏହି ବନ୍ଦରେ ସକ୍ରିୟ ହୋଇଥାନ୍ତି । ନିଶ୍ଚିତ ରୂପେ ଏହି ଆନ୍ଦୋଳନକାରୀଙ୍କ କାର୍ଯ୍ୟକଳାପ ପ୍ରସାରଣ ବନ୍ଦ ହୋଇଗଲେ ଆପେ ଆପେ ସେମାନଙ୍କ ସଂଖ୍ୟା କମିଯିବ । ରାଜନୈତିକ ଦଳ ତଥା ନେତାମାନଙ୍କ ଆଶୀର୍ବାଦ ପ୍ରାପ୍ତି ଆଶାରେ ଅନେକ ଲକ୍ଷ ଉଦ୍ଦେଶ୍ୟ ଫଳାଫଳ ଜାଣି ନ ଥିବା ବ୍ୟକ୍ତି ସାମିଲ ହୋଇଥାନ୍ତି । ଅନ୍ୟ ସାଧାରଣ

ଜନତାଙ୍କୁ ହଇରାଣରେ ନ ପକାଇ ଅନ୍ୟାନ୍ୟ ପନ୍ଥା ଅବଲମ୍ବନ କରି ମଧ୍ୟ ବିରୋଧ ତଥା ନିଜର ଦାବି ଉପସ୍ଥାପନ କରିହେବ ଏବଂ ଏହା ସାଧାରଣ ଜନତାଙ୍କ ଦ୍ୱାରା ଅଧିକ ଗ୍ରହଣୀୟ ମଧ୍ୟ ହେବ । ଏଥିପାଇଁ ଧୈର୍ଯ୍ୟ, ବିବେକପୂର୍ଣ୍ଣ ଚିନ୍ତାଧାରା ତଥା ପ୍ରକୃତ ବିଜ୍ଞ ବଳୀଷ୍ଠ ନେତୃତ୍ୱର ଆବଶ୍ୟକତା ରହିଛି । ବ୍ୟକ୍ତିଗତ ସ୍ୱାର୍ଥର ଉର୍ଦ୍ଧ୍ୱରେ ରହି ସାମୁହିକ ସ୍ୱାର୍ଥକୁ ଯଦି ରାଜନୈତିକ ଦଳ ବା ବ୍ୟକ୍ତି ଆଧାର କରିବେ ତେବେ ଯାଇ ଏହି ବନ୍ଦ ରୂପି ଭୟାବହ ବ୍ୟାଧିକୁ ସମାଜରୁ ନଷ୍ଟ କରିହେବ ।

ଆମେ କେତେକ ବାସ୍ତବିକ ପରିସ୍ଥିତିକୁ ବିଚାର କରିବା, ଯଦି କୌଣସି ଗୁରୁତର ରୋଗୀ ଜୀବନ ରକ୍ଷା ପାଇଁ ହସପିଟାଲ ପହଂଚିବା ଜରୁରୀ ଥିବା ବେଳେ ବନ୍ଦ ଯୋଗୁଁ ଯାଇ ନ ପାରେ, ଜୀବନ ସାରା ପରିଶ୍ରମ କରି ସର୍ବସ୍ୱ ବାଜି ଲଗାଇ ପାଠ ପଢ଼ିଥିବା ବ୍ୟକ୍ତି ଚାକିରୀ ବା ସାକ୍ଷାତକାର ପାଇଁ ଯାଇ ନ ପାରିବ, ଦୀର୍ଘ ଦିନପରେ ଝିଅ ବାହାଘର, ଠିକ ହୋଇଥିବା ବାପା ବନ୍ଦର ଶିକାର ହୁଏ ସେହି ଲୋକମାନେ ଜୀବନର ଏହି କଠିନ ପରିସ୍ଥିତି ରେ କିଭଳି ନିଜକୁ ସମ୍ଭାଳୁଥିବେ ।

ଆମ ଦେଶ ଭାରତ ଭଳି ପ୍ରଗତିଶୀଳ ରାଷ୍ଟ୍ରରେ ଗୋଟିଏ ଦିନ ବନ୍ଦ ମଧ୍ୟ ଗ୍ରହଣ ଯୋଗ୍ୟ ନୁହେଁ । ସରକାରୀ ହିସାବରେ ଗୋଟିଏ ଦିନ ଭାରତ ବନ୍ଦରେ ପାଖାପାଖି ୨୫୦୦୦ ରୁ ୩୦୦୦୦ କୋଟି ଟଙ୍କାର ରାଜସ୍ୱହାନୀ ଘଟିଥାଏ । ଏହି ବନ୍ଦ ଏକ ଦୁଇଧାର ଥିବା ଖଣ୍ଡା ସଦୃଶ । ଗୋଟିଏ ପଟେ ଏହି ବନ୍ଦ ସରକାର ଉପରେ ଚାପ ପକାଉଥିବା ବେଳେ ସାଧାରଣ ଜନତାଙ୍କ ଉପରେ ବର୍ଦ୍ଧିତ ଟ୍ୟାକ୍ସ ଭାବରେ ଏହା ପ୍ରତିଫଳନ ହୁଏ । କାରଣ ସରକାରଙ୍କ ରାଜକୋଷରେ ହୋଇଥିବା କ୍ଷତିପୂରଣ ପାଇଁ ଟିକସ ବୃଦ୍ଧି କରି ତାକୁ ପୂରଣ କରିବାକୁ ସରକାର ବାଧ ହୁଅନ୍ତି । ବେଳେ ବେଳେ ଶାସକ ସରକାରୀ ଦଳ ମଧ୍ୟ ବନ୍ଦ ଡାକରା ଦେବା ନଜିର ରହିଛି । ସାମଗ୍ରିକ ଭାବେ ବିଚାରକୁ ନେଲେ ବନ୍ଦ ଦ୍ୱାରା କରାଯାଉଥିବା ବିରୋଧ ଆଶୀର୍ବାଦ ନ ହୋଇ ବରଂ ଅଭିଶାପ ପାଲଟିଥାଏ ।

ଏ ସମସ୍ତ ତଥ୍ୟ ମୋର ନିଜସ୍ୱ ଚିନ୍ତାଧାରା....


*With best compliments from*



କୁବେର ମହାସଭାରେ ସମସ୍ତ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ ଭାଇ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭକାମନା ।

**GUNU FANCY**

Deals in all type of Cosmetic Immitation Jwellery and Ladies Items in wholesale Price

**C/o. Somanath Sahu, Padmanavpur, Titilagarh**

Cell. 9853782959



# ନାରୀମୁକ୍ତି ସମାଜର ଏକ କଳୁଷିତ ଅଧ୍ୟାୟ

**ସୋମନାଥ ସାହୁ**
ଟିଟିଲାଗଡ଼ ଯୁବାମଞ୍ଚ

ପେନ୍ ଆଉ ପେପର ଧରି ବସିପଡିଲି, କିନ୍ତୁ କ'ଣ ଯେ, ଲେଖିବି ହଠାତ୍ ମୁଣ୍ଡକୁ କିଛି ପଶୁନଥିଲା । ରମେଶ୍ ଭାଇଙ୍କ ତାଗିଦ୍ ଥିଲା ୨୦ ଡିସେମ୍ବର ସୁଦ୍ଧା ସବୁ ଲେଖା ଆମ ପାଖରେ ପହଞ୍ଚିବା କଥା । ମୋ ଭଳି ଜଣେ ବା କଣ ଲେଖିପାରିବ ? ଲେଖା ଅଭ୍ୟାସ ନଥିଲେ ସୁଦ୍ଧା ଅନ୍ତର ମଧ୍ୟରେ ପ୍ରବଳ ଇଚ୍ଛା ଜାଗ୍ରତ ହୁଏକି ସମାଜ ଆଧାରିତ କିଛି ଲେଖା ଦେବା ପାଇଁ । ଏତେ ଗୁଡାକ ବଡମୁଣ୍ଡଙ୍କ ସାମନାରେ ମୋର ବା ମୁଣ୍ଡ କେତେ ? ଲେଖା ପୁଣି ସମସ୍ତଙ୍କର ପସନ୍ଦ ହେବା ଉଚିତ୍, ଚୟନକର୍ତ୍ତାଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ହେବା କଥା । କେତେ ଅସୁମାରୀ ପ୍ରଶ୍ନ ଉଙ୍କି ମାରୁଥିଲା ହେଲେ ମନ ଭିତରେ ପ୍ରବଳ ଆଗ୍ରହ ଓ ଆଶା ନେଇ ଆରମ୍ଭ କରେ ମୁଁ ମୋର ଲେଖା । ନାରୀ ସମାଜକୁ ନେଇ ଆରମ୍ଭ କରେ ମୁଁ ମୋର ଲେଖା ।

ଅଧୁନା ସମାଜରେ ନାରୀର ସ୍ଥିତି ସମୟ ସମୟରେ ବଦଳିବାରେ ଲାଗିଛି । ଆମର ପୂର୍ବଜ ତଥା ବୈଦିକ ଭାରତରେ ମହିଳାମାନଙ୍କୁ ଦେବୀଙ୍କର ସ୍ୱରୂପ ପ୍ରଦାନ କରୁଥିଲେ । କୌଣସି ଧାର୍ମିକ କାର୍ଯ୍ୟରେ ହେଉ ବା ସାମାଜିକ କାର୍ଯ୍ୟରେ ହେଉ ନାରୀଙ୍କ ସ୍ଥିତି ଜାହିର ହେଉଥିଲା । ଯେଉଁଠି ନାରୀଙ୍କର ଅନୁପସ୍ଥିତି ରହୁଥିଲା ସେହି କାର୍ଯ୍ୟ ଅଧୁରା ବୋଲି ବିବେଚିତ ହେଉଥିଲା । ସେଥିପାଇଁ ବୈଦିକ ଯୁଗରେ 'ନାମକରଣ' ସମୟରେ ମହିଳାମାନଙ୍କର ନାମକୁ ପୁରୁଷମାନଙ୍କ ନାମ ଆଗରେ ଯୋଡାଯାଉଥିଲା । ଉଦାହରଣସ୍ୱରୂପ - ସୀତାରାମ, ରାଧେଶ୍ୟାମ, ରାଧାକୃଷ୍ଣ ଇତ୍ୟାଦି ଇତ୍ୟାଦି । ପୁରାଣରେ ଯେତେବେଳେ ସୀତା ନିର୍ବାସନରେ ରହୁଥିଲେ ପ୍ରଭୁ ଶ୍ରୀରାମ ଚନ୍ଦ୍ର ତାଙ୍କର ପ୍ରତିମୂର୍ତ୍ତିକୁ ନିଜ ପାଖରେ ରଖିଥିଲେ ନିଜର ସ୍ମରଣ ପାଇଁ, ଏଥିରୁ ମହିଳାମାନଙ୍କୁ ପୂର୍ବେ ଉଚ୍ଚକୋଟିର ସମ୍ମାନ ଦିଆଯାଉଥିଲା ବୋଲି କିମ୍ବଦନ୍ତୀରୁ ଜଣାପଡେ ।

ଭାରତକୁ ଯେତେବେଳେ ମୁସଲମାନ ଓ ଇଂରେଜମାନଙ୍କ ଆଗମନ ହୋଇଥିଲା ସେ ସମୟରେ ନାରୀର ଅତ୍ୟାଚର ପାଇଁ ଦେଶର ମହିଳାଙ୍କୁ ଓଢଣାର ଆଢୁଆଳରେ ରହିବାକୁ ପଡୁଥିଲା । ତଥାପି ମଧ୍ୟ ଏସବୁକୁ ଅବରୋଧ କରି ସେତେବେଳର ସଂଗ୍ରାମୀ ନାରୀନେତ୍ରୀ ଝାନ୍ସୀ ରାଣୀ ଲକ୍ଷ୍ମୀବାଇ, ଯୋଧବାଇ ବିଭିନ୍ନ ନେତ୍ରୀ ଆନ୍ଦୋଳନର ମୁଖ୍ୟସ୍ରୋତକୁ ଆସିଥିଲେ । ଅଧୁନା ନାରୀଙ୍କୁ ସବୁ କ୍ଷେତ୍ରରେ କିନ୍ତୁ ସମସ୍କନ୍ଧ ରୂପେ ବିବେଚନା କରାଯାଇ ରାଜନୀତି, ଶିକ୍ଷା ଅନୁଷ୍ଠାନ, ସରକାରୀ ବେସରକାରୀ ଅଫିସ୍ ମାନଙ୍କରେ ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ମିଳିଲାଣି । ଜଣେ ମହିଳା ଯେ ଏକ ସଗୃହିଣୀ ଛଡା ଏକ ବିଜ୍ଞ ରାଜନୀତିଜ୍ଞ, ଏକ ସୁଅଧ୍ୟାପିକା ତଥା ଭଲ ଡାକ୍ତର ବା ଓକିଲ ହୋଇପାରୁଛନ୍ତି । ଏହାର ପରିଣାମ ସ୍ୱରୂପ ନାରୀ ଆଉ ଚାରି କାନ୍ଥରେ ଆବଦ୍ଧ ନ ହୋଇ ନିଜର ଜୀବନ ଚର୍ଯ୍ୟାକୁ ଆଗେଇ ନେଲେଣି । ଜୀବନର ସବୁ କ୍ଷେତ୍ରରେ ପୁରୁଷ ସାଥୀଙ୍କ କାନ୍ଧରେ କାନ୍ଧ ମିଳାଇ ସମାଜରେ ଚାଲିବାର ପ୍ରୟାସ ଋଲିଛି । ଅଧୁନା ନାରୀ ନିଜର ସ୍ଥିତି ସମାଜରେ ସୁଦୃଢ କରିବା ପାଇଁ ବହୁତ ଜାଗୃତ ଅଟନ୍ତି । ସେ ଆଉ ସମାଜରେ ମୁକ ଗାଈ ହୋଇ ରହିନାହାନ୍ତି । ସମାଜର ସବୁ କ୍ଷେତ୍ରରେ ନାରୀମାନଙ୍କର ସ୍ଥାନ ଆଗରେ ହୋଇଗଲାଣି । ନାରୀ ପୁରୁଷ ସମାଜରେ ଆବାହମାନ କାଳରୁ ଅଙ୍ଗାଅଙ୍ଗୀ ଭାବରେ ଜଡିତ ଥିବାର ସତ୍ୟତା ରହିଛି । ନାରୀ ଯେ ସମାଜରେ ଏକ ଅଭିନ୍ନ ଅଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ସମାଜରେ ନାରୀ ଓ ପୁରୁଷ ଏକ ମୁଦ୍ରାର ଦୁଇ ପାଶ୍ୱ ଭଳି ।

ତଥାପି ମଧ୍ୟ ଏତେ ଓତଃପ୍ରୋତ ଭାବରେ ଜଡିତ ହୋଇ ସୁଦ୍ଧା ଅପର ପକ୍ଷରେ କେତେକ କ୍ଷେତ୍ରରେ ନାରୀକୁ ସମ୍ମାନ ଦେବାରେ ଅବହେଳା କରାଯାଉଛି । କିଛି ଖଳ ପ୍ରକୃତିର ପୁରୁଷ ନିଜ କାମାନ୍ଧରେ ଅନ୍ଧ ହୋଇ ଦୁଷ୍କର୍ମ କରି ପୁରୁଷ ସମାଜକୁ କଳୁଷିତ କରୁଛନ୍ତି । କିଛିଦିନ ତଳେ ହାଇଦ୍ରାବାଦଠାରେ ଘଟିଥିବା ଲୋମହର୍ଷଣକାରୀ ଘଟଣାକୁ ସାରା ଦେଶରେ ଆଜି ପର୍ଯ୍ୟନ୍ତ କେହି ପାଶୋରି ନାହାନ୍ତି । ଏହି ଦୁଷ୍କର୍ମପାଇଁ କଡାକଡି ଆଇନ୍ ଲାଗୁ ହେଲେ ସୁଦ୍ଧା କାମାନ୍ଧ ପୁରୁଷ ଏହାକୁ ଖାତିର୍ ନକରି ବାରମ୍ବାର ଏହାର

ପୁନରାବୃତ୍ତି କରିବାରେ ପଛାଉନାହିଁ । ଠିକ୍ ଏହି ଘଟଣାର କିଛି ଦିନପରେ ଉତ୍ତରପ୍ରଦେଶର ଉନ୍ନାଓର୍ ଘଟଣା ସମ୍ବଲପୁର ସହରର ଏକ ହୃଦୟ ବିଦାରକ ଘଟଣା, ଏହାକୁ ଯେପରି ଏହି ସମାଜ ମଧ୍ୟରେ ଆହୁରୀ ସତେଜ୍ କରିଦେଇଛି ।

କିନ୍ତୁ ନାରୀ ସମାଜ ଏହାର ବିରୁଦ୍ଧରେ ସ୍ୱରଉତ୍ତୋଳନ କରିଲେଣି ଏହି ସମାଜରେ ଏକ ବିଦ୍ରୋହର ନିଆଁ ତେଜି ଉଠିଲାଣି । ନାରୀମାନଙ୍କର ଏହି ସମସ୍ୟାକୁ ନେଇ ନାରୀମାନଙ୍କୁ ନିଜକୁହିଁ ମଙ୍ଗଧରି ଏହି ବିଦ୍ରୋହକୁ ଆଗେଇ ନେବାକୁ ପଡିବ । ଉନ୍ନାଓର୍ ପୀଡିତା ଭଳି ଏକ ପ୍ରତିପତ୍ତିଶାଳୀ ରାଜନେତା ତଥା ସ୍ଥାନୀୟ ଏମ୍.ଏଲ୍.ଏ. ବିରୁଦ୍ଧରେ ନିଜେ ନିଜେ ଲଢି ଶେଷରେ ଗୁଣ୍ଡାମାନଙ୍କର ଧମକ୍, ରାଜନେତାର ପ୍ରଭାବକୁ ଖାତିର ନକରି ଶେଷରେ ଉଚ୍ଚନ୍ୟାୟାଳୟଠାରୁ ଅଭିଯୁକ୍ତଙ୍କୁ ଦଣ୍ଡିତ କରିବାରେ ସମର୍ଥ ହୋଇପାରିଥିଲେ । ତାଙ୍କର ଅପ୍ରାଣ ଚେଷ୍ଟା ତାଙ୍କୁ ଶେଷରେ ପ୍ରଭାବଶାଳୀ ଅଭିଯୁକ୍ତଙ୍କଠାରୁ ଜୟ କରିପାରିଥିଲା । ତେଣୁ ମହିଳାମାନେ ସମାଜରେ ସେହି ଆଢୁଆଳରେ ଆଉ ନରହି ନିଜର ଆତ୍ମ ରକ୍ଷା ତଥା ନାରୀ ସମାଜର ସୁରକ୍ଷା ସକାଶେ ନିଜକୁ ହିଁ ଆଗେଇ ଆସି ଏହାର ବିରୁଦ୍ଧରେ ଲଢେଇ କରନ୍ତୁ ।

***// ଜୟ କୁବେର //***


With best compliments from







Prop: Bansi Dhar Sahu

Cell. 9937535025

M/S. OJESWINI STEEL

Mfg. of GI Box, Air Cooler, Steel Almirah, Rack, Rice Box, Office Table, GI Electricals

Titilagarh - 767033, Balangir (Odisha)

# ବ୍ୟକ୍ତିତ୍ୱ ନିର୍ମାଣର ସହଜ ଉପାୟ

**ଭରତ ଚନ୍ଦ୍ର ପୃଷ୍ଟି**
ବଲାଙ୍ଗିର

*ଓଁ*

*"ଦୁଃଖେସୁ ଅନୁଦ୍ ବିଘ୍ନମନା ସୁଖେସୁ ବିଗତ ସ୍ପୃହ*
*ବିତରାଗ ଭୟକ୍ରୋଧ ସ୍ଥିତର୍ଦ୍ଧୀର୍ମୁନି ଉଚ୍ୟତେ"*

**କୁବେର ସମାଜ ଓ ତାର ଭବିଷ୍ୟତ ଚିନ୍ତନ**

ବ୍ୟକ୍ତିର ବ୍ୟକ୍ତିତ୍ୱ ଅନେକ ସମୟରେ ତାର କଥନ ଶୈଳୀ ଉପରେ ନିର୍ଭର କରେ । ଶାନ୍ତ ଓ ସରଳ୍ ଭାବେ କଥା ହେଲେ ଅନ୍ୟମାନେ ଆକର୍ଷିତ ହେସନ୍ । ଏନ୍ତା ଶୈଲିରେ କଥା ହଉନ୍ ଯେନ୍ତା କି ଅନ୍ୟମାନେ ସହଜରେ ବୁଝିପାରିବେ । ସବୁବେଲେ ଯେତକି ଭଲକରି ଜାନିଛନ୍ ସେତ୍‌କି ଭିତରେ କଥା କହୁନ୍ । ମିଛ କହିବା, ଅନୁମାନିକ କହିବା ଓ ଭୁଲ କହିବା ଅପେକ୍ଷା ତୁମ୍ ପଡି ଶୁନବା ଟା ଭଲ । ପହେଲା, କିଛି କହେବାର୍ ଆଗରୁ ଭଲକରି ଭାବୁନ୍ ଆରୁ କହୁନ୍, ନିର୍ଭୁଲ ହେବା । କହେଲା ବେଲ୍‌କେ ନିଜର ସ୍ୱର ପ୍ରତି ଧ୍ୟାନ ରଖିଥିବେ । ଅନ୍ୟର କଥା ଧର୍ଯ୍ୟର ସହିତ ଶୁନୁନ୍ । ଯାହାର କଥା ବି ହେଉ ମନ ଦେଇକରି ପୁରାକଥା ନେଇ ଶୁନିକରି କିଛି ନେଇ କହୁନ୍ । ନିଜର ଭୁଲକେ ଠିକ ବଲି ପ୍ରମାଣିତ କରବାର୍ ଲାଗି ଅଯଥା ଯୁକ୍ତି ନଇ କରୁନ୍ । ଗୁରୁଜନମାନଙ୍କର ସାଙ୍ଗେ କଥା ହେଲା ବେଲ୍‌କେ ନିଜର ବୟଷ ଓ ଅଭିଜ୍ଞତାକେ ପରିକ୍ଷା କରିନଉନ୍ । ଭଲ ହେବା । ଆରୁ ସାନ୍ ମାନକର ସାଙ୍ଗେ କଥା ହେଲା ବେଲକେ ନିଜର ମର୍ଯ୍ୟାଦା କେ ଧ୍ୟାନ୍ ଦେଇଥିବେ । କମ୍ କଥା କହେବାର୍ ଟା ସବୁବେଲେ ଭଲ୍ ଆଏ । ତାର ସାଙ୍ଗେ ସାଙ୍ଗେ ଆଧ୍ୟାତ୍ମିକେ ସ୍ମରଣ କରି କହେଲେ "ଶୋନେପେ ସୁହାଗା" ମେତାନ୍ ହେବା ।

ପର ନିନ୍ଦା ମହାପାପ ଆଏ, ସବେ ଜାନିଛନ୍ । ହେଲେ କେତେଲୋକ୍ ଅଛନ ସେଟା ନେଇ କଲେ ତାକର୍ ପେଟର ଭାତ ନେଇ ଜିରେ । ସେମାନେ ଯତ୍ନବାନ୍ ହେବା ଉଚିତ୍ । ଆରୁ ଗୁଟେ କଥା, ତୁମର କଥା ଯେନତା କାହାକେ ଅପମାନିତ୍ ନେଇ କରୁଥିବା, ତାହାକେ ବିଶେଷ ଧ୍ୟାନ ଦେବାର କଥା । ବଡ କଥାଟେ ହଉଛେ ପିଲାମାନକର ସାମନାରେ ବଡ ଲୋକମାନକର ପ୍ରତି ନେହେଲା ଶବ୍ଦ କିମ୍ବା ଭାଷା ପ୍ରୟୋଗ ନେଇ କରୁନ୍ ।

ଇ ଉପରଲିଖିତ୍ କଥାମାନକୁ ଟିକେ ବି ମାନିକରି ଚଲଲେ ନିଜକୁ ଗୁରଦୁଟେ ପରିବର୍ତ୍ତନ କରିପାରବେ । ଆର ଦେଶ ଦୁନିଆ, କୁବେର ସମାଜର, ପରିବାରର ତଥା ନିଜର ସବୁ ପ୍ରକାର ଉନ୍ନତି କରିପାରବେ ।

ବ୍ୟକ୍ତିତ୍ୱ ନିର୍ମାଣର ଇ କେତେପଦ୍ କଥା ସହ କୁବେର ମହସଭା, ଆମର କୁବେର ପରିବାରର ସବୁପ୍ରକାର ଉନ୍ନତି କାମନା କରି ମହାସଭାକେ ମଜଭୁତ ଓ କର୍ମଠ କରବାର୍ ଲାଗି ଦଣ୍ଡବତ ପ୍ରମାଣ ସହ ନିବେଦନ କରୁଛେ । ଜୟ କୁବେର ।

*"ଭାଗବତ ସ୍ୱାମି ନୟନ ପଥଗାମି ଭବ ତୁମେ"*

ଶୁଭେଚ୍ଛା ସହ

# ମାନସ ମେଡ଼ିକାଲ ଷ୍ଟୋର
# ପାଥୋ ଲ୍ୟାବ୍ ଓ ମୁନ୍‌ମୁନ୍ ଏକ୍ସ-ରେ

**Manas Medical Store, Patho-Lab**
**& Munmun X-Ray**

**NEAR RONAK HEALTH CARE, MAIN ROAD**
**CHHINDEIKELA**

Cell. 9937876842 / 7894331936

*All types of Medicines available here*

Mikun IMC Herbal

# ମାମୁନ୍ ପବ୍ଲିକ୍ ସ୍କୁଲ

ଛିନ୍ଦେଇକେଲା

ପ୍ରୋ. ପ୍ରଦୀପ୍ତ କୁମାର ସାହୁ



# ତେଜସ୍ୱିନୀ ମରୀଚି

**ସୁଶ୍ରୀ ବିନିତା ସାହୁ**
ପଦମ୍ପୁର

ପରାଧୀନ ଭାରତରେ ଏକ ଘଟଣା । ସେତେବେଳେ ଭାରତରେ ଇଂରେଜ ଶାସନ ଚାଲିଥାଏ । ଉତ୍ତର ଭାରତର ସିକିମ ରାଜ୍ୟରେ ସରକାରଙ୍କ ଅଧୀନରେ ଜଣେ ସ୍ଥାନୀୟ ଭାରତିୟ ଅଧିକାରୀ କାର୍ଯ୍ୟରତ ଥିଲେ । ନାମ ତାଙ୍କର ଯଶପାଳ ସିଂହ । ତାଙ୍କର ଅଳିଅଳ କନ୍ୟା ମରୀଚି ।

ସିକିମର ମହିଳା ମାନେ ଅତିଶୟ ସାହସୀ, ସେମାନେ ଏକା ଏକା ଯାଇ ନିର୍ଭୟରେ ଘଂଚ ଜଂଗଲ ମଧ୍ୟରୁ ଜାଳେଣି କାଠ ଓ ଜଡିବୁଟି ସଂଗ୍ରହ କରନ୍ତି । ବଣ୍ୟଜନ୍ତୁ କିମ୍ବା ଆଉ କାହାକୁ ଟିକିଏ ବି ଭୟ କରନ୍ତି ନାହିଁ । ବିପଦ ଆପଦର ସାମନା କରିବାକୁ ନିଜ ପୋଷାକ ମଧ୍ୟରେ ଗୋଟିଏ ଛୁରୀ ଲୁଚାଇ ରଖିଥାନ୍ତି, ଯାହାକି ତାଙ୍କର ସୁରକ୍ଷାରେ କାମ ଦିଏ । ଅଳି ଅଳି ଝିଅ ମରୀଚି ବଣରେ ବୁଲିବାକୁ ବହୁତ ଭଲପାଏ । ଜଙ୍ଗଲରୁ ବିଭିନ୍ନ ପ୍ରକାର ଫୁଲ ସଂଗ୍ରହ କରିବା ଓ ବଣୁଆଁ କୋଳି ସଂଗ୍ରହ କରିବାରେ ତାର ବହୁତ ସଉକ ।

ଦିନକର କଥା, ସିଏ ତାର ସାନ ଭଉଣି ସହ ବଣରେ ଘୁରି ବୁଲୁଥାଏ । ଝିଅଟି ଦେଖିବାକୁ ବହୁତ ସୁନ୍ଦର । ଜଣେ ଇଂରେଜ ଅଫିସର ତାର ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ତାକୁ ଅନୁସରଣ କରି ଜଙ୍ଗଲରେ ଘୁରି ବୁଲୁଥାଏ । ଝିଅଟିକୁ ଲକ୍ଷ କରୁଥାଏ । ତାର ସୁନ୍ଦର ରୂପ ଦେଖି ଅଫିସରର ମନରେ ପାପ ବିଚାର ଆସିଲା । ସେ ଲୁଚିଥିବା ଜାଗାରୁ ବାହାରି ଆସି ଝିଅକୁ କହିଲା, ମୁଁ ଏଠାକାର ଅଫିସର । ମୁଁ ତୁମକୁ ପସନ୍ଦ କରିଛି, ମୋ ସହିତ ଜଙ୍ଗଲକୁ ଚାଲ ସେଠାରେ ତୁମେ ଯାହା ଚାହିଁବ ମୁଁ ତୁମକୁ ଦେବି, ଅଫିସରର ମନ୍ଦ ଉଦ୍ଦେଶ୍ୟ ବୁଝିବାରେ ଝିଅକୁ ବିଳମ୍ବ ହେଲା ନାହିଁ । ସେ ନିର୍ଭୀକ ଭାବରେ କହିଲା, ମୋର ପିତା ମଧ୍ୟ ଜଣେ ଅଫିସର ତୁମେ ମୋର ପିତା ସଦୃଶ । ଆପଣ ନିଜର ମାନବିକତା ତଥା ବିବେକକୁ ବଳି ଚଢାଇ ନିଜର ଝିଅ ତୁଲ୍ୟ ଜଣେ ଅବିବାହିତା ଝିଅ ସହିତ ଏପରି ବ୍ୟବହାର କରିବାକୁ କିପରି ଚିନ୍ତା କରିପାରିଲେ । ଆପଣଙ୍କୁ କଣ ଲଜ୍ୟା ଲାଗୁନାହିଁ ।

ଇଂରେଜୀ ଅଫିସର ମରୀଚିର କଥା ଶୁଣିବାକୁ ପ୍ରସ୍ତୁତ ନ ଥିଲା । ସିଏ ମରୀଚିର ହାତ ଧରି ଟାଣିବାକୁ ଚେଷ୍ଟା କରିବାରୁ ମରୀଚି କ୍ରୋଧିତ ନାଗୁଣୀ ଭଳି ସାହେବକୁ ଠେଲି ଦେଇ ନିଜ ହାତକୁ ମୁକୁଳେଇ ଚିତ୍କାର କରି କହିଲା ସାବଧାନ ସାହେବ, ଅପଣ ମୋତେ ଯାହା ଭାବିଛନ୍ତି ମୁଁ ସେପରି ନୁହେଁ । ଆପଣ ଯଦି ଆଉ ପାଦେ ଆଗେଇବାକୁ ଚେଷ୍ଟା କରନ୍ତି, ତେବେ ପରିଣାମ ଭୟଙ୍କର ହେବ । ଅଫିସରତ କୁକର୍ମ କରିବାକୁ ହିତାହିତ ଜ୍ଞାନ ଶୂନ୍ୟ ହୋଇ ଯାଇଥାଏ । ତା'ର ମୁଣ୍ଡରେ କାଳ ସବାର ହୋଇଥାଏ । ସେ ଜ୍ଞାନ ଶୂନ୍ୟ ହୋଇ ଭାବିଲା ଏଇ ଛୋଟ ଝିଅଟାର ତାକତ କେତେ । ସିଏ ବା ମୋର କଣ କରି ପାରିବ ? ସେ ଏପରି ଭାବି ଆଗେଇ ଯାଇ ମରୀଚିର ହାତ ଧରିବାକୁ ଚେଷ୍ଟା କରନ୍ତେ । ମରୀଚି ଆସନ୍ନ ବିପଦର ସମ୍ମୁଖୀନ ହେବା ଜାଣି ମନେ ମନେ ଭଗବାନଙ୍କୁ ସ୍ମରଣ ପୂର୍ବକ ନିଜର ସତୀତ୍ୱ ରକ୍ଷା ପାଇଁ ପୋଷାକ ଭିତରୁ ଛୁରୀ ବାହାର କରି ବିଦ୍ୟୁତ ବେଗରେ ସାହେବର ଛାତିରେ ଭୂଷି ଦେଲା । ଇଂରେଜ ଅଫିସର ତଳେ ପଡି ଛଟପଟ ହେବାକୁ ଲାଗିଲା ।

ଘରକୁ ଫେରି ସାନଭଉଣୀ ତା ପିତା ଙ୍କ ଆଗରେ ସବୁ ଘଟଣା କହିଲା । ଏତିକି ବେଳେ କେତେଜଣ ଇଂରେଜ ସୈନ୍ୟ ଆସି ଯଶପାଳଙ୍କ ଘରକୁ ଘେରିଗଲେ । ମୃତ୍ୟୁ ପୂର୍ବରୁ ଅଫିସର ସେମାନଙ୍କୁ କହି ଦେଇଥାଏ ଯେ, ଝିଅଟି ବିନା ଦୋଷରେ ତାକୁ ଛୁରୀ ଭୁଷି ଦେଇଛି, ପ୍ରତିଶୋଧ ନେବାକୁ ସମସ୍ତେ ଆସି ପହଂଚିଥାନ୍ତି ।

ମରୀଚି ସେମାନଙ୍କ ସାମନାକୁ ଅସି ବୀର ଦର୍ପରେ କହିଲା, ସତକଥା ମୁଁ ସେହି ନର ପିଶାଚକୁ ତାର ପାପକର୍ମ ପାଇଁ ଛୁରୀ ଭୂଷୀ ହତ୍ୟା କରିଛି, ସେ ତାର ଅମାନବୀୟ କର୍ମର ଉପଯୁକ୍ତ ଫଳ ପାଇଛି । ସେ ମୋ ଉପରେ ପାଶବିକ ଅତ୍ୟାଚାର କରିବାକୁ ଚାହୁଁଥିଲା କେବଳ ତାକୁ ନୁହେଁ, ଅନ୍ୟ ଯେ କେହି ବି ଯଦି ଏପରି ଆଚରଣ କରିବାକୁ ଚେଷ୍ଟା କରେ ତାକୁ ସିଧା ଉପରକୁ ପଠାଇ ଦେବି । ଛୋଟ ଝିଅଟିର ସାହସ ଓ ବୀରତ୍ୱ ଦେଖି ଇଂରେଜ ମାନେ ଆଶ୍ଚର୍ଯ୍ୟନ୍ୱିତ ହୋଇ ପ୍ରକୃତ କଥା ବୁଝିପାରିଲେ ଓ ନୀରବରେ ଫେରିଗଲେ ।

# *Mr. Basudev Sahoo*

# M/S BASUDEV MEDICALS

**Bustand, Dhumabhata**

***All types of Medicines Available Here.***

## Advisor of LIC



## Mob.- 9937682526



# ମହିଳା ମାନଙ୍କ ପ୍ରତି

**ଶ୍ରୀମତୀ ପୁଷ୍ପଲତା ସାହୁ**
କୁବେର ସମାଜ, ପଦ୍ମପୁର ସାଇ

ମହିଳା ବୋଇଲେ ଆଗେ ଭ୍ରୁକୁଞ୍ଚନ ସୃଷ୍ଟି ହେଉଥିଲା । ଏବେ ଆଉ ସେପରି ନାହିଁ । ଯୁଗ ବଦଳିବା ସହିତ ମହିଳା ମାନଙ୍କ ସ୍ଥାନ ମଧ୍ୟ ସବୁ କ୍ଷେତ୍ରରେ ବହୁ ଉଚ୍ଚତର ପ୍ରତିଷ୍ଠିତ ହେଲାଣି । ଏମାନେ କେତେବେଳେ ମାଁ ରୂପରେ ତ କେତେବେଳେ ସ୍ତ୍ରୀ ରୂପରେ ଆଉ କେତେବେଳେ ଭଗ୍ନି ରୂପରେ ଅବତାର ନେଇଥାନ୍ତି । ଏହି ମହିଳା ମାନଙ୍କୁ ନେଇ ଗଢି ଉଠିଥାଏ ଘର ସଂସାର ବା ପରିବାର । ନିଜର ଘର ଏକ ମନ୍ଦିର ତୁଲ୍ୟ । ଏହି ମନ୍ଦିର ଭଲରେ ଭଲରେ ହସ ଖୁସିରେ ଭରି ଉଠିଲେ ହସି ଉଠେ ଏକ ସୁନାର ସଂସାର । ଏହି ମହିଳା ମାନେ ବେଳେ ବେଳେ ଉତ୍‌ଥାନ ଓ ପତନର କାରଣ ହୋଇଥାନ୍ତି । ଯେଉଁମାନେ ନିଜ ମାଆ ଘରେ ଭଲ ଶିକ୍ଷା ଓ ସଂସ୍କାର ପାଇଥାନ୍ତି ସେମାନେ ଶ୍ୱଶୁର ଘରକୁ ଯାଇ ନିଜର ସଂସାର ଭଲବାବରେ ଗଢିବାରେ ସକ୍ଷମ ହୋଇଥାନ୍ତି । ଏହି ମହିଳା ମାନେ ପ୍ରକୃତରେ ହେଉଛନ୍ତି ହୋମ୍ ମିନିଷ୍ଟର ବା ଘରର ପରିଚାଳକ । ସମାଜର ମହିଳାମାନେ ଦୁଇଭାଗରେ ବିଭକ୍ତ । ଅର୍ଦ୍ଧେକ ହେଉଛନ୍ତି ହାଉସ୍ ୱାଇଫ୍ ଓ ଅନ୍ୟ ଅର୍ଦ୍ଧେକ ହେଉଛନ୍ତି କର୍ମଜୀବୀ ମହିଳା । ସତ କହିବାକୁ ଗଲେ ଜଣେ ପୁରୁଷ ଠାରୁ ଜଣେ ମହିଳାର ଦାୟିତ୍ୱ ବହୁଗୁଣ ଅଧିକ । ଜଣେ ଚାକିରୀ କରୁଥିବା ମହିଳା ତାର ଚାକିରୀ କଥା ବୁଝିବା ସଙ୍ଗେ ସଙ୍ଗେ ଘରର ସମସ୍ତ କଥା ମଧ୍ୟ ବୁଝେ । ଅନ୍ୟ ମହିଳା ମାନେ ସକାଳୁ ସଞ୍ଜ ପର୍ଯ୍ୟନ୍ତ ପରିବାରର ସମସ୍ତ କାର୍ଯ୍ୟ ରନ୍ଧାବଢା, ସଉଦା ପତ୍ର କିଣାକିଣି, ପିଲାଙ୍କ ପଢାପଢି, କୁଣିଆ ମଇତ୍ରଙ୍କ ଚର୍ଚ୍ଚା ପରିବାରର ପୂଜା ପାର୍ବଣ ଆଦି ସବୁ ବୁଝିବାରେ ସମୟ ନିଅଣ୍ଟ । ମୁଁ ମୋର ପ୍ରତ୍ୟକ୍ଷ ଅନୁଭୂତି ଏବଂ ସଂଗୃହୀତ ତଥ୍ୟକୁ ଭିତିକରି ଏହି ଆଲେଖ୍ୟଟି ପ୍ରସ୍ତୁତ କରିଛି । ଆମ ଜାଣିବାରେ ସାତଟିବାର ଅଛି, ମାତ୍ର ତହିଁରେ ଆଉ ଏକବାର ଯୋଡା ଯାଇପାରେ ଯାହା ହେଉଛି ଅଷ୍ଟମବାର-ପରିବାର । ଏହି ଅଷ୍ଟମ ବାରର ସର୍ବାଙ୍ଗୀନ ଦାୟିତ୍ୱ ହେଉଛି ମହିଳା ମାନଙ୍କର । ମହିଳା ମାନେ ପରିବାରର ଆବାଳ ବୃଦ୍ଧ ବନିତାଙ୍କ ସେବା ପୂଜା କରିପାରିଲେ ଯାଇ ତାଙ୍କର ଅଷ୍ଟମବାରର ଦାୟିତ୍ୱ ପୂର୍ଣ୍ଣାଙ୍ଗ ହୋଇଥାଏ ।

ତ୍ୟାଗ ସର୍ବସ୍ୱ ହେବା ମହିଳା ମାନଙ୍କର ବଡ଼ ଗୁଣ । ସେମାନେ ନିଜର ସୁଖ ସୁବିଧାକୁ ପଛ କରି ପରିବାରର ସମସ୍ତଙ୍କ କଥା ବୁଝିଥାନ୍ତି । ଏହା ହେଉଛି ତାଙ୍କର ଠାକୁର ପୂଜା । ଏହି ତ୍ୟାଗ ଏବଂ ତପସ୍ୟା ରୂପୀ କର୍ତ୍ତବ୍ୟ ପାଳନରେ ହିଁ ରହିଛି, ମାତୃଜୀବନର ସାର୍ଥକତା, ପ୍ରତ୍ୟେକ ମାଆ ନିଜ ପରିବାର ପାଇଁ ଭୀମ ଭୋଇଙ୍କ ସେହି ଆର୍ଶିବାଣୀ - ମୋ ଜୀବନ ପଛେ ନର୍କେ ପଡିଥାଉ... କୁ ସାକାର କରିଥାନ୍ତି ।

ଏହି ତ୍ୟାଗ ପୂତ ଭାବ ହିଁ ପରିବାରକୁ ହସ ଖୁସି ଭରା ସଦ୍‌ଭାବ ପୂର୍ଣ୍ଣ ସୁନାର ସଂସାରରେ ପରିଣତ କରିଥାଏ । ମାଆ ମାନେ ସବୁବେଳେ ନିଜକୁ ପରିବାର ତଥା ସମାଜର ଆଦର୍ଶ ଭାବରେ ପ୍ରତିଷ୍ଠିତ କରିବାକୁ ପଡିବ । ତାଙ୍କରି ଆଚରଣ, ତାଙ୍କରି ବେଶଭୂଷା ସର୍ବୋପରି ତାଙ୍କରି ଦିନ ଚର୍ଯ୍ୟା ତଥା ତାଙ୍କର ଚାରିତ୍ରିକ ମହନୀୟତା ଅନ୍ୟ ମାନଙ୍କ ପାଇଁ ଅନୁକରଣୀୟ ହେବା ବିଧେୟ । ସମାଜର ମାଆ ମାନେ ସୁଖୀ ତଥା ସୁରକ୍ଷିତ ଏବଂ ସୁସ୍ଥ ସବଳ ଚିରତ୍ରବାନ୍ ହେଲେ ଯାଇ ସୁନାର ସଂସାର ଗଢିବାରେ ସମର୍ଥ ହେବେ, ଭଗବାନ କରନ୍ତୁ ସେମାନେ ଏହି ପରମ ଲକ୍ଷ୍ୟ ପଥରେ ଆଗେଇ ଚାଲନ୍ତୁ ଓ ଆମର ସମାଜ ତାଙ୍କର ସମସ୍ତ ପ୍ରକାର ସୁରକ୍ଷାର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ଏକ ସର୍ବୋନ୍ନତ ସମାଜର ମର୍ଯ୍ୟାଦା ଲାଭ କରୁ ଏହା ହିଁ ଆଜିକାର କାମନା ।

# ରାଷ୍ଟ୍ର ଅଧଃପତନର ଅନ୍ୟତମ କାରଣ "ନାରୀ ନିର୍ଯ୍ୟାତନା"

**ଶ୍ରୀମତୀ ମୀନତୀ ସାହୁ**

ଈଶ୍ୱରଙ୍କ ସୃଷ୍ଟିରେ ଆଶୀର୍ବାଦର ଫୁଲ ସ୍ୱରୂପ ସମାଜରେ ନାରୀର ସୃଷ୍ଟି । ଦାମ୍ପତ୍ୟ ରୂପକ ବିରାଟ ଦ୍ରୁମର ପ୍ରମୁଖ କାଣ୍ଡ ସେ ଯାହାର କାୟା ବିସ୍ତାରରେ ଅନେକ ପତ୍ର, ପୁଷ୍ପ ଓ ଫଳର ସମ୍ଭାରରେ ଆସିଥାଏ ତାର ପରିପୂର୍ଣ୍ଣତା । ସମାଜରେ ପୁରୁଷ ଯଦି ଶକ୍ତି, ସୌନ୍ଦର୍ଯ୍ୟ, ସୌର୍ଯ୍ୟ ଓ ସାହସର ପ୍ରତୀକ ହୁଏ, ତେବେ ନାରୀ ସୃଷ୍ଟି, ଶାନ୍ତି, ସହାନୁଭୂତି ଓ ସହନଶୀଳତାର ପ୍ରତୀକ । ନାରୀ ସିଏ, ଯିଏ ସଂସାରକୁ ମମତାର ଡୋରିରେ ବାନ୍ଧି ରଖେ । ନାରୀ ସିଏ, ଯିଏ ନିଜର କୋହକୁ ବୁକୁ ତଳେ ଚାପି, ନିଜ ଆଖିର ଲୁହକୁ ନିଜ ପଣତକାନିରେ ପୋଛି ଦେଇ ଅନ୍ୟର ମୁହଁରେ ଟେନାଏଁ ହସ ଫୁଟାଏ । ସେ ସୃଷ୍ଟିକାରିଣୀ, ସେ ସ୍ନେହମୟୀ, ସେ ସର୍ବଂସହା ଧରିତ୍ରୀ, ଏକାଧାରରେ ସେ ଜାୟା, ଜନନୀ ଓ ଭଗିନୀ । ସେଇଥିପାଇଁ ତ ସେ ହୋଇପାରେ "ମାଆ" । ଅର୍ଥାତ୍ ମାଟି ପରି ସର୍ବଂସହା, ସହନଶୀଳତା ଓ ତ୍ୟାଗମୟୀ ପୁଣି ଆକାଶ ପରି ପ୍ରଶସ୍ତ ଓ ସୀମାହୀନ ହୃଦୟର ଅଧିକାରିଣୀ ।

ପ୍ରାଚୀନ ଭାରତରେ ନାରୀର ସ୍ଥାନ ଥିଲା ବହୁ ଉର୍ଦ୍ଧ୍ୱରେ । ପୁରାଣରେ ତାକୁ ମାତା ଓ ଦେବୀର ଆସନ ଦିଆଯାଇଥିଲା । ବେଦ ଉପନିଷଦରେ ପ୍ରଭାବିତ ତତ୍କାଳୀନ ସମାଜରେ ସେ ଥିଲା ସଂପୂର୍ଣ୍ଣ ସୁରକ୍ଷିତା । ଆଦ୍ୟ ଜୀବନରେ ପିତାଙ୍କ ଦ୍ୱାରା, ମଧ୍ୟଜୀବନରେ ପତିଙ୍କ ଦ୍ୱାରା ଓ ପ୍ରାକ୍ତ ଜୀବନରେ ପୁତ୍ର ଦ୍ୱାରା ସେ ଥିଲା ସୁରକ୍ଷିତା ଓ ବନ୍ଦୀତା । କିନ୍ତୁ ପରବର୍ତ୍ତୀ କାଳରେ ପୁରୁଷର ବାହୁବଳ ଓ ଧନବଳ ପାଇଁ ହେଉ ବା ସାମାଜିକ ଜୀବନର ଅବକ୍ଷୟ ପାଇଁ ହେଉ ନାରୀଙ୍କ ସ୍ଥାନ ତଳକୁ ତଳକୁ ଖସିବାକୁ ଲାଗିଲା । ଯଦ୍ୱାରା ନାରୀ ସମାଜ ବିଷାଦର ପ୍ରତିମୂର୍ତ୍ତି ରୂପେ ପ୍ରତୀୟମାନ ହେଲେ । ଆଜିର ଆଧୁନିକ ଯୁଗରେ ସେ ମାତୃଗର୍ଭରୁ ମଶାଣୀ ପର୍ଯ୍ୟନ୍ତ ନିର୍ଯ୍ୟାତିତା । ସତେଯେପରି ସେ ଅଭିଶପ୍ତା, ଲୁଣ୍ଠିତା, ଧର୍ଷିତା । ଦିନ ଥିଲା ପିତାମାତା କନ୍ୟା ଜନ୍ମପରେ ଖୁସିରେ କହୁଥିଲେ ଆମେ "କନ୍ୟାରତ୍ନ" ଲାଭ କଲୁ । କିନ୍ତୁ ସମୟ ଗତିରେ ତାହା ସତେଯେପରି ଅପଭ୍ରଂଶ ହୋଇଯାଉଛି । ଯଦ୍ୱାରା ଝିଅ ଜନ୍ମକୁ ବାପା ମାଁ ପରୋକ୍ଷରେ ନାକଟେକିଲା ପରି କହୁଛନ୍ତି "ଝିଅଟିଏ ହେଲା ପରେ....." । ବିଜ୍ଞାନର ଦ୍ରୁତ ଉନ୍ନତି ସହିତ ଚିକିତ୍ସା ବିଜ୍ଞାନର ଅଗ୍ରଗତିରେ ମାତୃଗର୍ଭରୁ ତାକୁ ଲିଙ୍ଗ ନିରୂପଣ ରୂପକ କଷଟି ପଥରରେ କଷି ହେବାକୁ ପଡୁଛି । ଫଳତଃ ସେ ଡାକ୍ତରଖାନାର କେଉଁ ଡଷ୍ଟବିନ୍‌ରେ ଫୋପଡା ହେଉଛି ତ ଆଉ କେଉଁଠି କାଉ କୁକୁରଙ୍କ ପେଟ ପୁରାଇବାକୁ ଫିଙ୍ଗି ଦିଆଯାଇଛି କେଉଁ ନଇପଠା ବା ଅଳିଆଗଦାକୁ । ଆଜି ୨/୪ ବର୍ଷର ଶିଶୁକନ୍ୟାଟିଏ ଗାଁ ଦାଣ୍ଡରେ ଖେଳିବାକୁ ସୁରକ୍ଷିତା ମନେ କରାଯାଉନି । ଠିକ୍ ସେମିତି ମେଧାବୀ ଛାତ୍ରୀଟିଏ ମେଧାର ଅଧିକାରିଣୀ ହୋଇ ବି ସେ ଭୟଗ୍ରସ୍ତା, ଭିତତ୍ରସ୍ତା କାଳେ ସେ ବିଦ୍ୟାଳୟ, ମହାବିଦ୍ୟାଳୟକୁ କିମ୍ବା ଟ୍ୟୁସନକୁ ଯିବା ସମୟରେ ତା ପ୍ରତି କିଛି ବିପଦ ରହିଛ କି ? ଏମିତି ମାନସିକ ଚାପରେ ସବୁବେଳେ ରହିବା କଣ ଠିକ୍ ... ? ତେବେ ତା ଅଧ୍ୟାପନାରେ ବା ଶିକ୍ଷାରେ କେମିତି ବା ଉନ୍ନତି ହେବ ? ଯେତେବେଳେ ଛାତ୍ରଟିଏ ନିଃସଙ୍କୋଚରେ ରାତିଅଧ ଯାଏ ନିଶାଚର ପ୍ରାଣୀ ପରି ବୁଲି ପାରୁଛି ତେବେ ଝିଅଟିଏ ତା ଅଧିକାର ପାଇଁ ଘରୁ ବାହାରିବାକୁ କୁଣ୍ଠାବୋଧ କରୁଛି କାହିଁକି ? ସତେ ଯେମିତି ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ତାକୁ ହାତେ ମାପି ଚାଖଣ୍ଡେ ଚାଲିବାକୁ ପଡୁଛି । ଏତିକିରେ ତା ଜୀବନରେ ନିର୍ଯ୍ୟାତନାର ଅନ୍ତ ଘଟୁନି । କନ୍ୟାଟିଏ ବିବାହ ଯୋଗ୍ୟା ହେବା ପରେ ସବୁ ବାପା ମାଁ ଉପଯୁକ୍ତ ପାତ୍ର ହାତରେ କନ୍ୟାସମର୍ପଣ କରି ଶାନ୍ତିରେ ନିଃଶ୍ୱାସ ମାରିବାକୁ ଚାହିଁଥାନ୍ତି, ହେଲେ ଆଜି ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ହେଉ ବା ଯୌତୁକ ରାକ୍ଷାସର କାୟା ବିସ୍ତାରରେ ହେଉ ଝିଅ ବିବାହର ଦିନ କେଇଟାରେ ବାପା ମାଁ ଶାନ୍ତିରେ ଶୋଇପାରିବା ବଦଳରେ ତାଙ୍କ ଆଖିରୁ ନିଦ ହଜିଯାଉଛି । ସେମାନେ ଚାତକ ପରି ଚାହିଁ ରହୁଛନ୍ତି କେମିତି ଶୁଣିବେ ନିଜ ଝିଅ ମୁହଁରୁ ତା ସୁଖଶାନ୍ତି ଘରସଂସାରର ଦ୍ୱିପଦ ମିଠା କଥା । ହେଲେ କେତେ ବାପା ମାଁଙ୍କ ପାଇଁ ତାହା ତ କେବଳ ଦିବାସ୍ୱପ୍ନ

ପାଲଟି ଯାଉଛି । ବିବାହର ଦିନ କେଇଟାପରେ ବିବାହବେଦୀର ହୋମନିଆଁର ବାସ୍ନା ତା ଦେହରୁ ନ ଯାଉଣୁ ସେ ବୁହାହେଉଛି ମଶାଣିକୁ ସ୍ୱୟଂ ଜଳିବାକୁ । ଆଉ କେଉଁଠି ବିବାହ କାଳର ରକ୍ତ ଜବା ଅଳତା ତା ପାଦରୁ ନ ଲିଭୁଣୁ ତା ଦେହ ହେଉଛି ରକ୍ତ ରଞ୍ଜିତା । ପୁଣି ଆଉ କେଉଁଠି ହସ୍ତ ବନ୍ଧନର ଦଉଡିର ଦାଗ ହାତରୁ ନ ଯାଉଣୁ, ଦଉଡିରେ ବନ୍ଧା ତା ବେକ ଝୁଲୁଛି ଘରର ପଙ୍ଖା ବା ଛାତର କଡିରୁ । କେବଳ ସେତିକି ନୁହେଁ ବିବାହ ପରେ ସେ ଯଦି ମାଁ ହୋଇ ନ ପାରିଲା ଅର୍ଥାତ୍ ନିଃସନ୍ତାନ, ସେ ନାରୀଟିକୁ ଜୀବନରେ କେତେ ଯେ କଥା ସହିବାକୁ ପଡେ ତାହା ଅନୁଭବି କେବଳ ଅନୁଭବ କରିପାରିବ । ତାପରେ ପୁଣି ନିଶାସକ୍ତ ସ୍ୱାମୀର ସ୍ତ୍ରୀର ନିର୍ଯ୍ୟାତନା କଥା ନ କହିବା ଭଲ । ସେମାନେ ପ୍ରତ୍ୟେକ ମୁହୂର୍ତ୍ତରେ ନାରୀକୁ ଖେଳନା ରୂପରେ ହିଁ ବ୍ୟବହାର କରିଥାନ୍ତି । ନାରୀ ନିର୍ଯ୍ୟାତନାର ସୀମା କେବଳ ଆମ ମଧ୍ୟବିତ୍ତ ଶ୍ରେଣୀରେ ଆବଦ୍ଧ ନୁହେଁ । ଏପରି କି ସମ୍ଭ୍ରାନ୍ତ ବୋଲାଉଥିବା ଅଭିନେତ୍ରୀ, ନିର୍ଦ୍ଦେଶିକା, ପ୍ରଯୋଗିକା ତଥା କଳାକାରମାନେ ମଧ୍ୟ ଅଭିନେତା, ସହକଳାକାର, ନିର୍ଦ୍ଦେଶକ, ପ୍ରଯୋଜକଙ୍କ ଦ୍ୱାରା ନିର୍ଯ୍ୟାତିତା । ଅବସ୍ଥା ଏମିତି ହେଲାଣି ଯେ ଗାଁଠାରୁ ସହର, ମହାନଗର, ଶିଶୁ ଠାରୁ ବୟସ୍କା ସମସ୍ତେ ଆଜି ଶଙ୍କିତା, ନିର୍ଯ୍ୟାତିତା । ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁଠି କେବଳ ତାର ଆର୍ତ୍ତ ଚିତ୍କାର, ହୋଇପାରେ ସେ ଦିଲ୍ଲୀର ଜ୍ୟୋତି ସିଂ, ବା ହାଇଦ୍ରାବାଦର ପ୍ରିୟଙ୍କା ରେଡ୍ଡି କିମ୍ବା ଉନ୍ନାଓର ପିଡୀତା ଓଡିଶାର କୁନ୍ଦୁଲି, କାକଟପୁର ର ପୀଡିତା ବା ସ୍ମିତାରାଣୀ । ସଦ୍ୟ ପ୍ରକାଶିତ ଏକ ସର୍ଭେରୁ ଜଣାପଡେ କେବଳ ଓଡିଶାରେ ୭ଜଣ ପ୍ରତିଦିନ ନିର୍ଯ୍ୟାତନାର ଶିକାର ହେଉଛନ୍ତି, ସତେ ଯେମିତି ପୁରୁଷ ସମାଜ ଆଜି ମାନସିକ ବ୍ୟାଧିଗ୍ରସ୍ତ । ସେ ଆଜି ବୁଝି ପାରୁଛି ନବରାତ୍ରୀରେ ଯେଉଁ ଶିଶୁକନ୍ୟାକୁ ସେ ବେଦୀ ରୂପରେ ପୂଜାକରି ପୁଣ୍ୟ ଅର୍ଜନ କରୁଛି, ତା ପ୍ରତି ପାପଦୃଷ୍ଟି ପକେଇବା କେତେଦୂର ଯୁକ୍ତିଯୁକ୍ତ ।

କଥାରେ ଅଛି "ବେଳଥାଉ ବନ୍ଧ ବାନ୍ଧରେ କୁମର ..." । ନହେଲେ ଲେଡିଗୁଡ କହୁଣୀକୁ ବୋହିଯିବ । ପୁରାତନ ତ୍ୟାଗ ଓ ବୀରତ୍ୱର ଭୂମି ଭାରତ ଯେଉଁଠି ରାଷ୍ଟ୍ରର ହିତ ପାଇଁ ଅଶ୍ୱମେଧ ଯଜ୍ଞର ଆୟୋଜନ କରାଯାଉଥିଲା ସେହି ଗୌରବ ବିଶ୍ୱାବାସୀଙ୍କ ମନ ଦର୍ପଣରୁ ପୋଛି ହୋଇଯିବ । ଅବଶ୍ୟ କେହି କେହି ଭାବନ୍ତି ଅଶ୍ୱମେଧ ଯଜ୍ଞର ଅର୍ଥ ଯେଉଁ ଯଜ୍ଞରେ ଅଶ୍ୱ ବା ଘୋଡାକୁ ବଳିଦିଆଯାଏ । ମାତ୍ର ତାହା ନୁହେଁ ଅଶ୍ୱର ଅର୍ଥ ରାଷ୍ଟ୍ର ଓ ମେଧର ଅର୍ଥ ହିତା ଅର୍ଥାତ୍ ରାଷ୍ଟ୍ରର ହିତ ପାଇଁ ଯେଉଁ ଯଜ୍ଞର ଆୟୋଜନ ହୁଏ ତାହା ହିଁ ଅଶ୍ୱମେଧ ଯଜ୍ଞ । ତେଣୁ ସମାଜରେ ନାରୀ ଯେପରି ସଂପୂର୍ଣ୍ଣ ସୁରକ୍ଷିତ ରହିବ ତାହା ପାଇଁ କଠୋରରୁ କଠୋରତର ଦଣ୍ଡ ବିଧାନର ବ୍ୟବସ୍ଥା କରାଯିବା ସହିତ ଚରିତ୍ର ଗଠନର ଭିତ୍ତିଭୂମି କୁହାଯାଉଥିବା ଶୈଶବ କାଳରୁ ସୁଶିକ୍ଷାର ବ୍ୟବସ୍ଥା କରାଗଲେ ସମାଜର ହିତ ସହିତ ରାଷ୍ଟ୍ରର ଉତ୍‌ଥାନ ସମ୍ଭବ ହୋଇପାରିବ । ଦେଖନ୍ତୁ ଗୋଟିଏ ଘରେ ଯଦି ନିର୍ଯ୍ୟାତନା ଜନିତ କୌଣସି ଅପ୍ରିତୀକର ପରିସ୍ଥିତି ଦେଖାଯାଏ ତେବେ ସେ ଘରର ଆନନ୍ଦ, ଶାନ୍ତି ସତେ ଯେମିତି କେଉଁ ଯାଦୁଗରର କାଉରୀରକାଠିର ସ୍ପର୍ଶରେ ଉଭେଇ ଗଲା ପରି ଉଭେଇଯାଏ । ତେବେ ନିତି ପ୍ରତି ଦେଶର କୋଣ ଅନୁକୋଣରେ ଏମିତି ନିର୍ଯ୍ୟାତନାରେ ଦେଶର ଉନ୍ନତି କିପରି ବା ସମ୍ଭବ ? ପରନ୍ତୁ ପରିଣତି ଏମିତି ଭୟାବହ ହେବ ଯେ ଦ୍ରୌପଦୀଙ୍କ ବସ୍ତ୍ରହରଣରୁ ମହାଭାରତ ଯୁଦ୍ଧର ଉତ୍ପତ୍ତି ଓ କୁରୁବଂଶର ବଂଶନିପାତ କିମ୍ବା ସୀତାଙ୍କ ଅପହରଣରୁ ସ୍ୱର୍ଣ୍ଣପୁରୀ ଲଙ୍କାର ପରିସମାପ୍ତି ପରି ଦୁର୍ଘଟଣା ଘଟିବା ହିଁ ସାର ହେବ । ଏଣୁ ଏବେ ସମାଜରେ ଗୋଟିଏ ସ୍ୱର ଓ ଆହ୍ୱାନ "ନାରୀର ସୁରକ୍ଷା ଓ ନାରୀର ମର୍ଯ୍ୟାଦା ରକ୍ଷା ।"

ଶାନ୍ତି ଶାନ୍ତି ଶାନ୍ତିଃ !



# ଅଭିମାନ


**ଯଜ୍ଞମଣି ସାହୁ**

ସୁନାମୁଦି


ଗାଁ ଦାଣ୍ଡ କଡରେ ଥିବା ଏକ ପିଣ୍ଡାରେ ଜଣେ ପୌଢ଼ ବ୍ୟକ୍ତି ବସିଥିଲେ । ଏହି ସମୟରେ ସେହି ରାସ୍ତା ଦେଇ କେତେଜଣ ଧଳାବସ୍ତ୍ର ପରିହିତ ଯୁବକ ପାଦରେ ଚାଲି ଯାଉଥିଲେ । ସେମାନଙ୍କୁ ଦେଖି ବ୍ୟକ୍ତି ଜଣକ ମନରେ କୌତୁହଳ ଜାତ ହେଲା । ସେ ଜଣେ ଯୁବକକୁ ପାଖକୁ ଡାକିଲେ ଆଉ ପଚାରିଲେ କୁଆଡେ ଯାଉଛ ? ଯୁବକ ଜଣକ ଉତ୍ତର ଦେଲେ ସେମାନେ ଏହି ଗାଁର ଗୋବିନ୍ଦ ବାବୁଙ୍କ ଘରକୁ ଯାଉଛନ୍ତି । ସାଇ ପୂଜନ ଓ ଭଜନ କୀର୍ତ୍ତନ କରିବାକୁ ।

ବ୍ୟକ୍ତି ଜଣକ ଭାବିବାରେ ଲାଗିଲେ । ଗୋବିନ୍ଦ ବାବୁ ଜଣେ ସଂକୀର୍ଣ୍ଣ ବ୍ୟକ୍ତି । ଜମି ବାଡି ଧନସଂପତ୍ତି ସବୁଅଛି । ବାବୁ ମଧ୍ୟ ଜଣେ ଶିକ୍ଷିତ ତଥା ଉଚ୍ଚ ରାଜକର୍ମଚାରୀ । ଏସବୁ ସତ୍ତ୍ୱେ ତାଙ୍କ ଦାଣ୍ଡ ପ୍ରାୟତଃ କେବେ ଖୋଲା ନଥାଏ । ବାବୁ ଜଣକ ଘରୁ ବାହାରିଲେ ସିଧା ତାଙ୍କ ଗନ୍ତବ୍ୟ ସ୍ଥଳକୁ ଯାଆନ୍ତି । ସେ କେବେ ପଡୋଶୀ ବା ଗାଁର କୌଣସି ବ୍ୟକ୍ତି ସହିତ ବାର୍ତ୍ତାଳାପ ମଧ୍ୟ କରନ୍ତି ନାହିଁ । ଆଉ ମଧ୍ୟ ସେ ବା ତାଙ୍କ ପରିବାରର ଲୋକ ଗାଁର ପାଖ ପଡୋଶୀଙ୍କ ଦୁଃଖ ସୁଖରେ ଛିଡା ହୁଅନ୍ତି ନାହିଁ । ଗାଁରେ ଥିବା ସମସ୍ତ ବ୍ୟକ୍ତି ନିଚ୍ଚ ତଥା ସେ ଜଣେ ଉଚ୍ଚ ସ୍ଥାନରେ ଥିବା ବ୍ୟକ୍ତି ଏହା ବୋଧହୁଏ ତାଙ୍କ ଧାରଣା । ଗା ଦାଣ୍ଡରେ ବସିଥିବା ବ୍ୟକ୍ତି ଜଣକ ଚିନ୍ତା କଲେ ଏଇଥିପାଇଁ ବାହାର ଗାଁରୁ ଯୁବକ ମାନଙ୍କୁ ନିମନ୍ତ୍ରଣ କରିଛନ୍ତି । ବ୍ୟକ୍ତି ଜଣକ ଭାବୁଥିଲେ ଆମେ ଧାରଣ କରିଥିବା ଶରୀର ପାଇଁ ଅନ୍ନ ଜଳ ବାୟୁ ତ ଏ ଗାଁରୁ ମିଳେ । ଆମର ମାନସିକ ବିକାଶ ପାଇଁ ଦରକାର କରୁଥିବା ସ୍ନେହ ମମତା ଆଦର ଏହି ଗାଁରୁ ହିଁ ମିଳିଥାଏ । ଗୋବିନ୍ଦ ବାବୁ କେବେ ଗାଁର କୌଣସି ବ୍ୟକ୍ତିଙ୍କୁ ତାଙ୍କ କାର୍ଯ୍ୟକ୍ରମ ପାଇଁ ଆମନ୍ତ୍ରଣ କରନ୍ତି ନାହିଁ । ବରଂ ଦାଣ୍ଡ ଦୁଆର ବନ୍ଦ କରି ଯାହା କରିବା କଥା କରନ୍ତି । ବ୍ୟକ୍ତି ଜଣକ ଏହା ଚିନ୍ତା କରୁଥିଲେ ଯେ, ଦାଣ୍ଡ ଦୁଆର ଖୋଲାଥିଲେ ଅବା ତାଙ୍କ ମନ୍ତ୍ର ଉଚ୍ଚାରଣ ବାହାରକୁ ଶୁଣାଗଲେ ଗୋବିନ୍ଦ ବାବୁଙ୍କର ଧର୍ମ ଚାଲିଯିବ ଓ ପାଖପଡୋଶୀଙ୍କ ପାଖରେ ପହଞ୍ଚି ଯିବ । ତେବେ ସାଇ ବାବା ତ ଏପରି ଶିକ୍ଷା କେବେ ଦେଇନଥିବେ ।




With best compliments from:

ADITYA BIRLA CAPITAL

PROTECTING INVESTING FINANCING ADVISING

**Sunil Kumar Sahu**

Associates Sales Partner - Aditya Birla Sunlife Insurance, Balangir Branch

Cell. 9090961587 / 9438001587

E-mail: sunilak.sahoo@adityabirlacapital.com

## ଶୁଭେଚ୍ଛା ସହ




# ମହେନ୍ଦ୍ର କୁମାର ଝୁଣ୍ଟିଆ

## ବି. କ୍ଲାସ୍ କଣ୍ଟ୍ରାକ୍ଟର (ପିଏଚଡ଼ି ସ୍ପେଶାଲିଷ୍ଟ)

## ମାଣ୍ଡୋସିଲ, ବରଗଡ଼

## ମୋ: ୯୭୭୭୭୦୭୧୧୦



# ଜୀବନର ପ୍ରତିଛବି

**ଯଜ୍ଞମଣି ସାହୁ**
ସୁନାମୁଦି

ସହରଠୁ ଅନେକ ଦୁରରେ ପ୍ରତିଷ୍ଠିତ ଏକ ଆଶ୍ରମ । ସବୁଜ ବନାନୀ ଘେରା ଆଶ୍ରମ ପାଖରେ ଏକ କ୍ଷୁଦ୍ର ନଦୀ କୁଳୁକୁଳୁ ନାଦରେ ବହିଯାଉଛି । ମନୋରମ ପରିବେଶ,ଝାଟିମାଟିରେ ତିଆରି କେତୋଟି କୁଟୀରକୁ ନେଇ ଆଶ୍ରମ । ସ୍ୱାମୀ ନିଶ୍ଚଳାନନ୍ଦ ମହାରାଜ ଏହି ଆଶ୍ରମର ପ୍ରତିଷ୍ଠାତା ତଥା ଗୁରୁ ।

ନିଜ ହାତରେ ସେ ତିଆରି କରିଛନ୍ତି ଏକ ସୁନ୍ଦର ପୁଷ୍ପ ଉଦ୍ୟାନ । ମାତ୍ର ଦୁଇ ତିନି ଜଣ ଶିଷ୍ୟଙ୍କୁ ନେଇ ତାଙ୍କ ଆଶ୍ରମ । ସ୍ୱାମୀଜୀ ଗହଳ ଚହଳ ବା ଧନସମ୍ପଦ କୁ କେବେ ପସନ୍ଦ କରନ୍ତି ନାହିଁ । ତାଙ୍କର ଜୀବନଶୈଳୀ ଅତି ନିରାଡମ୍ବର । ସାମାନ୍ୟ ଭିକ୍ଷାଲବ୍ଧ ଅର୍ଥରେ ତାଙ୍କର ପ୍ରତିପୋଷଣ ହୋଇଥାଏ ।

ନିର୍ମଳ ଆକାଶ, ଜହ୍ନରାତି, ଅତି ମନୋରମ ଶାନ୍ତ ପରିବେଶ । ସ୍ୱାମୀଜୀ ପୁଷ୍ପ ଉଦ୍ୟାନ ପାଖରେ ବୁଲୁଥିବା ସମୟରେ କାହିଁକି କେଜାଣି ମନେ ପଡିଯାଏ ତାଙ୍କ ଜୀବନର ତିକ୍ତ ଅନୁଭୂତି । ସେ ଥିଲେ ଜଣେ ଉଚ୍ଚ ଶିକ୍ଷିତ ଯୁବକ । ଆଇନରେ ଡିଗ୍ରୀ ହାସଲ ପରେ ସେ ଥିଲେ ଜଣେ ଓକିଲ । ତାଙ୍କର ଥିଲାଏକ ହସଭରା ପରିବାର । ପରିବାରରେ ବାପା, ମାଆ, ଭାଇ ଓ ଭଉଣୀ । ବାପା ଥିଲେ ଜଣେ ସରକାରୀ କର୍ମଚାରୀ । ସୁରୁଖୁରୁରେ ପରିବାର ଚଳିଯାଉଥିଲା ।

ସ୍ୱାମୀଜୀଙ୍କ ପିତୃଦତ୍ତ ନାମ ଥିଲା ଅଶୋକ । ଅଶୋକଙ୍କ ବିବାହ ପ୍ରସ୍ତାବ ପଡିଲା । ବାପା ଚାହୁଁଥିଲେ ଜଣେ ରୋଜଗାରିଆ ଝିଅକୁ ବୋହୁ କରିବା ପାଇଁ । ଏମିତି ଏକ ପ୍ରସ୍ତାବ ତାଙ୍କ ପାଖକୁ ଆସିଲା । ଝିଅଟି ଜଣେ ସରକାରୀ କର୍ମଚାରୀ । ବାପା ସେଥିରେ ରାଜି ହୋଇଗଲେ ଓ ଏକ ପ୍ରକାର ଅଶୋକକୁ ବିବାହ ପାଇଁ ବାଧ କଲେ । ଝିଅଟିର ଅନେକ ଦୁର୍ଗୁଣକୁ ଜାଣି ମଧ୍ୟ ବାପା ଚୁପ ରହିଲେ କେବଳ ଅର୍ଥ ପାଇଁ । ଏପରି ସ୍ଥିତିରେ ଅଶୋକଙ୍କର ବାହା ହୋଇଗଲା ସେହି ଝିଅ ରୀତା ସହିତ ।

ସମୟାନୁକ୍ରମେ ରୀତା ଦୁଇଟି ସନ୍ତାନର ଜନନୀ ମଧ୍ୟ ହେଲେ । କିନ୍ତୁ ସେ ପୁରୁଣା ବନ୍ଧୁ ସହିତ ସବୁବେଳେ ଦେଖାସାକ୍ଷାତ ବୁଲାବୁଲି କରୁଥିଲେ । ସେ ଥିଲେ ଜଣେ ଉଗ୍ର ଆଧୁନିକା ଯୁବତୀ । ରୀତାଙ୍କର କାର୍ଯ୍ୟକଳାପ ପାଇଁ ଅନେକ ସମୟରେ ଅଶୋକ ଓ ରୀତା ମଧ୍ୟରେ ଝଗଡା କଳିଗୋଳ ହେଉଥିଲା । ଅଶୋକ ଶେଷରେ ନମ୍ରତାର ସହ ରୀତାକୁ ବୁଝାଇବାକୁ ଚେଷ୍ଟାକଲେ, କିନ୍ତୁ କିଛି ଫଳ ହେଲା ନାହିଁ । ଦିନକରେ ରୀତା ତାଙ୍କର ଦୁଇ ପୁତ୍ରକୁ ଧରି ଅନ୍ୟତ୍ର ଚାଲିଗଲେ ।

ତା ପରେ ଅଶୋକ ତଥା ତାଙ୍କ ପରିବାର ରୀତାକୁ ଯେତେ ବୁଝାଇବାକୁ ଚେଷ୍ଟା କଲେ ମଧ୍ୟ ଫଳ କିଛି ହେଲାନାହିଁ । ଅଶୋକ ତାପରେ ବିଷାଦଗ୍ରସ୍ତ ହୋଇପଡିଲେ । ନିଜ ଆଇନପେଶାକୁ ମଧ୍ୟ ଛାଡିଦେଲେ ଓ ଯୁଆଡକୁ ମନଇଚ୍ଛା ସେ ଆଡେ ବୁଲିବାକୁ ଲାଗିଲେ । ବୁଲାବୁଲି ଶେଷରେ ସେ ପହଞ୍ଚିଥିଲେ ଏହି ଆଶ୍ରମରେ । ଆଶ୍ରମରେ ଥିଲେ ସମ୍ପୂର୍ଣ୍ଣ ସଂସାରତ୍ୟାଗୀ ସନ୍ନ୍ୟାସୀ ମାଧବାନନ୍ଦ । ତାଙ୍କଠାରେ ଶିଷ୍ୟତ୍ୱ ଗ୍ରହଣ କରି ତଥା ସେଠାରେ ବସବାସ କରି ଅଶୋକ ହୋଇଯାଇଥିଲେ ନିଶ୍ଚଳାନନ୍ଦ ।

ଏହି ସମୟରେ ପାଖ ବୃକ୍ଷରେ ଥିବା ଚଢ଼େଇର ରାବ ଶୁଣି ନିଶ୍ଚଳାନନ୍ଦ ପ୍ରକୃତିସ୍ଥ ହେଲେ । ସେଠାରୁ ଉଠି ଧିରେ ଧିରେ ଆଶ୍ରମ ଭିତରକୁ ଗଲେ ।

*With best compliments from*





मानक: पथप्रदर्शक:
Bureau of Indian Standards

# BHARATI JEWELLERS

**MG Road, Junagarh, Dist, Kalahandi**

**Cell. 9437071736, 9937591553**

All types of Gold & Silver Ornaments available

## BHARATI METAL TRADERS, JUNAGARH

**All types of Utensils available here**

# ସୁସ୍ଥ ସମାଜ ଗଠନ ର ମୂଳମନ୍ତ୍ର

**ଗୌରାଙ୍ଗ ଚରଣ ସାହୁ**
ଟିଟିଲାଗଡ

ମନୁଷ୍ୟ ଜନ୍ମ ମାତ୍ରକେ ତିନୋଟି ଋଣ ନେଇ ଜନ୍ମ ହୋଇଥାଏ । ୧) ପିତୃ ଋଣ ୨) ଦେବ ଋଣ ୩) ପ୍ରକୃତି ଋଣ । ଏଣୁ ଆମେ ଜନ୍ମ ମାତ୍ରକେ ଋଣୀ ହୋଇଥାଉ । ଆମର ପ୍ରଥମ କର୍ତ୍ତବ୍ୟ ହେଲା ପିତାମାତାଙ୍କ ଔରଷରୁ ଜନ୍ମ ନେଇଥିବାରୁ ତାଙ୍କର ସେବା କରିବା । ଆମେ ଯେଉଁ ମାନବ ଜନ୍ମ ନେଉଛୁ ତାହା ପରମାତ୍ମାଙ୍କ ଅଂଶ । ଅନେକ ଜନ୍ମର ଶୁକର୍ମ ଫଳ ପରେ ଯାଇ ଆମେ ପରମାତ୍ମାରେ ଲୀନ ହେବା । ଏଣୁ ଆମେ ସଦାସର୍ବଦା ଭଗବତ ସେବାରେ ଚେଷ୍ଟିତ ହେବା । ପଞ୍ଚଭୂତର ଏ ଶରୀର ଜଳ, ବାୟୁ, ଅଗ୍ନୀ, ଆକାଶ, ପୃଥିବୀ ବିନା ଭେଦଭାବରେ ଆମର ସେବା ନିରବଚ୍ଛିନ୍ନ ଭାବରେ କରିଥାନ୍ତି । ଏମାନଙ୍କ ବିନା ସେବାରେ ଆମେ ଜିବୀତ ରହିବା ଅସମ୍ଭବ ଅଟେ । ଏଣୁ ଆମେ ପ୍ରଥମେ ଏମାନଙ୍କର ଋଣ ସୁଝିବା ପ୍ରଥମ କର୍ତ୍ତବ୍ୟ ଅଟେ ।

ଭାରତ ବର୍ଷରେ ମନୁଷ୍ୟ ସୁସ୍ଥ ରହିବା ପାଇଁ ଆମର ପୂର୍ବଜ ମୁନିଋଷି ମାନେ ଆମକୁ ଅନେକ ମାର୍ଗ ଦର୍ଶନ କରିଯାଇଛନ୍ତି । କିନ୍ତୁ କାଳକ୍ରମେ ଏ ଗୁଡିକ କେବଳ ଶାସ୍ତ୍ର ଓ ଗ୍ରନ୍ଥରେ ସିମୀତ ହୋଇ ରହିଯାଇଥିଲା । ବର୍ତ୍ତମାନ ଆମ ଦେଶର କିଛି ସାଧୁସନ୍ଥ ଏହାର ପ୍ରଚାର ପ୍ରସାର କରିବାରେ ଲାଗିଛନ୍ତି । ଏହା ମଧ୍ୟରୁ ପୂଜ୍ୟଶ୍ରୀର ରାମଦେବ ବାବା ଯୋଗ ସାଧନା ମାଧ୍ୟମରେ ମନୁଷ୍ୟ ଶରୀର କିପରି ସୁସ୍ଥ ଓ ନିରୋଗ ରହିବେ ଏହାର ପ୍ରଚାର ଓ ପ୍ରସାର କରୁଛନ୍ତି । କେବଳ ଭାରତ ନୁହେଁ ସାରା ବିଶ୍ୱରେ ତାହା ଆଜି ପ୍ରସାରିତ ହେଉଛି । ଋଷି ପରମ୍ପରାରୁ ଆସିଥିବା ଏହି ଯୋଗ ସାଧନାକୁ ଆମର ପତଞ୍ଜଳି ଋଷି ଆହୁରି ସରଳ କରି ତାଙ୍କୁ ଅଷ୍ଟାଙ୍ଗ ଯୋଗରେ ସିମୀତ କରି ମାନବ ସମାଜକୁ ଦେଇଯାଇଛନ୍ତି । ଯୋଗର ଆଠଟି ଅଂଶ – ଜମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟହାର, ଧାରଣା, ଧ୍ୟାନ, ସମାଧି । ଏହା ବିନା କୌଣସି ସାଧକ ସାଧୁସନ୍ଥ ସାଧନା କରିବା ଅସମ୍ଭବ ଅଟେ । ଏଣୁ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି –

"ଯୁକ୍ତାହାର ବିହାରସ୍ୟ ଯୁକ୍ତ ଚେଷ୍ଟସ୍ୟ କର୍ମଷ୍ଣ
ଯୁକ୍ତ ସ୍ୱପ୍ନାବୋଧସ୍ୟ ଯୋଗୋ ଭବତି ଦୁଃଖାହା ।"

ଅର୍ଥାତ୍ ଯେଉଁମାନଙ୍କ ଆହାର ବିହାର ଠିକଥାଏ ଓ ସାଂସାରିକ କାର୍ଯ୍ୟଗୁଡିକ ନିଶ୍ଚିତ ଦିନ ଚର୍ଯ୍ୟା ଥାଏ, ନିଦ୍ରା ନିଦ୍ରାରୁ ଜାଗ୍ରତ ସମୟ ମଧ୍ୟ ନିଶ୍ଚିତ ଥାଏ, ଏପରି ବ୍ୟକ୍ତି ହିଁ ଯୋଗ ସାଧନା କରିଥାଏ । ଆଜି ଦେଶର କେତେକ ସହରରେ ଏପରି ସ୍ଥିତି ଆସି ପହଞ୍ଚିଲାଣି ଯେ ଲୋକେ ଟିକିଏ ବିଶୁଦ୍ଧ ପ୍ରାଣବାୟୁ ନିଶ୍ୱାସ ନେବା ପାଇଁ ପଇସା ଖର୍ଚ୍ଚ କରିବାକୁ ପଡିଲାଣି । କିଛି ଦିନ ପୂର୍ବେ ଦିଲ୍ଲୀରେ ୧୫ ମିନିଟ ଅମ୍ଳଜାନ ନେବା ପାଇଁ ୩୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା । ପିଇବା ପାଣି ଅଶୁଦ୍ଧ ହେବାରେ ଲାଗିଛି । ଯଦି ନିଶ୍ୱାସ ନେବା ପାଇଁ ବିଶୁଦ୍ଧ ବାୟୁ ଓ ପିଇବା ପାଇଁ ବିଶୁଦ୍ଧ ଜଳର ଏପରି ପରିସ୍ଥିତି ଲାଗିରହିଲା ତ ଆଗକୁ ଆହୁରି ଖରାପ ପରିସ୍ଥିତି ହୋଇପାରେ । ଏଣୁ ସମାଜରେ ପରିବେଶ ଚିନ୍ତା ଅନିବାର୍ଯ୍ୟ ଅଟେ ।

ଆଜି ସମାଜରେ ଦେଖାଦେଉଥିବା ବିଶୃଙ୍ଖଳା ପାଇଁ ଘର ମାନଙ୍କରେ ସଂସ୍କାରର ଅଭାବ ଦେଖାଦେଲାଣି । ଆମ ଭାରତୀୟ ପରମ୍ପରା ଓ ବୌଦ୍ଧିକ ସଂସ୍କାରକୁ ଆଧୁନିକ ଚାକଚକ୍ୟ ପାଇଁ ସବୁ ଭୁଲିବାକୁ ଲାଗିଛନ୍ତି । ଛୋଟମାନେ ବଡ ମାନଙ୍କୁ ସମ୍ମାନ ଦେବା ହେଉନି ଘରେ କିମ୍ବା ବାହାରେ କେହି କାହାକୁ ମାନିବାକୁ ନାରାଜ ।

ଖାଦ୍ୟପେୟର ବିଶୃଙ୍ଖଳା କହିଲେ ନ ସରେ । ଯେତେ ଅଖ୍ୟାଦ୍ୟ ଗୁଡିକର ପ୍ରଚଳନ ଅଧିକା ହେବାରେ ଲାଗିଛି । ତାକୁ ସମ୍ଭାଳିବା ଅସମ୍ଭବ ଲାଗୁଛି । ଛୋଟପିଲା ମାନେ ଘରୋଇ ଖାଦ୍ୟ ଛାଡି ମେଗୀ, କୁରକୁରେ ପରି ବିଷଯୁକ୍ତ ଖାଦ୍ୟ ଆପଣେଉଛନ୍ତି । ଯାହା ପାଇଁ ଭବିଷ୍ୟତରେ ଅନେକ ପେଟ ରୋଗରେ ଆକ୍ରାନ୍ତ ହେବେ । ଯୁବ ପିଢ଼ୀ ମଦ୍ୟ, ମାଂସ, ମସଲାଯୁକ୍ତ ଖାଦ୍ୟ ଭକ୍ଷଣ କରି ନିଜ ଶରୀରକୁ ନଷ୍ଟ କରି ଚାଲିଛନ୍ତି ।

ନାରୀର ପ୍ରକୃତ ସୌନ୍ଦର୍ଯ୍ୟ ତାର ଶରୀର ନୁହେଁ, ତାହା ହେଉଛି ତାର ଶୀଳ ସ୍ୱଭାବ । ନାରୀ ବଜାରରେ ବିକ୍ରୀ ସାମଗ୍ରୀ

ନୁହେଁ । ସେ ହେଉଛି ସୀତା, ସାବିତ୍ରୀ, କୌଶଲ୍ୟା, ଜଗତଜନନୀ ମାଁ ଦୁର୍ଗା, ମହାଲକ୍ଷ୍ମୀ, ବିରଙ୍ଗନା ଲକ୍ଷ୍ମୀବାଈ । ଆଜି ନାରୀ ବଜାରର ଏକ ବଡ ସାମଗ୍ରୀ ପାଲଟି ଯାଇଛି । ଆଜିକାଲି ଇଲେକ୍ଟ୍ରୋନିକ୍ସ ମିଡିଆ ଗଣ ମାଧ୍ୟମରେ ନାରୀକୁ ଯେପରି ଚରିତ୍ରରେ ପରିବେଷଣ କରାଯାଉଛି, ତାହା ଏକ ଦୁର୍ଭାଗ୍ୟ ଅଟେ । ନାରୀକୁ ସମ୍ମାନ ଦେବା ଆମ ସମାଜର ପ୍ରଥମ କର୍ତ୍ତବ୍ୟ ଅଟେ । ସେମାନଙ୍କ ଅପମାନ ଆମର ଅପମାନ ଅଟେ, କାରଣ ସେ ହେଉଛି ଆମର ମାଁ, ଭଉଣୀ ଓ ଝିଅ । ଶିକ୍ଷା ବିନା କୌଣସି ବ୍ୟକ୍ତି କିମ୍ବା ସମାଜର ବିକାଶ ହୋଇପାରେନା । ଏଣୁ ଆମେ ଆମର ପିଲାମାନଙ୍କୁ କିପରି ଉଚ୍ଚଶିକ୍ଷା ଦେଇ ସମାଜରେ ପ୍ରତିଷ୍ଠିତ କରିବା, ସେଥିପାଇଁ ସମସ୍ତେ ଜାଗ୍ରତ ହେବା ଦରକାର । ଯେକୌଣସି କ୍ଷେତ୍ରରେ ହେଉ କିମ୍ବା ଯେକୌଣସି ପରିସ୍ଥିତିରେ ହେଉ ପିଲାମାନଙ୍କୁ ଶିକ୍ଷା ଦେଇ ସମାଜକୁ ଆଗେଇ ନେବାକୁ ପଡିବ । ଶିକ୍ଷା ବିନା ସମାଜର ଉନ୍ନତି ହୋଇ ପାରିବ ନାହିଁ ।

ଏଣୁ ସୁସ୍ଥ ସମାଜ ପାଇଁ ଆସନ୍ତୁ ଆମେ ସମସ୍ତେ ସ୍ୱାସ୍ଥ୍ୟ, ଖାଦ୍ୟପେୟ ଓ ଶିକ୍ଷା ଉପରେର ଧ୍ୟାନ ଦେଇ ଏକ ସୁସ୍ଥ ସମାଜ ଗଠନରେ ଆଗେଇ ଯିବ । । ଜୟ ଜଗନ୍ନାଥ , ଜୟ କୁବେର ମହାରାଜ ।


With best compliments from

**Chirag Enterprises**

Cement, MS Rod, Asbestos, Chips, Slate Pathar,
Colour & All Hardware Items

Shantipur (Near K.L. Office), Dhandamunda



Prop. Sushanta Kumar Sahu
C/o. Bharat Chandra Sahu
9437637665 / 7750888965

# ପାରିବାରିକ ଜୀବନକୁ ସୁଖମୟ କରିବା



**ବବିତା ସାହୁ**
ପାଇକମାଲ

ମଣିଷ ସମାଜରେ ଆଦିମ କାଳରୁ ପରିବାରର ଉତ୍ପତ୍ତି । ବିନୀତ ରକ୍ତ ସଂପର୍କ ପରିବାରର ବ୍ୟକ୍ତିମାନଙ୍କ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ସୃଷ୍ଟି କରିଥାଏ । ପାରିବାରିକ ଦରଦ ନଥିଲେ ଗୋଟିଏ ଶିଶୁ ଶୈଶବରେ ବଞ୍ଚିପାରିବା ଅସମ୍ଭବ । ପାରସ୍ପରିକ ସ୍ନେହ ଓ ଦରଦ ପାରିବାରିକ ଜୀବନର ପ୍ରାକୃତିକ ମୂଳଦୂଆ । ନିଜର ସୁଖକୁ ଭୁଲି ତ୍ୟାଗ, ଆଦର, ସମ୍ବେଦନଶୀଳତା ଓ ସମଭାବାପନ୍ନତା ପାରିବାରିକ ଜୀବନର ମୌଳିକ ନୀତି । ବିଶେଷ ଭାବରେ ନାରୀଶିକ୍ଷାର ଅଭାବ, ଅର୍ଥର ଅଭାବ, ଅହଂଭାବ ଓ ସହନଶୀଳତା ଓ ତ୍ୟାଗ ଭାବର ଅଭାବ ହେତୁ ପରିବାର ମାନଙ୍କରେ ଅଶାନ୍ତି ସୃଷ୍ଟି ହୋଇଥାଏ । ପରିବାର ଜୀବନକୁ ସୁଖମୟ କରିବାକୁ ହେଲେ ପାରିବାରିକ ଅଶାନ୍ତିର ମୂଳକାରଣ ଗୁଡିକର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଶାନ୍ତି ଦାୟକ ନୀତିଗୁଡିକର ଏକାନ୍ତ ଆବଶ୍ୟକ । ପରିବାରରେ ଅଶାନ୍ତି ଦୂରୀକରଣ ନିମିତ୍ତ, ପରିବାରର ଦାୟିତ୍ୱପୂର୍ଣ୍ଣ ବ୍ୟକ୍ତିମାନେ ଚେଷ୍ଟା କରିବା ଉଚିତ୍ । ପ୍ରଥମେ ପରିବାରର ସୁଦୃଢ଼ ଆର୍ଥିକ ସ୍ଥିତି ପାଇଁ ନଜର ଦେବା କଥା ।

ପତି ପତ୍ନୀ ତଥା କନିଷ୍ଠ ନରନାରୀ ମାନଙ୍କର ଗୁରୁଜନ ମାନଙ୍କ ପ୍ରତି କର୍ତ୍ତବ୍ୟ ସଂପାଦନ ଅଳ୍ପ ବୟସ୍କ ଓ ଶିଶୁ ମାନଙ୍କ ପ୍ରତି ଆଦର, ପରସ୍ପର ମଧ୍ୟରେ ବିଶ୍ୱାସ ରଖିବା ଉଚିତ୍ । ପରସ୍ପର ମତ ପ୍ରତି ସମ୍ମାନ ଦେଇ ଆଲୋଚନା କରିବା,ପରିବାରର ଶିଶୁ ମାନଙ୍କ ପ୍ରତି କର୍ତ୍ତବ୍ୟ ସମ୍ପାଦନ କରିବା ଏତଦ୍ ବ୍ୟତୀତ ନିୟମିତ ଧର୍ମ ଅନୁଷ୍ଠାନରେ ଯୋଗଦାନ କରିବା ଏବଂ ଅତିଥି ଓ ଅଭ୍ୟାଗତଙ୍କ ପ୍ରତି ପଥୋଚିତ୍ ଆତିଥ୍ୟ ବିଧାନ କରିବା କଥା । ପାରିବାରିକ ଜୀବନରେ ଶିଶୁଠାରେ ମାନବିକତାର ବିକାଶ ଏବଂ ଶିଶୁର ଚରିତ୍ର ଗଠନ, ଶିଶୁର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଓ ପ୍ରାଥମିକ ଶିକ୍ଷା ପାଇଁ ସୁ ବନ୍ଦୋବସ୍ତ କରିବାକଥା ।

ପରିବାରର ଅର୍ଥନୀତିକୁ ଦୃଢ଼ ରଖିବା ପ୍ରଥମ ଲକ୍ଷ୍ୟ ହେବା ଉଚିତ୍ । ଏଥିପାଇଁ ପରିବାରର ଅର୍ଜନଶୀଳ ବ୍ୟକ୍ତି ମାନଙ୍କର ଯେତିକି ଦାୟିତ୍ୱ ରହିଛି, ପରିବାରର ଅନ୍ୟାନ୍ୟ ବ୍ୟକ୍ତି ମାନଙ୍କର ମଧ୍ୟ ସେତିକି ଦାୟିତ୍ୱ ରହିଛି । ଗୃହନାରୀ ମାନେ ଗୃହ ମଧ୍ୟରେ ଥିବା କୌଣସି ଦ୍ରବ୍ୟକୁ ନଷ୍ଟ କରିବେ ନାହିଁ । ଖାଦ୍ୟ ଦ୍ରବ୍ୟ ଓ ଅନ୍ୟାନ୍ୟ ଦ୍ରବ୍ୟ ନଷ୍ଟ ନିରୋଧ କରିବା ବିଧେୟ । ପରିବାରର କୌଣସି ବ୍ୟକ୍ତି ନିଶାକୁ ପ୍ରଶ୍ରୟ ଦେବେ ନାହିଁ । ପରିବାରରେ ମିତବ୍ୟୟ ଏକାନ୍ତ ଆବଶ୍ୟକ । ପରିବାରର ଅର୍ଥନୀତିକୁ ଦୃଢ଼ ରଖିବା ପାଇଁ ପରିବାରର ନିୟନ୍ତ୍ରଣ ଆବଶ୍ୟକ । କୃପଣତାପୂର୍ଣ୍ଣ ଭାବ ବର୍ଜନୀୟ । ତେଣୁ ଅର୍ଥବ୍ୟୟ ଓ ଅର୍ଥ ସଂଚୟ ବୁଦ୍ଧି ଓ ବିବେକ ଦ୍ୱାରା ପରିଚାଳିତ ହେବା ଉଚିତ୍ । ପରିବାର ମଧ୍ୟରେ ସାଧାରଣତଃ ବାପା ମା ପୁଅ ଝିଅ ଅଜା ଆଈ ନାତି ନାତୁଣୀ ରହିଥାନ୍ତି । ଭାଇ ଭାଇ ମଧ୍ୟରେ ବଡ ଭାଇ ସାନ ଭାଇ ସଂପର୍କରେ ରହିଥାଏ । ଭଉଣୀ ଭଉଣୀ ମଧ୍ୟର ବଡ ଭଉଣୀ ସାନ ଭଉଣୀ ସମ୍ପର୍କ ଥାଏ । ପଡୋଶୀ ମାନଙ୍କ ପ୍ରତି ଉତ୍ତମ ପଡୋଶୀ ଭାବ ପ୍ରଦର୍ଶନ କରିବା ଆବଶ୍ୟକ । ପରିବାରରେ ଯେଉଁଠି ଏତେ ଗୁଡିଏ ଲୋକ ଏକତ୍ର ବସବାସ କରନ୍ତି ସେଠାରେ ପରିଷ୍କାର ପରିଚ୍ଛନ୍ନତା ଏକାନ୍ତ ଅପରିହାର୍ଯ୍ୟ ଅଟେ । ଶିଶୁ ମାନେ ସବୁବେଳେ ଅନୁକରଣ ପ୍ରିୟ । ପିତା ମାତା ଆତ୍ମୀୟ ସ୍ୱଜନଙ୍କୁ ଅନୁକରଣ କରି କଥା କହିବା ଭଙ୍ଗୀଠାରୁ ଆରମ୍ଭ କରି ପରିବାର ପ୍ରଚଳିତ ବ୍ୟବହାର ପଦ୍ଧତି ଆଦି ନାନା କଥା ଶିକ୍ଷା କରିଥାନ୍ତି । ତେଣୁ ପରିବାରରେ ପ୍ରଥମତଃ ମାତା ଓ ପିତା ନିଜକୁ ଆଦର୍ଶ ସ୍ଥାନୀୟ କରିବା ଆବଶ୍ୟକ । କାରଣ ସେହି ମାନଙ୍କର ପ୍ରଭାବ ଅନୁସାରେ ଶିଶୁର ମାନସିକ ଓ ଚରିତ୍ର ଗଠିତ ହୋଇଥାଏ । ସାଧାରଣତଃ ବାଲ୍ୟ ଓ କିଶୋର ବୟସରେ ପିଲାମାନଙ୍କୁ ଉଚିତ୍ ଶିକ୍ଷା ଓ ଦିଗ୍‌ଦର୍ଶନ ପ୍ରଦାନ କରାଗଲେ ସେମାନେ ପାରିବାରିକ ଜୀବନକୁ ନିଜ ନିଜର ପବିତ୍ର ଅବଦାନ ଦେଇ ପରିବାରକୁ ମଧୁମୟ ସ୍ୱର୍ଗରେ ପରିଣତ କରିପାରିବେ । ଗୁରୁଜନ ମାନଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ପ୍ରଦର୍ଶନ ସେମାନଙ୍କ ପ୍ରଧାନ କର୍ତ୍ତବ୍ୟ । ଗୁରୁଜନ ମାନଙ୍କ ମନରେ କଷ୍ଟ ଦେଲାଭଳି କୌଣସି ବ୍ୟବହାର ସେମାନଙ୍କ ପକ୍ଷେ ଅନୁଚିତ ।

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।।"

# ଜୁନାଗଡ଼ କୁବେର ଯୁବ ସଂଗଠନ ଓ ଜୁନାଗଡ଼ କୁବେର ସମାଜ ପୃଷ୍ଠଭୂମି

**ଉଦ୍ଧବ ଚରଣ ସାହୁ**
ସାଇ ସଭାପତି, ଜୁନାଗଡ ସାଇ

ଇତିହାସକୁ ଆଲୋକପାତ କଲେ ଜଣାଯାଏ – ଜଙ୍ଗଲରୁ ଫଳମୂଳ ସଂଗ୍ରହ ଓ ଶୀକାର ଆଦିମ ଯାଯାବର ମଣିଷର ବଂଚିବାର ମାଧ୍ୟମ ଥିଲା । ପରେ କୃଷିକାର୍ଯ୍ୟ ଓ ପଶୁପାଳନ ମଣିଷ ବଂଚିବାର ମାଧ୍ୟମ ହେଲା । ଏହି ଦୁଇ ଧନ୍ଦାକୁ ସହଜ ଓ ଦକ୍ଷତାର ସହ ସମ୍ପନ୍ନ କରିବା ପାଇଁ ଯାଯାବର ମଣିଷ ଦଳବଦ୍ଧହୋଇ ସ୍ଥାୟୀ ବସତି ସ୍ଥାପନ କଲା । ସମୟ କ୍ରମେ କିଛି କିଛି ଅନୁଶାସନ ଓ ଆଦର୍ଶକୁ ଆଧାର କରି ଦଳଗୁଡ଼ିକ ସଂଘରେ ପରିଣତ ହେଲା । କର୍ମକୁ ନେଇ ସଂଘବଦ୍ଧ ଓ ଶୃଙ୍ଖଳିତ ଜୀବନ ଜୀଉଁଥିବା ମଣିଷମାନଙ୍କୁ ନେଇ ବିଭିନ୍ନ ସମାଜ ବା ଜାତି ଗଠିତ ହେଲା ।

ସେହି ଅନେକ ଜାତି ମଧ୍ୟରୁ ଯେଉଁମାନେ ତେଲ ବ୍ୟବସାୟକୁ ମୂଳ ପାଥେୟ କରିଥିଲେ, ସେମାନେ ତେଲି ଜାତି ଭାବେ ପରିଚିତ ହେଲେ । ପୁରାଣ ଶାସ୍ତ୍ର ମତରେ ଧନର ଅଧିପତି କୁବେରଙ୍କ ବଂଶଜ ବୋଲି ସେହି ଜାତିର ପରିଚୟ କୁବେର ପୁତ୍ର । କିମ୍ବଦନ୍ତି କହେ – ଏହି ଜାତିର ଲୋକ ଅତୀତରେ ଜାଭା, ବୋର୍ଣ୍ଣିଓ, ସିଂହଳ ପ୍ରଭୃତି ଦ୍ୱୀପକୁ ବୋଇତରେ ଯାଇ ବଣିଜ କରି ପ୍ରଚୁର ସମ୍ପଦର ଅଧିକାରୀ ହୋଇ ଉତ୍କଳ ରାଜ୍ୟକୁ ସମୃଦ୍ଧ କରିଥିଲେ । ଆଜି କେବଳ ଉତ୍କଳ ନୁହେଁ ସମଗ୍ର ଭାରତରେ ଏହି ଜାତିର ଲୋକେ ବିଭିନ୍ନ କ୍ଷେତ୍ରରେ ନିଜ ନିଜର ପରାକାଷ୍ଠା ପ୍ରଦର୍ଶନ କରି ପ୍ରତିଷ୍ଠିତ ହୋଇ ଚାଲିଛନ୍ତି ।

ମୁଁ ସେହି ତେଲି ବା କୁବେର ପୁତ୍ର ସମାଜରେ ଯାଯପୁର ଜିଲ୍ଲା କାଏମା ଗ୍ରାମରେ ଜନ୍ମିତ । ୧୯୮୩ ମସିହାରେ ମାଟ୍ରିକ୍ ପାସ କଲାପରେ ଆମ ପରିବାରର ତତ୍କାଳୀନ ବ୍ୟବସାୟିକ ପୃଷ୍ଠଭୂମିଥିବା କଳାହାଣ୍ଡି ଜିଲ୍ଲାର ଜୁନାଗଡକୁ ଦୁଇଟି ଲକ୍ଷ୍ୟ ନେଇ ମୁଁ ଆସିଥିଲି । ପ୍ରଥମ ଉଚ୍ଚ ଶିକ୍ଷା ଲାଭ, ଦ୍ୱିତୀୟଟି ହେଲା ବାପା ଭାଇଙ୍କୁ ବ୍ୟବସାୟରେ ସାହାଯ୍ୟ ପ୍ରଦାନ କରିବା । ସେହି ଛାତ୍ର ଜୀବନରେ ଜୁନାଗଡରେ ରହୁଥିବା ଆମ ଜାତି ଭାଇଙ୍କ କେତେ ଗୋଟି ସଭାକୁ ଗଲାପରେ ଜାତିସଭାର ଦୁର୍ବଳ ସ୍ଥିତିକୁ ଅନୁଭବ କଲି । ଯେଉଁ ପୂର୍ବଜଙ୍କ ପଦାଙ୍କ ଅନୁସରଣ କରି ମୁଁ ଏଠାକୁ ଆସିଥିଲି – ସେମାନେ ସମସ୍ତେ ଥିଲେ ମୋ ପାଇଁ ପୂଜ୍ୟ ଏବଂ ନମସ୍ୟ । କିନ୍ତୁ ଦୁଃଖର ସହ ଲକ୍ଷ୍ୟ କଲି – ସେମାନଙ୍କର ଜିଦ୍‌ଖୋର୍ ମନୋଭାବ ଓ ଐକ୍ୟବୋଧର ଅଭାବ ଯୋଗୁଁ ଆମ ଜାତି ସୁପ୍ତ ଓ ବିଖଣ୍ଡିତ ହୋଇ ପ୍ରାୟତଃ ନିଷ୍କ୍ରିୟ ହୋଇ ପଡିରହିଥିଲା ।

ବ୍ୟଥିତ ହୃଦୟରେ ଆମ ଜାତି ଭାଇଙ୍କ ମଧ୍ୟରେ ଏକତା ଆଣି ସୁସମୃଦ୍ଧ ସମାଜ ଗଠନ ପାଇଁ କିଛି କରିବାର ଝୁଙ୍କ ମୋ ପରି କେତେକ ସମାଜ ପ୍ରେମୀ ଯୁବକଙ୍କ ମନରେ ଦେଖାଦେଲା । ଆମ ଜାତି ଭାଇଙ୍କୁ ସଚେତନ କରି ଏକ ଆଦର୍ଶ ଜାତି ଭାବେ ସମାଜର ମଙ୍ଗଳ ପାଇଁ ବିଭିନ୍ନ ଜନ ହିତକର କାର୍ଯ୍ୟକରିବାର ଅଭିଳାଷ ନେଇ ଆମେ ବ୍ୟଗ୍ର ହେଲୁ । ସେହି ବ୍ୟଗ୍ରତାରୁ ଆମ ଜୁନାଗଡ କୁବେର ସମାଜର ପୁନର୍ଗଠନ ହେଲା । ସେହି ମହାନ କାର୍ଯ୍ୟରେ ଆମକୁ ସମସ୍ତ ପ୍ରକାର ଆନ୍ତରିକ ସାହାଯ୍ୟ ସହଯୋଗ କରିଥିଲେ ଜୁନାଗଡ ନିବାସୀ ଆମ ଜାତିର କେତେ ଜଣ ଉଦୀୟମାନ ଯୁବ ପ୍ରତିଭା ।

ଜୁନାଗଡରେ ଆମେ ରହୁଛୁ । ଏଇ ମାଟି ହିଁ ଆମକୁ ଯୋଗାଇ ଦେଇଛି ପ୍ରତିପୋଷଣର ସମସ୍ତ ଉପାଦାନ । ତେଣୁ ଏଇ ମାଟି ଓ ମଣିଷର ଉନ୍ନତି ପାଇଁ, ସାର୍ବଜନୀନ ମଙ୍ଗଳ ବିଧାନ ପାଇଁ କିଛି କିଛି କର୍ମ କରିବା ଆମ ସମାଜର ପ୍ରଥମ ଲକ୍ଷ୍ୟ । ସେହି ଲକ୍ଷ୍ୟ ହାସଲ ପାଇଁ ଏକ ସ୍ଥାୟୀ ଗୃହ ପ୍ରୟୋଜନ । ସେଥିପାଇଁ କୁବେର ସମାଜ ଜମି କିଣି ସାରିଛି । ସେହି ଜମିରେ ବହୁମୁଖୀ ଯୋଜନାକୁ ରୂପ ଦେବାପାଇଁ ଭବ୍ୟ ଭବନ ନିର୍ମାଣ ପାଇଁ ପାଣ୍ଠି ସଂଗ୍ରହ ଚାଲିଛି । ସଂଗୃହୀତ ପାଣ୍ଠି ବ୍ୟାଙ୍କରେ ଜମା କରାଯାଇଛି । ଭବନ ନିର୍ମାଣାର୍ଥେ ଭୂମି ପୂଜା ସହ ନଳକୂପ ଖନନ ଶେଷ ହୋଇଛି । ଇତି ମଧ୍ୟରେ ଆମେ ଆମ ଲକ୍ଷ୍ୟ ପଥରେ କିଛି ଦୂର ଅଗ୍ରସର ହୋଇଛୁ । ସବୁଠାରୁ ଆନନ୍ଦର କଥା ହେଲା – ଆମ ମଧ୍ୟରେ ଏକତା ଆସିଛି । ବିବାହ, ମୃତାହ, ଆପଦବିପଦ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟରେ ସମାଜ ସକ୍ରିୟ ଅଂଶ ଗ୍ରହଣ କରୁଛି । ଜାତି ସଭା ବସୁଛି । ଭାଗବତ ପଢ଼ା

*With best compliments from*





# SAHU
# KIRANA STORE

Deals in: All types of Kirana Items

**Sunamudi, Patnagarh, Dist. Balangir**

Cell. 9777486366

Prop. Sanjib Kumar Sahu (Jaga)

ହେଉଛି । ଆମ ଭିତରେ ଭାଇଚାରାର ଅଭିବୃଦ୍ଧି ହେଉଛି ।

ଫଳସ୍ୱରୂପ ଜୁନାଗଡ କୁବେର ସମାଜର କାର୍ଯ୍ୟକଳାପର ସୁନାମ ଫୁଲର ମହକ ପରି ଚତୁର୍ଦ୍ଦିଗକୁ ବ୍ୟାପୀଯାଇଛି । ପଶ୍ଚିମ ଓଡିଶା ମହାସଭା ଏବଂ ଛତିଶଗଡ ମହାସଭା ପର୍ଯ୍ୟନ୍ତ ସେହି ମହକ ପ୍ରସରି ଯାଇଛି । ସେଠାରୁ ତତ୍କାଳୀନ ସଭାପତି - ବସନ୍ତ ଖୁଣ୍ଟିଆ, ସମ୍ପାଦକ - ବିଜୟ କୁମାର ସାହୁ, କୋଷାଧକ୍ଷ - ବିନନ୍ଦ ସାହୁ , ଆସି ଆମକୁ ମହାସଭାରେ ସାମିଲ କରିଛନ୍ତି । ସେମାନଙ୍କ ପ୍ରେରଣା ଏବଂ ସହଯୋଗ ଫଳରେ ଜୁନାଗଡ ଅଗ୍ରସେନ ଭବନଠାରେ ମହାସଭାର ତ୍ରୟୋଦଶ ଅଧିବେଶନର ଭବ୍ୟ ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଥିଲା । ସେଠାରେ ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଥିଲା । ଆନ୍ଧ୍ର ୱାଲଟିୟରରୁ ସୁପ୍ରସିଦ୍ଧ ଡାକ୍ତର କେ.ଏମ୍. ବି.ଡି.ଏ.କେ.ଜି. ହସ୍ପିଟାଲର ଡା. କୁରୁମନାଥ ଏବଂ ପ୍ରଫେସର ସି.ଏଚ୍. ପ୍ରକାଶମ ସେହି ଶିବିରରେ ଚିକିତ୍ସା କରିଥିଲେ । ଅନେକ ରୋଗୀ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କଲେ । ଏହା ଦ୍ୱାରା ଆମ ସମାଜ ବହୁ ପ୍ରଶଂସିତ ହୋଇଥିଲା । କୁବେର ସମାଜ ତରଫରୁ କେରଳ ବନ୍ୟା ବିପନ୍ନଙ୍କ ସାହାଯ୍ୟାର୍ଥେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହଯୋଗରାଶି ପଠାଯାଇଛି ।

ଜୁନାଗଡ କୁବେର ସମାଜ ଗଠନରେ ଆଠଦଶ ବର୍ଷ ପରେ ଜୁନାଗଡ କୁବେର ଯୁବ ସଂଗଠନ ଗଠିତ ହେଲା । ମାତ୍ର ସାମାଜିକ କାର୍ଯ୍ୟକ୍ରମରେ ସେମାନେ ଆମଠାରୁ ପାଦେ ଦୁଇ ପାଦ ଆଗରେ । ସେମାନେ ସୁସଂଗଠିତ ଭାବେ ବିବାହ, ମୃତାହ, ଆପଦ-ବିପଦ,ତଥା ସାମାଜିକ କାର୍ଯ୍ୟକ୍ରମରେ ଅକୁଣ୍ଠିତ ସାହାଯ୍ୟ ସହଯୋଗ କରି ସମସ୍ତଙ୍କୁ ବିମୋହିତ ଓ ଚକିତ କରି ଦେଇଛନ୍ତି । ଡାକ୍ତରଖାନାରେ ଫଳ ବଂଟନ, ଅଗଷ୍ଟ ପନ୍ଦର ଓ ଜାନୁୟାରୀ ଛବିଶର ରାଲିରେ ଜଳ ଯୋଗାଣ, ମିଷ୍ଟାନ୍ନ ବଣ୍ଟନ, ରଥ ଟଣାରେ ସକ୍ରିୟ ଅଂଶ ଗ୍ରହଣ, ରେଡକ୍ରସ ବା ସମ୍ବାଦ - ଆମ ଓଡିଶାର ମିଳିତ ସହଯୋଗରେ ମେଗା ରକ୍ତଦାନ ଶିବିର ଆୟୋଜନ କରି ବେଶ ପ୍ରଶଂସିତ । ଯୁବ ସଂଗଠନ ଅନେକ ଥର ତାର ବାର୍ଷିକ ଉତ୍ସବ ସମ୍ପୂର୍ଣ୍ଣ ନିଆରା ଢଙ୍ଗରେ ପାଳନ କରିଆସୁଛି । ସେଥିରେ ଯୋଗଦେଇ ଜୁନାଗଡର ମନ୍ୟବର ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର କୁବେର ଭବନ ନିର୍ମାଣାର୍ଥେ ଆର୍ଥିକ ଅନୁଦାନ ଦେବାକୁ ପ୍ରତିଶୃତି ଦେଇଛନ୍ତି । ଆମର ଦୁଇ ସଂଗଠନ ଓ ବିଜ୍ଞାପିତ ଅଂଚଳ ପରିଷଦ ସହଯୋଗରେ ଜୁନାଗଡ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ ହୋଇ ଯାତ୍ରୀମାନଙ୍କ ସେବାରେ ଉତ୍ସର୍ଗିତ ।

ଅଧୁନା ଜୁନାଗଡ କୁବେର ଯୁବସଂଗଠନ ରଜ ମହୋତ୍ସବ - ୨୦୧୯ ପାଳନ କରିବାକୁ ଯାଉଛି । ଇତ୍ୟବସରରେ ଏକ ପତ୍ରିକା ପ୍ରକାଶନର ପରିକଳ୍ପନା ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଏହି ଯୁବକମାନେ ହେଉଛନ୍ତି ଜୁନାଗଡ କୁବେର ସମାଜର ଭବିଷ୍ୟତ । ଜୁନାଗଡ କୁବେର ସମାଜର ବହୁମୁଖୀ ଲକ୍ଷ୍ୟ ନେଇ ଭବ୍ୟ ଭବନ ନିର୍ମାଣରେ ଯୁବ ସଂଗଠନର ପ୍ରତ୍ୟକ୍ଷ ଓ ଅକୁଣ୍ଠ ସହଯୋଗ ନିଶ୍ଚୟ ରହିବ । ଏହି ଶୁଭଲଗ୍ନରେ ଜୁନାଗଡ କୁବେର ସମାଜ ଓ ଜୁନାଗଡ କୁବେର ଯୁବ ସଂଗଠନର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ମଧ୍ୟରେ ସୁସମନ୍ୱୟ ରକ୍ଷାକରି ସାର୍ବଜନୀନ ମଙ୍ଗଳ ବିଧାନ ପାଇଁ କାର୍ଯ୍ୟ କରିବାକୁ ଅନୁରୋଧ କରୁଅଛି । କାରଣ - ମାନବ ସେବା, ମାଧବ ସେବା । ଏହି ସେବାକାର୍ଯ୍ୟରେ ସମସ୍ତେ ଅନୁପ୍ରାଣିତ ହେବା ପାଇଁ ସଦବୁଦ୍ଧି ଓ ସାମର୍ଥ୍ୟ ପ୍ରଦାନ କରିବାକୁ ମୁଁ ମା ଲଙ୍କେଶ୍ୱରୀଙ୍କ ଠାରେ ପ୍ରାର୍ଥନା କରୁଛି । ଏହି ଦୁଇଟି ସଂଗଠନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି । ଭଗବାନଙ୍କଠାରେ ପ୍ରାର୍ଥନା କରୁଛି - ଏହି ଦୁଇ ସଂଗଠନ ଦିନକୁ ଦିନ ମଜବୁତ ହେଉ ଏବଂ ସମାଜ ମଙ୍ଗଳ କାର୍ଯ୍ୟରେ ଲାଗିରହୁ ।



*With best compliments from*



Debendra Kumar Sahu



# GAYATRI

## CYCLE & ELECTRICALS

**Dhandamunda, Balangir - 767028**

Cell. 9777263494

# ବିଶ୍ୱାସ ବଦଳରେ ବିଶ୍ୱାସ

**ରଶ୍ମିତା ସାହୁ**

ସହରର ଗୋଟିଏ ଛକରେ କୌଣସି ଦୋକାନ ଚାଲୁନଥିଲା । ଖୋଲିବାର ଗୋଟିଏ ମାସ ଭିତରେ ସବୁ ବନ୍ଦ ହୋଇଯାଉଥିଲା । କୌଣସି ଏକ ରହସ୍ୟମୟ କାରଣରୁ ଗ୍ରାହକ ହେଉନଥିଲେ । ବରଂ ସହରର ଲୋକ ଟିକେ ଦୂର ହେଲେ ବି ଛୋଟ ବଜାରକୁ ଯାଉଥିଲେ ।

ଥରେ ଜଣେ ଲୋକ ଜଳଖିଆ ଦୋକାନଟିଏ ଖୋଲିଲେ । ବଜାରର ପୁରୁଣା ଜଳଖିଆ ଦୋକାନ ଥାଉ ଥାଉ ଏ ଦୋକାନ ଚାଲିବ ନାହିଁ ବୋଲି ସମସ୍ତେ ନିଶ୍ଚିତ ଥିଲେ । କିନ୍ତୁ ଦେଖାଗଲା ଯେ, ପ୍ରଥମ କେତେ ଦିନର ମାନ୍ଦା ବେପାର ପରେ ପରେ ସେଠାରେ ଭିଡ ଜମିଲା । ଦେଖାଗଲା ଯେ ବଜାରର ପୁରୁଣା ଜଳଖିଆ ଦୋକାନର ପୁରୁଣା ଗ୍ରାହକ ମାନେ ବି ଏଠି ପହଞ୍ଚି ଗଲେଣି । ଏଥିରେ ପୁରୁଣା ଜଳଖିଆ ଦୋକାନର ମାଲିକ ଦେଖି ବିସ୍ମିତ ହୋଇ ସେଠାରେ ଏମିତି କି କାରବାର ଚାଲିଛି ବୋଲି ଭାବି ନିଜେ ଦେଖିବାକୁ ଗଲେ । ସେତେବେଳକୁ ଦୋକାନରେ ପ୍ରବଳ ଭିଡ । କିନ୍ତୁ ଦୋକନର ମାଲିକ ଟଙ୍କା ବାକ୍ସ ପାଖରେ ନାହାନ୍ତି । ସେ କେତେବେଳେ ରୋଷେଇ ଜାଗାରେ ତ କେତେବେଳେ ଗ୍ରାହକ ମାନଙ୍କ ସହିତ ହସ ଖୁସି ଓ ଗପସପରେ ମାତିଛନ୍ତି । ଲୋକେ ଖାଇସାରିବା ପରେ ମୂଲ୍ୟ ବାବଦକୁ ଟଙ୍କା ବାକ୍ସରେ ନିଜେ ରଖୁଛନ୍ତି । ଖୁଚୁରା ବି ନେଇ ଯାଉଛନ୍ତି । ଏହାଦେଖି ବଜାରର ଜଳଖିଆ ଦୋକାନର ମାଲିକ ଆକାଶରୁ ଗଳିପଡିଲେ । ଏହାତ ନିୟମ ବିରୁଦ୍ଧ ଏମିତିରେ ବ୍ୟବସାୟ ଚାଲୁଛି କେମିତି ? ଗ୍ରାହକଙ୍କୁ କଣ ଏମିତି ବିଶ୍ୱାସ କରାଯାଇପାରେ ? ସନ୍ଧ୍ୟାରେ ଦୁହିଁଙ୍କ ଭିତରେ ଏବାବଦରେ କଥାବାର୍ତ୍ତା ହେଲା ବେଳେ ଛକର ଦୋକାନୀ କହିଲେ – ଆମ୍ଭେ କେବଳ କଥାରେ କହୁ ଗ୍ରାହକ ଈଶ୍ୱର । କିନ୍ତୁ ପ୍ରକୃତରେ ବିଶ୍ୱାସ ଆମର ନଥାଏ, ନଥାଏ ସେ ମାନସିକତା ତେଣୁ ସେମାନଙ୍କୁ ଆମେ ଜଗିରହୁ । ତେଣୁ ସେମାନେ ବି ଆମକୁ ବିଶ୍ୱାସ କରନ୍ତି ନାହିଁ । ମୁଁ କିନ୍ତୁ ସେମାନଙ୍କ ଉପରେ ସଂପୂର୍ଣ୍ଣ ବିଶ୍ୱାସ ରଖିବାର ପରୀକ୍ଷାଟି କଲି । ଦେଖିଲି ଫଳ ଦେଲା । ସେମାନେ ମୋତେ ପୁରା ବିଶ୍ୱାସ କଲେ । ମୋ ଜିନିଷର ଗୁଣମାନଙ୍କୁ ବିଶ୍ୱାସ କଲେ । ଅବଶ୍ୟ ବେଳେବେଳେ ମୁଁ ଠକାମିରେ ବି ପଡିଥିବି । କିନ୍ତୁ ଯାହା ବିଶେଷ ଚିନ୍ତାର ବିଷୟ ନୁହେଁ । ମୁଁ ଜାଣେ ପ୍ରାୟ ସବୁଲୋକ ଭଲ । ଯେଉଁ ଲୋକ ସେମାନଙ୍କୁ ବିଶ୍ୱାସକରୁଛି ସେମାନେ ତାକୁ ଠକିବାକୁ ଚାହାନ୍ତି ନାହିଁ । ସେହି ବିଶ୍ୱାସ ବଳରେ ମୋ ବେପାର ଚାଲିଛି ।

**With best compliments from**





# Sahu Traders

## *RAMESH KUMAR SAHU*

**BHUKTA, DIST. BARGARH (ODISHA)**

Cell. 9937629191

Deals in Pesticides &
all types of Stationary Items

କୁବେର ସମାଜର ଅଗଣିତ ସଦସ୍ୟ/ସଦସ୍ୟା, ମହାସଭା
ତଥା ସାଇ ସଭାର ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କ ମଙ୍ଗଳମୟ ଭବିଷ୍ୟତ
କାମନା ସଙ୍ଗେ ସଙ୍ଗେ ଅଭିନନ୍ଦନ ଜଣାଉଛୁ ।



# ଅମ୍ଳପିତ୍ତ ବା ଗ୍ୟାସଟ୍ରିକର ସହଜ ଉପଚାର

**ଶ୍ରୀମତୀ ହେମଲତା ସାହୁ**
ମହୁଲପାଲି, ବରଗଡ଼

ଅମ୍ଳପିତ୍ତ ବା ଗ୍ୟାସଟ୍ରିକ ହେଉଛି ଏପରି ଏକ ରୋଗ ଯାହା କୌଣସି ଜୀବାଣୁ ଦ୍ୱାରା ସଂକ୍ରମିତ କିମ୍ବା ସ୍ପର୍ଶ ଜନିତ କିମ୍ବା ବଂଶ ଗତ ରୋଗ ନୁହେଁ । ଏହା ନିଜର ଭୁଲ ଦିନଚର୍ଯ୍ୟା ବା ଅନିୟମିତ ଖାଦ୍ୟାଭ୍ୟାସ ଯୋଗୁଁ ହୋଇଥାଏ, ଜଣେ ଯଦି ଭୋକ ହେଲା ବେଳେ ନଖାଇ ବିଳମ୍ବରେ ଖାଏ କିମ୍ବା ଭୋକ ନ ଥାଇ ଖାଏ, ଦରକାର ଠାରୁ କମ କିମ୍ବା  ଭୋକ ନ ଥାଇ ଖାଏ ତେବେ ଏହି ରୋଗ ହୋଇଥାଏ । ଯଦି ଜଣେ ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଖାଏ ବା ଅତି ଗରିଷ୍ଠ ଖାଦ୍ୟ ଖାଏ କିମ୍ବା ଅଧିକ ଅମ୍ଳଯୁକ୍ତ କିମ୍ବା ପଚାସଢ଼ା ଖାଦ୍ୟ ଖାଏ ତେବେ ଏହି ରୋଗ ଦେଖାଯାଏ । ଏହା ଶରୀର ମଧ୍ୟରେ ଦେଖା ଯାଉଥିବା ଏକ କଷ୍ଟ ପ୍ରଦ ବ୍ୟତିକ୍ରମ ଅଟେ । ଏଥିଯୋଗୁଁ ଲୋକେ ବହୁ କଷ୍ଟ ପାଇଥାନ୍ତି ଏବଂ ଖର୍ଚ୍ଚାନ୍ତ ମଧ୍ୟ ହୋଇଥାନ୍ତି । ଏହା ଶରୀର ମଧ୍ୟରେ ନାନା ପ୍ରକାର ବିକାର ଉତ୍ପନ୍ନ କରି ବହୁ ଦୂରାରୋଗ୍ୟ ରୋଗର କାରଣ ହୋଇଥାଏ । ବନୌଷଧି ବିଜ୍ଞାନ ଆଧାରରେ କେତେକ ସହଜ ଚେର ମୂଳି ଚିକିତ୍ସା ଦ୍ୱାରା ବିନା ଖର୍ଚ୍ଚରେ ସହଜରେ ଏହାର ଉପଚାର କରାଯାଇପାରେ ।

ଅମ୍ଳପିତ୍ତ ଗ୍ୟାସଟ୍ରିକ ରୋଗୀ ତେଲିଆ, ମସଲା ଯୁକତ ଖାଦ୍ୟ ତଥା କାଞ୍ଜି ବା ଶାଗ ଖାଇବା ଉଚିତ ନୁହେଁ ।

ଉପଚାର-

୧. ଅଁଳା ଚୂର୍ଣ୍ଣ ଥରକୁ ୩ଗ୍ରାମ ହିସାବରେ ପ୍ରତ୍ୟହ ୩ଥର ସେବନ କଲେ ପେଟର ଜ୍ୱଳନ, ଅମ୍ଳାଧିକ ତଥା ଉଦର ଜନିତ ଅନ୍ୟାନ୍ୟ ବ୍ୟାଧି ପନ୍ଦର ଦିନରେ ଶେଷ ହୋଇଥାଏ ।

୨. ୩-୬ ଗ୍ରାମ ଅଁଳା ଫଳର ଗୁଣ୍ଡକୁ ୧୦ ଗ୍ରାମ ମିଶ୍ରି ମିଶାଇ ଦିନକୁ ୨ ଥର ଏକ କପ୍ କ୍ଷୀର ସଙ୍ଗେ ସେବନୀୟ ।

୩. ବ୍ରାହ୍ମୀ ବା ଥାଲକୁଡି ରସ ୧୦ ଗ୍ରାମ ସହିତ ମିଶ୍ରି ମିଶାଇ ସେବନ କଲେ ଅମ୍ଳ ପିତ ନିବାରିତ ହୁଏ ।

୪. ଏକକପ ଗୁଲୁଚି ରସରେ ଏକ ଚାମଚ (୫ମିଲି) ମହୁ ମିଶାଇ ଦୈନିକ ୩ଥର ସେବନ କଲେ ଏହିରୋଗ ଉପସମ ହୁଏ ।

୫. ଶତାବରି ମୂଳ ରସ ୨ ଚାମଚ ସହିତ ମିଶ୍ରି ମିଶାଇ ଦୈନିକ ୨ଥର ସେବନୀୟ ।

୬. ବେଲପତ୍ର ୩ଟି ଓ ଗୋଲମରିଚ ଗୁଣ୍ଡ ମିଶାଇ ସେବନ କଲେ ଏହା ଦୂର ହୁଏ ।

୭. ଗଙ୍ଗଶିଉଳି ପତ୍ରରସ ୧୦ ମିଲି ସହିତ ଚିନି ମିଶାଇ ୭ ଦିନ ୭ ପାନ ଖାଇଲେ ଏହିରୋଗ ଭଲ ହୁଏ ।

୮. ଓଡଶମାରି ମୂଳକୁ ଛେଚି ତାର ରସ ୧ ଚାମଚକୁ ଶୀତଳ ଜଳରେ ମିଶାଇ ପିଇଲେ ଏହା ଦୂର ହୁଏ ।

*ବନୌଷଧି ବିଜ୍ଞାନରୁ ସଂଗୃହୀତ*

# MAA TARINI JEWELLERS

## Prop.- Kitu Sahu





## CHAPURIA, KALAHANDI

## Mob.- 8018152



# ରୋଷେଇ

**ଶ୍ରୀମତୀ ଶିବାନୀ ସାହୁ**
ସଦସ୍ୟା , ମାତୃମଂଚ, କୁବେର ସମାଜ, ପଦ୍ମପୁର

**୧. ଛତୁ**

ଆବଶ୍ୟକ ଉପକରଣ - ୩୫୦ ଗ୍ରାମ ସରୁ ଓ ସଫା ଅରୁଆ ଚାଉଳ । ଏକ ଚାମଚ ଭଲ ଘିଅ, ଦୁଇ କପ୍ ବଛା ଛତୁ । ବଡ ୩ଟା ପିଆଜ । ତେଲ ଅଧ କପ । ପ୍ରଥମେ ତେଲକୁ ଗରମ କରି ଛତୁ ଓ ପିଆଜକୁ ଭାଜି ରଖ । କଂଚାଲଙ୍କା ୨ଟା ଚିରି ରଖ । ପୋଦିନା ପତ୍ର ବଟା ଏକ ଚାମଚ, କାଜୁ ଏକ ଚାମଚ, କିସମିସ ଏକ ଚାମଚ ଭାଜି ରଖ । ବଡ ଇଲାଚି ୨ଟା, ଅଲେଇଚ ଗୋଟିଏ, ଲବଙ୍ଗ ୪ଟା, ଗୋଲମରିଚ ୬ଟା, ଜାଇତ୍ରୀ ଟିକିଏ ଏକାଠି ଛେଚି ରଖ । କବାବ-ଚିନି ୫ଟା, ୧/୪ ଚାମଚ ଜିରା ରଖିବ । ଗୋଟିଏ ଚିମୁଟା ସାଫ୍ରାନକୁ ଉଷୁମ କରି ହାତରେ ଦଳି ଗରମ କ୍ଷୀର ଏକ କପ୍‌ରେ ପକାଇ ରଖ ।

**ପ୍ରସ୍ତୁତି ପ୍ରଣାଳୀ-** ଚାଉଳକୁ ବାଛି ଧୋଇ, ପାଣି ଗଡାଇ ଖେଳାଇ ଦିଅ । ଡେକଚିରେ ତେଲ କରମ କରି କବାବ ଚିନି, ଜିରା, ଲଙ୍କା, ପୋଦିନା ଦେଇ ଚାଉଳ ପକାଇ ଭାଜିବ । ଅଳ୍ପ ବାଦାମୀ ଦେଖାଗଲେ ତିନି ବା ଅଢ଼େଇ କପ ଗରମ ପାଣି ଦେବ । ବଡ ଇଲାଚି ଓ ବାକି ମସଲା ଗୁଣ୍ଡ ଦେଇ ଘୋଡାଇ ଦିଅ । ଫୁଟି ଆସିଲେ ଘୋଡଣୀ କାଢ଼ି ସାଫରନ୍ ମିଶାକ୍ଷୀର ଦିଅ । ଜାଳ କମାଇ ଦିଅ । ପାଣି ପୁରା ଶୁଖି ଆସିଲେ ଛତୁଭଜା, ପିଅଜ, କାଜୁ କିଶମିଶ୍ ସବୁ ମିଶାଇ ଭଲ ଘିଅ ଟିକେ ଦିଅ । ଘିଅ ବଦଳରେ ଲହୁଣୀ ମଧ୍ୟ ଦେଇପାରିବେ । ଗରମରେ ଘୋଡାଇ ରଖିବ ଅଧ ଘଣ୍ଟା ପରେ ଖାଇବାକୁ ଦେବ ।

**୨. ନୂଆଁ ପ୍ରକାର ଡାଲମା**

ଉପକରଣ- ଯେକୌଣସି ଡାଲି ୨୫୦ ଗ୍ରାମ, ଫୁଲ କୋବି ଅଧା, ଆଳୁ ଗୋଟିଏ, କଂଚାମଟର ଅଧକପ୍ । ଗାଜର ଗୋଟିଏ, ନଡ଼ିଆ କୋରା ଚାରି ଚାମଚ୍ କଂଚା ଲଙ୍କା, ଦୁଇଟା ପିଆଜ ଗୋଟାଏ । ତେଲ ଲୁଣ ଭୃସଙ୍ଗ ପତ୍ର, ହଳଦୀ ଗୁଣ୍ଡ ଫୁଟଣ ଆବଶ୍ୟକ ମତେ ।

**ପ୍ରସ୍ତୁତି ପ୍ରଣାଳୀ-** ହଳଦି ପାଣିରେ ଡାଲିକୁ ସିଝାନ୍ତୁ । ଡାଲି ଅଧା ସିଝା ହେଲା ପରେ ସେଥିରେ ଆଳୁ, ଗାଜର କୋବି କାଟି ପକାନ୍ତୁ । ନଡିଆ କୋରା, ଜିରା, ଲୁଣ, ଲଙ୍କା ବଟା ପକାନ୍ତୁ । ତାପରେ ପରିବା ଇତ୍ୟାଦି ସିଝିଗଲା ପରେ ତେଲ ପକାଇ ପିଆଜ, ଫୁଟଣ, ଭୃସଙ୍ଗ ପତ୍ର ପକାଇ ଭାଜି ସେଥିରେ ଡାଲମା କୁ ପକାନ୍ତୁ ଓ କିଛି ସମୟ ପରେ ଓହ୍ଲାଇ ଗରମ ଗରମ ଖାଇବାକୁ ଦିଅନ୍ତୁ ।

**୩. ପୋଟଳ ଗାଜର ସୁପ୍**

ଉପକରଣ- ପୋଟଳ ୨୦୦ ଗ୍ରାମ, ଗାଜର ୧୦୦ ଗ୍ରାମ୍, ପିଆଜ ୨ଟି, ଅଳୁ ୫୦ ଗ୍ରାମ୍ । ମସୁର ଡାଲି ୨ ଚାମଚ୍ । ଲୁଣ. ଅଦା, ଗୋଲମରିଚ ପରିମାଣ ଅନୁଯାୟୀ, ମଇଦା, ଏକ ଚାମଚ କ୍ଷୀର ଅଧକପ୍ ।

**ପ୍ରସ୍ତୁତି ପ୍ରଣାଳୀ-** ପୋଟଳ, ଆଳୁ, ଗାଜର, ପିଆଜ କାଟି ସେ ଗୁଡ଼ିକୁ ମସୁର ଡାଲି, ଲୁଣ, ଅଦା ଇତ୍ୟାଦି ଦେଇ ପ୍ରେସର କୁକରରେ ସିଝାଇ ସେଗୁଡିକୁ ବାହାର କରିଦିଅନ୍ତୁ । ଏହାପରେ କଡେଇ ରେ ତେଲ କିମ୍ବା ଘିଅ ପକାନ୍ତୁ । ସେଇ ସୁପକୁ ତଥା ସିଝା ହୋଇଥିବା ଦ୍ରବ୍ୟ ଗୁଡିକୁ କରେଇରେ ଢାଳନ୍ତୁ । କ୍ଷୀର ଓ ମଇଦାକୁ ଗୋଲେଇ ସେହି କରେଇରେ ଢାଳନ୍ତୁ । ଏହା ଉପରେ ଗୋଲମରିଚ ଗୁଣ୍ଡ ଓ କଟା ଧନିଆ ପତ୍ର ପକାଇ ଓହ୍ଲାଇ ପକାନ୍ତୁ । ତାପରେ ଖାଇବାକୁ ଦିଅନ୍ତୁ ।

# ସମାଜ ଓ ବ୍ୟକ୍ତି



ସମାଜ ଓ ବ୍ୟକ୍ତି ମୁଦ୍ରାର ଦୁଇ ପାର୍ଶ୍ୱ ଗୋଟିକର ଅଭାବରେ ଅନ୍ୟର କଳ୍ପନା ମୂଲ୍ୟହୀନ । ସାମାଜିକ ପ୍ରାଣୀଭାବେ ପରିଚିତ ମଣିଷ ସମାଜକୁ ଛାଡି ରହିପାରେ ନାହିଁ ତେଣୁ କୁହାଯାଏ ' ଯିଏ ସମାଜକୁ ଛାଡି ରହି ପାରେ ସେ ଦେବତା ନତୁବା ପଶୁ ' । ଅର୍ଥାତ ମଣିଷ ନିଜର ଦୈନନ୍ଦିନ ପ୍ରତିଟି କାର୍ଯ୍ୟ ପାଇଁ ସମାଜ ଉପରେ ନିର୍ଭରଶୀଳ । ବ୍ୟକ୍ତି ନିଜର ଆବଶ୍ୟକତା ପାଇଁ ସମାଜ ଗଠନ କରେ ଓ ସମାଜ ବ୍ୟକ୍ତିର ଆବଶ୍ୟକତାକୁ ପୂରଣ କରେ । ପ୍ରତ୍ୟେକ ସମାଜର କିଛି ନୀତି ଓ ଅଦର୍ଶ ରହିଛି । ଯେଉଁ ସମାଜର ନୀତି ଓ ଆଦର୍ଶ ଯେତେ ଉଚ୍ଚ ସେ ଜାତି ସେତେ ମହାନ ବୋଲି ବିବେଚିତ ହୁଏ । ସମାଜର ନୀତି ଓ ଆଦର୍ଶ ସଂପୂର୍ଣ୍ଣ ଭାବେ ବ୍ୟକ୍ତି କୈନ୍ଦ୍ରିକ । ସମାଜ ଅର୍ନ୍ତଭୁକ୍ତ ପ୍ରତିଟି ବ୍ୟକ୍ତି ନିଜକୁ ତଥା ନିଜ ପରିବାରକୁ ଯଦି ଉତ୍ତମ ଭାବରେ ଗଢିବା ତାହେଲେ ସ୍ୱତଃ ସୁନ୍ଦର ହୋଇ ଯିବ ସମାଜ । ବ୍ୟକ୍ତି ଓ ପରିବାର ଦୋଷ ରହିତ ହେଲେ ସମାଜ ହେବ ନିର୍ଦ୍ଦୋଷ । ତେଣୁ କୌଣସି ବିଷୟରେ ସମାଜର ଦୋଷ ନ ଦେଖି ନିଜର ଦୋଷ ଦୁର୍ବଳତାକୁ ଆଗ ଦେଖିବା ଓ ତାର ପ୍ରତିକାର କରିବା ବୁଦ୍ଧିମାନ ବ୍ୟକ୍ତିର କାମ ।

ବର୍ତ୍ତମାନ ଦିଲ୍ଲୀଠାରୁ ପଲ୍ଲୀଯାଏଁ ରାଜଧାନୀଠାରୁ ରାଜରାସ୍ତା ଯାଏଁ ସବୁଠି ସମାବେଶ । କେଉଁଠି ନିର୍ଭୟା ଗଣ ବଳାତ୍କାର ପାଇଁ ତ କେଉଁଠି ଚିଟ୍‌ଫଣ୍ଡ ପାଇଁ ପୁଣି କେଉଁଠି ଅଭାବି ବିକ୍ରି ପାଇଁ ତ କେଉଁଠି କ୍ଷମତାଶାଳୀଙ୍କ ମନମୁଖି କାର୍ଯ୍ୟ ପାଇଁ । ଆଶ୍ଚର୍ଯ୍ୟର କଥା ଯେଉଁମାନେ ସମାବେଶରେ ଏକତ୍ରିତ ସେମାନେବି ବିଷୟ ଉପରେ ସଂପୂର୍ଣ୍ଣ ଅବଗତ ନୁହନ୍ତି । ଯଦି ସମସ୍ତେ ସଚେତନ ହୁଅନ୍ତେ ନିଜକୁ ସୁଧାରି ନିଅନ୍ତେ ଆଉ ସମାବେଶ କରିବାର ଆବଶ୍ୟକତା ପଡନ୍ତା ନାହିଁ । କହିବାର ତାତ୍ପର୍ଯ୍ୟ ହେଲା ଅନ୍ୟର ଦୋଷ ଦୁର୍ବଳତାକୁ ନ ଦେଖି ନିଜର ଦୋଷ ଦୁର୍ବଳତାକୁ ଦୁର କରିବାର ମାନସିକତା ଆସିଗଲେ ବ୍ୟକ୍ତି, ପରିବାର, ସମାଜ ସବୁକିଛି ରମଣୀୟ ହୋଇ ଉଠିବ । ଇତର ପ୍ରାଣୀମାନେ ନିଜକୁ ପ୍ରକୃତିର ନିୟମରେ ପରିଚାଳନା କରୁଥିବା ବେଳେ ମାନବ ସମାଜ ପାଇଁ ଅନେକ ନୀତି ନିୟମର ଆବଶ୍ୟକତା ପଡେ । କାରଣ ଶୃଙ୍ଖଳିତ ସମାଜରେ ମଣିଷ ହିଁ ବିଶୃଙ୍ଖଳା ସୃଷ୍ଟି କରେ । ସେ ହିଁ ଆରମ୍ଭ କରେ ନିୟମ ବର୍ହିଭୁତ କାର୍ଯ୍ୟ । 'ଭୀମସ୍ୟାପି ରଣେ ଭଙ୍ଗ ମୁନୀରପି ମତି ଭ୍ରମ'ନ୍ୟାୟରେ ପ୍ରତିଟି ବିଷୟରୁ କେବଳ ପାର ହୋଇ ଆଗକୁ ଗଡି ଗଲେ ଭବିଷ୍ୟତରେ ପୁଣି ତାର ପୁନରାବୃତ୍ତି ହେବ । ତେଣୁ ଯେଉଁଠି ନିଜର ଦୋଷ ଦୁର୍ବଳତା ଅଛି ତାକୁ ଚିହ୍ନଟ କରି ତାର ପ୍ରତିକାର କରିବା ଦ୍ୱାରା ବ୍ୟକ୍ତିର ଜୀବନ ଆଦର୍ଶ ସ୍ଥାନୀୟ ହେବ । ବ୍ୟକ୍ତି ଆଦର୍ଶ ହେଲେ ପରିବାରହେବ ଆଦର୍ଶ ଓ ସମସ୍ତଙ୍କର ଅନୁକରଣୀୟ ।ବ୍ୟକ୍ତ ଓ ପରିବାର ଆଦର୍ଶ ହେଲେ ସମାଜ ହେବ ଉଚ୍ଚ ଓ ସମ୍ମାନୀୟ ତେଣୁ ଆଜିର ଏହି ପରିବର୍ତ୍ତନ ଶୀଳ ସଂସାରରେ ନିଜକୁ ଗଢି ତୋଳିବା ଆଦର୍ଶ ସମାଜ ଗଠନର ଦାୟଦ ଭାବରେ ନିଜେ ସୁସଂଗଠିତ ହେବା ସହିତ ପରିଚୟ ଦେବା ଜଣେ ଉତ୍ତମ କୁବେର ସନ୍ତାନ ଭାବରେ ।

# ଶେଷ ଚିଠି

**ଭଗବାନ ସାହୁ**
ଗୁଲୁଣ୍ଡା

(୧)

ଏଇ ମୋର ପ୍ରଥମ ପ୍ରେମର ଚିଠି । କେଉଁଠାରୁ ଆରମ୍ଭ କରିବି ଜାଣି ପାରୁନି । କି ସମ୍ବୋଧନ କଲେ ତୁମେ ଖୁସିହେବ ଏକଥାବି ଲେଖିପାରୁନି । ତୁମେ ସେପଟେ ମୋର ଚିଠିକୁ ଚାତକପରି ଚାହିଁ ରହିଥିବ । ତୁମ ଚିଠି ଅନେକ ଦିନରୁ ପାଇଲିଣି, ହେଲେ ତୁମପାଖକୁ ଚିଠି ଲେଖିପାରୁନି । ତୁମ ଚିଠି ପାଇଲା ପରଠାରୁ ମୋ ମନ ସବୁବେଳେ ଅସ୍ଥିର ରହୁଛି । କେଜାଣି କାହିଁକି ମୋତେ ଜମାଭଲ ଲାଗୁନି । ସବୁବେଳେ ଅଣ ନିଃଶ୍ୱାସୀ ଭଳି ମନେ ହେଉଛି । ମୋତେ ଲାଗୁଛି ଯେମିତି କିଏ ମୋତେ ଶ୍ୱାସରୁଦ୍ଧ କରି ମାରି ଦେଉଛି । ରାତି ରାତି ଅନିଦ୍ରା ରହି କେବଳ ତୁମ କଥା ଭାବୁଛି । ଖାଇବା ପିଇବାକୁ ମୋତେ ଇଚ୍ଛାହେଉନାହିଁ । ସବୁବେଳେ ମନ ଅଶାନ୍ତ ରହୁଛି । କାମ କରିବାକୁ ଇଚ୍ଛା ହେଉନାହିଁ । କେଉଁ ଏକ ଅଜଣା ଆତଙ୍କରେ ମୁଁ ଶିହରୀଉଠୁଛି । ଏଠି ମୋ ମନ କଥା ବୁଝିବାକୁ କେହିନାହିଁ । ଚିଠି ଲେଖିବାକୁ ଆରମ୍ଭ କଲେ ଥରୁଛି । ହେଲେ ଆଜି ଶପଥ କରିଛି ଯେମିତି ହେଲେ ତୁମପାଖକୁ ଚିଠି ଲେଖିବିବୋଲି ।

(୨)

ହଁ ତୁମ ଚିଠି କଥା କହୁଥିଲି । ତୁମ ଚିଠି ପାଇଲା ପରେ ଆମ ଘରେ ସବୁ ଅନର୍ଥ ହୋଇଯାଇଛି । ବଡଭାଇ (ମୋ ଉପର ଭାଇ) ତୁମ ଚିଠି ପ୍ରଥମେ ପାଇଲେ । ଫ୍ରମ୍‌ରେ ଗୋଟିଏ ଝିଅନାଁ ଥିବାରୁ ସେ ଚିଠିଟି ମତେ ଦେଉଥିଲେ, ହେଲେ ହାତରେ ତାଙ୍କର କ'ଣ ଗୋଟାଏ ଟାଣ ଜିନିଷ ବାଜିଲା । ଚିଠି ଖୋଲି ଦେଖିଲେ ତୁମର ଫଟୋ । ରାଗରେ ପାଚି ଲାଲ୍ ହୋଇଗଲେ । ଆଗରୁ ତୁମକୁ ଭଉଣୀ (ମାମୁଝିଅ) ବାହାଘର ବେଳେ ଦେଖିଥିଲେ । ଚିହ୍ନିବାକୁ ତାଙ୍କୁ ଆଉ ବାକି ରହିଲା ନାହିଁ । ତୁମେ ଭିତରେ ତୁମର ପୁରା ନାମ ଓ ଏଡ୍ରେସ୍ ଦେବାର କ'ଣ ଦରକାର ଥିଲା ? ଭିତରେ ଗୋଟିଏ ଝିଅର ନାମ ଲେଖିଥିଲେ ମୁଁ କ'ଣ ଜାଣି ନଥାନ୍ତି । ତୁମେ ଗୋଟିଏ ମହାମୂର୍ଖ । ଚିଠି ସଙ୍ଗରେ ତୁମ ଫଟୋ ପଠାଇବା କ'ଣ ଦରକାର ଥିଲା ??

(୩)

ତୁମ ଚିଠି ପାଇଲା ପରେ ଆମ ଘରର ପରିସ୍ଥିତି କ'ଣ ହେଲା ସେ କଥା ଲେଖିବାକୁ ବାଧ ହେଉଛି । ଭାଇ ଭୀଷଣ ରାଗି ଯାଇଥିଲେ । ମାଆଙ୍କୁ କହୁଥିଲେ - ପିଲାଟାର ତ କମ୍ ସାହସ ନୁହେଁ । ଚିଠି ସଙ୍ଗରେ ଫଟୋ ମଧ୍ୟ ପଠେଇ ଦେଇଛି । ମୁଁ ମୂଳରୁ ସନ୍ଦେହ କରୁଥିଲି ତା ଉପରେ । ସେ ପିଲାଟା ଆମ ୟା ସାଙ୍ଗରେ ପଡି ବେଶି ଖଚ୍‌ଚଡ ହୋଇଯାଇଥିଲା । କମ୍ କାଣ୍ଡ ନକରିଛି ସେ ପିଲାଟା । ବାହାଘର (ମାମୁଝିଅର) ସମୟରେ ମୁଁ ସବୁବେଳେ ଗାଇଡ୍ ନ କରିଥିଲେ ତ ସେମାନେ ଦୁହେଁ (ତୁମେ ଓ ମୁଁ) ଫେରାର୍ ହୋଇ ଯାଇଥା'ନ୍ତେ । ଆମ ଯେ ହେଲେ କ'ଣ କମ ବଦମାସ । ଯେତେବେଳେ ଦେଖ ସେ ପିଲାଟା ସାଙ୍ଗରେ କଥାବାର୍ତ୍ତା, ହସାହସି ଚାଲିଛି । ସବୁ ଭୁଲ ଆମ ଏ ଭଉଣୀର । ଏ'ତାକୁ ଏଠିକା ଏଡ୍ରେସ୍ ଇତ୍ୟାଦି ଦେଇଥିବ । ନହେଲେ ସେ ଆମର ଏଡ୍ରେସ୍ ଜାଣିଲା କୋଉଠୁ ।"

ମା'କହିଲେ - "ହଁ ପିଲାମାନେ ସେମିତି ହୁଅନ୍ତି ।" ତା'ପରେ ସେ ଆମ ଜାତିପୁଅ । ମାନ୍ୟରେ ବି ଥଟ୍ଟା ହେବ । ଆମ ଜାତିର ସିଷ୍ଟମ୍ ଅନୁସାରେ ବାହାଘର ବେଳେ ସେମିତି ପୁଅଝିଅ କଥାବାର୍ତ୍ତା ହସଖୁସି ହୁଅନ୍ତି । ସେଥିରେ କ'ଣ ଅଛି ?" ଏଥର ଭାଇଙ୍କୁ ଆଉ ସମ୍ଭାଳେ କିଏ ? ରାଗିଯାଇ କହିଲେ "ତୋର ସବୁ ଭୁଲ । ଝିଅ ମାନଙ୍କୁ ମୁହଁ ବଢ଼ାଉଥା । ପଛରେ ଆମକୁ ଆଉ କିଛି କହିବୁ ନାହିଁ । ହୁଁ.... କଥାବାର୍ତ୍ତା କରିବାର ତ ଗୋଟେ ସୀମା ଅଛି ?? ଆଉ ଆମ ୟାକୁ ଦେଖ, ସେଠାରେ ମୋ ମୁଣ୍ଡତଳକୁ କରିଦେଲା । କ'ଣ ଯେ ସେଠାରେ ନ କରିଛି ? ମୁଁ ବିଶ୍ୱାସ କରିପାରିଲି ନାହିଁ ଯେ ସେ ପିଲା ସାଙ୍ଗରେ ଆମ ଇୟେ ଏତେ ପ୍ରୋସିଡ୍ କରିଯିବ ବୋଲି । ନିଜ ସୁନାତ ଭେଣ୍ଡି, ଆଉ ତାକୁ କହିବ କ'ଣ ।" ମାଁ ଚୁପ୍ ରହିଲେ ।

ତୁମ ଚିଠିକୁ ନେଇ ମୁଁ ଯାହା ଅପଦସ୍ତ ହେଉଛି, କାହାକୁ କହିବି । ତୁମେ ତ ଖାମ୍ ଖିଆଲି ଭାବୁଥିବ । ଘରେ ଅଶାନ୍ତିର ବାତାବରଣ ଲାଗି ରହିଛି । ସେଇ ଅଶାନ୍ତିର ବଳୟ ଭିତରେ ମୁଁ

ମୋର ନିଜର ସ୍ଥିତି ମୂଲ୍ୟାଙ୍କର କରିପାରୁନି । ସବୁ ମଥାପାତି ସହିବା ଛଡା ମୋର ଅନ୍ୟ ଉପାୟ ନାହିଁ । ତୁମ ଚିଠିତ ଭାଇଙ୍କ ହାତରେ ପ୍ରଥମେ ପଡିଥିଲା । ତାହା ମୁଁ କୌଣସି ପ୍ରକାରେ ଅକ୍ତିଆର କରିନେଲି । ହେଲେ ତୁମ ଫଟୋଟି ମୋ ହାତକୁ ଆଉ ଆସିପାରିଲା ନାହିଁ । ଭାଇଙ୍କ ପାଖରେ ତାହା ରହିଗଲା । ବର୍ତ୍ତମାନ ରାତି ବାରଟା ବାଜିବାକୁ ଯାଉଛି । ସମସ୍ତେ ଶୋଇଗଲେଣି । ସମସ୍ତଙ୍କ ଅଜାଣତରେ ମୁଁ ଏ ଚିଠି ତୁମ ପାଖକୁ ଲେଖୁଛି । ସେଦିନର ସେଇଠିର ସବୁଜିମାଭରା ସ୍ମୃତି ଆଜି ମୋର ଗୋଟି ଗୋଟି ହୋଇ ମନେପଡି ଯାଉଛି । ପ୍ରଥମ ଦେଖାରୁ ମୁଁ ତୁମକୁ ଭଲପାଇ ବସିଥିଲି । ତୁମର ସ୍ମାର୍ଟନେସ୍ ଓ କଥା କହିବାର ଭିନ୍ନ ଶୈଳୀପାଇଁ ମୁଁ ନିଜକୁ ତୁମଠାରୁ ହୀନ ମନେକରୁଥିଲି । ବାହାଘର ପୂର୍ବରାତିରେ ତୁମେ ଦଶଟାରେ ପହଞ୍ଚିଲ । ମୁଁ ସେତେବେଳେ ମାମୁଁଝିଅଙ୍କ ସାଥିରେ ମିଠେଇ କରିବାରେ ବ୍ୟସ୍ତ ଥିଲି । ତୁମକୁ ଦେଖି ମୁଁ ଲାଜରେ ସେଠାରେ ଆଉ ରହିପାରିଲିନାହିଁ । ମନେ ଅଛି । ମୋ ଜାଗାରେ ତୁମେ ସେଠାରେ ଏନ୍‌ଗେଜ୍ ହୋଇଗଲ ଖାଇସାରିବାପରେ । ତୁମେ ମିଠା ତିଆରି କରୁଥିଲା ବେଳେ, ମୁଁ ମିଠା ମିଠା ସ୍ୱପ୍ନରେ ବିଭୋର ଥିଲି । ତାହା କ'ଣ ଜାଣ ?? ମାମୁଁ ଝିଅଠାରୁ ମୁଁ ତୁମ ବିଷୟରେ ଟିଖିନିଖି କଥା ଆଦାୟ କରୁଥିଲି । ଯେତିକି ଯେତିକି ଶୁଣୁଥିଲି ମୁଁ ସେତିକି ସେତିକି ତୁମ ପ୍ରତି ଆକର୍ଷିତ ହେଉଥିଲି । ତୁମେ ଜଣେ ଗ୍ରାଜୁଏଟ୍, ଭଦ୍ର, ମାର୍ଜିତ ତୁମ ରୁଚି ଓ ଚଲଣୀ – ଏକଥା ଜାଣିବା ପରେ ମୁଁ ତୁମକୁ ମୋ ମନରାଇଜରେ ରାଜକୁମାର ସଜାଇ ସାରିଥିଲି । ତୁମର ସାନ୍ନିଧ୍ୟ ପାଇବା ପାଇଁ ମୋର ମନ ବ୍ୟାକୁଳ ହୋଇ ଉଠୁଥିଲା । ସେଥିପାଇଁ ଦ୍ୱିତୀୟ ଦେଖାରେ ମୁଁ ହଣ୍ଡ୍ରେଟ୍ ସ୍ପିଡରେ ନମସ୍କାରଟିଏ ପକାଇ ଚାଲିଗଲା ବେଳାକୁ ତୁମ ଦେହରେ ଧକ୍କା ହୋଇଥିଲା । ମୋ ଚେତନା ପ୍ରବାହରେ ତୁମ ପ୍ରତିଛବି ଏଟେଷ୍ଟେଡ ହୋଇସାରିଥିଲା । ତୁମେ କିଛି ନ ଭାବି ଓଠ କାମୁଡି ହସି ଦେଇଥିଲ ।

(୫)

ସେଦିନ ରାତିରେ ମୁଁ ବାଧ୍ୟହୋଇ ଶୋଇବାକୁ ଚାଲିଯାଇଥିଲି । କାରଣ ତୁମକୁ ମୁହାଁମୁହିଁ ମୁଲାକାତ କରିବାର ମୋର ସତ୍ ସାହସ ନଥିଲା । ପରେ ଶୁଣିଲି ସମସ୍ତେ ଶୋଇ ଗଲାପରେ ବି ତୁମେ ଚେଇଁଥିଲ । ପ୍ରବଳ ଶୀତସତ୍ତ୍ୱେ ତୁମେ ଏକାକୀ ରାତିସାରା ବେଦୀକାମ କରୁଥିଲ । ଏକଥା ଶୁଣି ତୁମକୁ ସମସ୍ତେ ପ୍ରଶଂସା କରୁଥିଲେ । ତା'ପରେ ସବୁ ଜିନିଷ ଏଣେ ତେଣେ ପଡିଥିଲା, ତୁମେ ଚେଇଁ ନଥିଲେ କଣ ହୋଇଥାନ୍ତା ?? ମାମୁଁ (ତୁମ ଭାଇଙ୍କ ଶ୍ୱଶୁର) ମଧ୍ୟ ତୁମକୁ ଖୁବ୍ ପ୍ରଶଂସା କରୁଥିଲେ । ତୁମ ପ୍ରତି ତାଙ୍କର ଗୋଟିଏ ଦରଦୀଭାବ ଅଛି, ଏକଥା ମୁଁ ଜାଣିଥିଲି । ହେଲେ ଗୋଟିଏ କଥା ତୁମେ ହୁଏତ ଜାଣିନଥିବ, ତୁମେ ବାହାରେ ଥଣ୍ଡାରେ ଚେଇଁଥିଲା ବେଳେ ମୁଁ ଶୋଇଯାଇଥିଲି ଆରାମ୍‌ରେ ତୁମଶାଲ୍ ଘୋଡିହୋଇ । ମାମୁଁ ଝିଅ ମୋତେ ଥଟ୍ଟାରେ କହୁଥିଲା – ଆଜି ରାତିରେ ଶାଲ୍ ଘୋଡି ହୋଇଛୁ, ତାଙ୍କ ଘରକୁ ଗଲେ ସେ ତତେ ଗୋଟିଏ କମ୍ବଲ କିଣି ଦେବେ, ନାଇଁ ନାଇଁ ଏକା ସାଙ୍ଗରେ ତାଙ୍କ ସହ ଶୋଇବାରେ ମଜାପାଇବୁ । ମୁଁ ଲାଜେଇ ଯାଇଥିଲି । ତୁମର ସେ ମୁଲାଏମ୍ ଶାଲ ସ୍ମୃତିରେ ମୋର ବିନିଦ୍ରରଜନୀ ଅତିବାହିତ ହୋଇଯାଉଥିଲା ।

(୬)

ଆରଦିନ ସକାଳେ (ବାହାଘର ଦିନ) ପ୍ରଥମେ ତୁମ ସହ ଧକ୍କା ଖାଇବାରୁ ବଞ୍ଚିତ ହେଲି । ଟିକେ ଟିକେ ଅନ୍ଧାର ହୋଇଥାଏ । ମୁଁ ତରବରରେ ଉଠି ମୁହଁ ଧୋଇବାକୁ ଗଲାବେଳେ ତୁମେ ସେପଟୁ ଫେରୁଥିଲ । ଧକ୍କା ଖାଇବା ଆଗରୁ ମୁଁ ଫେରି ଆସିଲି । ତାପରେ ତୁମ ସହ ଦେଖାହେଲା କୋଠା ଉପରେ । ମାମୁଁଙ୍କର କୋଠାର ଉପର ମହଲା କାନ୍ଥ ସବୁ ଉଠିଥିଲା ହେଲେ ଛାତ ପଡିନଥିଲା । କେବଳ ଦୁଇ ତିନି ବଖରା ଉପରେ ତାଳପତ୍ରି, ଘୋଡା ହୋଇଥିଲା । ସେତେବେଳେ ତୁମେ ମୋ ବଡ ଭାଇ (ମୋ ଉପରଭାଇ) ଙ୍କ ସାଙ୍ଗରେ କଥା ହେଉଥିଲ । ଭାଇ ପଖାଳ ଓ ମାଛ ଭଜା ଖାଉଥିଲେ । ମୁଁ ତୁମକୁ ସେ ଯାଏ ଭଲଭାବରେ ଚିହ୍ନିସାରିଥିଲି, ତୁମେ ମୋର ଥଟ୍ଟା ହେବ ବୋଲି । ତୁମର ମନେ ଅଛି ? ମୁଁ କହିଲି – ପଖାଳ ଆଣିଦେବି ଖାଇବ । ତୁମେ ନାହିଁ କଲ । ପାହାଚରେ ଓହ୍ଲାଇଲା ବେଳକୁ ତୁମେ ପୁଣି କହିଲ, ହଁ ଆଣ ଖାଇଦେବା । ଭୋଜି ସରିଲା ବେଳକୁ ଏକରେତ ଡେରି ହୋଇଯାଇଥିବ । ମୁଁ କମେଣ୍ଟ କଲାଭଳି କହିଲି – ମାଛ ଭଜା (ମୋତେ) ଦେଖି ଲୋଭ ହେଲା କି ? ତୁମେ ତତ୍‌କ୍ଷଣାତ୍ ବୁଝିପାରି ଉତ୍ତର ଫେରାଇଲ – ଲୋଭ ନକଲେ କଣ ଖାଇବାର ମଜାଥାଏ ?? ଏ ପଦକ କଥା ମୋତେ ବହୁତ ଭଲ ଲାଗିଲା । ତୁମେ ଯେ ମୋତେ ଚାହଁ ଏକଥା ମୋତେ ଆଉ ଅଜଣା ନଥିଲା । ତୁମେ ଯେ ଏକେ ବାକ୍‌ପଟୁ, ମୋର ଧାରଣା ନଥିଲା । ତୁମର ସେ ଦୁଷ୍ଟ ବୁଦ୍ଧିକୁ ମୁଁ ପ୍ରଶଂସା ନକରି ରହିପାରୁନି । ଖାଇଲା ବେଳେ ତୁମେ ଭାଇଙ୍କର ପିଠି ଆଡକୁ ପିଠି କରି ବସିଥିଲ,

କାରଣ ମୋତେ ଏକା ଦେଖିବାରେ ଆଉ କୌଣସି ପ୍ରତିବନ୍ଧକ ନଥିବ । ପଖାଳ ଓ ମାଛ ଭଜା ତୁମ ପାଖରେ ଥୋଇ ଚଳିଯାଉଥିଲି । କାଳେ ତୁମେ ଖାଇବ କି ନାଁ ବୋଲି ଦେଖିଲା ବେଳକୁ ତୁମେ କଟାକ୍ଷ ହାଣିଲ । ତୁମର ସେ ନୀଳ କଟାକ୍ଷର ସବୁଜ ଆଘାତରେ ମୁଁ ତିଳତିଳ ହୋଇ ଦଗ୍ଧ ହେବାକୁ ଲାଗିଲି ........... ଦ୍ୱିତୀୟ ଥର ପଖାଳ ଆଣି ଦେଇଗଲି ତୁମର ଅନିଚ୍ଛା ସତ୍ତ୍ୱେ । ପ୍ରକୃତରେ ମୁଁ ତୁମକୁ ଅତିପାଖରୁ ଦେଖିବାକୁ ଚାହୁଁଥିଲି । ସେଥିପାଇଁ ପଖାଳ ଦେଲାବେଳେ, ତୁମ ହାତକୁ ଚିମୁଟି ଦେଲି । ହେଲେ ତୁମେ ଏତେ ରସିକତା ଜାଣ ?? ସେ ଚିମୁଟା ହାତକୁ ତୁମେ ସଙ୍ଗେ ସଙ୍ଗେ ଚୁମ୍ବନରେ ତିନ୍ତେଇ ଦେଲ । ମୋତେ ଲାଗିଲା ଯେମିତି ତୁମେ ତୁମ ହାତରେ ଚୁମ୍ବନ ଦେଉନାହଁ ବରଂ ମୋ ପ୍ରତ୍ୟେକ ଅଂଗରେ ଏହା ବର୍ଷିଯାଉଛି ଆଷାଢ଼ରେ ପହିଲି ବର୍ଷା ଭଳି ।

(୭)

ମାମୁଁ ଝିଅର ବାହାଘରରେ ସମସ୍ତେ ବିଜି ଥିଲେ । ହେଲେ ତୁମେ ମୋତେ ଏକାନ୍ତରେ ଭେଟିବାକୁ ଚାହୁଁଥିଲ । ଆଉ ତୁମ ଇସାରାରେ ମୁଁ କୋଠା ଉପରକୁ ଚାଲିଗଲି । ମୋ ଗୋଡ ହାତ ଥରୁଥିଲା । ତୁମେ ପାଖେଇ ଆସିଲା ବେଳକୁ କାହାର ପାଦ ଶବ୍ଦରେ ପୁଣି ଘୁଞ୍ଚିଗଲ । ମୋର ବଡ ଭାଇ (ମୋ ଉପରଭାଇ) ସେଠାରେ ପହଞ୍ଚିଗଲେ । ମୁଁ ଡରିଗଲି । କିନ୍ତୁ ତୁମେ କଥାରେ ଭାଇଙ୍କ ସାଙ୍ଗରେ ମେକ୍‌ଅପ୍ କରିନେଲ । ମୁଁ ଲୁଗା ଶୁଖାଇବାର ବାହାନା କଲି ଓ ପରେ ତଳକୁ ଚାଲିଗଲି । ଦ୍ୱିତୀୟ ଥର ମୁଁ ହିଁ ଇସାରା କଲି ତୁମକୁ କୋଠା ଉପରକୁ ଯିବା ପାଇଁ । ତୁମେ ମୋ ଇସାରା ଠିକ୍ ବୁଝିଗଲ । ଏଥର ଉପରେ କେହି ନଥିଲେ । ଝରକାରେ ବାହାରକୁ ନିରୀକ୍ଷଣ କରୁଥିଲି । ତୁମର ଆସିବା ଯେତେ ଡେରୀ ହେଉଥାଏ, ମୋତେ ସେତେ ଭୟ ଲାଗୁଥାଏ । ତୁମେ ପଛପଟୁ ଆସି ଆଖିକୁ ବନ୍ଦ କରିଦେଲ । ମୋତେ ଆଉ ଅଜଣା ନଥିଲା ଯେ, ଏହା ତୁମର ଦୁଷ୍ଟାମି ବୋଲି । ଚେଷ୍ଟା କରିବି ମୁଁ ତୁମ ହାତ ଖୋଲିପାରିଲି ନାହିଁ । ମୋର ଦେହରେ ଏକ ମୃଦୁ ସିଂହରଣ ଖେଳିଯାଇଥିଲା । ଆଖି ଖୋଲିଲା ବେଳକୁ ତୁମ ଓଷ୍ଠାଧାର ମୋ ଚିବୁକକୁ ଛୁଇଁ ସାରିଥିଲା । କେଉଁ ଏକ ଅଜଣା ମୋହରେ ମୁଁ ନିଷ୍ପ୍ରଭ ପାଲଟି ଯାଇଥିଲି । ଓଠ ମୋର ଥରୁଥିଲା । ପର ମୂହୁର୍ତ୍ତରେ ନିଜକୁ ଆବିଷ୍କାର କରୁଥିଲି ତୁମର ଦୃଢ଼ ଆଲିଙ୍ଗନର ବଳୟ ଭିତରେ । ତମେ ଚୁପି ଚୁପି କଣ କହୁଥିଲ ମୋତେ ଶୁଭୁ ନଥିଲା । ମୋର ମନ ମୟୁରୀ ସେତେବେଳେ ଅଳସ ଆକାଶରେ ପର ମେଲୁଥିଲା । ମୁଁ ଜାଣିଥିଲି ତୁମେ ମୋତେ ଅନ୍ତର ସହ ଭଲପାଅ ବୋଲି । ସେଥିପାଇଁ ତୁମର ସବୁ ଅଳିକୁ ମଥାପାତି ସହିନେବା ଛଡା ମୋର ଅନ୍ୟ ଉପାୟ ନଥିଲା । ଆଗ୍ରହ ସହ ମୋ ଠାରୁ ମୋର ଠିକଣା ନେଇ ଓ ତୁମ ଠିକଣା ମୋ ହାତରେ ଲେଖିଦେଲ ।

(୮)

ମଧ୍ୟାହ୍ନ ଭୋଜି ପର୍ବ ପରେ ତୁମେ ଟିକେ ଫୁରୁସତ୍ ପାଇଲ । ମୋ ବଡଭାଇ ସାଙ୍ଗରେ ଉପରେ ଏକ କ୍ୱାଟରରେ ରେଷ୍ଟ ନେବାକୁ ଚାହିଁଲ । ଭାଇତ ସାଙ୍ଗେ ସାଙ୍ଗେ ଶୋଇପଡିଲେ । ହେଲେ ମୁଁ ତୁମକୁ କେମିତି ଦେଇଥାନ୍ତି ଯେ ?? କାହିଁକି ଜାଣ, ସେଇ ନିରୋଳାରେ ଆମେ ଅତିକମ୍‌ରେ କିଛି ସମୟ ମନଖୋଲି କଥାବାର୍ତ୍ତା ହୋଇପାରିବା । ସେଥିପାଇଁ ମୁଁ ଛୋଟ ଛୋଟ ପିଲା ଦୁଇଚାରିଟାଙ୍କୁ ନେଇ ଆସିଲି ଓ ପାଖ କ୍ୱାଟରରେ ତାଙ୍କ ସହ ଥଟ୍ଟା ତାମ୍‌ସା କରିବାକୁ ଲାଗିଲି । ତାଙ୍କୁ ପାଉଡର୍ ଲଗେଇ ଦେଉଥିଲି । ତୁମେ ବା କେମିତି ଶୋଇପାରିଥାନ୍ତ ? ତୁମେ ଉଠି ଆସିଲ । ବିରକ୍ତରେ କହିଲ - ଅଯଥା ଡିଷ୍ଟର୍ବ କରୁଛ, ତୁମେ ନ ଆସିଥିଲେ, ମୁଁ ଏଇ ନେ ଶୋଇପଡିଥାନ୍ତି । ଏଥର ମୋ କହିବାର ପାଳିଥିଲା । ମୁଁ କହିଲି- ମୁଁ କାହିଁକି ତୁମକୁ ଡିଷ୍ଟର୍ବ କରିବି । ତୁମେ ତୁମ ମନକୁ ବିଚଳିତ କରୁଥିବ । ତୁମେ ମୋ ଚିବୁକ ହଲାଇ ଦେଇ କହିଲ - ଦୁଷ୍ଟ ଝିଅ ! ମୋତେ ବି ପାଉଡର ଲଗେଇ ଦିଅନା ?? ମୁଁ ତୁମ ମୁହଁରେ ମାତ୍ରାଧିକ ପାଉଡର ଢାଳିଦେଇ ଜାଣି ଜାଣି । ତୁମେ ସେଠାରୁ ଚାଲି ଯିବାକୁ ଚାହିଁଲ । ହେଲେ ଏପରି ଅବସ୍ଥାରେ ତୁମକୁ କେହି ଦେଖନ୍ତୁ ଏହା ମୁଁ ଚାହୁଁ ନଥିଲି । ମୋ ଓଢ଼ଣୀରେ ତୁମ ମୁହଁ ଭଲଭାବରେ ପୋଛିଦେଲି । ଜାଣ ! ମୋତେ ଲାଗୁଥିଲା ମୁଁ ମୋର ସ୍ୱପ୍ନର ଘରକୁ ନିଜ ହାତରେ ସଜାଉଛି । ସେତିକି ବେଳେ ଗୋଟିଏ ଛୋଟ ପୁଅ ପାହାଚ ଆଡକୁ ଚାଲିଗଲା ଓ ଭାରସାମ୍ୟ ହରାଇ ଦୁଇଟା ପାହାଚ ଗଡିଗଲା । ତୁମେ ତତ୍‌କ୍ଷଣାତ୍ ଚାରିଟା ପାହାଚ ଡେଇଁ ତାକୁ ଧରି ପକେଇଲ । ନହେଲେ ତଳ ପାହାଚ ଯାଏ ଗଡି ଯାଇଥାନ୍ତା । ଦୁହେଁ ସେଥିପାଇଁ ଦାୟୀ ହୋଇଥାନ୍ତୁ । ଯା ହେଉ ଗୋଟିଏ ନିଶ୍ଚିତ ବିପଦରୁ ମୁଁ ରକ୍ଷା ପାଇଗଲି । ଆଉ ପାଇଗଲି ତୁମ ସାହସିକତାର ପ୍ରଥମ ନମୁନା ।

(୯)

ସନ୍ଧ୍ୟାରୁ ତୁମକୁ ଖୋଜି ଖୋଜି ପାଇଲି ନାହିଁ । କାହାକୁ

ପଚାରିବାରୁ ମୋର ସାହସ ହେଲା ନାହିଁ । ବାଡିପଟେ, ଉପରେ ଆଉ ସବୁ ଯାଗା ଖୋଜି ପକାଇଲି । ମୋର ଏ ବ୍ୟଗ୍ରତା ପାଇଁ ଅନେକଙ୍କର ସନ୍ଦେହ ଦୃଷ୍ଟି ମୋ ଉପରେ ଖେଳୁଥିଲା । ଶେଷରେ ରାତି ୧୧ଟା ବେଳେ ତୁମକୁ ପାଇଲି । ପାଇଲି ମାନେ, ଖୁବ୍ ଏକାନ୍ତରେ, ନିରୋଳାରେ ଆଉ ନିଷ୍ପ୍ରଭ ଆଲୁଅରେ । ସେଇ ଆକାଶି ଛାତି ତଳେ ତୁମେ ଆରାମରେ ଶୋଇ ଯାଇଥିଲ । ସନ୍ଧ୍ୟାରୁ ତୁମକୁ ଯେତେବେଳେ ଖୋଜି ଖୋଜି ଥକିଲିଣି, ଏବେ ତୁମକୁ କେମିତି ବା ଏକା ଏକା ଶୋଇବାକୁ ଦେଇଥାନ୍ତି ଯେ.... । ତୁମ ପାଥରେ ନ ହେଲେ ବି ଅଳ୍ପ ଦୂରରେ ଛୁଆସବୁ ଶୋଇଥିଲେ । ଲଣ୍ଠନ ଜଳୁଥିଲା । ହେଲେ ଆଲୋକ ଦେବା ପରିବର୍ତ୍ତେ ସୃଷ୍ଟି କରୁଥିଲା ଏକ କ୍ଷୀଣ ଧୂମ କୁଣ୍ଡଳୀ । ତୁମକୁ ପ୍ରଥମ ଥର ପାଇଁ ଶୋଇବା ଅବସ୍ଥାରେ ଆପାଦମସ୍ତକ ଦେଖୁଥିଲି । ନିଦ୍ରିତାବସ୍ଥାରେ ଜଣକୁ ଉଠାଇବା ପାପ କି ନୁହେଁ ତାହା ସେତେବେଳେ ଜାଣିବାର ଆବଶ୍ୟକତା ନଥିଲା । ଏକ ମୃଦୁ ଶୀହରଣରେ ମୁଁ ଉନ୍ମତ୍ତା ହୋଇଯାଇଥିଲି । ମୋର ବିବେକ ଓ ବୁଦ୍ଧି କ୍ରମଶଃ ଲୋପ ହୋଇ ଆସୁଥିଲା । କଣ କରିବି ନ କରିବି ଭାବି ତୁମ ପାଖରେ ଶୋଇ ତୁମ ଦୁଇ ଗାଲକୁ ଜୋର୍‌ରେ ଚିପିଦେଲି, ଯେମିତି ତୁମେ ଉଠିପଡିବ । ଗତ ରାତିର ଅନିଦ୍ରା ସତ୍ତ୍ୱେ ତୁମେ ଆସ୍ତେ ଆସ୍ତେ ଆଖି ଖୋଲିଲ । ତୁମ ମାନସିକତାକୁ ପ୍ରତିହତ କରୁଥିଲା ମୋର ଆତ୍ମସମର୍ପଣର ଭାବାବେଗ । ଅତି ପାଖରେ ମୋତେ ପାଇ ତୁମେ କଣ ଭାବିଲ କେଜାଣି । ମୋତେ କୋଳେଇ ନେଇ ଆଙ୍କିଦେଲ ମୋର ମୁହଁସାରା ଚୁମ୍ବନର ଚିତ୍ରାଙ୍କନ । ମୋର ସଂତପ୍ତ ପ୍ରାଣକୁ କୁର୍ନିସ୍ କରୁଥିଲା ତୁମର ଉନ୍ନିଦ୍ର ନୟନ ଯୁଗଳ । କେଉଁ ଏକ ଆଦିମତାର ଆହ୍ୱାନରେ ତୁମେ ମୋତେ ନିକଟରୁ ନିକଟତରର କରି ନିଶ୍ଚୁପ କରିଦେବାକୁ ଚାହୁଁଥିଲ । ମୁଁ ପ୍ରକୃତିସ୍ଥ ହୋଇ ମନା କଲି । କହିଲି - ବିବାହ ପୂର୍ବର ଏ ସଂପର୍କକୁ ମୁଁ ଘୃଣା କରେ । ଆମ ସଂପର୍କର ସିମେଣ୍ଟକୁ ଆଗ ସାମାଜିକ ସ୍ୱୀକୃତିରେ ପଲସ୍ତରା ହେବାକୁ ଦିଅ । ଏବେଠୁ ଯଦି ସବୁମଜା ଚାଖିନେବ, ଆଉ ପରେ ପସ୍ତେଇବ ଯେ... !!! ମୋ ସାନ ଭାଇ (ପିଉସୀ ପୁଅ) ସେତେବେଳକୁ ଚାଲିଆସିଲା । ତୁମ ବାହୁ ବନ୍ଧନରୁ ମୁଁ ମୁକୁଳି ଆସିଲି ।

(୧୦)

ପିଉସୀ ପୁଅ ଭାଇ ଆମ ଦୁହିଁଙ୍କୁ ଗାଇଡ୍ କରୁଥିଲା ପରି ମନେ ହେଲା । ଏପରି ଅବସ୍ଥାରେ ମୁଁ ଧରାପଡିଯିବି, ଏହା ମୋର ଧାରଣା ବାହାରେ ଥିଲା । ଓଠରୁ ମୋର ହଜିଯାଇଥିଲା ମିଠାହସର ବାସ୍ନା । ଏକ ଆଶୁ ବିପଦକୁ ସାମ୍ନା କରିବାର ସତ୍‌ସାହସ ମୋ ନଥାନ୍ତା - ତୁମେ ନଥିଲେ । ତୁମର ଉପସ୍ଥିତି ମୋତେ ଏକରକମ ସାହସୀ କରି ଦେଇଥିଲା । ସେଥିପାଇଁ ମୁଁ ତୁମ ପାଖରେ ରହିବାକୁ ବାଧ୍ୟ ହେଲି । ଭାଇ ଆଉ ସେଠାରୁ ଯିବାର ନାଁ ଧରିଲା ନାହିଁ । ହୁଏତ ମୋ ବଡ ଭାଇ ଏଠାକୁ ପଠେଇଥିବ । ମୋତେ ତା ଉପରେ ଭୀଷଣ ରାଗ ଲାଗୁଥାଏ । ସାଧାରଣ ଶିଷ୍ଟାଚାର ସେ ଜାଣିନଥିଲା । ହେଲେ ତୁମେ କଣ କମ ଧୂର୍ତ୍ତ । ତା ମୁହଁରେ କାଳି ବୋଳିବାର ଇଚ୍ଛା ତୁମର ଥିଲା । ତା ଉପସ୍ଥିତି ତୁମକୁ ବିଚଳିତ କଲା ନାହିଁ, ବରଂ ତୁମେ ମୋତେ ଆଉଜିନେଲ ଓ ପ୍ରେମାଳାପ କରିବାକୁ ଲାଗିଲ । ମୁଁ ଆଉ କାହିଁକି ଡରିଥାନ୍ତି ଯେ.......... । ପ୍ରଥମ ଥର ପାଇଁ ମୁଁ ମୋ ସମସ୍ତ ପ୍ରଶ୍ନର ଉତ୍ତର ପାଇଯାଇଥିଲି ତୁମ ଠାରୁ । ନିଷ୍କପଟତା ଭାବରେ କହିଯାଉଥିଲ ସମସ୍ତ କଥା । ମୋ ପ୍ରଶ୍ନର ବଳୟ ଡେଇଁ ପାରୁନଥିଲା ତୁମର ଉତ୍ତରର ଦିଗ ବଳୟର ସୀମା । ନିଜକୁ ଧିକ୍କାର କରୁଥିଲି, ପୁରୁଷମାନଙ୍କ ପ୍ରତିଥିବା ମୋର ଭିନ୍ନ ଧାରଣା ଗୁଡିକୁ । ମୋର ସେଇ ଅଜ୍ଞତାର ଅଳନ୍ଧୁ ଧୋଇ ହୋଇ ଯାଇଥିଲା ତୁମ ହୃଦୟର ନିର୍ମଳ ସରସୀରେ । ମୋର ପ୍ରତ୍ୟେକ ପ୍ରଶ୍ନର ସଠିକ୍ ଉତ୍ତର ଦେବା ପୁରୁଷକୁ ମୁଁ କେମିତି ବା ଦୁରେଇ ଦେଇଥାନ୍ତି । ସାନଭାଇ ଆମ ଆଡକୁ ପଛକରି ବସି, ସବୁ ଶୁଣୁଥିଲା । ଆଉ ମୁଁ ଧିରେ ଧିରେ ଅଧିକ ତୁମ ଦେହରେ ଆଉଜି ଯାଉଥିଲି । ତୁମ କଥା ବାର୍ତ୍ତାରେ ଥିଲା ଏକ ଅହେତୁକ ଆକର୍ଷଣ । କଥାବାର୍ତ୍ତାରେ ସ୍ରୋତରେ ଆମେ ଦୁହେଁ ଭାସୁଥିଲା ବେଳେ ମୋ ମନେ ପଡିଲା ଗୋଟିଏ କଥା । ପଚାରିଲି - "ତୁମେ ସନ୍ଧ୍ୟାରୁ ଏତେବେଳ କୋଉଠୁ ଥିଲ ?" ମୁଁ ତୁମକୁ ଖୋଜି ଖୋଜି ଯାହା ହଇରାଣ ହୋଇଛି ସେ କଥା ନ କହିଲେ ଭଲ । ସମସ୍ତେ ମୋ ଉପରେ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ । କିନ୍ତୁ ସେ ପ୍ରତି ମୋର ଖାତିର ନଥିଲା । କଣ କରୁଥିଲ ତୁମେ ??? ତୁମେ କହିଲ ମୋତେ ବରଯାତ୍ରୀଙ୍କ ଟିଫିନ୍ ଦାୟିତ୍ୱ ଦିଆଯାଇଥିଲା । ମୋ ସାଙ୍ଗରେ ଥିବା ଆଉ ୩-୪ ଜଣ ଡ୍ରିଙ୍କ୍‌ସ କରିବାକୁ ଚାଲିଗଲେ ଓ ଫେରିଲେ ନାହିଁ । ଦାୟିତ୍ୱ ମୁଣ୍ଡ ଉପରେ ଥିବାରୁ ମୁଁ ସେ ଯାଗାରେ ଏକୁଟିଆ ଜଗିବାକୁ ବାଧ୍ୟ ହେଲି । ଏକେତ ସ୍କୁଲଟା ନିଛାଟିଆ ଜାଗାରେ ଥିଲା । ଆଉ ତୁମ ପାଖକୁ ଆସିପାରିଥାନ୍ତି କେମିତି ?? ବରଯାତ୍ରୀ ଆଠଟାରେ ଆସିବା କଥା ହେଲେ ମୁଁ ଦଶଟା ପଇଁଚାଳିଶ ଯାଏ ଅପେକ୍ଷା କଲି । ବରଯାତ୍ରୀ ଆସିବାରେ

ତଥାପି ଡେରୀ ହେଉଥାଏ । ସହକର୍ମି ମାନେ ଆସିଯିବାରୁ ମୁଁ ତାଙ୍କୁ ଦାୟିତ୍ୱ ଦେଇ ଚାଲିଆସିଲି । ମୁଁ ପଚାରିଲି - ତୁମେ ଏକୁଟିଆ ଥିଲାବେଳେ ଯଦି ବରଯାତ୍ରୀ ଆସି ଯାଇଥାନ୍ତେ, ତୁମେ କଣ କରିଥାନ୍ତ ? ? ? ତୁମେ କହିଲ - ଭେରି ସିମ୍ପୁଲ, ବରଯାତ୍ରୀଙ୍କ ମୁଖ୍ୟଙ୍କୁ ଡାକି କହିଥାନ୍ତି - ଆପଣଙ୍କ ଦୁଇ - ଚାରିଟା ପିଲାଙ୍କୁ କୁହନ୍ତୁ ଏ ଟିଫିନ୍ ଦେବାରେ ମୋତେ ସାହାଯ୍ୟ କରିବେ, ବାସ୍ କାମ ଖତମ୍ । ତୁମର ସାହସକୁ ମୁଁ ମନେ ମନେ ପ୍ରଶଂସା କରୁଥିଲି । ଆମର ଏଦୀର୍ଘ କଥାବାର୍ତ୍ତାରେ ବରଯାତ୍ରୀଙ୍କ ପ୍ରୋସେସନ୍ ଆସି ଯାଇଥିଲା । ସାନଭାଇ ତଳକୁ ଚାଲିଗଲା । ଆମେ ଦୁହେଁ ଝରକାରେ ବରଯାତ୍ରୀଙ୍କୁ ଦେଖିବାକୁ ଲାଗିଲେ । ସେତେବେଳେ ଆଉ କାହାକୁ ଡର ନଥିଲା । ମୋ କାନ୍ଧରେ ଦୁଇ ହାତ ଭରା ଦେଇ ତୁମେ ବରଯାତ୍ରୀଙ୍କ ନାଚକୁ ଉପଭୋଗ କରୁଥିଲ । ସେଇ ପାଖାପାଖି ଦେଖିବାର ଯେଉଁ ଅପୂର୍ବ ରୋମାଞ୍ଚକର ଅନୁଭୂତି ମୋର ସବୁଦିନେ ମନେ ରହିବ । ତୁମେ କଣ ଭାବୁଥିଲ କେଜାଣି ମୁଁ କିନ୍ତୁ ସ୍ୱପ୍ନ ବିଭୋରଥିଲି ଆମ ଆଗତ (ଏମିତି) ବିବାହସ୍ତୋବ ପାଇଁ .... ।

( ୧ ୧ )

ବରଯାତ୍ରୀ ପାଖେଇ ଆସିଲା ବେଳକୁ ମାଈଁଙ୍କ ଡାକରେ ତଳକୁ ଚାଲିଗଲ । ମୁଁ ସ୍ଥାଣୁପରି ଉପରେ ରହିଗଲି । ତୁମେ ମାମୁଁଙ୍କୁ ସାହାଯ୍ୟ କରୁଥିଲ ବରକୁ ବରଣ କରିବାରେ । କ୍ୟାମେରାର ଚକ୍‌ଚକ୍ ଫ୍ଲାକ୍ସ ତୁମକୁ ଆଦୌ ବିଚଳିତ କରୁନଥିଲା । ତୁମେ ତୁମ କାମରେ ମଗ୍ନ ଥିଲ । ବନ୍ଦାଣ (ଗାଲସେକା) ବେଳେ ତୁମେ ଦୁଇ ହାତ ପ୍ରସାରିତ କରି ଆମଘର ଷ୍ଟାଫ୍‌ଙ୍କୁ ସୁରକ୍ଷା ଦେଉଥିଲ । ମୁଁ ସେଠାରେ ନଥିଲେ ବି ଦୂରରୁ ତୁମ ସୁରକ୍ଷାର କବଚ ଅନୁଭବ କରୁଥିଲି । ବରଯାତ୍ରୀଙ୍କ ଖାଇବା ଆରମ୍ଭ ହୋଇଯାଇଥିଲା । ସେମାନଙ୍କ ଚର୍ଚ୍ଚାରେ ତୁମେ ସିରିଏସ୍‌ଲି ଏନ୍‌ଗେଜ୍ ହୋଇଯାଇଥିଲ । କାହାର ଯେମିତି କୌଣସି ପ୍ରକାର ଅସୁବିଧା ନହୁଏ ସେଥିପାଇଁ ତୁମେ ଖୁବ୍ ସତର୍କତା ଥିଲା ପରି ମୋର ମନେ ହେଉଥାଏ । ଏଣେ ମୋର ଅସ୍ଥିରତା ବଢ଼ି ଯାଇଥିଲା । ମୁଁ କୌଣସି ଜାଗାରେ ସ୍ଥିର ହୋଇ ରହିପାରୁ ନଥାଏ । ତୁମକୁ ନିକଟରେ ପାଇବାରୁ ମୋର ମନ ବ୍ୟାକୁଳ ହେଉଥାଏ । ମୋ ବଡଭାଇ ବରଯାତ୍ରୀଙ୍କ ଚର୍ଚ୍ଚା ଅପେକ୍ଷା ମୋତେ ବେଶି ଗାଇଡ୍ କରୁଥିଲା । ମୋର ଚଞ୍ଚଳତା ତାଙ୍କ ମନରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା । ଯେତେଚେଷ୍ଟା କଲେ ବି ମୋର ଏ ବ୍ୟଗ୍ରତା ଭାଇଙ୍କ ଠାରୁ ଲୁଚେଇ ପାରୁନଥିଲି । ସାନ ପିଉସୀ କିନ୍ତୁ ମୋତେ ଗୋଟେ ରକମ୍ ସେଫ୍ କରୁଥିଲେ । ନାରୀ ହୃଦୟର ଆବେଗତା ଜଣେ ନାରୀହିଁ ସହଜରେ ଅନୁଭବ କରିପାରେ । କୁଆଁରୀ ଜୀବନର ଏ ଅକୁହା ବେଦନାକୁ ମୁଁ ଜାଣିଶୁଣି ଚାପି ରଖୁଥିଲି ଓ ପ୍ରତି ମୂହୁର୍ତ୍ତରେ କୁହୁଳୁଥିଲି ଅନ୍ତରାତ୍ମାର ଦାବାଗ୍ନିରେ । ବିବାହୋତ୍ସବ ପାଇଁ ସମସ୍ତେ ଉଲ୍ଲସିତ ହେଉଥିଲା ବେଳେ, ମୋ ପାଇଁ ଏହା ସୃଷ୍ଟି କରୁଥିଲା ଦୁଃଖର ଏକ ଅଲଂଘ୍ୟ ପ୍ରାଚୀର । ତୁମକୁ ନିକଟରେ ପାଇ ..... ନ ପାଇବାର ଦୁଃଖରେ ମୁଁ ମ୍ରିୟମାଣ ହୋଇ ପଡୁଥିଲି । ନିଜର ଅନ୍ତସତ୍ତା ନିଜ ଭିତରେ ଖୋଜି ଆହତ ହେଉଥିଲି ।

( ୧ ୨ )

ଭଉଣୀର ବାହାଘର ଆରମ୍ଭ ହୋଇଯାଇଥିଲା । ବେଦୀ ପାଖରେ ଗୋଟିଏ ଚେଆର୍‌ରେ ତୁମେ ବସିଥିଲ । ମୁଁ କିନ୍ତୁ ସ୍ଥିର ହୋଇ ବସିପାରୁ ନଥାଏ । ବାହାଘରରେ ସମସ୍ତେ ବିଜି ଥିଲାବେଳେ ମୁଁ ତୁମକୁ ଏକାକୀ ଭେଟିବାକୁ ଚାହୁଁଥିଲି । କିନ୍ତୁ ତୁମେ ବା ମୋ ମନ କଥା ବୁଝିବ କେମିତି ? ? ? ତୁମେ ବାହାଘର ମଜା ନେଉଥିଲ । ଅନ୍ୟ ଉପାୟ ନ ପାଇ ମୁଁ ତୁମକୁ ଜଣକହାତରେ ଡାକିବାକୁ ବାଧ ହେଲି - ଏଇଆ ଯେ ବେଦୀ ପାଖରେ କାହାର ପାଣିଗ୍ଲାସେ ଦରକାର ବୋଲି । ତୁମେ ମୋତେ ଅନୁସରଣ କଲ । ତୁମକୁ ପାଣିଗ୍ଲାସେ ଧରାଇ ଦେଇ ତୁମ ଗାଲରେ ହାତମାରି କହିଲି - "କ'ଣ ଏମିତି ଦେଖୁଛ ? ବେଦୀ ପାଖରେ କାହାର ପାଣି ଗ୍ଲାସେ ଦରକାର ଶିଘ୍ରନେଇ ଯାଅ, ତୁମେ ମୋ ଥଟ୍ଟାକୁ ବେଦି ପାଖରେ କାହାର ପାଣି ଦରକାରଥିଲା ବୋଲି ପଚାରିଲ । ତୁମକଥା କେହି ଶୁଣିଲେ ନାହିଁ । ବେଦୀ ପାଖରେ ଗାଁର ଗୁଡାଏ ଝିଅ ବସିଥିଲେ । ତୁମକୁ ଦେଖି ସେମାନେ ହସୁଥିଲେ । ତାଙ୍କର ହସିବାର କାରଣ ତୁମେ ଖୋଜିବାକୁ ବସିଲ । ସେମାନଙ୍କ ଫୁସଫାସ କଥାରୁ ଜାଣିଲ ଯେ, ତୁମ ଗାଲରେ କିଏ କୁମ୍‌କୁମ୍ ଲଗାଇ ଦେଇଛି । ସତ କି ମିଛ ବୋଲି ତୁମେ ଗାଲକୁ ଆଉଁସି ଦେଲ, କୁମ୍‌କୁମ୍ ଆଉ ଅରାଏ ଜାଗା ଦାଖଲ କଲା । ତୁମର ଅବଶ୍ୟ ଜାଣିବାକୁ ବାକି ରହିଲା ନାହିଁ ଯେ, ଏ ଦୁଷ୍ଟାମି ମୋର ବୋଲି ।"

( ୧୩)

ତୁମର ମନୋଭାବ ମୁଁ ଦୂରରୁ ଲକ୍ଷ୍ୟ କରୁଥିଲି । ମୋତେ ରଂଗ ଲଗାଇ ପ୍ରତିଶୋଧ ନେବାକୁ ଚାହୁଁଥିଲ । ପାଣି କାହାର ଦରକାର ନଥିଲା, ଏକଥା ଜାଣିଲା ପରେ ତୁମେ ସେଠାରୁ ଫେରିଆସିଲ ଅଫଣ୍ଡେଡ୍ ହୋଇ । ଏଣେ ତେଣେ ରଂଗ ଖୋଜିବାକୁ ଲାଗିଲ । ମୁଁ

ହସୁଥିଲି । ଖୋଜି ଖୋଜି ସିନ୍ଦୁର ଫରୁଆପାଇଲ । ତୁମ ଭାଉଜ ହଠାତ୍ ସେଠାରେ ପହଞ୍ଚି, ସିନ୍ଦୁର ଫରୁଆ ତୁମ ହାତରୁ ଛଡାଇ ନେଇ କହିଲେ – "ସିନ୍ଦୁର କଣ ଏମିତି ମଜାମଜଲିସ୍‌ରେ ଖେଳ ହୁଏ । ତୁମେ ଅବଶ୍ୟ ଜାଣିଥିଲ ସିନ୍ଦୁରର ମହତ୍ତ୍ୱ ସେଥିପାଇଁ କିଛି କହିଲ ନାହିଁ । ମୋ ସାନ ପିଉସୀ ତମ ହାତକୁ କୁମ୍‌କୁମ୍ ଶିଶି ବଢ଼ାଇଦେଲେ । ହାତରେ ଅଳ୍ପ ନେଇ ତୁମେ ମୋ ପାଖକୁ ଧାଇଁଗଲ । ମୁଁ ଅନ୍ୟ ଉପାୟ ନ ପାଇ ଦୋକାନଘର ଭିତରକୁ ପଶିଗଲି । ସେତେବେଳେ ଭୋର୍ ଚାରିଟା । " ରେକ୍ ଆରପଟକୁ ମୁଁ ଚାଲିଗଲି । ତୁମ ଅଜାଣତରେ ତୁମ ଭାଉଜ ତୁମକୁ ଫଲୋ କଲୁଥିଲେ । ରେକ୍ ଏପଟେ ଥାଇ ସେ ସବୁ ଦେଖୁଥିଲେ । ମୋତେ ରଂଗ ଲଗାଇବା ଆଗରୁ ମୁଁ ତୁମ ଦୁଇ ହାତକୁ ଧରି ଦେଲି । ତୁମେ ଚେଷ୍ଟା କରିଥିଲେ ଅବଶ୍ୟ ହାତ ଛଡାଇ ରଂଗ ମଖାଇ ପାରିଥାନ୍ତ, ହେଲେ ମୁଁ ମନାକଲି । ମୋ ଅନୁରୋଧରେ ତୁମେ ମୋତେ ରଂଗ ନ ଲଗେଇ ଛାଡିଦେଲ । ତୁମେ ଜାଣିଥିଲ ଏତେ ଭିଡ ଭିତରେ ମୁଁ ମୁହଁ ଧୋଇବାକୁ କୁଆଡେ ଯାଇଥାନ୍ତି । ରଂଗ ନହେଲା ନାହିଁ ତୁମେ ପପି ଟିଏ ମାଗିଲ । ସେତେବେଳେ ତୁମର ମନୋଭାବ ଭଲଭାବରେ ବୁଝିଗଲି । ପପି ପରେ ଆଉ କିଛି ଯେ ଘଟି ଯାଇପାରେ ଏହା ମୁଁ ଜାଣିଥିଲି । ତୁମେ ମୋତେ ବାଧ କଲ । ତୁମ ଭାଉଜ ଦେଖୁଥିବାରୁ ମୁଁ ରାଗିଗଲି । ମୁଁ ବାଧ ହୋଇ ପପି ଦେବା ବଦଳରେ ଜୋର୍‌ରେ କାମୁଡିଦେଲି ତୁମ ବାଁ ଗାଲକୁ । ତୁମର ଭୀଷଣ କଷ୍ଟ ହୋଇଥିବ ନିଶ୍ଚୟ । ହେଲେ ମୋର ଆଉ ଅନ୍ୟ ଉପାୟ ନଥିଲା । ତୁମେ ହେଲେ କମ୍ ଦୁଷ୍ଟ । ପ୍ରତିଶୋଧ ନେବାଭଳି ମୋ ବାଁ ଗାଲକୁ ଏମିତି କାମୁଡିଦେଲ ଯେ, ମୋ ଆଖିରୁ ଦୁଇଟି ଜୁଳୁଜୁଳିଆ ପୋକ ଉଡିଗଲେ । ଭୀଷଣ କଷ୍ଟରେ ମୋପାଟିରୁ ଆଉ କଥା ବାହାରିଲା ନାହିଁ । ବେପଥୁର୍ ଥମ୍‌ଥମ୍ ଭାବ ଖେଳି ଯାଇଥିଲା କିଛି କ୍ଷଣ ପାଇଁ ।

(୧୪)

ସକାଳ ପାହି ଯାଇଥିଲା । ମଧୁର ଯନ୍ତ୍ରଣାରେ ଦୁହେଁ ଆହତ ହୋଇଥିଲେ । ଦୁହିଁଙ୍କର ଗାଲ ଫୁଲିଯାଇଥିଲା । ଦୁହେଁ ଭେଟ ହୋଇଗଲେ । ଚୁପି ଚୁପି ହସିବା ଛଡା ଅନ୍ୟ ଉପାୟ ନଥିଲା । ଗାଲର କ୍ଷତ କେହି ନ ଦେଖନ୍ତୁ ଏଥିପାଇଁ ଦୁହିଁଙ୍କର ଗାଲକୁ ହାତରେ ଢାଙ୍କି ରଖିବାର ଅପଚେଷ୍ଟା ଜାରି ରହିଥିଲା । ତୁମେ ସେ ଯାଏଁ ଗାଲରୁ ରଂଗ ପୋଛି ନଥିଲ । ଜାଣ, ତୁମ ଗାଲର କିଛି ରଂଗ ମୋ ଓଠ ଛୁଇଁ ରଂଗୀନ ହୋଇଯାଇଥିଲା । ତୁମ ରଂଗ ମଖା ଗାଲ ଦେଖି ପିଉସୀମାନେ ହସୁଥିଲେ । ହସିହସି ମୋତେ ଇସାରା କରୁଥିଲେ, ମୋର ଦୁଷ୍ଟାମି ପାଇଁ । ମୁଁ ଲାଜେଇ ଯାଉଥିଲି । ତୁମକୁ ଆଘାତ କରି ଓ ପ୍ରତିଘାତର ପରିଣତିରେ ମୁଁ ଝାଉଁଳି ପଡୁଥିଲି । ସେ ଅସମୟରେ ବଡଭାଇ ସେଠାରେ ନଥିଲେ । ସେମିତି ରଙ୍ଗ ମଖା ଗାଲରେ ତୁମେ ଗାଧୋଇବାକୁ ଚାଲିଗଲ । ଟିଫିନ ଖାଇ ସାରିବା ପରେ ତୁମ ଭାଉଜ ତୁମ ଗାଲକୁ ଦେଖି କଣ ହେଲା ବୋଲି ପଚାରିଲେ । ମୁଁ ଟିକେ ଆଢୁଆଳରୁ ଶୁଣୁଥିଲି । ସତକଥାକୁ ବଞ୍ଚାଇବାକୁ ଯାଇ ତୁମେ ମିଛର ଆଶ୍ରୟ ନେଲ । ସେଠାରୁ ଖସି ଯିବାକୁ ଚାହୁଁଥିଲ । ଭାଉଜ ତୁମ ହାତ ଧରି ପକାଇଲେ ଏବଂ ଗାଲର ସେ କ୍ଷତକୁ ଛୁଇଁ ପୁଣି ପଚାରିଲେ । ତୁମେ କହିଲ – ନାଇଁ, ସେମିତି କିଛି ନାଇଁ ଯେ.... ବାଉଁଶ ଗୋଟିଏ ଆମ୍ପୁଡ ନେଲା । ତୁମ ଭାଉଜ କହିଲେ – ମିଛୁଆ କୋଉଠିକାର, ବାଉଁଶ ଯଦି ଆମ୍ପୁଡିଲା, ଦାନ୍ତର ଚିହ୍ନ କେମିତି ପଡିଲା ?? ସତେ ଯେମିତି ମୁଁ କିଛି ଜାଣିନି । ଅଧିକା ଗାଳି ଶୁଣିବା ପୂର୍ବରୁ ତୁମେ ସେ ସ୍ଥାନ ପରିତ୍ୟାଗ କରିସାରିଥିଲ । ହେଲେ ମୁଁ ଖସିପାରିଲିନି । ସତେ ଯେମିତି ବାକି ଗାଳିତକ ମୋ ଭାଗ୍ୟରେ ଥିଲା ।

(୧୫)

ଦିନ ଦଶଟା ବାଜି ଯାଇଥିଲା । ସକାଳେ ଯେତେବେଳେ ମାମୁଁ (ତୁମ ଭାଇଙ୍କ ଶ୍ୱଶୁର) ତୁମକୁ କନ୍ୟା ସାଙ୍ଗରେ ନେଇଛାଡିବାକୁ କହିଲେ, ମୁଁ ଭୀଷଣ ଆଘାତ ପାଇଥିଲି । ତୁମର ଏପରି ରଂଗମଖା ଗାଲ, ମୃଦୁ କ୍ଷତ ଆଉ ଦୁଇରାତି ଅନିଦ୍ରା ଅବସ୍ଥାରେ ତୁମେ ସେଠାକୁ କେମିତି ଯାଇଥାନ୍ତ ଯେ । ପୁଣି ସେଠାରେ ୩-୪ ଦିନ ରହିବାକୁ ପଡିଥାନ୍ତା । ମୁଁ ଏକକୀ ଏଠାରେ ଛଟପଟ ହୋଇଥାନ୍ତି । ତଥାପି ତୁମେ ମୋ ଠାରୁ ବିଦାୟ ନେବାକୁ ଚାହିଁଲ । ମାମୁଁଙ୍କର କଥା ତୁମେ ଯେ ଅମାନ୍ୟ କରିପାରିବ ନାହିଁ, ଏକଥା ମୋତେ ବେଶ୍ ଜଣାଥିଲା । ମୁଁ ଦୁଃଖରେ ମ୍ଳାନ ପଡିଯାଇଥିଲି । କିଛି କହିବାକୁ ମୋ ମୁହଁରେ ଆଉ ଭାଷା ନଥିଲା । ଦୁହିଁଙ୍କର ନୀରବତା ଅନ୍ୟମାନଙ୍କ ପକ୍ଷେ କଣ ଯେ ପ୍ରତିକ୍ରିୟା ଆଣୁଥିବ ସେକଥା ମୋତେ ଜଣାନଥିଲା । ଠିକ୍ ଏହି ସମୟରେ ଗାଡି ଛାଡିଦେଲା ଓ ତୁମେ ଯାଇପାରିଲନାହିଁ । ମୁଁ ରକ୍ଷା ପାଇଗଲି । ଅନ୍ତତଃ ଆଜି ଦିନଟି ତୁମସହ ବିତେଇ ପାରିବି, ଏଥିରେ ମୋର ସନ୍ଦେହ ନଥିଲା । ମୁଁ ଆନନ୍ଦରେ ଆତ୍ମହରା ହୋଇ ଉଠୁଥିଲି । କିନ୍ତୁ ପୁଣି ମୋତେ କଷ୍ଟ ଦେବାକୁ ପଛେଇଲ ନାହିଁ ।

କହିଲ କଣ ନା ତୁମେ ବାରଟା ଗାଡିରେ ଘରକୁ ଫେରିଯିବ । ଏଇ ସାଙ୍ଗେ ସାଙ୍ଗେ କଣ କହିବାର ଦରକାର ଥିଲା ??? ହଁ, ତୁମ ପଖାଳ ଖାଇବାର ସମୟ ହୋଇଯାଇଥିଲା । ମୁଁ ମନେ ପକାଇ ଦେଲି । ତୁମେ ଜିଦ୍ କଲ ଏକାସାଙ୍ଗରେ ଯଦି ଖାଇବ ତେବେ ଉପରକୁ ନେଇଆସ । ଏତେ ଦୁଃଖରେ ବି ମୋତେ ଟିକେ ଖୁସିଲାଗିଲା । ପଖାଳ ନେଇ ଉପରକୁ ଗଲି । ତୁମେ ସେଠାରେ ଏକା ବସିଥିଲ । ... ଦୁହେଁ କେବଳ ପଖାଳ କଂସାରେ ହାତ ଦେଇଥିଲେ । ମୁଁ କାନ୍ଦୁଥିଲି । ତୁମେ ମୋ ଲୁହ ପୋଛି କହୁଥିଲ - ଏଇ ! ଆମର ଏ ଦୁଇ ଦିନର ସ୍ମୃତି ତୁମର ମନେ ରହିବନା ।??? ତୁମକୁ ଜୀବନସାଥି ଭାବରେ ପାଇବି କି ନା ଜାଣେନା ? ଅନ୍ତତଃ ପୂର୍ବରୁ ତୁମକୁ ମୁଁ ଜଣେଇ ଦେବି । ତୁମେ ଯଦି ବିବାହ କରିନଥାଅ, ତାହେଲେ ଆମେ ଦୁହିଁ ପୁଣି ଏକାଠି ହୋଇପାରିବ । ତୁମର ଏକଥା ଗୁଡିକ ମୋତେ ଗଭୀର ଦୁଃଖ ଭିତରକୁ ଟାଣି ନେଉଥିଲା । ମୋ ସ୍ୱାପ୍ନାକାଶରେ କ୍ରମେ କୁହୁଡି ଡାଙ୍କି ଆସୁଥିଲା । ମୁଁ ପ୍ରଥମେ ତୁମକୁ ଖୋଇଦେଲି ଆଉ ତମେ ମତେ । ସେଇ ପଖାଳ କଂସାହିଁ ଆମର ସାକ୍ଷୀଥିଲା । ମୋ ଠାରୁ ତୁମ ଗାଲରେ ବେଶୀ ଆଘାତ ଲାଗିଥିଲା । ମୁଁ ଆଉ ସମ୍ଭାଳି ପାରିଲିନାହିଁ । ଉଜାଣିଆ ମେଘପରି ବର୍ଷେଇଦେଲି ତୁମର ସେ କ୍ଷତଗାଲରେ ଚୁମ୍ବନର ବୃଷ୍ଟିପାତ । ତୁମେ ବା କେମିତି ଚୁପ୍ ରହିଥାନ୍ତ । ମୁଁ ମଧ୍ୟ ତିନ୍ତିଗଲି ତୁମ ପ୍ରତିଦାନର ବାରିପାତରେ ।

(୧୬)

ଦିନ ଗୋଟାଏ ବେଳେ ତୁମେ ମୋତେ ଛାଡିଗଲ । ମୁଁ ଆହତ ମୃଗୁଣୀ ପରି ପଡିରହିଲି । ମୋତେ ଏମିତି ଲାଗୁଥିଲା, ତୁମ ସାଙ୍ଗରେ ଚାଲିଯାଇଥାନ୍ତି । ହେଲେ ମୋର ଗୋଡ ଦୁଇଟି ଛନ୍ଦି ହୋଇ ଯାଇଥିଲା ପରିସ୍ଥିତି ଓ ପରମ୍ପରାର ଶିକୁଳୀରେ । ଗୋଟିଏ ଅବିବାହିତ ଝିଅର ଏତେ ସ୍ୱାଧୀନତା କାହିଁ ? ସ୍ୱାଧୀନତାର ମୂଲ୍ୟ ତୁମ ପାଇଁ ଯାହା ମୋ ପାଇଁ ଠିକ୍ ତାର ଓଲଟା - ଏକଥା ଆଜି ମୁଁ ମର୍ମେ ମର୍ମେ ଅନୁଭବ କରୁଛି । ତୁମେ ଗଲା ପରେ ମୁଁ ଆଉ କୋହ ସମ୍ବରଣ କରିପାରିଲି ନାହିଁ । ଉପରକୁ ଯାଇ ତୁମ ଚଲାପଥକୁ ଚାହିଁ କାନ୍ଦିବାକୁ ଲାଗିଲି । କେତେବେଳ ଯାଏ କାନ୍ଦିଥିହି ମୋର ଜଣା ନାହିଁ, ହେଲେ ମୋର ବଡ ଭାଇଙ୍କ ଡାକରେ ଚୁପ୍‌ହେଲି । ଆଖିଲୁହ ପୋଛି ପଚାରିଲି, କଣ ହେଲା ? ସେ କହିଲେ - ଦୁଇଟାରେ ଗାଡି ଅଛି ଶିଘ୍ର ବାହାରିପଡ, ଆମେ ସେ ଗାଡିରେ ଗାଁକୁ ଚାଲିଯିବା । ତୁମେ ହୁଏତ ଜାଣିନଥିବ, ତୁମ ଯିବାର ଘଣ୍ଟାଏ ପରେ ମୁଁ ଆମ ଘରକୁ ବାହାରିପଡିଲି । ବାଟ ସାରା ଖାଲି ତୁମ କଥା ମନେପଡୁଥିଲା । ଝରକା ପାଖରେ ବସି ମୁଁ ବାହାରକୁ ଦେଖୁଥିଲି । ଭାବୁଥିଲି - ତୁମ ସାଙ୍ଗରେ ଏମିତି ଦିନେ ଗାଡିରେ ବସି ତୁମ ଘରକୁ ଯାଉଥିବି, ଆଉ ତୁମେ ମତେ ଗାଁ ଇତ୍ୟାଦି ଚିହ୍ନେଇ ଦେଉଥିବ । ଘରେ ପହଞ୍ଚିଲା ବେଳକୁ ରାତି ଆଠଟା ହୋଇଯାଇଥିଲା । ସତେ ଯେମିତି ମୁଁ ଫେରି ଯାଉଥିଲି ତୁମ ଆଲୋକିତ ଇଲାକାରୁ ଅନ୍ଧାରର କୁହେଳିକା ଭିତରକୁ ।

(୧୭)

ଆଜି ଚିଠି ଲେଖିଲା ବେଳକୁ ଗତ ରାତିରେ ସ୍ୱପ୍ନ କଥା ମନେପଡୁଛି । ମୁଁ କୁଆଡେ ପୂର୍ବ ଜନ୍ମରେ ତୁମର ପତ୍ନୀଥିଲି । ହେଲେ ଆଜି ସେ ସ୍ୱପ୍ନ ସ୍ୱପ୍ନରେ ହିଁ ରହି ଯାଇଛି । ସବୁ ସ୍ୱପ୍ନ ସତ ହୁଏନା । ତୁମ ଜୀବନରେ ମୁଁ ପ୍ରଥମ ନାରୀ କି ନାଁ ଜାଣେନା, ହେଲେ ତୁମର ହିଁ ଥିଲ ମୋ ଜୀବନରେ ପ୍ରଥମ ପୁରୁଷ । ଜୀବନର ପ୍ରଥମ ପୁରୁଷକୁ କେହି କଣ ଭୁଲିପାରେ । ଆମ ଘରେ ଯେଉଁ ଝଡ ସୃଷ୍ଟି ହୋଇଛି, ତାହାର ଅନ୍ତ କେବେ ଜାଣେନା ??? ହେଲେ ମୋତେ ଯେତେ ଯଲଦି ହେବ ବିବାହ କରିଦେବାକୁ ଘରେ ସାଜିସ୍ ଚାଲିଛି । ଘରେ ସମସ୍ତଙ୍କ ଚକ୍ରାନ୍ତରେ ମୁଁ ଶିକାର ହୋଇ ଯାଇଛି ।

(୧୮)

ସାନ ପିଉସୀ ମୋ ସାଙ୍ଗରେ ଆମ ଘରକୁ ଆସିଥିଲେ । ମାଆ ସାଙ୍ଗରେ ସେ କଣ କଥା ହେଉଥିଲେ, ମୋତେ ଜଣା ନାହିଁ । ହେଲେ ମୋର ଯାହା ଅନୁମାନ ସେ ମୋ ପାଇଁ ଗୋଟିଏ ପ୍ରସ୍ତାବ ନେଇ ଆସିବା ପରି ଲାଗିଲା । ବହୁତ ଆଲୋଚନା ଚାଲିଥାଏ । ଶେଷରେ ମାଆ ସେଥିରେ ରାଜି ହେବା ପରି ଜଣାପଡୁ ନଥାଏ । ମୁଁ ଗୋଟିଏ ପ୍ରକାର ଆଶ୍ୱସ୍ତି ଅନୁଭବ କଲି । ତୁମେ ମୋତେ କହିଥିଲ ନା, ତୁମ ଭାଉଜଙ୍କ ସାଙ୍ଗରେ ଆମ ଘରକୁ ବୁଲିଆସିବ ବୋଲି । ତୁମ ଆସିବା ପଥକୁ ଚାହିଁ ଚାହିଁ ଆଜି ମୁଁ ନିରାଶ ହୋଇଯାଉଛି । ତୁମ ଆଗମନକୁ ମୁଁ ପ୍ରତି ମୂହୁର୍ତ୍ତରେ ଅନୁଭବ କରୁଛି । କିଏ ଜଣେ ଆସି ଗଲେ, ମତେ ଲାଗୁଛି, ତୁମେ ଆସିଗଲ ବୋଲି । ସବୁଆଡେ ତୁମ ଛବିପ୍ରତିଛବି ମୋର ଦୃଷ୍ଟିଗୋଚର ହେଉଛି । ମୋତେ ଲାଗୁଛି ସତେ ଯେମିତି ମୁଁ ଧିରେ ଧିରେ ମାନସିକ ଭାରସାମ୍ୟ ହରାଇ ବସୁଛି । ଘରେ ମୋତେ କେହି ପାଗଳୀ ନଭାବନ୍ତୁ ସେଥିପାଇଁ ମୁଁ କେବଳ ସ୍ୱାଭାବିକ ଅଭିନୟ କରୁଛି । ତୁମ ସଂସ୍ପର୍ଶ ଆସିଲେ ମୋର ଆଜି ଏ ଅବସ୍ଥା ହେବ, ଏକଥା ମୋତେ ଆଗରୁ

ଜଣା ନଥିଲା । ଆଜି ସବୁ କିଛି ଜାଣିଲାପରେ ବି ମୁଁ ନିରୁପାୟ ହୋଇ ଯାଇଛି । ମୁଁ ବର୍ତ୍ତମାନ ଦୁଇଟି ନାଆରେ ପାଦ ଥାପିବା ପରିସ୍ଥିତିରେ ପହଞ୍ଚିଛି । ତୁମ ଘର ସଂପର୍କରେ ମୋର ଟିକିନିଖି ଧାରଣା ହୋଇ ଯାଇଥିଲା । ମୋତେ ବୋହୂ କରିନେବାରେ ତୁମ ଘରର ଅବଶ୍ୟ ବିରୋଧ ନଥିବ । କାରଣ ତୁମ ଭାଉଜ (ମୋ ନାନୀ)ଙ୍କ ଅଣ୍ଡରରେ ମୁଁ ରହିଥାନ୍ତି । ହେଲେ ଭଉଣୀ ଦ୍ୱୟ ବାହାନହେବା ଯାଏ ତୁମ ବାହାଘରର ପ୍ରଶ୍ନ ଉଠୁନି । ଏକଥା ଜାଣିଲା ପରେ ବି ତୁମେ ମୋ ଭୁଲ ଧରିବ । ହେଲେ ମୁଁ କଣ କରିବି ? ତୁମ ମେରେଜ ଟାର୍‌ଗେଟ୍ ଆସିଲା ବେଳକୁ ମୁଁ ବୁକ୍ ହୋଇ ସାରିଥିବି । ସେତେବେଳେ ଏଡ୍‌ଭାନ୍‌ସ ବୁକିଙ୍ଗର ମୂଲ୍ୟ କିଛି ନଥିବ । ସମୟ ତା ବାଟରେ ଚାଲି ଯାଇଥିବ, ଆଉ ସ୍ମୃତିଚିହ୍ନ ସ୍ୱରୂପ ଛାଡିଯାଇଥିବ ଦୁହିଁଙ୍କର ଗାଲରେ ଅଙ୍କା ଯାଇଥିବା ନିଷ୍ଠୁର ଚୁମ୍ବନର କ୍ଷତଚିହ୍ନ ।

(୨୦)

ତୁମ ଠାରୁ ମୁଁ କିଛି ଆଶା କରୁନାହିଁ । କାରଣ ଆମ ଦୁଇଙ୍କର ଆଶା ପ୍ରତ୍ୟାଶାର ପରିଧି ବଢ଼ିଯାଇଛି ଦିଗ୍‌ବଳୟର ସୀମାରେଖା ଡେଇଁ । ସମୟର ନିଷ୍ଠୁର ବାସ୍ତବତାରେ ଆମକୁ ବଞ୍ଚିବାକୁ ପଡିବ । ଆଜିମୋର ଅବଷାଦ ଓ ଅବଶୋଷର ଅନ୍ତନାହିଁ । ଜୀବନର ଚରମ ସତ୍ୟକୁ ମୋତେ ସାମନା କରୁବାକୁ ପଡୁଛି । ନାରୀ ଜୀବନରେ ଏହାହିଁ ତ ତାର ଅସହାୟତା । ଏକ ଅଜଣା ଅଶୁଣା ହାତରେ ତା ଭାଗ୍ୟକୁ ଟେକି ଦିଆଯାଏ, ଇଚ୍ଛା ଅନିଚ୍ଛାରେ ପାଚେରୀ ଡେଇଁ । ମୁଁ ଯାହା ଲେଖୁଛି ତୁମେ ପଢ଼ିଲା ପରେ ମୋତେ କ୍ଷମା କରିବକି ନା ଜାଣେନା । ସକାଳ ପାହି ଆସୁଛି । ଏହି ପାହାନ୍ତି ତାରା ଓ ଆମର ପ୍ରେମର ଦ୍ୱାହି ଦେଇ କହୁଛି, ମୁଁ ଏହା ଲେଖିବାକୁ ବାଧ । ଏହାଛଡା ଅନ୍ୟ ଉପାୟ ମୋର ନଥିଲା । ହଁ ତୁମ ଜାଣିବା ଏହା ନିହାତି ଜରୁରୀଭାବି ଲେଖୁଛି ଯେ – ଏହା ମୋର ପ୍ରଥମ ଅଥଚ ସବାଶେଷ ଚିଠି ବୋଲି ।




# GLASSHOUSE

*Deals in : All kind of float glass, Mirror,
Reflective glass, window glass, glass etching & Polish,
Aluminium Works & Hardware*



***Prop. Ranjan Kumar Sahu***

**NEAR PRIVATE BUSTAND
CANAL AVENUE, KATAPALI ROAD,
BARGARH-768028 (ODISHA)**

**Mob.- 9861230045, 9437148451, 9556301340**

With best compliments from





Prop. Prasanta Kumar Sahu

SHERAWALI
Jewellers

Deals in: All kind of Gold, Silver Jewellers

Sunamudi Chowk, Sarmuhan, Patnagarh
Cell. 9937485623



# ବିଜ୍ଞାନ ନାଟିକା ସାଂପ୍ରତିକ ଭାରତ

## DIGITAL INDIA

(୨୦୧୭ ଜିଲ୍ଲା ସ୍ତରୀୟ ବିଜ୍ଞାନ ନାଟିକା ପ୍ରତିଯୋଗିତାରେ ଶ୍ରେଷ୍ଠସ୍ଥାନରେ ରହି ଜୋନ୍ ସ୍ତରୀୟ ପ୍ରତିଯୋଗିତା, ସି.ଟି.ସ୍କୁଲ, ବ୍ରହ୍ମପୁରରେ ପ୍ରଦର୍ଶିତ ହୋଇଥିବା ନାଟିକାର ଅଂଶ ବିଶେଷ)


**ହରେକୃଷ୍ଣ ସାହୁ**

କୁଡାସିଂହା, ମୋ.- ୯୪୩୮୨୮୫୦୧୬


### ପ୍ରଥମ ଦୃଶ୍ୟ

(ବୈକୁଣ୍ଠ ଧାମ, ଭଗବାନ ବିଷ୍ଣୁ ଚିନ୍ତିତ ଅବସ୍ଥାରେ ପଦଚାରଣ କରୁଥାନ୍ତି, ନାରଦ ପ୍ରବେଶ କଲେ)

ନାରଦ : ନାରାୟଣ ! ନାରାୟଣ ! ପ୍ରଭୁ ବୈକୁଣ୍ଠାଧିପତିଙ୍କର ଜୟ ।

ବିଷ୍ଣୁ : ଆସନ୍ତୁ, ଦେବର୍ଷି ! ଆପଣଙ୍କ ଆଗମନରେ ଆଜି ବୈକୁଣ୍ଠଧାମ ଧନ୍ୟ ହୋଇଛି ।

ନାରଦ : କିନ୍ତୁ, ଏକଣ ପ୍ରଭୁ ! ମୁଁ ଏ କଣ ଦେଖୁଛି । ଆପଣଙ୍କ ମୁଖ ମଣ୍ଡଳରେ ଚିନ୍ତାର ଛାୟା । ପଦ୍ମନୟନ ଢଳଢଳ । ତେବେକି ସ୍ୱର୍ଗପୁରକୁ ପୁଣି କେଉଁ ଅସୁର ଆକ୍ରମଣ କରିଛି କି ?

ବିଷ୍ଣୁ : ନା, ନା, ଦେବର୍ଷି ! ସ୍ୱର୍ଗରେ ଆଜି ପୂର୍ଣ୍ଣ ଶାନ୍ତି ବିରାଜମାନ । କୌଣସି ଅସୁର ଶକ୍ତିର ଭୟ ନାହିଁ ।

ନାରଦ : ତେବେ, ଆପଣ ଏତେ ଚିନ୍ତିତ କାହିଁକି ପ୍ରଭୁ ?

ବିଷ୍ଣୁ : ଦେବର୍ଷି ! ଆପଣ ତ ଜାଣନ୍ତି । ବୈକୁଣ୍ଠ ଠାରୁ ମଧ୍ୟ ପ୍ରିୟ ମୋର ଧରାଧାମ । ତେଣୁ ମୁଁ ମାନବ ଅବତାର ଧାରଣ କରି ଧରାଧାମରେ ମୋର ଅଲୌକିକ ମହିମା ପ୍ରଦର୍ଶନ କରେ ।

ନାରଦ : ନାରାୟଣ ! ନାରାୟଣ ! ଆପଣଙ୍କ ଲୀଳା ତ ଅପରମ୍ପାର ପ୍ରଭୁ । ମାନବ ସମାଜର କଲ୍ୟାଣ ପାଇଁ ଆପଣ ଶ୍ରୀକ୍ଷେତ୍ର ଧାମରେ ଜଗତର ନାଥ ଜଗନ୍ନାଥ ରୂପେ ପୂଜିତ ହେଉଛନ୍ତି । ପତିତ ମାନଙ୍କୁ ଉଦ୍ଧାର କରିବା ପାଇଁ ନୀଳଚକ୍ର ବାନା ଉଡାଉଛନ୍ତି । ଆଉ ଏତେ ଚିନ୍ତା କାହିଁକି ପ୍ରଭୁ ।

ବିଷ୍ଣୁ : ଦେବର୍ଷି ! ମାନବ ଜାତିର କଲ୍ୟାଣ ପାଇଁ ମୁଁ ମର୍ତ୍ତ୍ୟରେ ବୈଜ୍ଞାନିକ ମାନଙ୍କୁ ସୃଷ୍ଟି କରିଅଛି । ମାନବ ସେବାରେ ସେମାନେ ତାଙ୍କର ମନ ପ୍ରାଣ ଢାଳି ଅନେକ ଜ୍ଞାନ କୌଶଳ ଆଜି ଉଦ୍ଭାବନ କଲେଣି । କିନ୍ତୁ ତାର ସଦୁପଯୋଗ ହୋଇ ପାରୁନାହିଁ ବୋଲି ମୁଁ ଚିନ୍ତିତ ।

ନାରଦ : ନାରାୟଣ ! ନାରାୟଣ ! ଆପଣଙ୍କ ଚିନ୍ତାର କାରଣ ସତ୍ୟ ପ୍ରଭୁ । ସାଧାରଣ ଜନତାଙ୍କ ଠାରେ ବୈଜ୍ଞାନିକ ମାନଙ୍କ ଜ୍ଞାନ କୌଶଳ ପହଞ୍ଚି ପାରୁନଥିବାରୁ, ସେମାନେ ଅନେକ ସୁବିଧା ପାଇବାରୁ ବଞ୍ଚିତ ହେଉ ଅଛନ୍ତି ।

ବିଷ୍ଣୁ : ତେବେ ଏ ସମସ୍ୟାର ସମାଧାନ କିପରି ହେବ ଦେବର୍ଷି ?

ନାରଦ : ନାରାୟଣ ! ନାରାୟଣ ! ପ୍ରଭୁ ଆପଣ ନିରାଶ ହୁଅନ୍ତୁ ନାହିଁ । ବର୍ତ୍ତମାନର ଯୁବଗୋଷ୍ଠି ନୂତନ ଜ୍ଞାନ କୌଶଳ ଆୟତ କଲେଣି । ଯଦି ସେମାନଙ୍କ ମନରେ ଆପଣ ସତ୍‌ଚିନ୍ତା ଉଦ୍ରେକ କରିବେ, ସେମାନେ ସମାଜର ମଙ୍ଗଳ ପାଇଁ ମନପ୍ରାଣ ଢାଳିଦେବେ ।

ବିଷ୍ଣୁ : ସାଧୁ, ସାଧୁ ଦେବର୍ଷି ! ଆପଣ ଯେ ମୋର ଚିନ୍ତାର ନିରାକରଣ କଲେ, ଚାଲନ୍ତୁ, ଚାଲନ୍ତୁ ଦେବର୍ଷି, ମୋର ପ୍ରିୟ ଧରାଧାମକୁ ଥରେ ଭ୍ରମଣ କରି ଆସିବା ।

ନାରଦ : ନାରାୟଣ - ନାରାୟଣ - ଯିବା ଯେ ପ୍ରଭୁ କିନ୍ତୁ .....

ବିଷ୍ଣୁ : କିନ୍ତୁ ପୁଣି କାହିଁକି ଦେବର୍ଷି ।

ନାରଦ : ପ୍ରଭୁ ! ମଣିଷ ମନରେ ଆଜି ପାପ ପ୍ରବେଶ କରିଛି, ଏଣୁ ଆମେ ଅନେକ ବ୍ୟତିକ୍ରମ ଦର୍ଶନ କରିବା । ଏଣୁ ଏ ସବୁ ପାଇଁ ଆପଣ ନିଜକୁ ପ୍ରସ୍ତୁତ କରିବାକୁ ହେବ

ପ୍ରଭୁ ।

ବିଷ୍ଣୁ : ଆପଣ ନିଶ୍ଚିନ୍ତ ରୁହନ୍ତୁ ଦେବର୍ଷି ଆମେ ଅଲକ୍ଷରେ ଥାଇ ମର୍ତ୍ତ୍ୟ ଭ୍ରମଣ କରିବା ଏବଂ ଆବଶ୍ୟକ ସ୍ଥଳେ ମଣିଷ ମନରେ ସମାଜ ମଙ୍ଗଳର ଚିନ୍ତା ଉଦ୍ରେକ କରିବା । ଆସନ୍ତୁ, ଦେବର୍ଷି,

ନାରଦ : ତେବେ ଚାଲନ୍ତୁ, ବୈକୁଣ୍ଠାଧିପତି, ନାରାୟଣ ! ନାରାୟଣ !

(ଦୁହେଁ ପ୍ରସ୍ଥାନ)

## ଦ୍ୱିତୀୟ ଦୃଶ୍ୟ

(ଗାଁ ମହାଜନ ଓ ଗାଁ ଟାଉଟର୍ ପ୍ରବେଶ)

ମହାଜନ : ହଇରେ ଏ ବିଛୁଆତି ...... ଆରେ ତୋତେ ସେ ଯେଉଁ ଆମ୍ବତୋଟା କଥା କହିଥିଲି ..... ଆରେ ! କଣ କିଛି କରୁଛୁ କି ନାଇଁ .... ବା ।

ବିଛୁଆତି : କଣ କହିଲ ମହାଜନେ.... କଣ କରୁଛି କି ନାହିଁ ..... ଆରେ ..... ମୋ ନାଁ ପରା ବିଛୁଆତି ମହାନ୍ତି - ମୁଁ ଯାହା ଦେହରେ ଟିକିଏ ଘସି ହୋଇଯିବି ନା ପୁଅ ଆଉ ଯାଏ କୁଆଡେ, କୁଣ୍ଡେଇ କୁଣ୍ଡେଇ ତା ପିଳେହି ପାଣି ହୋଇଯିବ ନା ..... ।

ମହାଜନ : ଥାଉ - ଥାଉ - ଆଉ ସେ ଫାଉ ମାର୍ନା । କିଛି କରୁଛୁ କି ନାହିଁ କହ ।

ବିଛୁଆତି : ହେଇ ମହାଜନେ ! ଏଇନେ ଦେଖିବ ମୁଁ କିଛି କରିଛି କି ନାହିଁ । ହେଇ .... ଏବେ ଅତରଛିଆ ଧପାଲି ଆସିବ ନା ଆମ ପାଖକୁ । ତେମେ ଆପଣେ ଖାଲି ମୋ କଥାରେ ଟିକିଏ ହଁ ମାରୁଥିବ । ଦେଖିବ ମୁଁ କଣ କରୁଛି ।

ମହାଜନ : ହଉ ! ଦେଖିବାରେ ପୁଅ ।

(ଏତିକି ବେଳେ ଗାଁର ବୁଢ଼ୀଟିଏ ବ୍ୟସ୍ତ ହୋଇ ପହଞ୍ଚିବ)

ବୁଢ଼ୀ : ହେ ପୁଅ ବିଛୁଆତି ! କଣ ପାଇଁ ମୋତେ ଖୋଜୁଥିଲୁ ବା । ତୁ ଯାଇଥିଲୁ ମୁଁ ଘରେ ନ ଥିଲି । ଗୋବରା ମାଁ କହିଲାରୁ ମୁଁ ତୋରି ପାଖକୁ ଯାଉଥିଲି ।

ବିଛୁଆତି : ଆହା.... ହା .... ଉଁ...ହୁଁ... ଆରେ !କେଡେ ସୁଧାର ନଥିଲା ହୋ ।

ବୁଢ଼ୀ : କଣରେ ପୁଅ ......... ଏମିତି କାନ୍ଦ କାନ୍ଦ ହେଇ କୁନ୍ଥୁଉଛୁ ।

ବିଛୁଆତି : ଆହା ଭଗବାନ ଏତେ କଷ୍ଟ କାହିଁକି ଦିଅନ୍ତି ହୋ... ହେଃ .... ମୋତେ ହେଲେ ନେଇ ଯାଇଥାନ୍ତେ ।

ବୁଢ଼ୀ : ଆଉ କଣ ହେଲା କି ..... କାହାକୁ କିଏ ନେଇ ଗଲା କି ?

ବିଛୁଆତି : ଆହା .... ହା ... ଉଃ... ଉଃ....

ମହାଜନ : ଆରେ, କଣ ଏମିତି ମାଇ କୁଢ଼ି ଭଳିଆ କୁନ୍ଥୁ କୁନ୍ଥୁ ହେଉଛୁ । ସଫାସଫା କହିଦଉନୁ ଘଟଣା ଟା କଣ ?

ବିଛୁଆତି : କଣ ଆଉ କହିବି ମହାଜନେ । ଆମ ଗୋବରା ଚାଲିଗଲା ।

ମହାଜନ : କେଉଁ ଗୋବରା ବେ - କୁଆଡେ ଚାଲିଗଲା ।

ବିଛୁଆତି : ଆମ ଗୋବରା ବା ଗୋବର୍ଦ୍ଧନ ଆମ ମାଉସୀର ନାତି ଦାଦନ ଖଟିବାକୁ ଯାଇଥିଲା ।

ବୁଢ଼ୀ : କଣ ହେଲା ? କଣ ହେଲାରେ ବିଛୁଆତି । ମୋର ନାତିର କଣ ହେଲା କି ?

ବିଛୁଆତି : କଣ ଆଉ ହବ ? କାଲି ତା କାରଖାନାରୁ ଫେରୁଥିଲା । ଟ୍ରକ୍‌ଟିଏ ମାଡିଗଲା । ଇଏ ମୁଣ୍ଡରୁ ସବୁ ଦହି ପାଣି ବୋହିଗଲା ।

ବୁଢ଼ୀ : ଏଁ କଣ କହିଲୁ .... କିଏ କହିଲା ଏ କଥା ? ମିଛୁଟାରେ ତୁ ମୋ ନାତି ମରିଗଲା ବୋଲି କହୁଛୁ । ଆରେ ତୋ ମୁହଁରେ ପୋକ ପଡୁରେ ଅଲପେଇସା । ତୋ ବଉଁଶ ବୁଡି ଯାଉରେ ଛୋପରା ...

ବିଛୁଆତି : ହେ ମାଉସୀ, ମାଉସୀ ! ମୁଁ କଣ ମିଛ କହୁଛି .... ଆମ ଗାଁ ମିଛୁ ପଳେଇ ମୋତେ ଫୋନରେ କହିଲା ନା ନଇଲେ ମୁଁ କିମିତି ଜାଣିଥାନ୍ତି ହୋ ।

ବୁଢ଼ୀ : ନାଇଁ ତୁ ମିଛ କହୁଛୁ ।

ବିଛୁଆତି : ହେ ମାଉସୀ ହେଇ ମହାଜନେ ବି ଶୁଣିଛନ୍ତି । ପଚାରୁନୁ ।

ମହାଜନ : ହଁ ଗୋବରା ଦେବୀ । କଥାଟା ଏକାବେଳେ ସତ ।

ବୁଢ଼ୀ : ଏଁ ମୋ ନାତି ଆଉ ନାହିଁ .... ହେ ଭଗବାନ୍ । ଏ କଣ କଲ ? ମୋତେ ଏମିତି ଦଣ୍ଡ କାହିଁକି ଦେଲ ଠାକୁରେ । ମୋର ଏକମାତ୍ର କୁଳ ପଦୀପକୁ ତମେ କାହିଁକି ନେଲ

ଗଲ ଠାକୁରେ । ମୋ ବଉଁଶ ବୁଡେଇ ଦେଲ ... ମୁଁ କି ପାପ କରିଥିଲି ଠାକୁରେ । କି ପାପ କରିଥିଲି (ବାହୁନି ବାହୁନି କାନ୍ଦିବ)

ବିଛୁଆତି : ଆଉ ବାହୁନି ହେଲେ କଣ ହେବ ମାଉସୀ – ଯାହାତ ହେବାର ଥିଲା ହେଲାଣି, ଗୋବରା ଆଉ କଣ ଫେରିବ, ଆରେ ଆମକୁ ପୁଣି ଶୁଦ୍ଧି ହେବାକୁ ପଡିବ । ଜାତି ଗଙ୍ଗାଙ୍କୁ ଡାକିବାକୁ ହେବ । ତୁ ଗୋଟେ କାମ କର – ପ୍ରଥମେ ଜାତି ଗଙ୍ଗାଙ୍କ ଠୁଁ କିମିତି ପାର ହବୁ ସେ କଥା ଚିନ୍ତା କର ।

ବୁଢ଼ୀ : ଆଉ କଣ ଚିନ୍ତାକରିବି ରେ ପୁଅ – ମୋର ଆଶାଭରସା ତ ସବୁ ତୁଟି ଗଲା, ମୋର ଆଉ କଣ ଅଛି, କେଉଁଠୁ କଣ ଆଣିବି ଯେ, ଚିନ୍ତା କରିବି ।

ମହାଜନ : ଆରେ ! ତୁ ନର୍କରେ ପଡିବୁ ନା କଣ । ତୋ ନାତିକୁ ବି କଣ ଭୂତ କରି ବୁଲେଇବୁ । ଆରେ ଶୁଦ୍ଧିକ୍ରିୟା ନ କଲେ ଯେ ତାର ଆତ୍ମାକୁ ମୁକ୍ତି ମିଳିବନି ।

ବିଛୁଆତି : ମାଉସୀ– ତୁ ଗୋଟେ କାମ କର । ଗାଁ ମୁଣ୍ଡରେ ଥିବା ତୋର ସେ ଆମ୍ବତୋଟାକୁ ମହାଜନଙ୍କୁ ବିକିଦେ । ସେ ତୋତେ ସବୁ ଝମେଲାରୁ ପାର କରିଦେବେ । ନଇଲେ ତୋ ନାତି ଭୂତ ହେଇ ବୁଲୁଥିବ । ତୁ ବି ନର୍କରେ ଘାଣ୍ଟି ହଉଥିବୁ ।

ବୁଢ଼ୀ : ହଉ ଯାହା କରୁଛ କର – ତମେ ଯାହା କହିବ ମୁଁ ରାଜି । ମୋର ଆଉ କଣ ଅଛି ଯେ, ମୁଁ ବଞ୍ଚିବି । ମତେ ଯେ ମଶାଣିକୁ ନେଇ ଥାନ୍ତା ସେତ ଗଲା ।

ବିଛୁଆତି : ଆଉ ଡେରି କାହିଁକି କଲେ ମହାଜନେ । ବାହାର କରନ୍ତୁ ସେ ଷ୍ଟାମ୍ପ ପେପର୍ – ମାଉସୀର ଗୋଟେ ଟିପଚିହ୍ନ ନେଇଯିବା ।

(ମହାଜନ ଷ୍ଟାମ୍ପ ପେପର ବାହାର କରି ବୁଢୀର ଟିପଚିହ୍ନ ନେବା ବେଳେ ଗାଁର ଏକ ଯୁବକ ପ୍ରବେଶ ।)

କାଶିଆ : ଆରେ, ଜେଜିମା ! କଣ ସେଇଟା ? କାହିଁକି ସେଥିରେ ତୋ ଟିପ ଚିହ୍ନ ନେଉଛନ୍ତି ? ଘଟଣା କଣ ?

ବିଛୁଆତି : (ସ୍ୱଗତୋକ୍ତି) ଗଲା ଗଲାତ ଏଇନେ ଯେ ଷଣ୍ଢ ପୁରେଇଲା ।

ବୁଢ଼ୀ : କଣ କରିବିରେ ନାତି ! ମୋ ଗୋବରା ଆଉ ନାହିଁ ।

କାଶିଆ : ନାହିଁ ମାନେ କୁଆଡେ ଗଲା ! ସେ ତ ଦାଦନ ଯାଇଥିଲା ।

ବୁଢ଼ୀ : ନାଇଁରେ, ନାତି ! ତାକୁ ସେଠାରେ ଟ୍ରକ୍ ଟିଏ ମାଡିଗଲା ସେ ଆଉ ଜୀବନରେ ନାହିଁ ।

କାଶିଆ : ଆରେ, କିଏ ଏକଥା କହିଲା ? କେବେ ଏ ଘଟଣା ଘଟିଲା ।

ବୁଢ଼ୀ : କାଲି.... କାଲିରେ ନାତି .....

କାଶିଆ : କାଲି ! ଆରେ ଆଜି ସକାଳୁ ମୁଁ ତା ସାଙ୍ଗରେ କଥା ହୋଇଛି । ଆଉ ତୋତେ କିଏ ଏକଥା କହିଲା ।

ବୁଢ଼ୀ : ଏଇ ବିଛୁଆତି – ଏ ବିଛୁଆତି ତ କହୁଛି ରେ ନାତି ।

କାଶିଆ : ବିଛୁଆତି – ଦାଦୀ ଏକଥା କଣ ସତ ।

ବିଛୁଆତି : ଆଇଁ ... ଆଇଁ.... କଥା କଣ କି ?

କାଶିଆ : କଣ ଆଇଁ ... ଆଇଁ... ମୁଁ ଜାଣେ, ତୁମେ ଆଉ ଏଇ ମହାଜନ ଗାଁ ଟାକୁ ଟାଉଟରି କରି ଛାର୍‌ଖାର୍ କରି ଦେଲଣି । ଆଜି ପୁଣି ମିଛ କଥା କହି ଏଇ ବୁଢୀର ଜମି ଖଣ୍ଡକ ହାତେଇବାକୁ ଏ ଫନ୍ଦି ବାହାର କରିଛ ।

ବିଛୁଆତି : ତୁ ଟିକେ କଥାଟା ବୁଝରେ ବାପା .....

କାଶିଆ : ମୋତେ ଆଉ ବୁଝାଅନା, ନା ଆଉ ସହି ହେବ ନାହିଁ । ତୁମେ ସୀମା ଟପି ଗଲଣି, ଆଜିର ଏଇ ଆଧୁନିକ ଯୁଗରେ ମଧ ତୁମେ ଲୋକଙ୍କୁ ଠକୁଛ । ବିଜ୍ଞାନ କେତେ ନୂଆଁ ନୂଆଁ ଉଦ୍ଭାବନ କଲାଣି, ଆଜି Digital India ହୋଇ ଗଲାଣି ତଥାପି ତୁମେ ଟାଉଟରି ଛାଡୁନାହିଁ, ନା, ଆଜି ତୁମକୁ ମୁଁ ପୋଲିସ୍ ରେ ଦେବି । (ମୋବାଇଲ୍‌ରେ କଲ୍ କଲା)

ବିଛୁଆତି : ଏ ବାପା କାଶିଆ – ବାପ କାଶିନାଥ – ତୁ ସେପରି କରନା – ହେଇ ମୁଁ କାନ ଧରୁଛି – ଆଉ ଏପରି କାମ କରିବି ନାହିଁ ।

ମହାଜନ : ଏଇ ଥରକ ଆମକୁ ଛାଡିଦେରେ ପୁଅ । ଆଉ ଏପରି କାମ ଆମେ କେବେ କରିବୁ ନାହିଁ । ଆସ ବିଛୁଆ ଆମେ ଯିବା ।

(ଦୁହେଁ ପ୍ରସ୍ଥାନ)

କାଶିଆ : ଆରେ ଆଜିକାର ଯୁଗରେ ମଧ ଏପରି ଠକେଇ ଚାଲିଛି । ଆଉ ଜେଜେମାଁ ତ ବି ସେଇ ଟାଉଟର ଙ୍କ

କଥାରେ ବିଶ୍ୱାସ କରିଗଲୁ ।

ବୁଢ଼ୀ : କଣ ଆଉ କରିଥାନ୍ତି ରେ ନାତି – ସେମାନେ ଯେପରି କହିଲେ ମୁଁ ସତ ବୋଲି ଭାବିଲି । ହେଲେ ନାତି ମୋ ଗୋବରା ସାଙ୍ଗରେ ଟିକେ କଥା କରିଦିଅନ୍ତୁ ନାହିଁ । ମୋ ମନ ମାନି ଯାଆନ୍ତାରେ ।

କାଶିଆ : ହେଇ ନେ ଜେଜେମାଁ, ମୁଁ ମୋ ମୋବାଇଲ୍‌ରେ ଗୋବରା ସାଙ୍ଗରେ କଥା କରେଇ ଦେଉଛି । ଖାଲି କଥା ହେବୁ କଣ ଗୋବରାକୁ ଦେଖି ବି ପାରିବୁ ।

ବୁଢ଼ୀ : ସତେକି ନାତି, ଲଗେଇ ଦେଲୁ ଟିକିଏ, ଠାକୁରେ ତୋର ମଙ୍ଗଳ କରନ୍ତୁ ରେ ନାତି ଟୋକା । ମୋ ନାତିକୁ ମୁଁ କେତେ ଯୁଗ ହେଲା ଦେଖିନାଇଁ ରେ ।

କାଶିଆ : (ମୋବାଇଲ୍ ଲଗାଇଲା) ଆରେ ଏଠାରେ ନେଟ୍‌ୱାର୍କ ନାହିଁ । ଚାଲ ଜେଜେମାଁ ତୋ ଘରେ ଲଗେଇ ଦେବି ଯେ ଗପୁ ଥିବୁ ।

(ଦୁହେଁ ପ୍ରସ୍ଥାନ କଲେ, ବିଷ୍ଣୁ ନାରଦ ପ୍ରବେଶ କଲେ)

ନାରଦ : ନାରାୟଣ ! ନାରାୟଣ ! ଦେଖିଲେ, ଏବେ ଦେଖିଲେ ତ ବୈକୁଣ୍ଠାଧିପତି, ବିଜ୍ଞାନର କରାମତି ଦେଖିଲେ ।

